# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୨/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, August 12/2019 | ★★★★★★

୪୫ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ମହିଳା କ୍ରିକେଟର ଅଫ ଦି ଇୟର**

ଓଡ଼ିଶା ସିନିୟର କ୍ରିକେଟ ଦଳର ସଦସ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ୨୦୧୮-୧୯ ବର୍ଷ ପାଇଁ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି।

୧୯ ୦୮

**‘ଯୁଦ୍ଧପ୍ରିୟ ନୁହେଁ, ମୁଁ ଦେଶଭକ୍ତ’**

ମୁଁ ଯୁଦ୍ଧପ୍ରିୟ ନୁହେଁ, ବରଂ ଜଣେ ସଚ୍ଚୋଟ ଦେଶଭକ୍ତ ବୋଲି ଆମେରିକାର ଲସ୍ ଏଞ୍ଜେଲ୍ସରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ ସିନେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି।



# ମହିଳାଙ୍କୁ ତିନି ତଲାକ୍

## ୪ ମାସର ଶିଶୁକନ୍ୟାଙ୍କୁ ଧରି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ

ଭୋଗରାଇ, ୧୧।୮ (ଡି.ଏନ୍.ଏ.)

ମୁସଲିମ୍ ଆଇନରେ ତିନି ଥର ତଲାକ୍ ଉଚ୍ଚାରଣ କରି ଛାଡ଼ପତ୍ର ଦେବା ବେଆଇନ ଓ ଦଣ୍ଡନୀୟ ଅପରାଧ ବୋଲି ନିକଟରେ ଆଇନରେ ପରିଣତ ହୋଇଛି। ଏଥିରେ ତିନିତଲାକ କହୁଥିବା ବ୍ୟକ୍ତିଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ମଧ୍ୟ କେତେକ ଲୋକ ଏବେ ବି ପୂର୍ବଭଳି ସ୍ତ୍ରୀଙ୍କୁ ନିର୍ଯାତନା ଦେଇଆସୁଛନ୍ତି। ଏଭଳି ଏକ ଘଟଣା ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ରବିବାର ଦେଖିବାକୁ ମିଳିଛି। ଜଣେ ମୁସଲିମ୍ ମହିଳାଙ୍କୁ ତାଙ୍କ ସ୍ୱାମୀ ୩ ଥର ଉଚ୍ଚାରଣ କରି ରବିବାର ତଲାକ୍ ଦେଇଛନ୍ତି। ଏନେଇ ମହିଳାଜଣକ ୪ ମାସର ଶିଶୁକନ୍ୟାକୁ ଧରି ନ୍ୟାୟ ପାଇଁ ଭୋଗରାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୁନାଧରବସାଣ ଗ୍ରାମର ଏହି ମହିଳା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବାପଘରୁ ୫୦ହଜାର ଟଙ୍କା ଆଣିବା ସକାଶେ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ବହୁଦିନରୁ ଦାବି କରି ଆସୁଥିଲେ। ତାଙ୍କ ବାପା ଗରିବ ହୋଇଥିବାରୁ ଦାବି ମୁତାବକ ଟଙ୍କା ଦେଇ ପାରି ନ ଥିଲେ। ଏଥିଲାଗି ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ମାରଧର କରି ନିର୍ଯାତନା ଦେଉଥିଲେ। ବାପଘରୁ ଟଙ୍କା ନ ଆଣିଲେ ତାଙ୍କୁ ତଲାକ୍ ଦେବେ ବୋଲି ତାଙ୍କ ସ୍ୱାମୀ ମଧ୍ୟ ଧମକ ଦେଇଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ସ୍ୱାମୀ ଗାଁରେ ଥିବା ମସ୍‌ଜିଦ୍ ନିକଟକୁ ଡାକି ନେଇ ତିନି ଥର ତଲାକ ଉଚ୍ଚାରଣ କରିଥିଲେ। ସେ ନେହୁରା ହୋଇଥିଲେ ମଧ୍ୟ ତାଙ୍କ କଥା ଶୁଣି ନ ଥିଲେ। ପରେ ଘରୁ ତଡି ଦେବାରୁ ସେ ନିରୁପାୟ ହୋଇ ୪ ମାସର ଶିଶୁକନ୍ୟାକୁ ଧରି ଘରୁ ଚାଲିଆସିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳାଙ୍କଠାରୁ ଲିଖିତ ଅଭିଯୋଗ ରଖାଯାଇଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି। ଶନିବାର ଅନ୍ୟ ଏକ ଘଟଣାକ୍ରମରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମୁସଲିମ ବସ୍ତିର ଜଣେ ମହିଳାଙ୍କୁ ଯୌତୁକ ଦାବିରେ ତାଙ୍କ ସ୍ୱାମୀ ଫୋନ୍‌ରେ ତିନି ତଲାକ ଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୬୧/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

## ■ ଆଲର୍ଟ ଜାରି କଲା ଗୋଇନ୍ଦା ବ୍ୟୁରୋ

# ଇଦ୍‌ରେ ଆକ୍ରମଣ ଆଶଙ୍କା

ନୂଆଦିଲ୍ଲୀ/ଶ୍ରୀନଗର, ୧୧।୮ (ପି.ଟି./ଆଇଏଏନ୍ଏସ୍)

- ■ ଇସ୍‌ଲାମିକ୍ ଷ୍ଟେଟ୍‌କୁ ଅସ୍ତ୍ର କରିଛି ଆଇଏସ୍‌ଆଇ
- ■ ଜେହାଦୀଙ୍କ ଟାର୍ଗେଟରେ ବସ୍ ଷ୍ଟପ୍, ରେଳ ଷ୍ଟେଶନ, ବିମାନବନ୍ଦର
- ■ ରିପୋର୍ଟ ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଭାରତ ବିରୋଧରେ ବିଷ ଓଗାଳୁଥିବା ପାକିସ୍ତାନ ରଚିଛି ଷଡ଼ଯନ୍ତ୍ର। ଇଦ୍-ଉଲ୍-ଜୁହା ପାଳନ ପାଇଁ ସୋମବାର ଉପତ୍ୟକା ସମେତ ଭାରତର ବିଭିନ୍ନ ସହର ଉତ୍ସବମୁଖର ହେବାକୁ ଥିବାବେଳେ ଆକ୍ରମଣ ପାଇଁ ଯୋଜନା କରିଛି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)। ଆଉ ଏହାକୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ସମର୍ଥନ ମିଳିଛି। ଏନେଇ ଗୋଇନ୍ଦା ବ୍ୟୁରୋ (ଆଇବି) ପକ୍ଷରୁ ରିପୋର୍ଟ ମିଳିବା ପରେ ଦେଶର ରାଜ୍ୟ ପୋଲିସ ମୁଖ୍ୟାଳୟଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି।

ମିଳିଥିବା ସୂଚନାନୁସାରେ ଆଇଏସ୍ ଏବଂ ପାକିସ୍ତାନ ସମର୍ଥିତ କଠୋରପନ୍ଥୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଦେଶର ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ କରିପାରନ୍ତି। ସେମାନଙ୍କ ଟାର୍ଗେଟରେ ବସ୍ ଷ୍ଟପ୍, ରେଳ ଷ୍ଟେଶନ, ବିମାନବନ୍ଦର ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଆଇଏସ୍ ଭାରତରେ ଆଖିଦୃଶିଆ କାୟାବିସ୍ତାର କରିପାରି ନ ଥିଲେ ହେଁ ଜମ୍ମୁ-କଶ୍ମୀର ସମ୍ପର୍କରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଏହାକୁ କ୍ରୋଧାନ୍ୱିତ କରିଛି। ତେଣୁ ସୋମବାର ଆକ୍ରମଣ କରି ପ୍ରତିଶୋଧ ନେବା ପାଇଁ ଆଇଏସ୍‌ଆଇ ଏହାର ଜେହାଦୀଙ୍କୁ ଉସୁକାଉଥିବା ଆଇବି ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ତାଲିବାନ ପକ୍ଷରୁ କେତେକ ସ୍ଥାନରେ ଆକ୍ରମଣ କରାଯାଇପାରେ ବୋଲି ଆଶଙ୍କା କରାଯାଉଥିଲା। ତେବେ ଆଫଗାନିସ୍ତାନ ସ୍ଥିତି ସହ ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନ ଯୋଡ଼ିବା ପାଇଁ ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହେଦ ଏକ ବିବୃତି ଜାରି କରି ପାକିସ୍ତାନକୁ ତାଗିଦ କରିବା ପରେ ଏଭଳି ଆଶଙ୍କା ଦୂର ହୋଇଛି।

ସେପଟେ ଉପତ୍ୟକାରେ ସ୍ୱାଭାବିକ ସ୍ଥିତି ଫେରୁଥିବାବେଳେ ଇଦ୍ ପାଳନ ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଇଦ୍ ଅବସରରେ ମସ୍‌ଜିଦଗୁଡ଼ିକରେ ସାମୂହିକ ପ୍ରାର୍ଥନା ପାଇଁ ଉପତ୍ୟକାବାସୀଙ୍କୁ ସୁଯୋଗ ଦିଆଯିବ। ଗୁଜବ ରୋକିବା ପାଇଁ ମୋବାଇଲ୍ ଓ ଲ୍ୟାଣ୍ଡ ଲାଇନ୍ ଉପରେ କଟକଣା ଜାରି କରାଯାଇଥିବାବେଳେ ଏହି ସେବାକୁ ସ୍ୱାଭାବିକ କରିବା ଲାଗି ☞ପୃଷ୍ଠା-୪



ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ରବିବାର ମୁତୟନ ଅର୍ଦ୍ଧସାମରିକ ଯବାନ।

## ମିଛ ଖବର ପ୍ରସାରଣ କଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୧।୮ (ଆଇଏଏନ୍ଏସ୍)

କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ପରେ ଉପତ୍ୟକାରେ ଚାପା ଉତ୍ତେଜନା ଲାଗିରହିଛି। ଏଭଳି ସମ୍ବେଦନଶୀଳ ସମୟରେ କେତେକ ଗଣମାଧ୍ୟମ ମିଛ ଓ ମନଗଢ଼ା ଖବର ପ୍ରସାରଣ କରି ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡ଼ିବାରେ ଲାଗିଛନ୍ତି। ସେଗୁଡ଼ିକ ମଧ୍ୟରେ କେତେକ ସ୍ଥାନୀୟ ଓ ବିଦେଶୀ ମିଡିଆ ସମେତ ଇଂଲିଶ ନ୍ୟୁଜ୍ ୱେବ୍‌ସାଇଟ୍ ରହିଥିବା କୁହାଯାଉଛି। ବର୍ତ୍ତମାନ ସମ୍ପୃକ୍ତ ଗଣମାଧ୍ୟମଗୁଡ଼ିକୁ ଚିହ୍ନଟ କରାଯାଉଛି। ସେଗୁଡ଼ିକୁ ଆଇନଗତ ନୋଟିସ ଜାରି କରାଯିବ। ଆଉ ଦୋଷୀ ପ୍ରମାଣିତ ହେଲେ ବିଭ୍ରାଟ ସୃଷ୍ଟିକାରୀ ଗଣମାଧ୍ୟମ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ସିବିଏସ୍‌ଇ ବୋର୍ଡ ପରୀକ୍ଷା ଫି ବୃଦ୍ଧି

ନୂଆଦିଲ୍ଲୀ, ୧୧।୮ (ପି.ଟି.)

- ■ ଏସ୍‌ସି/ଏସ୍‌ଟି ପିଲାଙ୍କ ଦେୟ ୨୪ ଗୁଣ ବଢ଼ିଲା
- ■ ଦୃଷ୍ଟିହୀନ ପିଲାଙ୍କ ପାଇଁ ନିଃଶୁଳ୍କ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫି ବୃଦ୍ଧି କରିଛନ୍ତି। ଚଳିତ ବର୍ଷଠାରୁ ଏହି ବର୍ଦ୍ଧିତ ଫି ଲାଗୁହେବ। ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ପିଲାଙ୍କ ଲାଗି ପରୀକ୍ଷା ଫି ୨୪ ଗୁଣ ବୃଦ୍ଧି ପାଇଛି। ସେମାନେ ପୂର୍ବରୁ ୫୦ ଟଙ୍କା ଦେଉଥିବାବେଳେ ଏଣିକି ୧୨୦୦ ଟଙ୍କା ଦେୟ ପୈଠ କରିବେ। ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି ଦୁଇଗୁଣ କରାଯାଇଛି। ସେମାନଙ୍କୁ ଏଣିକି ୧୫୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ପୂର୍ବରୁ ସେମାନେ ପରୀକ୍ଷା ଫି ବାବଦରେ ୭୫୦ ଟଙ୍କା ଦେଉଥିଲେ। ଦଶମ ବୋର୍ଡ ପରୀକ୍ଷା ଲାଗି ନବମ ଶ୍ରେଣୀରୁ ନାମ ପଞ୍ଜୀକରଣ କରିବାକୁ ହେବ। ସେହିପରି ଦ୍ୱାଦଶ ପରୀକ୍ଷା ଦେବାକୁ ଥିବା ପିଲାମାନେ ଏକାଦଶ ଶ୍ରେଣୀରୁ ପଞ୍ଜୀକୃତ ହେବେ। ଯେଉଁ ସ୍କୁଲଗୁଡିକରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି ସେମାନେ ପିଲାଙ୍କ ଠାରୁ ବର୍ଦ୍ଧିତ ଦେୟ ସଂଗ୍ରହ କରିବା ଲାଗି ସିବିଏସ୍‌ଇ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତିରିକ୍ତ ବିଷୟ ପରୀକ୍ଷା ଦେବା ପାଇଁ ଅନୁସୂଚିତ ଉପଜାତିର ଛାତ୍ରୀଛାତ୍ରଙ୍କୁ ଦେୟ ଦେବାକୁ ପଡୁ ନ ଥିଲା। ଏଣିକି ସେମାନଙ୍କୁ ଏଥିପାଇଁ ୩୦୦ ଟଙ୍କା ପୈଠ କରିବାକୁ ହେବ। ସାଧାରଣ ବର୍ଗର ପିଲା ପୂର୍ବରୁ ଅତିରିକ୍ତ ବିଷୟ ପାଇଁ ୧୫୦ ଟଙ୍କା ଦେଉଥିବାବେଳେ ଏଣିକି ୩୦୦ ଟଙ୍କା ପୈଠ କରିବେ। ୧୦୦ ପ୍ରତିଶତ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଫି ଦେବାକୁ ପଡ଼ିବ ନାହିଁ। ଯେଉଁମାନେ ଶେଷ ତାରିଖ ପୂର୍ବରୁ ବର୍ଦ୍ଧିତ ପରୀକ୍ଷା ଦେୟ ପୈଠ କରିବାରେ ବିଫଳ ହେବେ ସେମାନଙ୍କ ନାମ ପଞ୍ଜୀକରଣ ହେବନାହିଁ ଏବଂ ସେହି ପିଲାମାନେ ୨୦୧୯-୨୦ ବର୍ଷ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

ପୂର୍ବରୁ ମାଇଗ୍ରେଶନ ଫି ୧୫୦ ଟଙ୍କା ଥିଲାବେଳେ ତାକୁ ୩୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଦେଶୀ ଛାତ୍ରୀଛାତ୍ର ଉଭୟ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୫ଟି ବିଷୟ ପାଇଁ ୧୦ ହଜାର ଟଙ୍କା ଜମା କରିବେ। ପୂର୍ବରୁ ସେମାନଙ୍କୁ ୫ ହଜାର ଟଙ୍କା ଦେବାକୁ ପଡୁଥିଲା। ଏହା ବ୍ୟତୀତ ଦ୍ୱାଦଶ ଶ୍ରେଣୀରେ ଅତିରିକ୍ତ ବିଷୟ ପାଇଁ ୨୦୦୦ ଟଙ୍କା ଦେବାକୁ ହେବ, ଯାହା ପୂର୍ବରୁ ୧୦୦୦ ଟଙ୍କା ଥିଲା।

# ଦୁଇଦିନ ପ୍ରବଳ ବର୍ଷା

- ■ ଘୂର୍ଣ୍ଣିବଳୟ ଆଜି ଲଘୁଚାପ ରୂପ ନେବ
- ■ ଉତ୍ତର ଓଡ଼ିଶାରେ ୩ଦିନ ବର୍ଷାପାତ
- ■ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର, ୧୧।୮ (ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପୁଣି ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ସୋମବାର ସକାଳେ ଏହା ଲଘୁଚାପର ରୂପ ନେବ। ପ୍ରଭାବରେ ରବିବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ମୟୂରଭଞ୍ଜ, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, କେନ୍ଦୁଝର, ବାରିପଦା, ବଲାଙ୍ଗୀର, ଦେବଗଡ଼ ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୨ ମିଲିମିଟର ବର୍ଷା ହୋଇଥିବାବେଳେ ଝାରସୁଗୁଡ଼ାରେ ୧୭ ମିମି, ବାଲେଶ୍ୱରରେ ୯ ମିମି, ସୋନପୁରରେ ୩ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ସୋମବାର ଓ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ପୂର୍ବରୁ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଫେରି ଆସିବାକୁ କୁହାଯାଇଛି।

ପାଣିପାଗ କେନ୍ଦ୍ର ସୂଚନାନୁଯାୟୀ, ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନବରଙ୍ଗପୁର, ବରଗଡ଼ ଓ ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ମାଲକାନଗିରି, ରାୟଗଡ଼ା, ଢେଙ୍କାନାଳ ଓ ଅନୁଗୋଳ ସମେତ ଉପକୂଳ ଓଡ଼ିଶାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଜୁନ୍-ଜୁଲାଇ ମାସର ନିଅଣ୍ଟିଆ ବର୍ଷା ଭରଣା ହେବ। ପଶ୍ଚିମ ଓଡ଼ିଶା ତଥା ହୀରାକୁଦର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାକୁ ଥିବାରୁ ମହାନଦୀ ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବ। ତେବେ ଉତ୍ତର ଓଡ଼ିଶାରେ ଲଗାତର ତିନିଦିନ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏଠାରେ ସଙ୍ଗିନ ସ୍ଥିତି ଉପୁଜିପାରେ। ୧୩ରୁ ରାଜ୍ୟରେ ବର୍ଷା ପରିମାଣ କମିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

### ହୀରାକୁଦରେ ଜଳସ୍ତର ବୃଦ୍ଧି

ଅନ୍ୟପକ୍ଷରେ ଉପର ମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ଏବେ ଏହାର ଜଳସ୍ତର ୬୧୩.୫୨ ଫୁଟ୍‌ରେ ପହଞ୍ଚିଛି। ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୬ ହଜାର ୬୮୬ ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ୧୪ ହଜାର ୨୮୦ ଘନଫୁଟ ଜଳ ନିଷ୍କାସନ ହେଉଛି। ଆସନ୍ତା ୧୪ ତାରିଖରେ ହୀରାକୁଦ ଡ୍ୟାମ୍‌ର ପ୍ରଥମ ବନ୍ୟାଜଳ ଦିନ ୧୧ଟା ପରେ ଯେକୌଣସି ସମୟରେ ନିଷ୍କାସନ ହେବ। ବର୍ଷା ପରିମାଣ ଓ ସ୍ଥିତି ଦେଖି କେତୋଟି ଗେଟ୍ ଖୋଲାଯିବ ତାହା ଉକ୍ତ ଦିନ ହିଁ ସ୍ଥିର ହେବ।


**ଆଜିର ସମ୍ପାଦକୀୟ**

ଅର୍ଥନୀତିକୁ ଦେଖ


**ଆଜିର ମନ୍ତବ୍ୟ**

“ଅନୁଚ୍ଛେଦ ୩୭୦ ଉଚ୍ଛେଦ ରାଜନୈତିକ ନୁହେଁ, ବରଂ ଏକ ଜାତୀୟ ପ୍ରସଙ୍ଗ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ ବର୍ଷ ଜୁନ ମାସରେ ଦେଶର କୋଇଲା ଆମଦାନୀ ୨୯% ବୃଦ୍ଧି ଘଟି ୨୪.୧୪ ନିୟୁତ ଟନ୍ ଛୁଇଁଛି।

- କୋଇଲା ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 11.08.2019 Venc*obb* CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 54 | 98 | 108 |
| BLS | 55 | 100 | 110 |
| ANG | 53 | 97 | 107 |
| BHM | 51 | 94 | 104 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers





ପବିତ୍ର ଇଦ୍-ଉଜ୍-ଜୁହା-୨୦୧୯ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)



ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଇଦ୍-ଉଲ୍-ଜୁହା ଉପଲକ୍ଷେ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପାଳନ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଉତ୍ସର୍ଗ ଓ ସମର୍ପଣ ଭାବର ଏହି ପର୍ବ ଭାଇଚାରା ଓ ସାଂପ୍ରଦାୟିକ ସଦ୍‌ଭାବରେ ସମସ୍ତଙ୍କୁ ବାନ୍ଧି ରଖୁ, ଏହାହିଁ ମୋର କାମନା ।

(ରଘୁନନ୍ଦନ ଦାସ)
ଜଳସମ୍ପଦ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-13 15001/13/0021/1920



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାରୁ ଏଥିପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ରଜନୀକାନ୍ତ ଅଭିନନ୍ଦନ ଜଣାଇଛନ୍ତି। ଅଭିନେତାରୁ ରାଜନେତା ହୋଇଥିବା ରଜନୀକାନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କୁ ଭଗବାନ କୃଷ୍ଣ ଓ ଅର୍ଜୁନଙ୍କ ସହ ତୁଳନା କରିଛନ୍ତି।

# ରକ୍ତଚାଉଳ ଚୋବାଉଛି ପାକିସ୍ତାନ

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୧୧।୮



■ଆର୍‌ଏସ୍‌ଏସ୍‌କୁ ନାଜି ସହ ତୁଳନା କଲେ ଇମ୍ରାନ୍
■କଶ୍ମୀରରେ ଗଣହତ୍ୟାର ଆଶଙ୍କା କଲେ
■ଇରାନର ସହାୟତା ଲୋଡ଼ିଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସମ୍ବିଧାନର ଅନୁଚ୍ଛେଦକୁ ୩୭୦ ହଟାଇ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ଛାନିଆ ହୋଇଯାଇଥିବା ପାକିସ୍ତାନ ଅନ୍ତର୍ଜାତୀୟ ସମୁଦାୟର ଦ୍ୱାରସ୍ଥ ହୋଇଥିଲା। ହେଲେ ଚାରିଆଡୁ ନିରାଶ ହେବା ପରେ ଏବେ ଭାରତ ବିରୋଧରେ ରକ୍ତଚାଉଳ ଚୋବାଇବାରେ ଲାଗିଛି ପଡ଼ୋଶୀ ଦେଶ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ପୂର୍ବରୁ ପୁଲୱାମା ଭଳି ଆକ୍ରମଣର ଧମକ ଦେଇ ଓ ଯୁଦ୍ଧଭୟ ଦେଖାଇଥିବାବେଳେ ରବିବାର ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ହିଟ୍‌ଲରଙ୍କ ନାଜି ସହ ତୁଳନା କରିଛନ୍ତି। ଏହାସହ ଜମ୍ମୁ-କଶ୍ମୀରରେ ଗଣହତ୍ୟାର ଆଶଙ୍କା ବ୍ୟକ୍ତ କରି ନିଜ ନୈରାଶ୍ୟଭାବକୁ ପ୍ରକଟ କରିଛନ୍ତି।

ପାକିସ୍ତାନ ମୁଖିଆ ଇମ୍ରାନ୍ ଖାନ୍ ରବିବାର କହିଛନ୍ତି, ଭାରତ କଶ୍ମୀରରେ ସମ୍ପ୍ରଦାୟ ଅଧାରରେ ଜନସଂଖ୍ୟାରେ ପରିବର୍ତ୍ତନ ପାଇଁ ଉଦ୍ୟମ କରୁଛି। ନାଜି ଆର୍ଯ୍ୟ ସହ ତୁଳନୀୟ ହିନ୍ଦୁତ୍ୱ ବିଚାରଧାରାର ଆର୍‌ଏସ୍‌ଏସ୍ କଶ୍ମୀରରେ ଆଧିପତ୍ୟ ବିସ୍ତାର କରୁଛି। ଏହାର ଚିନ୍ତାଧାରା ନାଜି ବିଚାରଧାରା ଦ୍ୱାରା ଅନୁପ୍ରାଣିତ। ସଂଘର କାର୍ଯ୍ୟ ଭାରତରେ ମୁସଲମାନଙ୍କୁ ଦମନ କରିବା ପାଇଁ ଉଦ୍ଦିଷ୍ଟ। ଏହା ଆଗକୁ ପାକିସ୍ତାନକୁ ଟାର୍ଗେଟ କରିବ। ଏଥିସହ କଶ୍ମୀରରେ ଏବେ କର୍ଫ୍ୟୁ ଓ କଟକଣା ଜାରି ହୋଇଥିବବେଳେ ଆଗକୁ ଗଣହତ୍ୟା କରାଯାଇପାରେ ବୋଲି ଇମ୍ରାନ୍ ଟୁଇଟ୍ କରିଛନ୍ତି। ମ୍ୟୁନିକ୍‌ରେ ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ହିଟ୍‌ଲରଙ୍କ ଦମନଲୀଳା ଭଳି ବିଶ୍ୱ ସମୁଦାୟ ମୋଦି ଏବଂ ଆର୍‌ଏସ୍‌ଏସ୍‌ର କାର୍ଯ୍ୟକୁ ଦେଖି ନୀରବ ରହିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଶ୍ମୀର ପ୍ରସଙ୍ଗରେ କୌଣସି ଦେଶରୁ ସହଯୋଗ ନ ମିଳିବା ପରେ ସେ ଇରାନର ସମର୍ଥନ ଯୋଗାଡ଼ ପାଇଁ ଉଦ୍ୟମ କରିଛନ୍ତି। ଇମ୍ରାନ୍ ଇରାନ ରାଷ୍ଟ୍ରପତି ହାସନ୍ ରୌହାନିଙ୍କୁ ଫୋନ୍ କରି କଶ୍ମୀର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଉପତ୍ୟକାରେ ଭାରତର ପଦକ୍ଷେପ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମା ବିରୋଧୀ ବୋଲି ସେ ଅଭିହିତ କରିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଇମ୍ରାନ୍ ବ୍ରିଟେନ, ଆମେରିକା, ତୁର୍କୀ, ବାହାରିନ୍, ୟୁଏଇ, ଚାଇନା ଏବଂ ଜାତିସଂଘକୁ ଗୁହାରି କରିଥିଲେ ହେଁ କଶ୍ମୀର ବ୍ୟାପାରରେ ମୁଣ୍ଡ ଖେଳାଇବା ପାଇଁ ସମସ୍ତେ ମନା କରିଦେଇଛନ୍ତି।

## ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ



**ଲାହୋର,୧୧।୮(ପି.ଟି.):** ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପଞ୍ଜାବକୁ ୪୦ ବର୍ଷ ଧରି ଶାସନ କରିଥିବା ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତିକୁ ଲାହୋରରେ ପାକିସ୍ତାନୀମାନେ ଭାଙ୍ଗିଦେଇଛନ୍ତି। ରଣଜିତ୍ ସିଂଙ୍କ ୧୮୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଲାହୋର ଦୁର୍ଗରେ ଗତ ଜୁନ୍‌ରେ ବ୍ରିଟେନର ଶିଖ୍ ହେରିଟେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ୯ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଅଭିଯୋଗରେ ପୋଲିସ ମୌଲାନା ଖାଦିମ୍ ରିଜ୍‌ଵୀଙ୍କ ନେତୃତ୍ୱାଧୀନ ତେହରିକ୍-ଲବିକ୍ ପାକିସ୍ତାନ ସଙ୍ଗଠନର ଦୁଇଜଣଙ୍କୁ ଗିରଫ କରିଛି। କଶ୍ମୀର ସମ୍ପର୍କରେ ଭାରତର ସଦ୍ୟ ନିଷ୍ପତ୍ତିକୁ ନେଇ ପାକିସ୍ତାନୀମାନେ କେତେ ବିଚଳିତ ହୋଇଯାଇଛନ୍ତି ଏହି କୁକାର୍ଯ୍ୟରୁ ତାହା ସ୍ପଷ୍ଟ ହେଉଛି। ଶିଖ୍ ସାମ୍ରାଜ୍ୟର ପ୍ରଥମ ଶାସକ ରଣଜିତ୍ ସିଂ ୧୮୩୯ରେ ପ୍ରାଣ ହରାଇଥିଲେ।

## 'ପାକ୍ ସେନା ଏଲ୍‌ଓସି ମୁହାଁ'

**ଲକ୍ଷ୍ନୌ, ୧୧।୮(ଆଇଏଏନ୍‌ଏସ୍):** ପାକିସ୍ତାନୀ ସେନା ଅସ୍ତ୍ରଶସ୍ତ୍ର ସହ ଶନିବାର ରାତିରୁ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅଭିମୁଖେ ଅଗ୍ରସର ହେଉଥିବା ଦେଖାଯାଇଛି। ପାକିସ୍ତାନର ଖବରଦାତା ହମିଦ୍ ମିର୍ ଏହି ସୂଚନା ଦେଇଛନ୍ତି। ସେନା ପ୍ରେରଣ ସମ୍ପର୍କରେ ସେ ପାକ୍ ଅଧିକୃତ କଶ୍ମୀରର କେତେଜଣ ଲୋକ ଓ ଆଜାଦ କଶ୍ମୀରରେ ଥିବା ତାଙ୍କର ବନ୍ଧୁଙ୍କଠାରୁ ଶୁଣିବାକୁ ପାଇଛନ୍ତି। ସୈନ୍ୟମାନଙ୍କୁ ସ୍ଥାନୀୟ ଲୋକେ ଅତି ଉତ୍ସାହରେ ସ୍ୱାଗତ କରିବା ସହ 'କଶ୍ମୀର ବନେଗା ପାକିସ୍ତାନ' ସ୍ଲୋଗାନ ଦେଉଥିବା ସେ କହିଛନ୍ତି।

ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତିକୁ ପାକିସ୍ତାନ ବିରୋଧ କରିଆସୁଛି। ଭାରତ ବିରୋଧରେ ଅନ୍ତର୍ଜାତୀୟ ସମର୍ଥନ ପାଇବାକୁ ଉଦ୍ୟମ ପରି ଇସ୍‌ଲାମାବାଦ ବିଫଳ ହୋଇଥିବାବେଳେ ନୂଆଦିଲ୍ଲୀ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି। ସେଠାରେ ଭାରତୀୟ ଚଳଚ୍ଚିତ୍ର ପ୍ରଦର୍ଶନକୁ ନିଷିଦ୍ଧ କରାଯିବା ସହ ସମସ୍ତ ସାଂସ୍କୃତିକ ସମ୍ପର୍କ ଛିନ୍ନ କରିଛି।

## 'ଖ୩୭୦ ଉଚ୍ଛେଦ ଜାତୀୟ ପ୍ରସଙ୍ଗ'



ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ।

ଚେନ୍ନାଇ,୧୧।୮(ଆଇଏଏନ୍‌ଏସ୍)

■ଆତଙ୍କବାଦର ଅନ୍ତ ଘଟାଇବ: ଶାହ
■ଉପରାଷ୍ଟ୍ରପତିଙ୍କ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ବରଂ ଜାତୀୟ ପ୍ରସଙ୍ଗ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଏହା ରାଷ୍ଟ୍ରର ଭବିଷ୍ୟତ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ଏହା ସମୟର ଆବଶ୍ୟକତା ଏବଂ ଏକ ଭଲ କଥା। ବିଲ୍ ଗୃହୀତ ହୋଇସାରିଥିବାରୁ ସେ ଏହା ଉପରେ କହିବାର ସ୍ୱାଧୀନତା ପାଇଥିବା ଭେଙ୍କାୟା କହିଛନ୍ତି। ଉପରାଷ୍ଟ୍ରପତି ଭାବେ ତାଙ୍କର ଦୁଇବର୍ଷର କାର୍ଯ୍ୟକାଳ ଉପରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ ଅବସରରେ ଭେଙ୍କାୟା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଉକ୍ତ ପୁସ୍ତକକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ରବିବାର ଉନ୍ମୋଚନ କରିଛନ୍ତି। 'ଲିସନିଂ, ଲର୍ନିଂ ଆଣ୍ଡ୍ ଲିଡିଂ' ନାମରେ ଏହି ପୁସ୍ତକରେ ୧୯ଟି ଦେଶକୁ ଭେଙ୍କାୟାଙ୍କ ଗସ୍ତ, ବିଭିନ୍ନ ସାଧାରଣ ଓ କୂଟନୈତିକ କାର୍ଯ୍ୟକ୍ରମ ସମେତ ରାଜ୍ୟ ସଭା ଅଧ୍ୟକ୍ଷ ଭାବେ ତାଙ୍କର ସଫଳତା ଓ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ ରହିଛି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ ଉଚ୍ଛେଦ ହୋଇଥିବାରୁ ଏହା ଆତଙ୍କବାଦର ପରିସମାପ୍ତି ଘଟାଇବା ସହ ଉକ୍ତ ଅଞ୍ଚଳରେ ବିକାଶର ଦ୍ୱାର ଉନ୍ମୁକ୍ତ କରିବ ବୋଲି ଏହି ଅବସରରେ ଶାହ କହିଥିଲେ। ସେ ଗୁଜରାଟ ବିଧାୟକ ଥିବାବେଳେ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ ହେବା ସପକ୍ଷରେ ଥିଲେ। ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ହେବା ପରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାର ପ୍ରଭାବକୁ ନେଇ ସେ ଆଦୌ ସନ୍ଦିହାନ ନ ଥିଲେ ବୋଲି କହିଛନ୍ତି। ଅନୁଚ୍ଛେଦ ୩୭୦ ନା କଶ୍ମୀର ପାଇଁ ଲାଭଦାୟକ ଥିଲା ନା ଦେଶ ପାଇଁ। ଏହା କଶ୍ମୀର ବିକାଶ ପଥରେ ପ୍ରତିବନ୍ଧକ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କର ଏକ ଦୁଃସାହସିକ ପଦକ୍ଷେପ ବୋଲି ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲ୍‌ଭମ କହିଛନ୍ତି। ଏହା ଦୀର୍ଘଦିନର ପ୍ରତୀକ୍ଷା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଲିଥାଙ୍କର ମୁଖ୍ୟ ଦାବି ଥିଲା ବୋଲି ପନିରସେଲ୍‌ଭମ କହିଛନ୍ତି।

## ଜମ୍ମୁ-କଶ୍ମୀର: କେନ୍ଦ୍ର ଅଧୀନରେ ରହିବ ପୋଲିସ

ନୂଆଦିଲ୍ଲୀ,୧୧।୮

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ପୋଲିସ ଓ ଆଇନଶୃଙ୍ଖଳା ଉପରାଜ୍ୟପାଳଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିବ। ଅନ୍ୟପକ୍ଷରେ ଜମିଜମା ଉପରେ ଅଧିକାର ଜମ୍ମୁ-କଶ୍ମୀର ନିର୍ବାଚିତ ସରକାରଙ୍କର ରହିବ ବୋଲି ଜଣେ ଅଧିକାରୀ କହିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ଲାଭ କରିଥିବା ଜମ୍ମୁ-କଶ୍ମୀର ବିଭାଜନ ବିଲ୍ ଆଇନ୍‌ରେ ପରିଣତ ହୋଇଛି। ଅକ୍ଟୋବର ୩୧ରୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଆତ୍ମପ୍ରକାଶ କରିବ। ଜମ୍ମୁ-କଶ୍ମୀର ବିଧାନସଭା ଉକ୍ତ ଅଞ୍ଚଳ ପାଇଁ ଆଇନ ପ୍ରଣୟନ କରିପାରିବ। ତେବେ ପୋଲିସ ଓ ପବ୍ଲିକ ଅର୍ଡର ଉପରେ ବିଧାନସଭା କୌଣସି ନିଷ୍ପତ୍ତି ନେଇପାରିବ ନାହିଁ। ଅନ୍ୟପକ୍ଷରେ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ, ଆଇନଶୃଙ୍ଖଳା ସମେତ ଜମିଜମା ମଧ୍ୟ ଉପରାଜ୍ୟପାଳଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିବ। ଜମ୍ମୁ-କଶ୍ମୀର ହାଇକୋର୍ଟ ଉଭୟ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ କାର୍ଯ୍ୟ କରିବ।



ଇଦ୍-ଉଲ୍-ଜୁହା ପାଇଁ ହାତରେ ମେହେନ୍ଦି ଲଗାଇଛନ୍ତି ଜମ୍ମୁର ଜଣେ ମୁସ୍‌ଲିମ୍ ଝିଅ।

## ମାଗ୍‌ସେସେ ବିଜେତା ସନ୍ଦୀପ ଗୃହବନ୍ଦୀ



**ଲକ୍ଷ୍ନୌ, ୧୧।୮:** ମାଗ୍‌ସେସେ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ସନ୍ଦୀପ ପାଣ୍ଡେଙ୍କୁ ରବିବାର ଗୃହବନ୍ଦୀ କରାଯାଇଛି। ୩୭୦ ଉଚ୍ଛେଦ ପ୍ରତିବାଦରେ ଜିପିଓ ପାର୍କ ନିକଟରେ ଧାରଣା ଦେବା ଲାଗି ଘୋଷଣା କରିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ନିଷେଧାଦେଶ ରହିଥିବାରୁ ଏଭଳି ଧାରଣାକୁ ଅନୁମତି ମିଳିବ ନାହିଁ ବୋଲି ପୋଲିସ କହିଛି।

## ଅବେଳରେ କଂଗ୍ରେସକୁ ସୋନିଆ ସାହା

ନୂଆଦିଲ୍ଲୀ,୧୧।୮

ଚଳିତବର୍ଷ ଶେଷ ଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ସୋନିଆ ଗାନ୍ଧୀ କଂଗ୍ରେସର ନେତୃତ୍ୱ ନିଜ ହାତକୁ ନେଇଛନ୍ତି। ଖରାପ ସମୟରେ ଦଳର ମୁଖ୍ୟ ତ୍ରାଣକର୍ତ୍ତ୍ରୀ ଭାବେ ସେ ପୁଣିଥରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ବିରୋଧ ଦଳଗୁଡ଼ିକୁ ଏକାଠି କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି କୁହାଯାଉଛି। ୧୯ ବର୍ଷ କଂଗ୍ରେସର ନେତୃତ୍ୱ ନେଇ ସୋନିଆ କେନ୍ଦ୍ରରେ ଦୁଇଥର ଦଳକୁ କ୍ଷମତାକୁ ଆଣିବା ସହ ବିଭିନ୍ନ ରାଜ୍ୟରେ ଦଳକୁ କ୍ଷମତାସୀନ କରାଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ୨୦୧୭ରେ ସେ ନେତୃତ୍ୱରୁ ଓହରିଯାଇ ରାହୁଲ ଗାନ୍ଧୀଙ୍କୁ ଦଳର ଅଧ୍ୟକ୍ଷ କରାଇଥିଲେ। ଏହାର ୨୦ ମାସ ପରେ ୭୨ ବର୍ଷୀୟା ସୋନିଆ ପୁଣିଥରେ କଂଗ୍ରେସର ଲଗାମ ନିଜ ହାତକୁ ନେଇଛନ୍ତି। ଶନିବାର ରାତିରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ତାଙ୍କୁ ସର୍ବସମ୍ମତିକ୍ରମେ ଦଳର ଅନ୍ତରୀଣ ଅଧ୍ୟକ୍ଷ ବଛାଯାଇଥିଲା। ତାଙ୍କର ଦୀର୍ଘ ଅଭିଜ୍ଞତା ଓ ନେତୃତ୍ୱ ୧୩୪ ବର୍ଷର ସର୍ବପୁରାତନ ଦଳର ପୂର୍ବ ଗୌରବ ଫେରାଇଆଣିବ ବୋଲି ଆଶା କରାଯାଉଛି।

ଗାନ୍ଧୀ ପରିବାରର ରାଜନୈତିକ ଉତ୍ତରାଧିକାରୀ ହୋଇ ନ ପାରନ୍ତି ବୋଲି ଏକଦା ବିଚାର କରାଯାଉଥିବା ସୋନିଆ ଦଳର ସର୍ବାଧିକ ସମୟ ଅଧ୍ୟକ୍ଷ ରହିବାର ପରିଚୟ ହାସଲ କରିଛନ୍ତି। ଯେତେବେଳେ ସେ ଅବସର ନେବାକୁ ନିଷ୍ପତ୍ତି ନେଲେ ଏବଂ କଂଗ୍ରେସର ନେତୃତ୍ୱ ରାହୁଲ ଗାନ୍ଧୀଙ୍କ ହାତରେ ଦେଲେ, ତାଙ୍କୁ ପୁଣି ଥରେ ଫେରିବାକୁ ହେବ ବୋଲି କେତେକ ବିଶ୍ୱାସ କରୁଥିଲେ। କାରଣ ପ୍ରତି ନିର୍ବାଚନ ପରେ ଦଳର ସ୍ଥିତି ଅଧିକରୁ ଅଧିକ ଖରାପ ହେବାରେ ଲାଗିଥିଲା। ଗତ ଲୋକ ସଭା ନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ନୈତିକ ଦୃଷ୍ଟିରୁ ନିଜକୁ ଦାୟୀ କରି ରାହୁଲ ଅଧ୍ୟକ୍ଷରୁ ଓହରିଯିବା ଓ ନିଜ ନିଷ୍ପତ୍ତିରେ ଅଟଳ ରହିବା ଦଳ ପାଇଁ ଆଶୀର୍ବାଦ ହେଲା ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି। ତେବେ ଗାନ୍ଧୀ ପରିବାର ବାହାରେ ନେତା ଚୟନ କରିବା କଂଗ୍ରେସ ପାଇଁ ସମ୍ଭବ ନୁହେଁ ବୋଲି ସମାଲୋଚକମାନେ କହିଛନ୍ତି। କେବେ ନେତା ନିର୍ବାଚନ ହେବ ତାହା ସ୍ଥିର ହୋଇ ନ ଥିବାରୁ ସୋନିଆ ଦୀର୍ଘଦିନ ଅନ୍ତରୀଣ ଅଧ୍ୟକ୍ଷ ରହିପାରନ୍ତି ବୋଲି କୁହାଯାଉଛି।



# ଗୋମାଂସ ପରିବେଷଣ ପାଇଁ ବାଧ୍ୟ କରୁଛି ଜୋମାଟୋ

କୋଲକାତା,୧୧।୮

ଖାଦ୍ୟରେ ଗୋମାଂସ କିମ୍ବା ଘୁଷୁରି ମାଂସ ଥିଲେ ସେମାନେ ଯୋଗାଣ କରିବେ ନାହିଁ ବୋଲି କୋଲକାତାର ଜୋମାଟୋ କର୍ମଚାରୀମାନେ କହିବା ସହ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ଲାଗି ଯୋଜନା କରିଛନ୍ତି। 'ଜୋମାଟୋର ଦାଦାଗିରି ଚଳିବ ନାହିଁ' ସ୍ଲୋଗାନ ଦେଇ ସେମାନେ ଖାଦ୍ୟ ଯୋଗାଣକାରୀ ଆପ୍ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ହିନ୍ଦୁ କର୍ମଚାରୀମାନେ

**କର୍ମଚାରୀଙ୍କ ଅଭିଯୋଗ**

ଗୋମାଂସ ଥିବା ଖାଦ୍ୟ ପରିବେଷଣ ପାଇଁ ଅନାଗ୍ରହୀ ଥିବାବେଳେ ମୁସଲମାନ କର୍ମଚାରୀମାନେ ଘୁଷୁରି ମାଂସ ଥିବା ଖାଦ୍ୟ ପରିବେଷଣ କରିବାକୁ ଚାହୁଁନାହାନ୍ତି। ସେମାନଙ୍କ ଦାବି ପ୍ରତି କମ୍ପାନୀ କର୍ଣ୍ଣପାତ ନ କରି ଗୋମାଂସ ଓ ଘୁଷୁରି ମାଂସ ପରିବେଷଣ ଲାଗି ବାଧ୍ୟ କରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି।



## ସଂଘର୍ଷରେ ୪୦ ନିହତ

ଦୁବାଇ,୧୧।୮(ଏଏଫ୍‌ପି)

ୟେମେନ୍‌ର ଆଡେନ୍ ସହରରେ ସରକାର ସପକ୍ଷବାଦୀ ବାହିନୀ ଓ ବିଚ୍ଛିନ୍ନତାବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ୪୦ ଜଣ ନିହତ ହୋଇଥିବାବେଳେ ୨୬୦ ଜଣ ଆହତ ହୋଇଛନ୍ତି। ୮ ତାରିଖରୁ ଉକ୍ତ ସହରରେ ଉତ୍ତେଜନା ଓ ହିଂସାକାଣ୍ଡ ଲାଗି ରହିଛି। ଇଦ୍ ପାଳନବେଳେ ମୃତକଙ୍କ ପରିବାରରେ ଶୋକପାଳନ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ବୋଲି ଜାତିସଂଘ ମାନବୀୟ ଆବାହକ ଲିସେ ଗ୍ରାଣ୍ଡେ କହିଛନ୍ତି। ଆହତମାନଙ୍କ ଚିକିତ୍ସା ଲାଗି ଜାତିସଂଘ ପକ୍ଷରୁ ଡାକ୍ତରୀ ଦଳ ପଠାଯାଇଛି। ଘରୁ ବାହାରିପାରୁ ନ ଥିବା ଲୋକମାନେ ଭୋକଉପାସରେ ଦିନ କାଟୁଥିବା ଜଣାପଡିଛି।

## କମଲନାଥଙ୍କ ପୁତୁରାଙ୍କ ୩୦୦ କୋଟିର ବଙ୍ଗଳା ଜବତ

**ନୂଆଦିଲ୍ଲୀ,୧୧।୮:** ବେନାମୀ ସମ୍ପତ୍ତି ରଖିବା ମାମଲାରେ ଆୟକର ବିଭାଗ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତୁରା ରାତୁଲ ପୁରୀଙ୍କର ୩୦୦ କୋଟି ଟଙ୍କାର ବଙ୍ଗଳା ସମେତ ୪୦ ନିୟୁତ ଡଲାର ମୂଲ୍ୟର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)କୁ ଜବତ କରିଛି। ଆୟକର ବିଭାଗ ଗତ ଏପ୍ରିଲରେ ଚଢ଼ାଉ କରି ରାତୁଲ ୧୩୫୦ କୋଟି ଟଙ୍କାର ଟିକସ ଫାଙ୍କିଥିବା ଜାଣିବାକୁ ପାଇଥିଲା। ଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ଲୁଟେନ୍‌ସ ଜୋନ୍‌ରେ ଥିବା ୨୭ଏ, ଏପିଜେ ଅବ୍ଦୁଲ୍ କଲାମ ରୋଡ୍‌ରେ ରାତୁଲଙ୍କର ବଙ୍ଗଳା ରହିଛି। ଏହାବ୍ୟତୀତ ଅଗୁସ୍ତା ଓ୍ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ମଧ ରାତୁଲ ସମ୍ପୃକ୍ତ ରହିଛନ୍ତି। ଏହି କାରବାରରେ ମନିଲଣ୍ଡରିଂ ମାମଲାରେ ରାତୁଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଚଳାଇଛି।



ରାତୁଲ ପୁରୀ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବାକୁ ଥିବାବେଳେ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅସରାଏ ଦୁଇ ଅସରା ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୬.୧ |
| ଚାନ୍ଦବାଲି | ୩୩.୦ | ୨୭.୮ |
| କଟକ | ୩୩.୫ | ୨୫.୦ |
| ପାରାଦ୍ୱୀପ | ୩୩.୮ | ୨୮.୪ |
| ଭୁବନେଶ୍ୱର | ୩୩.୪ | ୨୬.୬ |
| ଗୋପାଳପୁର | ୩୬.୫ | ୨୬.୯ |
| ପୁରୀ | ୩୫.୦ | ୨୭.୬ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୫.୫ | ୨୬.୦ |
| ଝାରସୁଗୁଡ଼ା | ୩୦.୬ | ୨୬.୬ |
| କେନ୍ଦୁଝର | ୩୧.୯ | ୨୬.୦ |
| ସମ୍ବଲପୁର | ୩୧.୮ | ୨୬.୦ |
| ସୁନ୍ଦରଗଡ଼ | ୨୬.୫ | ୨୦.୦ |
| ହୀରାକୁଦ | ୩୨.୧ | ୨୬.୬ |
| ତାଳଚେର | --- | ୨୪.୫ |
| ଭବାନୀପାଟଣା | ୩୨.୫ | ୨୬.୦ |
| ବଲାଙ୍ଗୀର | ୩୩.୦ | ୨୫.୮ |
| କୋରାପୁଟ | ୩୦.୦ | ୨୦.୬ |
| ଫୁଲବାଣୀ | ୩୦.୮ | --- |
| ଟିଟିଲାଗଡ଼ | ୩୪.୩ | ୨୨.୦ |
| ମାଲକାନଗିରି | ୩୦.୦ | ୨୨.୨ |
| ସୋନପୁର | ୩୩.୦ | ୨୨.୦ |
| ଦାରିଙ୍ଗିବାଡ଼ି | ୨୮.୫ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

## ଯୌନକର୍ମୀଙ୍କୁ ଗିରଫ କରିବା ଅନୁଚିତ

କଲିକତା,୧୧।୮



**ସେମାନଙ୍କୁ ଅପରାଧର ଶିକାର ଭାବେ ବିବେଚନା କରିବା ଜରୁରୀ: କଲିକତା ହାଇକୋର୍ଟ**

ଯୌନକର୍ମୀମାନଙ୍କୁ ଗିରଫ କରିବା ଅନୁଚିତ। ସେମାନଙ୍କୁ ଅପରାଧର ଶିକାର ଭାବେ ବିବେଚନା କରାଯିବା ଜରୁରୀ ବୋଲି କଲିକତା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। କଲିକତାର ଏକ ସ୍ପା'ରେ ଜଣେ ନାବାଳିକାଙ୍କ ସମେତ କେତେଜଣ ମହିଳାଙ୍କୁ ଗଣିକାବୃତ୍ତିରେ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ସ୍ପା'ର ମାଲିକ ଆଗୁଆ ଜାମିନ ପାଇଁ କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ମନୋଜିତ୍ ମଣ୍ଡଳ ଓ ଜୟମାଲା ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପା ମାଲିକଙ୍କ ପକ୍ଷରୁ ଦାଏର ଅଗ୍ରିମ ଜାମିନ ଆବେଦନକୁ ଶନିବାର ଖାରଜ କରି କହିଛନ୍ତି, ଯୌନକର୍ମୀମାନଙ୍କୁ ବ୍ୟବସାୟିକ ଯୌନ କାର୍ଯ୍ୟରେ ଶୋଷଣ କରାଯାଉଛି। ବେଆଇନ ଚାଲାଣ (ନିବାରଣ) ଆଇନ, ୧୯୫୬ ଅନୁସାରେ ଯୌନକର୍ମୀମାନେ ଅପରାଧର ସହ-ଷଡ଼ଯନ୍ତ୍ରକାରୀ ଭାବେ ସମ୍ପୃକ୍ତ ବୋଲି ରେକର୍ଡରେ ଦର୍ଶାଯାଇ ନ ଥିଲେ ସେମାନଙ୍କୁ ଗିରଫ କରାଯିବା ଅନୁଚିତ। ଏହା ପରିବର୍ତ୍ତେ ସେମାନଙ୍କୁ ଅପରାଧର ପୀଡ଼ିତା ଭାବେ ବିଚାର କରାଯିବା ଜରୁରୀ। ଏହାସହ ସାକ୍ଷ୍ୟ ସୁରକ୍ଷା କାର୍ଯ୍ୟକ୍ରମ, ଅନ୍ତରୀଣ କ୍ଷତିପୂରଣ ପ୍ରଦାନ ଓ ଅନ୍ୟ ପୁନଃଥଇଥାନ ବ୍ୟବସ୍ଥା ଭଳି ଆଇନାନୁସାରେ ଉପଲବ୍ଧ ସମସ୍ତ ଉନ୍ନତିକାରକ ସାଧନ ସେମାନଙ୍କୁ ଯୋଗାଇ ଦିଆଯିବା ଉଚିତ ବୋଲି ଖଣ୍ଡପୀଠ ରାୟ ଦେଇଛନ୍ତି।



LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
BAJAJ
ମହଙ୍ଗାଇ ରୁ ମୁକ୍ତି
ସଗର୍ବେ ନେଇ ଯାଆନ୍ତୁ ନିଜ ଯାନ ମାତ୍ର ₹999/-* ରେ ।
ଡାଉନ୍ ପେମେଣ୍ଟ
₹999/-*
CT
ଡାଉନ୍ ପେମେଣ୍ଟ
₹1 199/-*
PLATINA
ଡାଉନ୍ ପେମେଣ୍ଟ
₹4 999/-*
pulsar
ନ୍ୟୂନ ଡାଉନ୍ ପେମେଣ୍ଟ Discover ଓ Avenger ଲାଗି ମଧ୍ୟ ମିଳୁଛି ।
ସ୍କିମ୍ 31 ଅଗଷ୍ଟ 2019 ପର୍ଯ୍ୟନ୍ତ ବୈଧ ।
Call 7219821111 | For Institutional / Bulk orders, please send an e-mail to corporatesales@bajajauto.co.in
ସର୍ତ୍ତ ଓ ନିୟମାବଳୀ ଲାଗିବ । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/999offer । ସ୍କିମ୍ ବଜାଜ ଅଟୋ ଫାଇନାନ୍ସ ସହିତ CT, Platina, Pulsar 150, Discover ଓ Avenger ର ସବୁ ମଡେଲ ସକାଶେ ବୈଧ, କେବଳ ବଛା ବଛା ଅଞ୍ଚଳରେ । ବତାଯାଇଥିବା ରାଶି ଯଥାକ୍ରମେ CT, Platina ଓ Pulsar ପାଇଁ ଅନ୍ୟୂନ ଡାଉନ୍ ପେମେଣ୍ଟ ଅଟେ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ ସୁଧାରିବାର ବା କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି ।
BAJAJ FINANCE LTD - AF
Authorised Dealers for BAJAJ Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7873925390 • Keonjhar JR BAJAJ 9439008692 / 06766254999 • Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 9337112977, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8917443937, Tangi 8984562569, Sakhigopal 9853942290, Phulnakhara 9437410737, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Kuakhia 9937312014, Chhatia 9040084846, Kamakhayanagar 9437079287, Parajang 9178061624 Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bidanasi 9437877622, Athgarh 9937289417, Bidharpur 7008503281, Banki 8895278126, Rambha 7381099445.

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଠାକୁର ଦାସ ଭୋଜୱାନୀ
ପରିବାରବର୍ଗ


ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଚାଷୀଙ୍କ ଖେତରେ କୀଟନାଶକ ସିଞ୍ଚନ କଲେ ବିଧାୟକ

ନବରଙ୍ଗପୁର,୧୧।୮(ବି.ପ୍ର.)–ମକା ଫସଲରେ ପୋକ । ଯାହାକୁ ନେଇ ନବରଙ୍ଗପୁର ଜିଲାର ଚାଷୀ ଚିନ୍ତାରେ ରହିଛନ୍ତି । କୃଷି ବିଭାଗ ପକ୍ଷରୁ ମକା ଚାଷୀଙ୍କୁ ଏଯାଏ ସବ୍‌ସିଡି ମାଧ୍ୟମରେ କୀଟନାଶକ ଔଷଧ ମିଳି ନାହିଁ । ଏହା ଜାଣିବା ପରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶନିବାର ଓ ରବିବାର ବ୍ଲକର ଚାଷୀଙ୍କୁ ଭେଟିବା ସହ ମକା ଖେତଗୁଡ଼ିକ ବୁଲି ଦେଖିଥିଲେ । ଚାଷୀଙ୍କ ପରିଶ୍ରମ ଓ ଚିନ୍ତାକୁ ଦେଖି ଚାଷୀ କାନ୍ଧରୁ ମେଶିନ ଆଣି ନିଜେ ମକା ଖେତରେ କୀଟନାଶକ ଔଷଧ ଦୀର୍ଘ ସମୟ ଧରି ସିଞ୍ଚନ କରିଥିଲେ । ଖେତରେ ଔଷଧ ସିଞ୍ଚନ କରିଛନ୍ତି । କୃଷକଙ୍କ ବନ୍ଧୁ ସାଜି ସେମାନଙ୍କ ସମସ୍ୟା ବୁଝିବା ସହ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସହିତ ଆଲୋଚନା କରିଛନ୍ତି । ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ କୀଟନାଶକ ଔଷଧ ତୁରନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ଖଟିଆରେ ବୁହାହେଲେ ଗର୍ଭବତୀ

ଦାରିଙ୍ଗବାଡ଼ି,୧୧।୮(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ତାଜୁଙ୍ଗିଆ ପଞ୍ଚାୟତ ଅଞ୍ଚଳରେ ରବିବାର ଅପରାହ୍ନରେ ଜଣେ ଗର୍ଭବତୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନିଆଯାଉଥିବା ବେଳେ ଜଙ୍ଗଲ ରାସ୍ତାରେ ସେ ସେ ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି । ବଣ ପାହାଡ଼ ଘେରା ତାଜୁଙ୍ଗିଆ ପଞ୍ଚାୟତ ଦୁଦୁରି ଗାଁକୁ ରାସ୍ତା ନାହିଁ । ଗ୍ରାମର ମିକନ୍ତି ମାଝି ଗର୍ଭ ଯନ୍ତ୍ରଣା ପାଇବାରୁ ପରିବାର ଲୋକେ ତାଙ୍କୁ ଖଟିଆରେ ପାହାଡ଼ ରାସ୍ତା ଦେଇ ସିକବାଡ଼ି ଗ୍ରାମକୁ ଆଣୁଥିଲେ । ସିକବାଡିରୁ ତାଙ୍କୁ ଗଦାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥାନ୍ତା । ହେଲେ ବାଟରେ ମିକନ୍ତି ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ମା' ସହ ନବଜାତକ ଗୁରୁତର ହେବାରୁ ତୁରନ୍ତ ମହିଳାସ୍ୱାସ୍ଥ୍ୟକର୍ମୀଚିକିତ୍ସାକରିଥିଲେ ।

## ତିନି ତଲାକ୍ ଉଚ୍ଛେଦ ପରେ
# ମୋଦିଙ୍କୁ ମୁସଲମାନ ମହିଳା ସଂସ୍ଥା ରାକ୍ଷୀ ପଠାଇଲେ

ବାରାଣସୀ, ୧୧।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାଇ ବୋଲି ସମ୍ବୋଧନ କରି ବାରାଣସୀ ମୁସଲମାନ ମହିଳା ସଂସ୍ଥା ପକ୍ଷରୁ ନିଜ ହାତରେ ରାକ୍ଷୀ ପ୍ରସ୍ତୁତ କରାଯାଇ ପଠାଯାଇଛି । ପାର୍ଲାମେଣ୍ଟରେ ତିନି ତଲାକ୍ ବିଲ୍‌କୁ ମୋହର ମରାଯିବା ଓ ତିନି ତଲାକ୍‌କୁ ଅପରାଧ ବୋଲି ଗଣନା କରାଯିବା ଘଟଣାକୁ ଏମାନେ ପୂର୍ଣ୍ଣ ସମର୍ଥନ କରିଛନ୍ତି । ମୋଦି ଆମକୁ ଏଭଳି କୁପ୍ରଥାରୁ ମୁକ୍ତି ଦେଇଥିବା ହୁମା ବାନୋ ନାମକ ଜଣେ ମୁସଲମାନ ମହିଳା କହିଛନ୍ତି । ସେ ସମସ୍ତ ମୁସଲମାନ ମହିଳାଙ୍କ ଭାଇ ଓ ତାଙ୍କ ପାଇଁ ନିଜ ହାତରେ ଆମେ ରାକ୍ଷୀ ତିଆରି କରି ପଠାଇଛୁ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଇଣ୍ଡିଆନ୍ ୟୁନିୟନ ଅଫ୍ ମୁସଲିମ୍ ଲିଗ୍‌ର ରାଜ୍ୟ ସଭାପତି ମାଟିନ୍ ଖାନ୍ ଆରଏସ୍‌ଏସ୍‌ର ମୁସଲମାନ ସହାୟକମାନେ ଏଭଳି କରିଥିବା କହିଛନ୍ତି । କ୍ଷମତାରେ ଥିବା ନେତାଙ୍କ ଚାପରେ ମୁସଲମାନଙ୍କୁ କିଛି ଅର୍ଥଦେଇ ଏଭଳିପ୍ରଚାର କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି ।



ପ୍ରଧାନମନ୍ତ୍ରୀ ମୋଦିଙ୍କ ଲାଗି ବାରାଣସୀ ମୁସଲମାନ ମହିଳା ସଂସ୍ଥା ପକ୍ଷରୁ ରାକ୍ଷୀ ପ୍ରସ୍ତୁତ କରାଯାଉଛି ।

## ଇଦ୍‌ରେ...
ପ୍ରଥମ ପୃଷ୍ଠାରୁ...

ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଆତଙ୍କବାଦୀ ସକ୍ରିୟ ଥିବା ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳ ଗସ୍ତ କରି ନିରାପତ୍ତା ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ରାଜ୍ୟପାଳ ସତ୍ୟପାଲ ମଲିକ୍ ପ୍ରଶାସନିକ ଅଧିକାରୀଙ୍କୁ ନେଇ ମାରାଥନ୍ ବୈଠକ କରି ଉପଯୁକ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ସ୍ୱାଧୀନତା ଦିବସରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହେବ ସେଥିପାଇଁ ସୁରକ୍ଷା ବଳର କଡ଼ା ନଜରରେ ରହିଛି ସମଗ୍ର ଉପତ୍ୟକା ।

## ■ କଂଗ୍ରେସ, ବିଜେଡି ଉପରେ ବର୍ଷିଲେ ଚୌହ୍ୱାନ
# ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଜଣାଇଲେ



ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ନେତୃବୃନ୍ଦଙ୍କ ସହ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜସିଂ ଚୌହ୍ୱାନ (ମଝି) ।

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ଦୁଇଦିନିଆ ରାଜ୍ୟ ଗସ୍ତରେ ଆସି କଂଗ୍ରେସ ଏବଂ ବିଜେଡି ଉପରେ ବର୍ଷିଛନ୍ତି ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ । କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଭାବେ ସୋନିଆ ଗାନ୍ଧୀଙ୍କୁ ଦାୟିତ୍ୱ ମିଳିବା ଘଟଣାକୁ ସେ ନିନ୍ଦା କରିଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିବା ସହିତ କେନ୍ଦ୍ରର କେତେଗୁଡ଼ିଏ ଯୋଜନା ରାଜ୍ୟରେ ଲାଗୁ କରା ନ ଯିବା କଥା ଉଠାଇ ଚୌହ୍ୱାନ ପ୍ରବଳ ବର୍ଷିଥିଲେ । ଭାଜପା ରାଜ୍ୟରେ ସରକାରକୁ ଆସିଲେ ବିକାଶ ନିଶ୍ଚିତ ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ତେବେ ପ୍ରସଙ୍ଗ ଭିତ୍ତିରେ ଭାଜପା ଓ ବିଜେଡି ମଧ୍ୟରେ ସମର୍ଥନ ରହୁଥିବା କଥାକୁ ଚୌହାନ ସ୍ୱୀକାର କରିଛନ୍ତି । ଓଡ଼ିଶାର ଗୋଟିଏ ରାଜ୍ୟ ସଭା ଆସନ ଭାଜପା ହାତରେ ଟେକିଦେବା ଏବଂ ପାର୍ଲାମେଣ୍ଟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଲ୍‌କୁ ବିଜେଡି ସମର୍ଥନ ଦେବା ଘଟଣାକୁ ନେଇ ଚୌହ୍ୱାନଙ୍କୁ ପ୍ରଶ୍ନ କରାଯାଇଥିଲା । ଏପରିକି ବିହାରର ନୀତୀଶ କୁମାରଙ୍କ ସରକାର ଦୂରେଇବା ପରେ ବିଜେଡି ଓ ଏନ୍‌ଡିଏ ମଧ୍ୟରେ ମେଣ୍ଟ ହେବ କି ବୋଲି ପଚରାଯିବାରୁ ଚୌହ୍ୱାନ କହିଛନ୍ତି ଯେ, ବିକାଶ କ୍ଷେତ୍ରରେ ଯଦି କିଏ ସହଯୋଗ କରୁଛି ତେବେ ସେମାନେ ଆମର ଶତ୍ରୁ ନୁହଁନ୍ତି । ତେବେ ଓଡ଼ିଶାରେ ଆମେ ଏକା ଚାଲିବୁ ଏବଂ ଏକା ହିଁ ଲଢ଼ିବୁ ବୋଲି ସେ କହିଛନ୍ତି ।

ଭାଜପା ସଦସ୍ୟତା ଅଭିଯାନ ପ୍ରମୁଖ ଚୌହ୍ୱାନ ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ବିଜେଡି ଶାସନ ଦୀର୍ଘଦିନ ହେଲା ଚାଲିଛି । କହିବାକୁ ଖରାପ ଲାଗୁଛି, ଓଡ଼ିଶାର ଗରିବୀ ପାଇଁ ପ୍ରଥମେ କଂଗ୍ରେସ ଏହାପରେ ବିଜେଡି ଦାୟୀ । ରାଜ୍ୟରେ ଭରପୂର ଜଳ ଥିଲେ ମଧ୍ୟ ଏଠାରେ ସବୁ ଜମି ଜଳସେଚିତ ନୁହେଁ । ଚାଷୀଙ୍କ ପାଇଁ କାଳିଆ ଯୋଜନା କରିଥିବା କଥା ଏଠିକା ସରକାର କହୁଛନ୍ତି । କିନ୍ତୁ ଏହି ଯୋଜନାକୁ ନେଇ ନିଜେ ନିଜର ପ୍ରଶଂସା କରିଚାଲିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାଳିଆ ଯୋଜନାରେ ୫ ହଜାର ଟଙ୍କା ଲେଖା ଡିବିଟି ମାଧ୍ୟମରେ ପଠାଇଥିବା କହୁଛନ୍ତି । ମାତ୍ର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ପାଇଁ ତାଲିକା ଦେଉନାହାନ୍ତି । ଏ ପର୍ଯ୍ୟନ୍ତ କାହିଁକି ତାଲିକା ଦେଉନାହାନ୍ତି ତା'ର ଉତ୍ତର ରଖନ୍ତୁ । କାଳିଆ ଟଙ୍କା ଯଦି ଦେଲ ତେବେ କେନ୍ଦ୍ରକୁ ତାଲିକା ଦେବାରେ ଅସୁବିଧା କୋଉଠି ରହିଲା । କାଳେ କେନ୍ଦ୍ର ଯୋଜନାରେ ଚାଷୀଙ୍କୁ ଟଙ୍କା ମିଳିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା ମିଳିଯିବ ସେହି ଭୟରେ ରାଜ୍ୟ ସରକାର ତାଲିକା ଦେଉନାହାନ୍ତି । ଏନେଇ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ । ୨୦ ବର୍ଷ ମଧ୍ୟରେ ରାଜ୍ୟର ସବୁ ଜମିରେ ସିଞ୍ଚାଇ ବଢ଼ିନାହିଁ । ସ୍ୱଚ୍ଛ ଭାରତ ଯୋଜନାରେ ରାଜ୍ୟ ସରକାର କେନ୍ଦ୍ରର ଟଙ୍କାକୁ ହଡ଼ପ କରୁଛନ୍ତି । ଯେତିକି ପାଇଖାନା ରାଜ୍ୟରେ କରିବା ପାଇଁ ଆସିଥିଲା ତାହା କେବଳ କାଗଜ ପତ୍ରରେ କରି ଭୁଲ ତଥ୍ୟ ଦେଉଛନ୍ତି । ଆୟୁଷ୍ମାନ ଯୋଜନା ଲାଗୁ କରାଯାଉ ନାହିଁ । ଓଡ଼ିଶାରେ ଭାଜପା ସରକାର ଆସିଲେ ହିଁ ବିକାଶ ସୁନିଶ୍ଚିତ କରିବ । ନିକଟରେ ଶେଷ ହୋଇଥିବା ଭୋଟରେ ବିଧାନସଭା କ୍ଷେତ୍ରରେ ମୋଟ ୩୩.୪ ପ୍ରତିଶତ ଭୋଟ ମିଳିଛି । ଲୋକ ସଭା ଭୋଟରେ ୩୮.୪ ପ୍ରତିଶତ ଦଳକୁ ମିଳିଛି । ବର୍ତ୍ତମାନ ଦଳ ପକ୍ଷରୁ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି । ଓଡ଼ିଶାରେ ଯେତେସବୁ ପ୍ରତିଭା ରହିଛି ସେମାନଙ୍କୁ ଏହି ଅଭିଯାନ ମାଧ୍ୟମରେ ଯୋଡ଼ିବାକୁ ଚାହୁଁଛୁ ବୋଲି ଚୌହାନ କହିଛନ୍ତି ।

# ଚୌହ୍ୱାନଙ୍କୁ କଂଗ୍ରେସ, ବିଜେଡିର ପାଲଟା ଜବାବ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ବିଜେଡି ଓ କଂଗ୍ରେସକୁ ସମାଲୋଚନା କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ଭାବେ ସୋନିଆ ଗାନ୍ଧୀଙ୍କୁ ଦାୟିତ୍ୱ ମିଳିବାପରେ ଏହାକୁ ନେଇ ମଧ୍ୟ ଚୌହ୍ୱାନ କଡ଼ା ସମାଲୋଚନା କରିଛନ୍ତି । ଅପରପକ୍ଷରେ ଚୌହ୍ୱାନଙ୍କୁ କଂଗ୍ରେସ ଓ ବିଜେଡି ପାଲଟା ଜବାବ ଦେଇଛନ୍ତି ।

ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ମଧ୍ୟପ୍ରଦେଶ କଥା ଚିନ୍ତା ନ କରି ଓଡ଼ିଶା କଥାରେ ଚୌହ୍ୱାନ ମୁଣ୍ଡ ପୂରାଇବା କେତେଦୂର ଯୁକ୍ତିଯୁକ୍ତ । ସଦସ୍ୟତା ଅଭିଯାନରେ ଆସିଥିବା ଚୌହ୍ୱାନଙ୍କ ପାଇଁ ବ୍ୟକ୍ତିଗତ ସ୍ତରରେ ତାଙ୍କର ଅସମ୍ମାନ ନାହିଁ । କିନ୍ତୁ ରାଜ୍ୟ ସରକାରଙ୍କ ବ୍ୟାପାରରେ ମୁଣ୍ଡ ପୂରାଇବା ମଧ୍ୟ ଠିକ୍ ନୁହେଁ । ଯଦି ଏହା ମଧ୍ୟପ୍ରଦେଶ କିମ୍ବା ଦେଶ ସମସ୍ୟା ସହ ସଂଶ୍ଲିଷ୍ଟ ଥାନ୍ତା ତେବେ ଏଭଳି କହିଥିଲେ ଚଳିଥାନ୍ତା । ରାଜ୍ୟ ସରକାର କାଳିଆ ଯୋଜନାର ତ୍ରୁଟିବିଚ୍ୟୁତି ସୁଧାରୁଛନ୍ତି । ସାଧାରଣ ଲୋକଙ୍କ ପାଖରେ ଏହା ଆଦରଣୀୟ ବ୍ୟବସ୍ଥା ହୋଇଛି । କୃଷକମାନଙ୍କ ପାଇଁ ସରକାର ଆଣିଥିବା ଏହି ଯୋଜନାକୁ ପଞ୍ଚଦଶ ଅର୍ଥ କମିଶନଙ୍କଠାରୁ ଆରମ୍ଭ କରି ଦେଶର ବହୁ କୃଷି ଅର୍ଥନୀତିଜ୍ଞ ପ୍ରଶଂସା କରିଛନ୍ତି । ଏହା ଉପରେ ପ୍ରଶ୍ନ ଉଠାଇବା ନିରର୍ଥକ ବୋଲି ସେ କହିଛନ୍ତି ।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, କଂଗ୍ରେସ ଦେଶର ଏକ ମାତ୍ର ପୁରୁଣା ଦଳ । ଦେଶରେ ସ୍ୱାଧୀନତା ଆଣିବା ସହ କଂଗ୍ରେସ ବହୁ ବିକାଶ କରିଛି । ଦେଶରେ ଜଳସେଚନ, ଶିଳ୍ପ, ଶିକ୍ଷା ଏବଂ ସ୍ୱାସ୍ଥ୍ୟର ବିକାଶ କରିବାରେ କଂଗ୍ରେସ ପ୍ରମୁଖ ଭୂମିକା ନେଇଛି । ଆଗରୁ ହଇଜା, ବସନ୍ତ ଭଳି ବହୁ ମହାମାରୀ ରୋଗରେ ଶତାଧିକ ଲୋକ ମରୁଥିଲେ କିନ୍ତୁ କଂଗ୍ରେସ ଅମଳରେ ଏହାର ନିରାକରଣ କରାଯାଇଛି । ଭାଜପା ଏତେଦିନ ଶାସନ ମଧ୍ୟରେ ଗୋଟିଏ ସ୍କୁଲ ନିର୍ମାଣ କରିପାରିଛି କି? ସୋନିଆ ଗାନ୍ଧୀ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ହେବାପରେ ସେମାନେ ଭୟଭୀତ ହୋଇ ଏମିତି କହୁଛନ୍ତି ବୋଲି ସୁରେଶ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କୃତ୍ତିକା ନକ୍ଷତ୍ର ମେଷରାଶି ବ୍ୟକ୍ତିଙ୍କୁ ଆଶା କରୁଥିବା ଦିଗରୁ ସାହାଯ୍ୟ ମିଳିବ । ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ । ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଯୋଗୁ ମନ ଖୁସି ରହିବ । ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରହିବା ଭଲ ।

**ବୃଷ** ରୋହିଣୀ ନକ୍ଷତ୍ର ବୃଷରାଶି ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବେ । ପ୍ରିୟବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି । ସଭାସମିତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ଆକସ୍ମିକ ସମସ୍ୟା ହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ ।

**ମିଥୁନ** ଆଜି ଆରଦ୍ରା ନକ୍ଷତ୍ର ମିଥୁନ ରାଶି ପାଇଁ ହଠାତ୍ ପରିସ୍ଥିତି ବଦଳିଯିବ । ସକାଳୁ ସକାଳୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲାବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ । ନିଜ ଇଚ୍ଛା ଅନୁସାରେ କୌଣସି କାମ କରି ପରିବାରରୁ ସମାଲୋଚିତ ହେବାକୁ ପଡ଼ିପାରେ । ତଥାପି କୌଶଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହୋଇପାରନ୍ତି ।

**କର୍କଟ** ପୁନର୍ବସୁ ନକ୍ଷତ୍ର କର୍କଟ ରାଶି ପାଇଁ ଦିନଟି ସ୍ମରଣୀୟ ରହିବ । ଆକସ୍ମିକ ଭାବେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ । କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି । ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସିଂହ ରାଶି ଏକାଧାରରେ ଅର୍ଥ, ସାମାଜିକ ସମ୍ମାନ ସହ ବନ୍ଧୁଙ୍କ ପରାମର୍ଶ ପାଇ ଖୁସୀ ହେବେ । କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇପାରନ୍ତି । ମାଲିମକଦ୍ଦମାରେ ବିଳମ୍ବ ହେବାରୁ ମନସ୍ତାପ ବଢ଼ିଯାଇପାରେ । ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ ।

**କନ୍ୟା** ହସ୍ତା ନକ୍ଷତ୍ର କନ୍ୟା ରାଶି ପ୍ରତିବନ୍ଧକ ମଧ୍ୟ ଦେଇ ଚଳିବାକୁ ପଡ଼ିବାର ଆଶଙ୍କା ରହିଛି । ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ ମାତ୍ର ପୂର୍ଣ୍ଣତଃ ଆରୋଗ୍ୟଲାଭ କରି ନ ପାରନ୍ତି । ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ । ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି ।

**ତୁଳା** ସ୍ୱାତୀ ତୁଳା ପାଇଁ ଅର୍ଥନୈତିକ ଅଭିବୃଦ୍ଧି ସହ କାର୍ଯ୍ୟସିଦ୍ଧି ଖୁସିର କାରଣ ହୋଇପାରେ । ଯଦିଓ କେତେକ ସମସ୍ୟା ଓ ପ୍ରତିବନ୍ଧକ ଆସିବ ତଥାପି ଆରମ୍ଭ କରିଥିବା କାମଟି ଅଟକିବ ନାହିଁ । କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି ନ ପାରି ପସ୍ତେଇବେ । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ।

**ବିଛା** ରାଶି ପାଇଁ ସମୟ ବହୁତ ଭଲ ବୋଲି ଯାହା ଭାବୁଛନ୍ତି ଶୀଘ୍ର ଆରମ୍ଭ କଲେ ଉପକୃତ ହେବେ । ସମ୍ଭାବ୍ୟ ସମସ୍ୟା କ୍ଷେତ୍ରରେ ବନ୍ଧୁଙ୍କ ଅନୁନୟ ବିନୟ କରି ପରିସ୍ଥିତିକୁ ନିୟନ୍ତ୍ରିତ କରିପାରିବେ । ବିଶାଖା ନକ୍ଷତ୍ର ସକାଶେ କଳା, ସଙ୍ଗୀତ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ । କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି ।

**ଧନୁ** ଆଜି ପୂର୍ବାଷାଢ଼ା ଧନୁ ପାରିବାରିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଉଚ୍ଚ ପ୍ରଶଂସିତ ହେବେ । ନୂତନ ପ୍ରକଳ୍ପ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । କଠୋର କଥା କହିବା କାରଣରୁ ବନ୍ଧୁଙ୍କ ସହ ସାମୟିକ କଳହ ଦେଖାଦେଇପାରେ । ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ମକର** ଅଷ୍ଟମସ୍ଥ ମଙ୍ଗଳ ଯୋଗୁ ଶ୍ରବଣା ମକରର ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ । ଏଣେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ମଧ୍ୟ ବିଚଳିତ ରହିବ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରନ୍ତି । ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ ।

**କୁମ୍ଭ** ଶତଭିଷା ନକ୍ଷତ୍ର କୁମ୍ଭ ରାଶି ପାଇଁ ଆଜି ହାତକୁ ନେଇଥିବା କାମଗୁଡ଼ିକ ସହଜରେ ସମ୍ପନ୍ନ ହୋଇଯିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ । କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନାହିଁ ।

**ମୀନ** ଚତୁର୍ଥସ୍ଥ ରାହୁ ଯୋଗୁ ଉତ୍ତର ଭାଦ୍ରପଦ୍ ମୀନ ବନ୍ଧୁଙ୍କ ସହ ଅର୍ଥସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି । ଅବଶ୍ୟ ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ । ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ଲାଗି ଆଲୋଚନା କରିପାରନ୍ତି । ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମକଦ୍ଦମା ପ୍ରଭୃତିରୁ ସୁଫଳ ପାଇବେ ।

ଆଜି ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବ ଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ଇଦ୍-ଉଲ୍-ଜୁହା, ବକ୍ରିଦ୍, ହଜ୍ ଶେଷ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ମିଥୁନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ । ଦିବା ଘ.୬।୫୦ମି. ମଧ୍ୟେ ଘ.୧।୦୫ମି. ଗତେ, ଘ.୨।୪୩ମି. ମଧ୍ୟେ ଘ.୪।୪୩ମି. ଗତେ, ଘ.୬।୨୨ମି. ମଧ୍ୟେ ଅମୃତବେଳା । ଦିବା ଘ.୮।୨୮ମି. ଗତେ ଘ.୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୭।୦୪ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ ।


# classifieds Everyday
0674-2580101, 2549302

real estate

SALE

One BHK flat for sale ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999. D-66278

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟବିକ୍ରିହେଉଛି। ଯୋଗାଯୋଗ: 8249870448. D-13744

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66173

Twincity ର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9124321519. D-66758

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଅଛି। 9938737955. D-66756

Twincityର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7978773097. D-66757

Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429. D-66759

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

2BHK simplex 26,00,000/- finishing Hanspal. Plots Atala, Chakeisiani, Sundarpada: 8093465134. D-67037

Simplex @45lakh near Nandankanan, new Bhubaneswar Railway station. Contact: 9668242825. D-66175

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66941

construction

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Newly opening Ayurvedic body massage smart therapist, Shree herbal, 775 0020754. D-67343

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Newly open fullbody massage ladies and gents full service. 7682913255. D-38561

astrology

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



## ଜିଲ୍ଲା ଚିଠି ସୁବର୍ଣ୍ଣପୁର

# ଡମ୍ପିଂୟାର୍ଡ ପାଲଟିଛି ମହାନଦୀ

ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ବାହାରୁଥିବା କୁଢ଼କୁଢ଼ ବିଷାକ୍ତ ବର୍ଜ୍ୟବସ୍ତୁ ସାଙ୍ଗକୁ ନଦୀକୂଳିଆ ସହରଗୁଡ଼ିକର ନର୍ଦ୍ଦମା ପାଣି ବିନା ଦ୍ୱିଧାରେ ନଦୀକୁ ଛଡ଼ାଯାଉଛି। ପ୍ରତ୍ୟହ ଲକ୍ଷଲକ୍ଷ ଲିଟର ବର୍ଜ୍ୟଜଳ ନଦୀରେ ମିଶୁଛି। ବର୍ଜ୍ୟଜଳକୁ ପ୍ରକ୍ରିୟାକରଣ ନ କରି ସିଧାସଳଖ ଛାଡ଼ିଦେବା ଫଳରେ ସାଂଘାତିକ ସ୍ଥିତି ଉପୁଜୁଛି। ସହରଗୁଡ଼ିକର ଏକପ୍ରକାର ଡମ୍ପିଂୟାର୍ଡ ପାଲଟିଛି ମହାନଦୀ। ପଲିଥିନ ଓ ପ୍ଲାଷ୍ଟିକ୍ ଜମା ହୋଇ ଭାସୁଛି। ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଧିକ ଲାଭ ଆଶାରେ ମାଛ ଧରିବା ପାଇଁ ନଦୀଜଳରେ ରାସାୟନିକ ଔଷଧ ପ୍ରୟୋଗ ସହ ବେଆଇନ ବିସ୍ଫୋରଣ ଘଟାଉଛନ୍ତି। ଏହାଦ୍ୱାରା ମହାନଦୀରୁ କ୍ରମେ ମାଛବଂଶ ଲୋପ ପାଇ ଯାଉଛି। ମତ୍ସ୍ୟଜୀବୀ ପରିବାରଗୁଡ଼ିକ ଏଥିଯୋଗୁ ଜୀବିକା ହରାଇଲେଣି। ସେହିପରି ନଦୀକୂଳରେ ଥର୍ମାଲ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଜଳ ଅଧିକ ପ୍ରଦୂଷିତ ହେଉଛି। ଏଭଳି ଅମାନବୀୟ କାର୍ଯ୍ୟର ପ୍ରତିକାର ପାଇଁ କାହାର ଚିନ୍ତା ନାହିଁ। ପୌରପାଳିକା, ପ୍ରଶାସନ ଓ ରାଜ୍ୟ ସରକାର ଚୁପ୍ ହୋଇ ବସିଛନ୍ତି। ପ୍ରଦୂଷଣ ନିରାକରଣ ଆଇନକୁ କେହି ମାନୁନାହାନ୍ତି। ଦୂଷିତ ଜଳ ବ୍ୟବହାର କରି ଲୋକେ ଝାଡ଼ାବାନ୍ତି ଭଳି ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ନଦୀଜଳରେ ବାୟୋଲୋଜିକାଲ୍ ଅକ୍ସିଜେନ୍ ଡିମାଣ୍ଡ(ବିଓଡି) ଅନୁପାତ ଅଧିକ ଯୋଗୁ ପ୍ରଦୂଷଣ ଶ୍ରେଣୀ ସୃଷ୍ଟି ହୋଇଛି। ସାଧାରଣତଃ ଜଳରେ ବିଓଡି ମାତ୍ରା ୩ ପ୍ରତିଶତ ରହିବା କଥା। କିନ୍ତୁ ଏହି ମାତ୍ରା ୨୦ରୁ ୩୦ ପ୍ରତିଶତ ରହୁଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ଜଳରେ ବିଓଡି ମାତ୍ରା ଅଧିକ ରହିଲେ ଅମ୍ଳଜାନ କମିଯାଏ। ଫଳରେ ସେହି ଜଳ ମଣିଷର ବ୍ୟବହାର ଯୋଗ୍ୟ ହୋଇ ରହୁନାହିଁ। ମାତ୍ରାଧିକ ବିଓଡି ମାଛ ଓ ଅନ୍ୟାନ୍ୟ ଜଳଚର ଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସହରଗୁଡ଼ିକରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉନି। ସ୍ୱେରେଜ୍ ବ୍ୟବସ୍ଥା କରାଯାଇ ଅପରିଷ୍କାର ପାଣି ଟ୍ରିଟ୍‌ମେଣ୍ଟ ହୋଇ ନଦୀକୁ ଛଡ଼ାଯିବା କଥା। ମାତ୍ର ରାଜ୍ୟର କୌଣସି ନଦୀକୂଳିଆ ସହରରେ ଏହାର ଅନୁପାଳନ ହେଉନି। କେବଳ ସ୍ୱଚ୍ଛ ସହର, ପଲିଥିନ ମୁକ୍ତ ସହର ବୋଲି ମିଥ୍ୟା ବାହୁସ୍ଫୋଟ ମରାଯାଉଛି। କୌଣସି ପରିସ୍ଥିତିରେ ନଦୀଜଳ ପ୍ରଦୂଷିତ ହୋଇପାରିବ ନାହିଁ। ଏ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ କଡ଼ା ନିର୍ଦ୍ଦେଶ ଦେଇ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀ କଥା ଦେଖିଲେ ଏହାର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା କରାଯାଇଛି। ରାଞ୍ଚିସ୍ଥିତ ଜଙ୍ଗଲ ଉତ୍ପାଦିକତା ପ୍ରତିଷ୍ଠାନକୁ ମହାନଦୀର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏହାକୁ ତାଳ ଦେଇ ନଦୀଜଳ ପ୍ରଦୂଷିତ କରିବା ପାଇଁ ଏକପ୍ରକାର କସରତ ଚାଲିଛି। ଓଡ଼ିଶାର ଅର୍ଦ୍ଧାଧିକ ଜିଲାରେ ମଣିଷର ଜୀବନଧାରଣ, ବିକାଶ ଓ କୃଷି ସହିତ ଏହି ନଦୀର ବିଶେଷ ଭୂମିକା ରହିଛି। ଲୋକଙ୍କୁ ବଞ୍ଚିବାକୁ ଶକ୍ତି ଯୋଗାଇଛି। ସଭ୍ୟତା ଓ ସଂସ୍କୃତି ସହିତ ଯୋଡ଼ି ହୋଇ ରହିଛି। କିନ୍ତୁ ଏହି ନଦୀ ଏବେ ମରିଯିବାକୁ ବସିଲାଣି। ଏବେଠୁ ଜନସାଧାରଣ ଓ ସରକାର ସଚେତନ ନ ହେଲେ ପ୍ରଦୂଷଣ ନିରାକରଣ ଅସମ୍ଭବ ହୋଇପଡ଼ିବ।

– ମୃତ୍ୟୁଞ୍ଜୟ ଶତପଥୀ

## ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

# 'ବୋକାରୋକୁ ବିକଶିତ କ୍ଷେତ୍ର କରାଯିବ'

**ଭୁବନେଶ୍ୱର,୧୧।୮(ବ୍ୟୁରୋ)**



ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଝାଡ଼ଖଣ୍ଡର ବିକାଶ ଦ୍ରୁତ ଗତିରେ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରଣାଳୟ କାମ କରୁଛି ବୋଲି ଝାଡ଼ଖଣ୍ଡର ବୋକାରୋଠାରେ ୩୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରଣାଳୟ ଉଭୟ ମିଶି ଝାଡ଼ଖଣ୍ଡର ରୋଜଗାର, ଅର୍ଥନୀତି ଓ ମା, ଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା କରୁଛନ୍ତି । ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଝାଡ଼ଖଣ୍ଡରେ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବାର ଯୋଜନା କରାଯାଇଛି । ସେହିପରି ୨୦୩୦ ସୁଦ୍ଧା ଦେଶରେ ୩୦୦ ମିଲିୟନ୍ ମେଟ୍ରିକ୍ ଟନ୍ ଲୁହା ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାର ଅଗ୍ରଣୀ ଭୂମିକା ଝାଡ଼ଖଣ୍ଡର ରହିବ ଏବଂ ବୋକାରୋ ଷ୍ଟିଲ୍‌ପ୍ଲାଣ୍ଟ ଏହାର ନେତୃତ୍ୱ ନେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ରାଜ୍ୟର ବିକାଶ ପାଇଁ କାମ କରୁଛନ୍ତି । ଜାମସେଦ୍‌ପୁର ଓ ଟାଟା ଦେଶର ଅର୍ଥନୈତିକ କ୍ଷେତ୍ର ହୋଇପାରିଛି। ପ୍ରଧାନମନ୍ତ୍ରୀ ଏବଂ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବୋକାରୋକୁ ମଧ୍ୟ ଟାଟା ଓ ଜାମସେଦପୁର ଭଳି କ୍ଷେତ୍ର କରିବା ପାଇଁ କଳ୍ପନା ରହିଛି। ଦେଶରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଖୁବ୍‌ଶୀଘ୍ର ଗରିବ ଶ୍ରେଣୀର ୮କୋଟି ଉପଭୋକ୍ତା ଅନ୍ତର୍ଭୁକ୍ତ ହେବେ । ଝାଡ଼ଖଣ୍ଡରେ ଗତ ୪ବର୍ଷରେ ମୋଟ୍ ୩୭ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଲାଭ ପାଇଛନ୍ତି । ଦେଶରେ ପେଟ୍ରୋଲ୍ ଓ ଡିଜେଲ୍ ବିକ୍ରି ମାଧ୍ୟମରେ ଦେଶର ପ୍ରଗତିକୁ ଅଣାଯାଇପାରିବ। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବାଙ୍ଗାଲୋର୍ ଭଳି ବଡ଼ବଡ଼ ସହରରେ ପେଟ୍ରୋଲିୟମ୍ ପଦାର୍ଥର ବ୍ୟବହାର ୭ରୁ ୮ ପ୍ରତିଶତକୁ ବୃଦ୍ଧି ଘଟିଛି । ଅନୁରୂପ ଭାବେ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳରେ ମଧ୍ୟ ପେଟ୍ରୋଲିୟମ ପଦାର୍ଥର ବ୍ୟବହାର ୧୫ ପ୍ରତିଶତକୁ ବୃଦ୍ଧି ଘଟିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ଉପସ୍ଥିତ ଥିଲେ।

## ଖରାପ ପାଗ ଯୋଗୁ ଅବତରଣ କରି ନ ପାରି ଫେରିଗଲା ବିମାନ

**ଝାରସୁଗୁଡ଼ା ଅଫିସ/ ଲଖନପୁର,୧୧।୮ (ଡି.ଏନ୍.ଏ.)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ରବିବାର ଉଡ଼ାଣ କରି ସକାଳ ୧୧ଟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦରକୁ ଆସିଥିବା ଆଲାଏନ୍ସ ଏୟାର ବିମାନ ପ୍ରତିକୂଳ ପାଗ ଯୋଗୁ ଏଠାରେ ଅବତରଣ କରି ନ ପାରି ଫେରିଯାଇଛି। ଫଳରେ ଯାତ୍ରୀମାନେ ବିମାନରୁ ଓହ୍ଲାଇ ପାରି ନ ଥିଲେ କି ଚଢ଼ିପାରି ନ ଥିଲେ। ଏ ନେଇ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭିଏସ୍ଏସ୍ ବିମାନବନ୍ଦର ଉପରୁ ଯାତ୍ରୀଙ୍କ ଭରସା ତୁଟିବାରେ ଲାଗିଛି। ବିମାନବନ୍ଦର ଉଦ୍‌ଘାଟନକୁ ଇତିମଧ୍ୟରେ ୧୦ ମାସ ବିତିଯାଇଥିଲେ ମଧ୍ୟ ବିଭିନ୍ନ ସମସ୍ୟା ସମାଧାନ ହୋଇପାରୁ ନାହିଁ। ପ୍ରତିକୂଳ ପାଗ ଯୋଗୁ ଅନେକ ସମୟରେ ବିମାନ ଚଳାଚଳରେ ସମସ୍ୟା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୫ ତାରିଖରେ ବିମାନ ବନ୍ଦରରେ ଡିଭିଓଆର୍ ମେଶିନ ଲଗାଯାଇ କାର୍ଯ୍ୟକ୍ଷମ କରାଗଲା। ଏଣିକି ଆଉ ବିମାନ ଅବତରଣ ସମସ୍ୟା ରହିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଡିଭିଓଆର୍ ମେଶିନ ଲାଗିବା ସତ୍ତ୍ୱେ ରବିବାର ପୁଣି ଅବତରଣରେ ସମସ୍ୟା ଦେଖାଦେଇଛି। ଏ ନେଇ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ କହିଛନ୍ତି ସେ ବାହାରେ ଅଛନ୍ତି। ଘଟଣା ସମ୍ପର୍କରେ ସେ ଜାଣିନାହାନ୍ତି। କ'ଣ ହୋଇଛି ପଚାରି ବୁଝିଲେ ଜଣାପଡ଼ିବ ବୋଲି ସେ କହିଛନ୍ତି।

**Birthday wish**



**SONU**
(14th Birthday)
Happy Birthday dear Sonu. May God always bless you with lots of happiness and success.
Best wishes from:
Papa, Mummy, Dada, Daadi, Mamu, Main, Gudu, Loraine, near and dear one's, Aja, Aai
(Som Vihar, BBSR)

ଧ-୧୩୮୫

# ପୁରୀ-ଦୁର୍ଗ, ଧଉଳି ଏକ୍ସପ୍ରେସ୍‌ରେ ଧୂଆଁ

**ଭୁବନେଶ୍ୱର (ବ୍ୟୁରୋ)/ସୋର (ଡିଏନ୍ଏ), ୧୧।୮**

ଭୁବନେଶ୍ୱର ରେଳ ଷ୍ଟେଶନରେ ରବିବାର ରାତିରେ ପୁରୀ-ଦୁର୍ଗ ଏକ୍ସପ୍ରେସ୍ ଅଟକିଥିଲା। ଛାଡ଼ିବା ସମୟରେ ହଠାତ ଏକ କୋଚ୍ ତଳୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏହା ଜଣାପଡିବା ପରେ ଯାତ୍ରୀମାନେ ଆତଙ୍କିତ ହୋଇ ବାହାରକୁ ଓହ୍ଲାଇ ପଡ଼ିଥିଲେ। ଯାଞ୍ଚ ସମୟରେ ବ୍ରେକ୍ ବାଇଣ୍ଡିଙ୍ଗ୍‌ରେ ସମସ୍ୟା ଥିବା ଓ ଅତ୍ୟଧିକ ଚାପ ଯୋଗୁ ଧୂଆଁ ବାହାରୁଥିବା ଜଣାପଡିଥିଲା। ଏହାର ମରାମତି ପରେ ୧୭ ମିନିଟ୍ ବିଳମ୍ବରେ ଟ୍ରେନକୁ ଷ୍ଟେଶନ ଛାଡ଼ିଥିଲା।

ସୂଚନାଯୋଗ୍ୟ, ଭୁବନେଶ୍ୱର ଷ୍ଟେଶନରେ ରାତି ୭ଟା ୫୫ରେ ପହଞ୍ଚିବାକୁ ଥିବା ଉକ୍ତ ଟ୍ରେନଟି ୫ ମିନିଟ ବିଳମ୍ବ ହୋଇ ୮ଟାରେ ପହଞ୍ଚିଥିଲା। ରାତି ୮ଟା ୫ରେ ଟ୍ରେନଟି ଷ୍ଟେଶନ ଛାଡିବାର ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଛାଡ଼ିବା ସମୟରେ ଧୂଆଁ ବାହାରିବାରୁ ଟ୍ରେନ୍‌କୁ ପୁଣି ଅଟକାଯାଇଥିଲା। ବ୍ରେକ ମରାମତି ପରେ ରାତି ୮ଟା ୨୨ରେ ଟ୍ରେନ୍‌ଟି ଯାତ୍ରା ଆରମ୍ଭ କରିଥିଲା। ସେହିପରି ବାଲେଶ୍ୱର ଜିଲା ସୋର ଷ୍ଟେଶନରେ ପୁରୀ-ହାୱଡ଼ା ଧଉଳି ଏକ୍ସପ୍ରେସ ଷ୍ଟେଶନରେ ପହଞ୍ଚିବା ପରେ ଏହାର ବଗି ନଂ ଡି-୧ର ବ୍ୟାଟେରି ବକ୍ସରୁ ଧୂଆଁ ବାହାରିଥିଲା। ପରେ ଏହାକୁ ମରାମତି କରାଯାଇଥିଲା। ଫଳରେ ଟ୍ରେନ ୧ ଘଣ୍ଟା ବିଳମ୍ବରେ ଛାଡ଼ିଥିଲା।

## ■ ସୁଆର ମହାସୁଆର ନିଯୋଗ ନିର୍ବାଚନ

# ୧୫ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ

**ପୁରୀ ଅଫିସ, ୧୧।୮**

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ନିର୍ବାଚନ ଶେଷ ହୋଇ ଫଳାଫଳ ଘୋଷିତ ହୋଇଛି। ଶନିବାର ଭୋଟ ଗ୍ରହଣ କରାଯାଇଥିବା ବେଳେ ରବିବାର ଫଳାଫଳ ପ୍ରକାଶ ପାଇଛି। ୩୭ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ୧୫ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଛନ୍ତି। ଏହି ୧୫ ଜଣଙ୍କ ମଧ୍ୟରେ ଦାମୋଦର ମହାସୁଆର ସର୍ବାଧିକ ୫୪୦ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ପଣ୍ଡା ୪୦୬, କାଳିକୃଷ୍ଣ ମହାସୁଆର ୩୮୫, କୃଷ୍ଣଚନ୍ଦ୍ର ପ୍ରତିହାରୀ ୪୯୭, କୃଷ୍ଣଚନ୍ଦ୍ର ସାମନ୍ତରା ୪୪୬, କ୍ରିଷ୍ଣା ପଣ୍ଡା ୩୮୭, ଦୀନବନ୍ଧୁ ପାଢୀ ୩୨୫, ନାରାୟଣ ମହାସୁଆର ୪୨୯, ପଦ୍ମନାଭ ମହାସୁଆର ୩୯୪, ବଳଭଦ୍ର ମହାପାତ୍ର ୩୨୩, ଭୁବନମୋହନ ମହାସୁଆର ୩୯୦, ରାମଚନ୍ଦ୍ର ଦୀକ୍ଷିତ ୩୩୧, ରାମନାରାୟଣ ଖୁଣ୍ଟିଆ ୩୩୬, ସୋମନାଥ ମହାପାତ୍ର ୪୧୧ ଏବଂ ଲକ୍ଷ୍ମୀନାରାୟଣ ଦୀକ୍ଷିତ୍ ୩୪୨ ଖଣ୍ଡ ଭୋଟ ପାଇ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଶୁଭେନ୍ଦୁ ଦାଶ ଦାୟିତ୍ୱ ତୁଲାଇଥିଲେ। ଖୁବ୍ ଶୀଘ୍ର ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସମେତ ବିଭିନ୍ନ ପଦପଦବୀ ଲାଗି କର୍ମକର୍ତ୍ତା ବଛାଯିବେ ବୋଲି ଜଣାପଡିଛି।

## ■ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

# ୫ ଦିନ ପରେ ଗଳିତ ମୃତଦେହ ଉଦ୍ଧାର

**ନିମାପଡ଼ା,୧୧।୮(ଡି.ଏନ୍.ଏ.)**

ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ମହାନ୍ତିସାହି ଗ୍ରାମରୁ ରବିବାର ଅପରାହ୍ନରେ ଏକ ଦମ୍ପତିଙ୍କ ଗଳିତ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଏହି ଘଟଣା ପାରିପାର୍ଶ୍ୱିକ ଅବସ୍ଥାରୁ ୪ରୁ ୫ଦିନ ମଧ୍ୟରେ ଘଟିଥିବା ଜଣାପଡିଛି। ମୃତ ଦମ୍ପତି ହେଲେ ଉକ୍ତ ଗ୍ରାମର ବିଶ୍ୱଜିତ ମହାନ୍ତି(୨୯) ଓ ତାଙ୍କ ସ୍ତ୍ରୀ ଲିଲି(୨୭)। ଏ ସମ୍ପର୍କରେ ମୃତକଙ୍କ ପିତା ପ୍ରମୋଦ ମହାନ୍ତି ଅଭିଯୋଗ କରିଛନ୍ତି। ଖବରପାଇ ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ ଓ ଏସ୍ଆଇ ସନ୍ଧ୍ୟାରାଣୀ ବିଶ୍ୱାଳ ସଦଳବଳେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ନଂ ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ସୋମବାର ପୁରୀର ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଆଇଆଇସି ପାଢ଼ୀ କହିଛନ୍ତି। ଅପରପକ୍ଷେ ବିଶ୍ୱଜିତ ଓ ତାଙ୍କ ସ୍ତ୍ରୀ ଗତ ୫ଦିନ ହେବ ଘରୁ ବାହାରି ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେଣୁ ଏହି ସମୟ ମଧ୍ୟରେ ଉଭୟେ ଆତ୍ମହତ୍ୟା କରିଥିବା କୁହାଯାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ମୁତାବକ, ରେଞ୍ଚ ମହାନ୍ତିସାହି ଗ୍ରାମରେ ବିଶ୍ୱଜିତ ମା'ବାପାଙ୍କ ସହ ସପରିବାର ରହୁଥିଲେ। ବିଶ୍ୱଜିତଙ୍କ ମାଆଙ୍କ ଦେହ ଖରାପ ଥିବାରୁ ଚିକିତ୍ସା ପାଇଁ ମା'ବାପା ୧୦ଦିନ ତଳେ କଟକ ଯାଇଥିଲେ। ଚିକିତ୍ସା ସାରି ରବିବାର ଫେରି ଘର କବାଟ ଖୋଲିବାରୁ ପଚାଗନ୍ଧ ହେଉଥଲା। ଭିତରକୁ ଯିବାବେଳେ ପୁଅ ବୋହୂ ଘର ବାରଣ୍ଡାରେ ଥିବା ଫ୍ୟାନରେ ଏକ ପ୍ଲାଷ୍ଟିକ ରଶିରେ ବାନ୍ଧି ହୋଇ ଝୁଲୁଥିବାର ଦେଖିଥିଲେ। ସ୍ଥାନୀୟ ଲୋକ ଜାଣି ପୋଲିସକୁ ଜଣାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଘର ଗେଟ ଭିତର ପଟୁ ତାଲା ପକାଇ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଗ୍ରାମରେ ଚର୍ଚ୍ଚା ହୋଇଛି। ଏହି ଘଟଣା ନେଇ ନାନା ସନ୍ଦେହ ସୃଷ୍ଟି ହେଉଥିବାବେଳେ ଝୁଲନ୍ତା ଶବକୁ ଦେଖିବା ପାଇଁ ଗ୍ରାମରେ ଲୋକଙ୍କ ଭିଡ଼ ଲାଗି ରହିଛି। ଉଭୟଙ୍କ ବିବାହ ଗତବର୍ଷ ହୋଇଥିଲା।

## ଦୁଇ ହକି ଖେଳାଳିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

■ ଉଭୟ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ

■ ଜଣେ ନବମ, ଅନ୍ୟ ଜଣେ ଯୁକ୍ତ ଦୁଇ ଛାତ୍ରୀ ଥିଲେ

**କୁଆଁରମୁଣ୍ଡା,୧୧।୮(ଡି.ଏନ୍.ଏ.):** ଓଡ଼ିଶା ସୀମାନ୍ତ ଝାଡଖଣ୍ଡର ସିମଡେଗା ଜିଲା ବିରୁ ଥାନା ଆରାନି ଗ୍ରାମ ନିକଟ ଏକ ପଡିଆରେ ଥିବା ଗଛରୁ ରବିବାର ସକାଳେ ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ଦ୍ୱୟ ହେଉଛନ୍ତି ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବୀରମିତ୍ରପୁର ନ୍ୟୁ ଲାଇଟ୍ ସ୍କୁଲ ନିକଟରେ ରହୁଥିବା ଶ୍ରଦ୍ଧାଶାଳିନୀ ସୋରେଙ୍ଗ (୧୫) ଓ ଝାଡଖଣ୍ଡ ବାଂଶଯୋର ଥାନା ଅଞ୍ଚଳର ସୁନନ୍ଦିନୀ ବାଗେ(୨୩)। ଶ୍ରଦ୍ଧାଶାଳିନୀ ବୀରମିତ୍ରପୁରର ଏକ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ବେଳେ ସୁନନ୍ଦିନୀ ଝାଡ଼ଖଣ୍ଡର ବାଂଶଯୋର ଅଞ୍ଚଳର ଏକ କଲେଜରେ +୨ ପଢୁଥିଲେ। ଉଭୟ ଛାତ୍ରୀ ଖେଳାଳି। ସେମାନେ ହକି ସହିତ ଅନ୍ୟ ଖେଳ ମଧ୍ୟ ଖେଳୁଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଇଥିଲେହେଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଠିକ୍ ତଥ୍ୟ ମିଳିବ ବୋଲି ପୋଲିସ କହିଛି।

# ବନ୍ୟା କ୍ଷୟକ୍ଷତି ରିପୋର୍ଟ ମାଗିଲେ ଏସ୍ଆର୍‌ସି

## ■ ୧୭ ସୁଦ୍ଧା ରିପୋର୍ଟ ଦେବାକୁ ୯ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ରାଜ୍ୟରେ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତି ନେଇ ୯ ଜିଲାର ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି) ବିଷ୍ଣୁପଦ ସେଠୀ ରିପୋର୍ଟ ମାଗିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ଶେଷ ସପ୍ତାହ ଓ ଅଗଷ୍ଟ ପ୍ରଥମ ସପ୍ତାହରେ ରାଜ୍ୟରେ ପ୍ରବଳ ବର୍ଷା ହୋଇଥିବାବେଳେ ଉପରୋକ୍ତ ୯ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଓ ବନ୍ୟାରେ ଚାଷଜନିତ କ୍ଷୟକ୍ଷତି ସହିତ ଜାତୀୟ ସମ୍ପତ୍ତି ନଷ୍ଟ ହୋଇଛି। ଘର, ଚାଷ ଜମି, ମାଛଚାଷ, ପଶୁପାଳନ, ଡଙ୍ଗା, ଜାଲ, ମାଛଚାଷ ପୋଖରୀ, ଫସଲହାନି, ହସ୍ତତନ୍ତ ଶିଳ୍ପଜନିତ କ୍ଷତିର ରିପୋର୍ଟ ଏସ୍ଆର୍‌ସି ମାଗିଛନ୍ତି। ସେହିପରି ଜାତୀୟ ସମ୍ପତ୍ତି ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ଘର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତା, ପୋଲ, କଲଭର୍ଟ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ଘର, ଅଙ୍ଗନୱାଡ଼ି ଘର, ମହିଳା ମଣ୍ଡଳ, ଯୁବ କେନ୍ଦ୍ର, କମ୍ୟୁନିଟି ହଲ୍, ବିଦ୍ୟୁତ୍ ଖୁଣ୍ଟ ଓ ବିଦ୍ୟୁତ୍ ଷ୍ଟେଶନରେ କ'ଣ କ୍ଷତି ହୋଇଛି ଏସ୍ଆର୍‌ସି ଜାଣିବାକୁ ଚାହିଁଛନ୍ତି। କ୍ଷୟକ୍ଷତି ହୋଇଥିବା ସ୍ଥାନର ଆବଶ୍ୟକ ଫଟୋ ପ୍ରମାଣପତ୍ର ସହ ରିପୋର୍ଟ ଦେବାକୁ ପଡ଼ିବ। କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷଙ୍କୁ ସମସ୍ତ ସହାୟତା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତା ଜରିଆରେ ଦିଆଯିବ ବୋଲି ସରକାର କହିଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟ-୨, କେନ୍ଦୁଝର

**ଦଖଲ ନୋଟିସ୍**
(ନିୟମ ୮(୧)) ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭଦ୍ରାସାହି ଶାଖା** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡ଼ିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସେ ଦର୍ଶିତ ରାଶି ସହିତ ସେବାବଦ ସୁଧ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ଭଦ୍ରାସାହି ଶାଖା / ଆକାଉଣ୍ଟ ନଂ./ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡ଼ିକର ବିବରଣୀ | ଧାର୍ଯ୍ୟ ତାରିଖ ଅନୁଯାୟୀ ଅନାଦେୟ ଟଙ୍କା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଆକାଉଣ୍ଟ ନଂ.: ୩୪୩୭୬୭୮୯୦୬୧ / ଋଣଗ୍ରହୀତା: ଶ୍ରୀମତୀ ସୁନୀତା ଚୌଧୁରୀ,** ସ୍ୱାମୀ: ଶ୍ରୀ ମୋହନ କୁମାର ଚୌଧୁରୀ, **ସହ-ଋଣଗ୍ରହୀତା: ଶ୍ରୀ ମୋହନ କୁମାର ଚୌଧୁରୀ,** ପିତା: ଶ୍ରୀ ବାଲେଶ୍ୱର ଚୌଧୁରୀ, ଉଭୟଙ୍କ ଠିକଣା ସା/ପୋ./ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫ | **ଶ୍ରୀମତୀ ସୁନୀତା ଚୌଧୁରୀ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭଦ୍ରାସାହି, ତହସିଲ: ବଡବିଲ, ଖାତା ନଂ.: ୫୨/୫୫, ପ୍ଲଟ୍ ନଂ.: ୧୫୩/୩୨୮, କ୍ଷେତ୍ର: ଏକର୦.୧୧୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ଏନ୍‌ଏଚ୍-୨୧୫, ଦକ୍ଷିଣ: ରାସ୍ତା, ପୂର୍ବ: ରଘୁ ନାଏକ, ପଶ୍ଚିମ: ଶାନ୍ତି ଓରାମ | ୦୭.୦୮.୨୦୧୯ ସୁଦ୍ଧା ଟ.୧୪,୩୩,୫୫୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୪.୨୦୧୯ / ୦୭.୦୮.୨୦୧୯ |
| **ଆକାଉଣ୍ଟ ନଂ.: ୩୧୬୪୯୩୨୦୨୦୭, ୧୧୮୨୩୬୧୩୬୯୨ / ଋଣଗ୍ରହୀତା: ଶ୍ରୀମତୀ ନିଳା ଦେବୀ ଗୁପ୍ତା,** ସ୍ୱାମୀ: ମଦନ ପ୍ରସାଦ ଗୁପ୍ତା, ସା.: ଭୁସୁଗାଁ, ପୋ.: ଭଦ୍ରାସାହି, ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଧନୁର୍ଜୟ ଗୁପ୍ତା,** ପିତା: ମଦନ ପ୍ରସାଦ ଗୁପ୍ତା, **୨) ଶ୍ରୀ ସଞ୍ଜୟ କୁମାରଗୁପ୍ତା,** ପିତା: ମଦନ ପ୍ରସାଦ ଗୁପ୍ତା, ସା.: ଭୁସୁଗାଁ, ପୋ.: ଭଦ୍ରାସାହି, ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର-୭୫୮୦୩୫ | **ଶ୍ରୀମତୀ ନିଳା ଦେବୀ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁସୁଗାଁ, ତହସିଲ: ବଡବିଲ, ଖାତା ନଂ.: ୧୨୮/୨୨, ପ୍ଲଟ୍ ନଂ.: ୬୩୩/୯୩୫, କ୍ଷେତ୍ର: ଏକର୦.୨୦ଡିସିମିଲି, କିସମ: ଘରବାରୀ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ତ୍ରିବେଣୀ ଆର୍ଥ ମୁଭର୍ସ, ଦକ୍ଷିଣ: ମୁଖ୍ୟ ରାସ୍ତା, ପୂର୍ବ: ତ୍ରିବେଣୀ ଆର୍ଥ ମୁଭର୍ସ, ପଶ୍ଚିମ: ନିଜସ୍ୱ | ୦୭.୦୮.୨୦୧୯ ସୁଦ୍ଧା ଟ.୧୫,୭୪,୩୯୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୧.୧୦.୨୦୧୮ / ୦୭.୦୮.୨୦୧୯ |

**ସ୍ଥାନ: କେନ୍ଦୁଝର, ତାରିଖ: ୧୨.୦୮.୨୦୧୯** — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

On the Occasion of RAKSHA BANDHAN, Hastashilpi presents

ହସ୍ତଶିଳ୍ପୀ
ସିଲ୍କ ଇଣ୍ଡିଆ™ 2019
Last 7 Days Only



ପିଓର ସିଲ୍କ ଶାଢ଼ୀ ଏବଂ ସମଗ୍ର ଦେଶର ସିଲ୍କ ଉତ୍ପାଦଗୁଡିକର ପ୍ରଦର୍ଶନୀ ସହ ବିକ୍ରି
9th to 18th Aug. 2019 | 10.30 am to 8.30 pm
ସ୍ଥାନ: ଦ ନ୍ୟୁ ମ୍ୟାରିଅନ
ଜନପଥ, ରାମ ମନ୍ଦିର ସାମ୍ନା, ଭୁବନେଶ୍ୱର

ଉତ୍ପାଦର ପ୍ରଦର୍ଶନ:
ବିହାର: ଅର୍ଗାନିକ୍ ପେପର ସିଲ୍କ ଶାଢୀ, ସୁଟ୍ ଏବଂ ଷ୍ଟୋଲ୍
କର୍ଣ୍ଣାଟକ: କ୍ରିପ୍ ସିଲ୍କ, ଜର୍ଜେଟ୍ ସିଲ୍କ, ଅରିଗିନି ସିଲ୍କ ଏବଂ ପ୍ରିଣ୍ଟେଡ୍ ଶାଢୀ
ତାମିଲନାଡୁ: କାଞ୍ଚିବରମ୍ ସିଲ୍କ ଶାଢୀ ଏବଂ ଡିଜାଇନର୍ ଫ୍ୟାନ୍ସୀ ଶାଢୀ
ଆନ୍ଧ୍ରପ୍ରଦେଶ: ଧର୍ମାଭାରମ, ଉପଡା, ଗଦୱାଲ୍, ମଙ୍ଗଲଗିରି ଏବଂ ପୋଚମ୍ପଲ୍ଲୀ ଶାଢୀ
ଉତ୍ତରପ୍ରଦେଶ: ଲକ୍ଷ୍ନୌ ଚିକନ୍, ମଲବେରୀ ସିଲ୍କ, ଜାମଦାନୀ, ଜାମ୍ୱାର ସିଲ୍କ ଏବଂ ସିଫନ୍ ସିଲ୍କ
ମହାରାଷ୍ଟ୍ର: ପୈଠାନୀ ଶାଢୀ, ଡିଜାଇନର ଡ୍ରେସ୍ ମ୍ୟାଟେରିଆଲ୍ସ
ପଞ୍ଜାବ: ଫୁଲକାରୀ ଡ୍ରେସ୍ ମ୍ୟାଟେରିଆଲ୍ସ
ଓଡିଶା: ସମ୍ବଲପୁରୀ, ଇକ୍କତ, ବମ୍‌କାଇ ଶାଢୀ, ହ୍ୟାଣ୍ଡଲୁମ୍ ସିଲ୍କ କଟନ
ଛତିଶଗଡ: ଏକ୍ସକ୍ଲୁସିଭ୍ ର ସିଲ୍କ ଶାଢୀ, କୋଷା ସିଲ୍କ, ପେପର ସୁଟ୍ ଏବଂ ଦୁପଟ୍ଟା
ମଧ୍ୟପ୍ରଦେଶ: ମାହେଶ୍ୱରୀ, ଚାନ୍ଦେରୀ ସିଲ୍କ ଶାଢୀ ଏବଂ ସୁଟ୍
ୱେଷ୍ଟ ବେଙ୍ଗଲ: ବାଲୁଚରୀ, ଢାକା ମସଲିନ, ଗିଚା, ବୁଟିକ୍ ଓ କନ୍ଥା ଶାଢୀ, କୋର୍ଡୋସୀ
ଆସାମ: ମୁଗା ଏବଂ ଏରୀ ସିଲ୍କ ଶାଢୀ
ଜାମ୍ମୁ ଓ କାଶ୍ମୀର: କାଶ୍ମୀର ସିଲ୍କ, ପଶ୍ମିନା ଶାଲ୍ ଏବଂ ସୁଟ୍
ରାଜସ୍ଥାନ: କୋଟା ସିଲ୍କ, ହ୍ୟାଣ୍ଡ ବ୍ଲକ୍ ପ୍ରିଣ୍ଟ ଡ୍ରେସ୍ ଏବଂ ଶାଢୀ
ଏବଂ ଆହୁରି ଅନେକ....

All Credit & Debit Cards Accepted | Contact : +91 - 85534 16929 / +91 - 89717 57606
(Registered with O/o D C (H), Ministry of Textiles, Govt. of India)
Organised by : hastashilpi

**UNIVERSITY DEPARTMENT OF TEACHER EDUCATION**
DDCE CAMPUS, UTKAL UNIVERSITY
VANI VIHAR, BHUBANESWAR-751007

**ADMISSION NOTIFICATION, 2019-2020**

Utkal University invites online application for admission into the following courses under self-financing mode for the session 2019-2020.

**UNIVERSITY DEPARTMENT OF TEACHER EDUCATION**
- B.Ed. (2-Years)
- M.Ed. (2-Years)

The above courses are being offered with the recognition of NCTE.

**DEPARTMENT OF SANSKRIT**
- M.A. in Hindi
- Certificate Course in Sanskrit (Six Months)

**Important Dates for Admission :**
- Availability of online Application Form : 14.08.2019 to 26.08.2019
- Download of Admit Cards shall be during : 29.08.2019 to 31.08.2019
- Entrance Test for different course : 01.09.2019 (Sunday)

**How to Apply :**
For details of procedure of E-Admission, 2019-2020, Utkal University website www.utkaluniversity.nic.in may be visited.
In case of any query, mail to : admission@utkaluniversity.nic.in

Sd/-
Chairperson, P.G. Council

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା

# ଅର୍ଥନୀତିକୁ ଦେଖ

ବିଶ୍ୱ ଅର୍ଥନୀତି ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଆମେରିକା ଭଳି ବିକଶିତ ରାଷ୍ଟ୍ର ମଧ୍ୟ ବିଭିନ୍ନ ପ୍ରକାର ଆର୍ଥିକ ସମସ୍ୟାରେ ପଡ଼ିଲାଣି। ଚାଇନା ସହ ଏହାର ବାଣିଜ୍ୟ ଯୁଦ୍ଧ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଉଭୟ ରାଷ୍ଟ୍ର ପରସ୍ପରର ସାମଗ୍ରୀ ରପ୍ତାନି ଉପରେ ସୀମା ଶୁଳ୍କ ବୃଦ୍ଧି କରିଚାଲିଛନ୍ତି। ଏହାର ପ୍ରଭାବ ପୃଥିବୀର ସବୁ ଦେଶ ଉପରେ ପଡ଼ିବାରେ ଲାଗିଲାଣି। ବ୍ରେକ୍‌ଜିଟ ସହ ଅନ୍ୟାନ୍ୟ ସାମାଜିକ ଓ ଅର୍ଥନୈତିକ ଅସ୍ଥିରତା ଯୋଗୁ ୟୁରୋପୀୟ ରାଷ୍ଟ୍ରରେ ଆର୍ଥିକ ସଙ୍କଟ ଦେଖାଦେଇଛି। ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) କ୍ଷେତ୍ରରେ ଭାରତ ୫ମ ସ୍ଥାନରେ ରହି ଆସିଥିବା ବେଳେ ଏବେ ୭ମକୁ ଖସିଯାଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଅଚଳ ପରିସମ୍ପତ୍ତି (ଏନ୍‌ପିଏ) ବଢ଼ିବାରେ ଲାଗିଛି। ମୋଟରଗାଡ଼ି ଶିଳ୍ପ ଘୋର ଦୁର୍ଦ୍ଦିନ ଦେଇ ଗତି କରୁଛି। ମହିନ୍ଦ୍ରା ଓ ମାରୁତି ଭଳି ପ୍ରମୁଖ କେତୋଟି ଗାଡ଼ି ନିର୍ମାତା ଉତ୍ପାଦନ କମାଇବା ସହ କେତେକ ସ୍ଥାନରେ କାରଖାନା ବନ୍ଦ କରିବାକୁ ବସିଲେଣି। ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍ ସହ ସବୁ ଘରୋଇ ଟେଲିକମ୍ କମ୍ପାନୀ ଅବସ୍ଥା ଶୋଚନୀୟ। ଏପରି କି ମୁକେଶ ଅମ୍ବାନୀଙ୍କ 'ଜିଓ' ମଧ୍ୟ ପ୍ରବଳ କ୍ଷତିରେ ଚାଲୁଛି। ଏଭଳି ସ୍ଥଳେ କୃଷି କଥା ନ କହିବା ଭଲ। ଭାରତୀୟ ଅର୍ଥନୀତିରେ ପ୍ରମୁଖ ଯୋଗଦାନ ଦେଉଥିବା କ୍ଷେତ୍ରଗୁଡ଼ିକ ଯେତେବେଳେ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି, ସେତେବେଳେ ଅର୍ଥନୈତିକ 'ବିକାଶ' ଘଟିବା ଅସମ୍ଭବ। ଭାରତର ର୍‍ୟାଙ୍କିଙ୍ଗ୍ ଆକଳନ କରିବା ଦିଗରେ ଗବେଷଣା କରୁଥିବା ଅର୍ଥନୀତିଜ୍ଞ ଦେବେନ୍ଦ୍ର ପନ୍ତ କହିଛନ୍ତି ଯେ, ୨୦୧୭ରେ ଭାରତୀୟ ମୁଦ୍ରାର ମୂଲ୍ୟ ୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୨୦୧୮ରେ ୫ ପ୍ରତିଶତ ହ୍ରାସ ପାଇଥିଲା। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ କମିବା ପଛରେ ଦେଶର ମନ୍ଥର ଅଭିବୃଦ୍ଧି ଦାୟୀ ବୋଲି କୁହାଯାଉଛି।

ଏବେ ଭାରତ ସରକାର ଓ ଦେଶବାସୀଙ୍କ ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ବଡ଼ ପ୍ରସଙ୍ଗ ପାଲଟିଯାଇଛି। ଜମ୍ମୁ ଓ କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଗ କରାଯିବା ପରେ ଏଗୁଡ଼ିକର ଭବିଷ୍ୟତ କ'ଣ ହେବ ସେ ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଛି। ସମସ୍ତେ ଅବୁଝା ସାଜୁଛନ୍ତି ଯେ, ଏହି କଠୋର ପଦକ୍ଷେପ ଯେତିକି ସ୍ୱାଗତଯୋଗ୍ୟ, ସେତିକି ଅର୍ଥନୈତକ ଦୃଷ୍ଟିକୋଣରୁ ଭାରତର ଆର୍ଥିକ ରକ୍ତ ଶୋଷି ନେବ। ପ୍ରଶାସନିକ ପରିବର୍ତ୍ତନ ଓ ରାଜ୍ୟର ମାନ୍ୟତା ହରାଇବା ପରେ କଶ୍ମୀରରେ ସୈନ୍ୟ ମୁତୟନ ବହୁ ପରିମାଣରେ ବୃଦ୍ଧି ପାଇଥିବାରୁ ତାହା ଭାରତ ପାଇଁ ମହଙ୍ଗା ପଡ଼ିବ। ଏହି ପରିସ୍ଥିତି କେତେ ଦିନ ଲାଗି ରହିବ, ସେଭଳି ଭବିଷ୍ୟବାଣୀ ଏବେଠାରୁ କରି ହେବ ନାହିଁ।

ଦେଶର ପ୍ରଗତି ପାଇଁ ଅର୍ଥନୈତିକ ଅଭିବୃଦ୍ଧି ନିତାନ୍ତ ଆବଶ୍ୟକ ହୋଇ ପଡ଼ିଥିଲେ ମଧ୍ୟ ଏ ବିଷୟରେ ତ୍ୱରିତ ପଦକ୍ଷେପ ନିଆଯାଉ ନାହିଁ କିମ୍ବା କେହି ଚିନ୍ତିତ ଥିବା ଭଳି ଜଣାପଡୁ ନାହିଁ। ମନେହେଉଛି ଯେପରି ଦେଶବାସୀଙ୍କ ଆଗରେ ଗୁଡ଼ାଏ ବିବାଦୀୟ ପ୍ରସଙ୍ଗ ରଖିଦେଇ ସରକାର ଅତି ସହଜରେ ବାସ୍ତବ ସମସ୍ୟାକୁ ଲୁଚାଇବାରେ ସକ୍ଷମ ହୋଇ ପାରୁଛନ୍ତି। ସଦ୍ୟ ଦୃଷ୍ଟାନ୍ତ ଦେଖିଲେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉତ୍ତର-ପୂର୍ବାଞ୍ଚଳରେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ବହୁ ବିତର୍କର ଅପେକ୍ଷା ରଖୁଛି।

ବର୍ତ୍ତମାନ ପାକିସ୍ତାନରେ ବିଲାତି କିଲୋଗ୍ରାମ୍ ପ୍ରତି ଦର ୩୦୦ ଟଙ୍କାରେ ପହଞ୍ଚିଛି। ଗଣମାଧ୍ୟମରେ ଏ ନେଇ ଅତ୍ୟଧିକ ପ୍ରଚାର ହେବା ପରେ ଭାରତୀୟମାନେ ଖୁସି ବ୍ୟକ୍ତ କରୁଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ସହ ପାକିସ୍ତାନ ସମସ୍ତ ପ୍ରକାର ସମ୍ପର୍କ ଛିନ୍ନ କରିଥିବାରୁ ପରିଣାମ ଭୋଗୁଛି ବୋଲି କୁହାଯାଉଛି। ପ୍ରକୃତରେ ଦେଖିଲେ ପାକିସ୍ତାନ ଅର୍ଥନୀତି ଦୀର୍ଘବର୍ଷ ହେବ ଭୁଶୁଡ଼ି ପଡ଼ିଛି। ଗୋଟିଏ ଅର୍ଥନୀତି ମୃତବତ୍ ଅବସ୍ଥାରେ ଥିବା ବେଳେ ତାହା ଉପରେ ବିଶେଷ ଚର୍ଚ୍ଚା କରାଯିବାର ଆବଶ୍ୟକତା ନାହିଁ। ଏହି ପ୍ରଚ୍ଛଦପଟରେ ଦେଖିଲେ ଭାରତରେ କେହି ଚିନ୍ତା କରୁନାହାନ୍ତି ଯେ, ଏଠାରେ ବିଲାତି କିଲୋଗ୍ରାମ ପିଛା ଦର ୬୦ ଟଙ୍କାରୁ ଉର୍ଦ୍ଧ୍ୱରେ ଆସି ପହଞ୍ଚିଲାଣି, ଯାହାକି ଆମ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହେଉଛି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଥିଲେ ମଧ୍ୟ ସେଥିପ୍ରତି କାହାରି ଦୃଷ୍ଟି ନ ପଡ଼ିବା ହେଉଛି ବିଡ଼ମ୍ବନାର ବିଷୟ। ନିଜର ଅର୍ଥନୀତିକୁ କିଭଳି ସୁଦୃଢ଼ କରାଯାଇପାରିବ, ସେ ଦିଗରେ ରାଜନୈତିକ ବ୍ୟକ୍ତି, ଅର୍ଥନୀତିଜ୍ଞ ଏବଂ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଗଭୀର ଚିନ୍ତା କରିବା ଦରକାର। ଏ ଦେଶରେ ଭୟରେ ହେଉ ବା ସୁବିଧା ପାଇବା ଆଶା ରଖି ଯଦି ସମସ୍ତେ ନୀରବ ରହିବେ, ତେବେ ବାସ୍ତବ ବିକାଶ ସମ୍ଭବ ହେବ ନାହିଁ। କିଛି ସମୟ ପାଇଁ ଖୁସି ଦେଉଥିବା ଘଟଣାକୁ ଗୁରୁତ୍ୱ ଦେଇ ପ୍ରକୃତ ସମସ୍ୟାକୁ ଭୁଲିଗଲେ ରାଷ୍ଟ୍ର କ୍ଷତିରେ ପଡ଼ିବ।

### ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ ! (ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପୂର୍ବବର୍ତ୍ତୀଙ୍କ ପ୍ରତି ଅଶ୍ରଦ୍ଧାର ପରିଣାମ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ୧୯୪୨ ମସିହାରେ ଥରେ ଆଲୋଚନା ପ୍ରସଙ୍ଗରେ କହିଥିଲେ- ପୂର୍ବଗାମୀମାନଙ୍କର ନିନ୍ଦାକରି, ସେମାନଙ୍କର ଅପ୍ରତିଷ୍ଠା କରି ଯଦି ନିଜର ପ୍ରତିଷ୍ଠା ଚାହଁ, ସେ ଚେଷ୍ଟା ସଫଳ ହେବ ନାହିଁ। ସେମାନଙ୍କ ସମ୍ବନ୍ଧରେ ଭଲ ଯାହା ଜାଣ, ତାହା କହିବା ହିଁ ଭଲ। ଆମ ଦେଶରେ ସମ୍ପ୍ରତି ଗୋଟେ ରିୱାଜ ହୋଇଛି- ନିର୍ବାଚନରେ ଛିଡ଼ା ହେଲେ ହିଁ ଜଣେ ଅନ୍ୟର ନିନ୍ଦା କରନ୍ତି, ପରସ୍ପର କାଦୁଅ ଫୋପଡାଫୋପଡି କରନ୍ତି, ଏସବୁ ନୀଚ ବୁଦ୍ଧି ମୋର ପସନ୍ଦ ହୁଏ ନାହିଁ। ସମାଜର ମଥା ଯେଉଁମାନେ, ସେମାନେ ଯଦି ଏପରି କରନ୍ତି, ତା' ହେଲେ ସର୍ବସାଧାରଣ ମଧ୍ୟ ତାହା ଦେଖି ସେପରି କରିଥାନ୍ତି। ସେଥିରେ ଶତ୍ରୁତା ବଢ଼େ, ବିଦ୍ୱେଷ ବଢ଼େ, ପ୍ରୀତି ଆଉ ବଢ଼େ ନାହିଁ। ହଁ! ତେବେ ବିଭିନ୍ନ ଦଳ ଯଦି ଥାଏ ଏବଂ ଦଳଗତ ନୀତି ଭିତରେ ତ୍ରୁଟି ଯଦି ଥାଏ, ପୁଣି ତାହା ଯଦି ବିଶେଷକରି ଧର୍ମ, ଇଷ୍ଟ, ସାତ୍ୱତ କୃଷ୍ଟି, ଐତିହ୍ୟ ଓ କଲ୍ୟାଣବିରୋଧୀ ହୁଏ ଏବଂ ନୀତି ଠିକ୍ ଥାଇ ମଧ୍ୟ ନିର୍ବାଚନ ପ୍ରାର୍ଥୀର ଚଳନ-ଚରିତ୍ର ଯଦି ତାହାର ଓଲଟା ହୁଏ, ସେଇଟା ଜନକଲ୍ୟାଣ ଦୃଷ୍ଟିରୁ ଶୋଭନ ଭାବରେ ଉଦ୍‌ଘାଟିତ କରାଯାଇପାରେ। ଏହା କରିବାକୁ ଗଲେ ବିପକ୍ଷ ସହିତ ଯେ ଶତ୍ରୁତା କରିବାକୁ ହେବ, ତା'ର କୌଣସି ମାନେ ନାହିଁ। (ଆ.ପ୍ର. ୧୫।୦୯।୧୯୪୨)।

ଦୀର୍ଘ ୭୭ ବର୍ଷ ତଳେ ସେ ଯାହା କହିଥିଲେ ତାହା ଆଜି ଆମର ରାଜନୈତିକ ଜୀବନରେ ଏକ ଅବାଞ୍ଛିତ ପରିଣତି ନେଇ ଛିଡ଼ା ହୋଇଛି। ଆମ ଦେଶର ନେତାମାନେ ଧରି ନେଇଛନ୍ତି ଯେ, ପୂର୍ବଗାମୀମାନଙ୍କର ନିନ୍ଦା ଏବଂ ଅପ୍ରତିଷ୍ଠା କଲେ ହିଁ ସେମାନଙ୍କର ପ୍ରତିଷ୍ଠା ଓ ଲୋକପ୍ରିୟତା ବଢ଼ିଯିବ। ସେମାନେ କହନ୍ତି ପୂର୍ବବର୍ତ୍ତୀ ସରକାରମାନେ କିଛି କରି ନ ଥିଲେ- ଆମେ ସବୁକିଛି କରୁଛୁ ବା କରି ଦେଖାଇଦେବୁ। ସେମାନେ ବୁଝିପାରନ୍ତି ନାହିଁ ଯେ ଏପରି କହିବା ଦ୍ୱାରା ନିଜେ ହିଁ ଲୋକଲୋଚନରେ ନିମ୍ନଗାମୀ ହେଉଛନ୍ତି। ବୁଦ୍ଧିମାନ ବ୍ୟକ୍ତି ପୂର୍ବବର୍ତ୍ତୀମାନଙ୍କର ଭଲଗୁଣର ପ୍ରଶଂସା କରି ଲୋକଚକ୍ଷୁରେ ଶ୍ରଦ୍ଧାଭାଜନ ହୋଇଉଠନ୍ତି। ଖୋଲାଖୋଲି ଭାବରେ ବିପକ୍ଷ ନେତାଙ୍କର ନିନ୍ଦାବାଦ କରୁଥିବା ବ୍ୟକ୍ତିଙ୍କୁ ସତ୍‌ଭାବାପନ୍ନ ଲୋକମାନେ ପସନ୍ଦ କରନ୍ତି ନାହିଁ। ତେଣୁ ଏ ଧରଣର ମନୋବୃତ୍ତିକୁ ରାଜନୈତିକ ଅପରିପକ୍ୱତା କୁହାଯାଇପାରେ।

ବିପକ୍ଷର ସମାଲୋଚନା କିପରି କରିବା ଉଚିତ ତା'ର ମଧ୍ୟ ସୁସ୍ପଷ୍ଟ ଇଙ୍ଗିତ ରହିଛି ଶ୍ରୀଶ୍ରୀଠାକୁରଙ୍କର ଉପରୋକ୍ତ ପ୍ରଶ୍ନୋତ୍ତରରେ। ସମାଲୋଚନା ଏପରି ହେବା ଉଚିତ ଯାହାଦ୍ୱାରା ଜନସାଧାରଣଙ୍କର ମଙ୍ଗଳ ହୁଏ। ସେମାନେ ଯେପରି ପ୍ରକୃତ ସତ୍ୟ ଜାଣିପାରନ୍ତି ଏବଂ ପରସ୍ପର ମଧ୍ୟରେ ଶତ୍ରୁତା ସୃଷ୍ଟି ନ ହୁଏ। ଆମ ଦେଶରେ ନେତୃସ୍ଥାନୀୟ ବ୍ୟକ୍ତିମାନେ ପରସ୍ପରର ନିନ୍ଦାବାଦରେ ମତ୍ତ ରହିବା ହେତୁ ସେମାନଙ୍କର ବ୍ୟକ୍ତିଗତ ଚରିତ୍ର କଳୁଷିତ ହେବା ସଙ୍ଗେ ସଙ୍ଗେ ତା'ର ପ୍ରଭାବରେ ସାଧାରଣ ଜନତାଙ୍କ ଚରିତ୍ର ମଧ୍ୟ ରସାତଳଗାମୀ ହୋଇ ଚାଲିଛି। ସମାଜରେ ମଣିଷ ମଣିଷ ମଧ୍ୟରେ ଘୃଣା, ବିଦ୍ୱେଷ, ବୈରୀଭାବ ଏବଂ ରକ୍ତପାତ ବୃଦ୍ଧିପାଉଛି। ଶ୍ରୀଶ୍ରୀଠାକୁର ତାଙ୍କର ଚଲାର ସାଥୀ ଗ୍ରନ୍ଥର ୮୪ ନମ୍ବର ବାଣୀରେ ସାବଧାନ କରି ଦେଇଛନ୍ତି- ତେଣୁ ଯିଏ ବା ଯେଉଁମାନେ ପୂର୍ବତନଙ୍କ ପ୍ରତି ଅଶ୍ରଦ୍ଧା ଏବଂ ଅକୃତଜ୍ଞତା ହେତୁ ବିଚ୍ଛିନ୍ନ ହୋଇ ଆତ୍ମପ୍ରତିଷ୍ଠାରେ ଯତ୍ନବାନ ସେମାନେ ପରବର୍ତ୍ତୀ ଅନୁସରଣକାରୀଙ୍କ ଭିତରେ ସେହି ଅକୃତଜ୍ଞତା ଓ ବିଚ୍ଛିନ୍ନ ଭାବକୁ ସଞ୍ଚାରିତ କରି ଜାତି ଓ କୃଷ୍ଟିକୁ ଛିନ୍ନଭିନ୍ନ କରିଦେବେ, ସନ୍ଦେହ ନାହିଁ। ତେଣୁ କହୁଛି, ସାବଧାନ ହେବାକୁ ଦ୍ୱିଧା କର ନାହିଁ।

ଅତୀତର ମୂଳଦୁଆ ଉପରେ ହିଁ ବର୍ତ୍ତମାନ ଗଢ଼ିଉଠେ ଏବଂ ଭବିଷ୍ୟତର ସମ୍ଭାବନା ସୃଷ୍ଟି ହୁଏ। ୧୯୪୭ ମସିହାରେ ସ୍ୱାଧୀନତା ଲାଭ ପରଠାରୁ ଦେଶ କ୍ରମେ ପ୍ରଗତିପଥରେ ଅଗ୍ରସର ହୋଇଆସିଛି, କେତେବେଳେ ଦ୍ରୁତ ତ କେତେବେଳେ ମନ୍ଥର ଗତିରେ। ଏକାଥରକେ ରାତାରାତି କିଛି ହୋଇଯାଇ ନାହିଁ। ଇତିମଧ୍ୟରେ ଆମେ ୧୫ ଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିଛୁ। ଦେଶର ପ୍ରଗତିରେ ପ୍ରତ୍ୟେକଙ୍କର କିଛି ନା କିଛି ଅବଦାନ ରହିଛି। ପଣ୍ଡିତ ନେହେରୁଙ୍କ ସମୟରେ ପ୍ରଥମେ ରାଉରକେଲା, ଭିଲାଇ ଏବଂ ଦୁର୍ଗାପୁରରେ ତିନୋଟି ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ଏବଂ ଭାକ୍ରାନଙ୍ଗଲ ତଥା ହିରାକୁଦ ଭଳି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକ ସ୍ଥାପିତ ହୋଇ ଦେଶର ଶିଳ୍ପାୟନର ମୂଳଦୁଆ ପଡିଥିଲା। ୧୯୬୦ ଦଶକର ହା-ଅନ୍ନ ଭାରତବର୍ଷକୁ ଆତ୍ମନିର୍ଭରଶୀଳତା ଏବଂ ଆତ୍ମସମ୍ମାନର ମନ୍ତ୍ର ଶୁଣାଇଲେ ଶାସ୍ତ୍ରୀଜୀ ତାଙ୍କର ଜୟ ଯବାନ, ଜୟ କିଷାନ ଆହ୍ୱାନ ମାଧ୍ୟମରେ ଏବଂ ସେହି ପ୍ରଚେଷ୍ଟାରେ ଦେଶ ଆଜି ଖାଦ୍ୟ ଏବଂ ନିରାପତ୍ତା କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିଛି। ୧୯୬୫ ମସିହାରେ ଆମେରିକା ସମର୍ଥନରେ ଭାରତ ଉପରେ ପାକିସ୍ତାନର ନଗ୍ନ ଆକ୍ରମଣକୁ ସେ ସଫଳତାର ସହିତ ପ୍ରତିହତ କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ୧୯୭୧ ମସିହାରେ ପାକିସ୍ତାନ ସହିତ ଯୁଦ୍ଧରେ ଭାରତ ସମ୍ପୂର୍ଣ୍ଣ ବିଜୟପ୍ରାପ୍ତ ହେଲା, ସ୍ୱାଧୀନ ବାଂଲାଦେଶର ସୃଷ୍ଟିହେଲା, ପୋଖରାନରେ ପ୍ରଥମ ଆଣବିକ ବୋମା ପରୀକ୍ଷା ହେଲା, ବ୍ୟାଙ୍କ ଜାତୀୟକରଣ ହେଲା, ସିକିମ ରାଜ୍ୟ ଭାରତ ସହିତ ମିଶିଲା ଏବଂ ୧୯୭୪ ମସିହାରେ ଶେଖ୍ ଅବଦୁଲାଙ୍କ ସହିତ ଚୁକ୍ତି ବଳରେ କଶ୍ମୀର ରାଜ୍ୟର ଭାରତୀୟ ରାଷ୍ଟ୍ରସଂଘରେ ମିଶ୍ରଣକୁ ଚୂଡାନ୍ତ କରାଯାଇ ତାହାକୁ ଜାତିସଂଘ ନିରାପତ୍ତା ପରିଷଦର ଏଜେଣ୍ଡାରେ ସ୍ଥାନିତ କରାଗଲା। ଏହି ସମସ୍ତ ପଦକ୍ଷେପ ଦେଶର ଶକ୍ତିବୃଦ୍ଧି କ୍ଷେତ୍ରରେ ଗୋଟିଏ ଗୋଟିଏ ପାହାଚ କୁହାଯାଇପାରେ। ପ୍ରଧାନମନ୍ତ୍ରୀ ନରସିଂହ ରାଓ ଏବଂ ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଉଦ୍ୟମରେ ଜାତୀୟ ଅର୍ଥନୀତିର ଉଦାରୀକରଣ ହେତୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେଲା। ଅଟଳବିହାରୀ ବାଜପେୟୀଙ୍କ ଅମଳରେ ପୋଖରାନ ଭୂଗର୍ଭରେ ଚାରିଟି ପରମାଣୁ ବୋମାର ସଫଳ ପରୀକ୍ଷଣ, ଐତିହାସିକ କାରଗିଲ ଯୁଦ୍ଧରେ ସଫଳତା, ଦେଶର ଦ୍ରୁତ ଅଭିବୃଦ୍ଧି ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଇତ୍ୟାଦି ଦେଶକୁ ଉନ୍ନତି ମାର୍ଗରେ ଆଗେଇ ନେଇଛି।

ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷକୁ ପୃଥିବୀର ଏକ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବା ପାଇଁ ସର୍ବାଙ୍ଗୀଣ ପ୍ରଚେଷ୍ଟା ଜାରି ରଖିଛନ୍ତି। ଚଳିତ ଅଗଷ୍ଟ ୫ ତାରିଖରେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରି ସେ ସମ୍ବିଧାନର ୩୭୦ ଧାରାର ଉଚ୍ଛେଦ କରିବା ଦ୍ୱାରା କଶ୍ମୀର ସମ୍ବନ୍ଧରେ ଏକ ଐତିହାସିକ ଭୁଲର ସଂଶୋଧନ କରିପାରିଛନ୍ତି। ଏଥିପାଇଁ ଦେଶ ତାଙ୍କୁ ଚିରଦିନ ମନେରଖିବ। ଭାରତ ଭଳି ଗୋଟିଏ ବିରାଟ ସମସ୍ୟାବହୁଳ ରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ ତୁଲାଇବା ସହଜ କଥା ନୁହେଁ। ତା' ଛଡା ମଣିଷ ହିସାବରେ ସମସ୍ତଙ୍କର କିଛି ନା କିଛି ଦୋଷ ତ୍ରୁଟି ରହିଛି। ସେ ଦୃଷ୍ଟିରୁ ପୂର୍ବତନମାନଙ୍କର ଦୋଷତ୍ରୁଟିର ସମାଲୋଚନା କରିବାର ଗଣତାନ୍ତ୍ରିକ ଅଧିକାର ଆମର ଯେପରି ଅଛି ଠିକ୍ ସେହିପରି ଦେଶର ପ୍ରଗତି ପଥରେ ସେମାନଙ୍କର ମୂଲ୍ୟବାନ ଅବଦାନକୁ ସ୍ୱୀକାର କରିବାର ନୈତିକ ଦାୟିତ୍ୱ ମଧ୍ୟ ଆମର ଅଛି। ତା' ନ ହେଲେ ଅକୃତଜ୍ଞତା ରୂପକ ପାପ ଆମ ଚରିତ୍ରକୁ କଳୁଷିତ କରିବ ଏବଂ ଈଶ୍ୱରଙ୍କ ଦରବାରରେ ଆମେ ଦ୍ରୋହୀ ହୋଇଯିବା। ତେଣୁ ସମୟ ଆସିଛି ଆମର ନେତୃବର୍ଗ ପୂର୍ବତନମାନଙ୍କ ପ୍ରତି ଏବଂ ପରସ୍ପର ପ୍ରତି ଅଶ୍ରଦ୍ଧା, ଅସମ୍ମାନ ଏବଂ ଅକୃତଜ୍ଞତାର ପରମ୍ପରା ତ୍ୟାଗ କରି ପରସ୍ପରର ଭଲ ଗୁଣଗଡ଼ିକୁ ଦେଖିବାକୁ ଚେଷ୍ଟା କରନ୍ତୁ ଏବଂ ସର୍ବସାଧାରଣରେ ତାହା ବ୍ୟକ୍ତ କରନ୍ତୁ। ତା' ହେଲେ ସେମାନଙ୍କ ମଧ୍ୟରେ ସୌଜନ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟିହେବା ସଙ୍ଗେ ସଙ୍ଗେ ଦେଶର ଲୋକଚରିତ୍ର ମଧ୍ୟ ଅନେକାଂଶରେ କଳୁଷମୁକ୍ତ ହୋଇପାରିବ, ଯାହା କି ଉତ୍ତରସୂରିଙ୍କ ପାଇଁ ଅନୁସରଣୀୟ ହୋଇପାରିବ।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪

# ଗ୍ରନ୍ଥାଗାର : ଜ୍ଞାନର ଗନ୍ତାଘର

ପ୍ରୀତିମୟ ସାହୁ

ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ଶିୟାଲୀ ରାମାମୃତ ରଙ୍ଗନାଥନ୍‌ଙ୍କ ଅବଦାନ ବିଶ୍ୱବ୍ୟାପୀ ଅତୁଳନୀୟ। ଭାରତୀୟ ଗ୍ରନ୍ଥାଗାର, ଗ୍ରନ୍ଥାଗାର ବିଜ୍ଞାନ, ଗ୍ରନ୍ଥାଗାରିକ ସଂପ୍ରଦାୟ ପାଇଁ ଜୀବନବ୍ୟାପୀ ସାଧନା ହେତୁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଗ୍ରନ୍ଥାଗାରର ଜନକ ଭାବେ ଜଣାଶୁଣା ରଙ୍ଗନାଥନ୍ ତାମିଲନାଡୁର ଛୋଟିଆ ସହର ଶିୟାଲୀରେ ୧୨ ଅଗଷ୍ଟ ୧୮୯୨ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମଦିବସକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ରୂପେ ପାଳନ କରାଯାଉଛି। ଗଣିତଜ୍ଞ ଭାବେ ତାଙ୍କ ଚାକିରି ଜୀବନ ଆରମ୍ଭ ହୋଇଥିଲା। ପରେ ବିଶ୍ୱବିଦ୍ୟାଳୟରେ ଲାଇବ୍ରେରିଆନ୍ ଭାବେ ଯୋଗ ଦେଇଥିଲେ। ଏହି ବିଷୟରେ ଅଧିକ ଗବେଷଣା ପାଇଁ ସେ ଲଣ୍ଡନ ଗସ୍ତ କରିଥିଲେ। ସେଠାରୁ ଫେରି ଭାରତରେ ପାଠାଗାରକୁ ଆଧୁନିକୀକରଣ କରିବା ସହ ଲୋକାଭିମୁଖୀ କରିବା ଦିଗରେ ଚେଷ୍ଟା କରିଥିଲେ।

ବର୍ତ୍ତମାନ ଲାଇବ୍ରେରି କହିଲେ ଯେତେ ଲୋକ ବୁଝିବେ, ପାଠାଗାର କହିଲେ ସେତେ ଲୋକ ବୁଝିବେ ନାହିଁ। ଅଭିଧାନ ଦେଖିଲେ ଗ୍ରନ୍ଥକୁଟ, ଗ୍ରନ୍ଥାଳୟ, ଗ୍ରନ୍ଥକୁଟୀ, ଗ୍ରନ୍ଥାଗାର, ପୁସ୍ତକାଗାର ଇତ୍ୟାଦି ପାଠାଗାରର ପ୍ରତିଶବ୍ଦ। ପାଠାଗାରକୁ ଜ୍ଞାନର ଗନ୍ତାଘର ବୋଲି କୁହାଯାଏ। କେବଳ ଜ୍ଞାନ ନୁହେଁ, ଏହା ଖବର ଏବଂ ମନୋରଞ୍ଜନର ଭଣ୍ଡାର କହିଲେ ଅତ୍ୟୁକ୍ତି ହେବ ନାହିଁ। ବ୍ୟକ୍ତିର ପଠନ ଅଭ୍ୟାସକୁ ବଳବତ୍ତର କରିବା ପାଇଁ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଠାଗାର ହେଉଛି ଶିକ୍ଷାର ପୀଠସ୍ଥଳୀ, ଜ୍ଞାନର ଭଣ୍ଡାର। ଏହା ମାଧ୍ୟମରେ ସଭ୍ୟତାର କ୍ରମବିକାଶର ସ୍ୱରୂପ ପ୍ରକଟିତ। ଏହା ଅନସ୍ୱୀକାର୍ଯ୍ୟ ଯେ, ଏକ ସମୁନ୍ନତ ସମାଜରେ ବାସ କରୁଥିବା ଜନସାଧାରଣଙ୍କ ପାଇଁ ଏକ ଉତ୍ତମ ପାଠାଗାରର ଉପାଦେୟତା ଅଛି। ନିଜସ୍ୱ ଜ୍ଞାନ, ବୁଦ୍ଧି, ଅବିରତ ଶିକ୍ଷାର ପ୍ରଚେଷ୍ଟା ଏବଂ ସମାଜରେ ସୁଯୋଗ ତଥା ସହଯୋଗର ମନୋବୃତ୍ତି ବଢାଇବାରେ ଏହା ସହାୟକ ହୋଇଥାଏ।

ଆଜିର ଏହି ଇଣ୍ଟରନେଟ୍ ସୋସିଆଲ ମିଡିଆ ଏବଂ ମୋବାଇଲ ଆପ୍‌ସ ଯୁଗରେ ଇ-ବୁକ୍, ଇ-ଜର୍ନାଲ ପାଠାଗାର ବିକଳ୍ପ ଭାବେ ଉଭା ହେଲାଣି। ଗୋଟିଏ ବଟନ୍ ଚିପିବା ମାତ୍ରେ ସମସ୍ତ ତଥ୍ୟ ସହଜରେ ଉପଲବ୍ଧ ହୋଇପାରୁଛି। ଫଳସ୍ୱରୂପ ଯୁବପିଢ଼ି ପାଠାଗାରଠୁ ଦୂରେଇ ଯାଉଛନ୍ତି। ତେବେ

### ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ



ଇ-ବୁକ୍ ଯେ ପାଠକର ସମ୍ପୂର୍ଣ୍ଣ ଆବଶ୍ୟକତାକୁ ଅଚିରେ ପୂରଣ କରିପାରିବ, ଏହା ଅସମ୍ଭବ। କାରଣ ଇଣ୍ଟରନେଟ୍‌ରୁ ମିଳୁଥିବା ତଥ୍ୟ ସମ୍ବନ୍ଧରେ ଅନେକ ଜ୍ଞାନ ବହୁ ଲୋକଙ୍କ ପାଖରେ ନ ଥାଏ। ଗ୍ରନ୍ଥାଗାରରୁ କୌଣସି ପ୍ରବନ୍ଧ ଖୋଜିବା ପାଇଁ ଚେଷ୍ଟା କରାଗଲେ ଏହା ସଙ୍ଗେ ସଙ୍ଗେ ମିଳିପାରିଥାଏ। ମାତ୍ର ଇଣ୍ଟରନେଟ୍‌ରେ କେଉଁ ସର୍ଚ୍ଚ ସାଇଟ୍‌ରେ ଏହି ସମ୍ବନ୍ଧୀୟ ଠିକ୍ ପ୍ରବନ୍ଧ ଅଛିନ୍, ତାହା ଖୋଜିପାରିବା କଷ୍ଟକର। ଏଥିସହିତ ଏଥିରେ ତଥ୍ୟ ସବୁ ସମୟରେ ଅପ୍‌ଟୁଡେଟ୍ ହୋଇ ନ ଥାଏ। ମାତ୍ର ଗ୍ରନ୍ଥାଗାରରେ ତାରିଖ, ମାସ, ବର୍ଷ ଆକାରରେ ଏହି ପ୍ରବନ୍ଧ ସବୁ ସଂରକ୍ଷିତ ହୋଇ ରହିଥାଏ। ଏପରି କି ପୁସ୍ତକ ନେବା ଆଣିବାରେ ସହଜ ହେବା ସହ ସବୁ ସମୟରେ ତାରିଖ, ମାସ ଓ ବର୍ଷ ଆକାରରେ ଏହି ପ୍ରବନ୍ଧ ସବୁ ସାଇତା ହୋଇ ରହିଥାଏ। ଇ-ବୁକ୍‌ରେ ଏହା ସମ୍ଭବ ହୋଇପାରିନଥାଏ, ଏଥିସହିତ ଏହା ମଧ୍ୟ ଅଧିକ ବ୍ୟବସାୟସାପେକ୍ଷ। ଛାପା ବହିର ଇତିହାସ ହଜାର ହଜାର ବର୍ଷ ପୁରୁଣା, ମାତ୍ର ଇଣ୍ଟରନେଟ୍ ମାଧ୍ୟମରେ ସବୁ ପୁରୁଣା ବହି, ତଥ୍ୟ ସଂରକ୍ଷଣ କରାଯାଇଛି କି ନାହିଁ ତାହା ସନ୍ଦେହ ଘେରରେ।

ଶେଷରେ କୁହାଯାଇପାରେ, ଭାଷାର ସମୃଦ୍ଧି ସାଧନରେ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ ପାଠାଗାର ପ୍ରତିଷ୍ଠା କରି ପାଠକ ସୃଷ୍ଟି ନ କଲେ, ପାଠାଗାର ପ୍ରତିଷ୍ଠାର ମୂଳଲକ୍ଷ୍ୟ ଅପୂରଣୀୟ ହୋଇରହିଯିବ। ଶିୟାଲୀ ରାମାମୃତ ରଙ୍ଗନାଥନ୍ ଗ୍ରନ୍ଥାଗାରକୁ ପାରମ୍ପରିକ ରକ୍ଷଣଶୀଳତାରୁ ମୁକ୍ତ କରି ଆଧୁନିକତାର ସ୍ପର୍ଶ ଦେବା ପାଇଁ ଚେଷ୍ଟା ଚଳାଇଥିଲେ। ଫଳସ୍ୱରୂପ ଆଜିର ଗ୍ରନ୍ଥାଗାର ଯୁଗ ସହିତ ତାଳ ଦେଇ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଡିଜିଟାଲ ଲାଇବ୍ରେରିରେ ରୂପାନ୍ତରିତ ହୋଇଛି। ଏବେ ବହୁ ସଂସ୍ଥା ନିଜ ସେବାକୁ ଲୋକାଭିମୁଖୀ କରିବାକୁ ସୋସିଆଲ୍ ମିଡିଆ ଉପଯୋଗ କରୁଛନ୍ତି। ଯଦି ସୋସିଆଲ୍ ମିଡିଆକୁ ଡିଜିଟାଲ ଲାଇବ୍ରେରି ସହିତ ଯୋଡ଼ି ଦିଆଯାଏ, ତା'ହେଲେ ବହୁ ପାଠକ ଉପକୃତ ହୋଇପାରିବେ। ଗ୍ରନ୍ଥାଗାରିକମାନେ ଦକ୍ଷତାର ସହିତ ଠିକ୍ ତଥ୍ୟ ଠିକ୍ ସମୟରେ ବ୍ୟବହାର କରି ପାଖରେ ପହଞ୍ଚାଇପାରିଲେ ସେବା ସାର୍ଥକ ହେବ। ଶିୟାଲୀ ରାମାମୃତ ରଙ୍ଗନାଥନ୍ ପୁସ୍ତକ ପଠନ ପାଇଁ ଭାରତରେ ଏକ ଆନ୍ଦୋଳନ ସୃଷ୍ଟି ଲାଗି ପ୍ରୟାସ କରିଥିଲେ।

## ଏଇ ଭାରତରେ

ବିହାରର ମୁଜଫରପୁର ଅଞ୍ଚଳରେ ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍‌ଭାବନାର ପରିଚୟ ଦେଇଛନ୍ତି ସେଠାରେ ବାସ କରୁଥିବା ମୁସଲମାନ୍‌ମାନେ। ଶ୍ରାବଣ ମାସ ଶେଷ ସୋମବାରରେ ବକ୍ରିଦ୍‌ର ପ୍ରଥମ ଦିନ ପଡୁଥିବାରୁ ଏହିଦିନ କୁର୍ବାନି କରାଯିବନାହିଁ ବୋଲି ବାବା ଗରିବନାଥ ମନ୍ଦିର ଆଖପାଖରେ ରହୁଥିବା ୩୦-୪୦ଟି ମୁସଲମାନ ପରିବାର ନିଷ୍ପତ୍ତି ନେଇ ଦେଶକୁ ଏକ ନୂଆ ବାର୍ତ୍ତା ଦେଇଛନ୍ତି। ଶ୍ରାବଣ ମାସର ଶେଷ ସୋମବାରରେ ବାବା ଗରିବନାଥ ମନ୍ଦିରରେ ଭଗବାନ ଶିବଙ୍କୁ ଜଳଲାଗି କରିବା ପାଇଁ ଲକ୍ଷାଧିକ କାଉଡିଆଙ୍କ ସମାଗମ ହୁଏ। ଶାନ୍ତିର ସହ କିଭଳି ଜଳାଭିଷେକ ଓ ମେଳା ସମାପନ ହେବ ସେଥିପାଇଁ ମୁସଲମାନମାନଙ୍କ ସହଯୋଗ ଏକ ଉଦାହରଣ ବୋଲି କୁହାଯାଇପାରେ। ସୋମବାର ବକ୍ରିଦ୍‌ର ପ୍ରଥମଦିନ ହେଲେ ବି ମୁସଲମାନ ପରିବାରରେ କୁର୍ବାନି କରାଯିବନାହିଁ ବୋଲି ଛାତା ବଜାର ମସ୍‌ଜିଦ କମିଟିର ସମ୍ପାଦକ କହିଛନ୍ତି। ମନ୍ଦିର ସମ୍ମୁଖରେ ଥିବା ଛାତା ବଜାର ମସଜିଦରେ ମୌଲାନା ଶହିଦୁଜମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଘୋଷଣା କରାଯାଇଛି। ବୈଠକରେ ମସଜିଦ କମିଟିର ସଦସ୍ୟଙ୍କ ସହ ଗରିବନାଥ ମନ୍ଦିର ପକ୍ଷରୁ କେତେକ ବ୍ୟକ୍ତି ଉପସ୍ଥିତ ରହିଥିଲେ। ତିନିଦିନ ବକ୍ରିଦ୍ ପାଳନ କରାଯାଉବାରୁ ପ୍ରଥମ ଦିନ ବ୍ୟତୀତ ଆଉ ଦୁଇଦିନ କୁର୍ବାନି କରାଯାଇପାରିବ ବୋଲି କୁହାଯାଇଛି।

### ୨୫ ବର୍ଷ ତଳର ଧରିତ୍ରୀ

୧୨ ଅଗଷ୍ଟ ୧୯୯୪

- ଦକ୍ଷିଣ ଆଫ୍ରିକାର ଭାରତୀୟ ବଂଶୋଦ୍ଭବ ନେତା ଫତିମା ମୀର୍ ଚଳିତବର୍ଷର ସମ୍ମାନଜନକ ବିଶ୍ୱ-ଗୁରଜାରୀ ପୁରସ୍କାର ପାଇଁ ମନୋନୀତ।
- ରୁଷିଆରେ ଦୁଇଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣାରେ ୨୧ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୪- ଚାନ୍ଦିପୁରସ୍ଥିତ ଆଇଟିଆର୍‌ରୁ କ୍ଷେପଣାସ୍ତ୍ରଭେଦୀ କ୍ଷେପଣାସ୍ତ୍ର କ୍ୟୁଆର୍‌ଏସ୍‌ଏମ୍‌ର ସଫଳ ପରୀକ୍ଷଣ।

୫- ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ୩୭୦ ଧାରା ଓ ୩୫(ଏ) ଉଚ୍ଛେଦ ହେବା ସହ ଲଦାଖକୁ ଅଲଗା କରି କେନ୍ଦ୍ରଶାସିତ ଅଞ୍ଚଳ କରିବା ଓ ଜମ୍ମୁ-କଶ୍ମୀରକୁ ଏକ ଅଲଗା କେନ୍ଦ୍ରଶାସିତ ଅଞ୍ଚଳ କରିବା ଲାଗି ପ୍ରସ୍ତାବ ଗୃହୀତ।

୬- ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ପରଲୋକ।

* ୩୭୦ ଧାରା ଉଚ୍ଛେଦ ସଂକଳ୍ପନାମା ଓ ଜମ୍ମୁ-କଶ୍ମୀରପୁନର୍ଗଠନବିଲ୍‌ପାର୍ଲାମେଣ୍ଟରେଗୃହୀତ।

୭- ୩୭୦ ଧାରା ଉଚ୍ଛେଦକୁ ବିରୋଧ କରି ଭାରତ ସହ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କଲା ପାକିସ୍ତାନ।

୮- ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱର୍ଗତ ଭାରତୀୟ ଜନସଂଘ ନେତା ନାନାଜୀ ଦେଶମୁଖ ଓ ସ୍ୱର୍ଗତ ଗାୟକ ଭୂପେନ ହଜାରିକାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଛି।

୯- ୩୭୦ ଧାରା ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦରେ ଜାତିସଂଘ ମୁଣ୍ଡ ଖେଳାଇବ ନାହିଁ ବୋଲି ମନା କରିଦେଇଥିବା ବେଳେ ଆମେରିକା ଓ ଚାଇନା ମଧ୍ୟ ତୁମ କଥା ତୁମେ ବୁଝ ବୋଲି ସ୍ପଷ୍ଟ କରିଦେଇଛନ୍ତି।

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | 1 | B | E | | | | | | | | 6 | |
| 9 | | | | | 3 | | E | 0 | | D | 6 | | C | 8 |
| | | | | | C | 1 | | 8 | | | | B | 4 | E |
| 2 | | | | 9 | | 3 | | | | | | 5 | | 0 |
| | | 6 | | | | | | | | | B | | 1 | |
| C | | A | | | | B | | | | 8 | 4 | 7 | | |
| | | | | 6 | | | | | | | 3 | | B | |
| | | | | 5 | | | | 4 | 0 | | | | 8 | |
| D | 8 | | | | | 2 | A | E | 7 | | C | 1 | | |
| | 9 | | | 0 | | 5 | | | | 1 | 2 | C | | 6 |
| 6 | | | | | | | | 1 | 5 | A | 0 | 2 | E | D |
| | 0 | | | | 9 | | 3 | 7 | | | | | | B |
| | 7 | | | | | | | | | B | | | | |
| E | 3 | | 0 | | | 4 | 9 | | | | 7 | | 5 | |
| 4 | | | D | | | | | | 6 | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 0 | C | 4 | A | 5 | 3 | 6 | D | 9 | 1 | 8 | B | E |
| A | 6 | 1 | 7 | E | 3 | 9 | B | 8 | C | 0 | 5 | 2 | 4 | D |
| 4 | 8 | C | D | 2 | 5 | E | A | 7 | 3 | 6 | B | 0 | 1 | 9 |
| B | 5 | 3 | 1 | 9 | 8 | 0 | 4 | D | 2 | 7 | E | 6 | A | C |
| D | E | 9 | 0 | B | 6 | 1 | C | 2 | A | 8 | 4 | 7 | 3 | 5 |
| C | B | 8 | 6 | 0 | 7 | 3 | D | 5 | 9 | 4 | A | E | 2 | 1 |
| 6 | A | 5 | 2 | 8 | D | 4 | 9 | 0 | E | 1 | 3 | C | 7 | B |
| 9 | 2 | E | 4 | 1 | C | 8 | 7 | A | 5 | B | 0 | D | 6 | 3 |
| 3 | 4 | D | 9 | A | E | 2 | 1 | B | 6 | C | 7 | 5 | 0 | 8 |
| 0 | 1 | 7 | 3 | 5 | B | C | 6 | E | 8 | D | 2 | 4 | 9 | A |
| 5 | 9 | A | 8 | D | 0 | 7 | 2 | 1 | B | E | 6 | 3 | C | 4 |
| 7 | 3 | 6 | A | C | 1 | D | 5 | 9 | 4 | 2 | 8 | B | E | 0 |
| 8 | D | 2 | E | 6 | 9 | B | 0 | 4 | 1 | 3 | C | A | 5 | 7 |
| E | C | B | 5 | 7 | 4 | 6 | 8 | 3 | 0 | A | 9 | 1 | D | 2 |
| 1 | 0 | 4 | B | 3 | 2 | A | E | C | 7 | 5 | D | 9 | 8 | 6 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ରାସ୍ତା ଆଲୋକୀକରଣ ହେଉ

ମହାଶୟ,

ପାଞ୍ଚ ନମ୍ବର ଜାତୀୟ ରାଜପଥରୁ ଏକ ଲମ୍ବା ରାସ୍ତା ମହୁରା ଏବଂ ନଅଁପୁଟ ଦେଇ ରେତଙ୍ଗ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ଯାଇଛି। ରାସ୍ତାର ଅବସ୍ଥା ନ କହିବା ଭଲ। ଏ ରାସ୍ତାର ଉଭୟ ପାର୍ଶ୍ୱରେ ସି.ଭି. ରମଣ ଇଞ୍ଜିନିୟରିଂ କଲେଜ, ଜାଭିୟର୍ସ ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର ଆଇଟିଆର ଏବଂ ଆହୁରି ଅନେକ ସ୍କୁଲ କଲେଜ ରହିଛି। ଏ ରାସ୍ତାରେ ଅନେକ ବସ୍, ଟ୍ରକ୍, କାର ଏବଂ ବାଇକ୍ ଅହରହ ଚାଲିଥାଏ। କିନ୍ତୁ ରାସ୍ତାର ଅନେକ ଜାଗାରେ ଖାଲ। ରାସ୍ତାକଡ଼ର ଅନାବନା ଗଛଗୁଡିକ ରାସ୍ତା ଉପରକୁ ମାଡ଼ିଆସିଲାଣି। ସନ୍ଧ୍ୟା ହେଲେ ଲମ୍ବଜନ୍ତୁ ରାସ୍ତାର ଉଭୟ ପାର୍ଶ୍ୱକୁ ଆତଯାତ କରୁଛନ୍ତି। ରାସ୍ତାରେ ଆଲୋକର ବ୍ୟବସ୍ଥା ନାହିଁ। କର୍ତ୍ତୃପକ୍ଷଙ୍କୁ ଅନୁରୋଧ, ଏ ରାସ୍ତାର ମରାମତି ସହ ଆଲୋକୀକରଣ କଲେ ଲୋକେ ସ୍ୱଚ୍ଛନ୍ଦରେ ଆତଯାତ କରିପାରନ୍ତେ।

ବାସନ୍ତୀ ପଟ୍ଟନାୟକ, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଭୁବନେଶ୍ୱର

### ସୁଜାନଗରପାଟଣାକୁ ରାଜସ୍ୱ ଗ୍ରାମ କରାଯାଉ

ଧରିତ୍ରୀ(୧୬।୭)ରୁ ଓଡିଶାର ୪୧୧୬ ପଡା ଗ୍ରାମ ରାଜସ୍ୱ ଗ୍ରାମରେ ପରିଣତ ହେବ ବୋଲି ଜାଣିବାକୁ ପାଇଲି। ଆମ ଗ୍ରାମ ସୁଜାନଗରପାଟଣାଟି ଗୋଟିଏ ବଡ ପଡା ଗ୍ରାମ। ଏହାର ଲୋକସଂଖ୍ୟା ପ୍ରାୟ ଏକ ହଜାରରୁ ଅଧିକ। ଏହା ପ୍ରାଚୀ ନଦୀ କୂଳରେ ଅବସ୍ଥିତ ଓ ଅତୀତରେ ସାଧବ ପୁଅମାନେ ଏଠାରେ ବସବାସ କରୁଥିଲେ ବୋଲି ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ ଅଛି। ଏହି ଗ୍ରାମର ପ୍ରାୟ ସମସ୍ତ ପରିବାର ଚାଷୀ ଓ କୃଷିଭିତ୍ତିକ ଛୋଟ ବ୍ୟବସାୟୀ, ଉକ୍ତ ଗ୍ରାମରେ ବର୍ତ୍ତମାନ ପ୍ରାୟ ସାତ ଏକରରୁ ଅଧିକ ସରକାରୀ ଜମି ଅଛି। ସରକାରୀ ମାଛଗାଡିଆ, ଶ୍ମଶାନ, ପ୍ରାଥମିକ ବିଦ୍ୟାଳୟ, ଅର୍ଦ୍ଧନିର୍ମିତ ଅଙ୍ଗନବାଡି କେନ୍ଦ୍ର, ଆଖଣ୍ଡଳମଣି ମନ୍ଦିର, ଅନ୍ତର୍ବେଦୀ ମଠ ପ୍ରଭୃତି ଏ ଗ୍ରାମରେ ବିରାଜମାନ। ଏଣୁ ଏହି ଗ୍ରାମକୁ ଗୋଟିଏ ରାଜସ୍ୱ ଗ୍ରାମ କରିବାକୁ ସରକାରଙ୍କୁ ଅନୁରୋଧ।

ସୁରେନ୍ଦ୍ର କୁମାର ନାୟକ, ସୁଜାନଗରପାଟଣା, କଣ୍ଟାପଡ଼ା, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସୋମବାର(୧୨ ଅଗଷ୍ଟ) ପାଳିତ ହେବ ଇଦ୍-ଉଲ୍-ଜୁହା ବା ବକ୍ରିଦ୍। ମୁସଲମାନ ସମ୍ପ୍ରଦାୟର ଏହା ଏକ ପ୍ରମୁଖ ଉତ୍ସବ। ଆଲ୍ଲାଙ୍କୁ ଖୁସି କରିବା ପାଇଁ ବକ୍ରା(ଛେଳି)କୁ କୁରବାନି ଦିଆଯାଏ। ବିଶ୍ୱାସ ଓ ପରମ୍ପରାର ଏହି ପର୍ବ ପାଳନ ଅବସରରେ ମୁସଲମାନ ପରିବାରର ଘରେ ଘରେ ସ୍ୱତନ୍ତ୍ର ଖାଦ୍ୟ ତିଆରି ହୋଇଥାଏ। ଏହାଛଡ଼ା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ କେତେକ ଖାସ୍ ଡିଶ୍ ପ୍ରସ୍ତୁତ ହୋଇଥାଏ।

# ଜମିବ ଖାଦ୍ୟର ଆସର

## ବିରିୟାନି ସାଙ୍ଗକୁ ଲଚ୍ଛା, ଫାଲୁଦା, ମୋରବା, ଜର୍ଦ୍ଦା

**ମୁସଲମାନ ସମ୍ପ୍ରଦାୟର ପ୍ରମୁଖ ଦୁଇ ପର୍ବ ହେଉଛି ଇଦ୍-ଉଲ-ଫିତର ଓ ଇଦ୍-ଉଲ-ଜୁହା। ସୋମବାର ହେଉଛି ଇଦ-ଉଲ-ଜୁହା। ପବିତ୍ର ରମଜାନ ମାସର ଶେଷ ଦିନ ପରେ ଇଦ୍-ଉଲ-ଫିତର ପାଳନ କରାଯାଉଥିବା ବେଳେ ଏହାର ପ୍ରାୟ ଦୁଇ ମାସ ପରେ ଇଦ୍-ଉଲ-ଜୁହା ପର୍ବ ଆସେ। ଏହି ଦୁଇଟି ଯାକ ପର୍ବରେ ମୁସଲମାନ ଭାଇଭଉଣୀମାନେ ନୂଆ ଡ୍ରେସ ପିନ୍ଧି ସ୍ୱତନ୍ତ୍ର ନମାଜ ପାଠ କରିଥାନ୍ତି। କାନ୍ଧରେ କାନ୍ଧ ମିଳାଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ହେଲେ ଏହି ଦୁଇ ପର୍ବରେ ପ୍ରତ୍ୟେକ ମୁସଲମାନ ପରିବାରରେ ଖାଇବା ପିଇବାର ଆସର ଜମେ। ତେବେ ଏହି ପର୍ବରେ କେତେକ ଖାସ୍ ସୁସ୍ୱାଦୁ ଖାଦ୍ୟକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି।**

### ପ୍ରଥମ ପସନ୍ଦ ବିରିୟାନି

ବିରିୟାନି ଏକ ନିତିଦିନିଆ ଖାଦ୍ୟ ହୋଇଥିଲେ ମଧ୍ୟ ଇଦ୍ ଅବସରରେ ଏହା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଏ। ଏହି ଦିନ କୌଣସି ରେଷ୍ଟୁରାଣ୍ଟ ଉପରେ ଭରସା ନ କରି ନିଜ ଘର ତିଆରି ବିରିୟାନି ଖାଇଥାନ୍ତି ମୁସଲମାନମାନେ। ବନ୍ଧୁବାନ୍ଧବଙ୍କ ମେଳରେ ଏକତ୍ର ବସି ବିରିୟାନି ମୁଖ୍ୟ ଖାଦ୍ୟ ଭାବେ ଖିଆଯାଏ। ଏ ନେଇ ସ୍ୱତନ୍ତ୍ର ବିରିୟାନି ଚାଉଳ ଓ ମସଲା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି।

### ନମାଜ ପାଠ ପରେ ଲଚ୍ଛା

ନମାଜ ପାଠ ଶେଷ କରିବା ପରେ ପ୍ରଥମେ ମିଠା ଖାଇବାକୁ ଭଲ ପାଆନ୍ତି। ଘରର ମହିଳାମାନେ ସକାଳୁ ଉଠି ମିଠାଜାତୀୟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଏହା ମଧ୍ୟରେ ଗୋଟିଏ ଖାଦ୍ୟ ହେଉଛି ଲଚ୍ଛା। ସିମେଇ ଭଳି ଦେଖା ଯାଉଥିଲେ ମଧ୍ୟ ଏହା ସିମେଇ ନୁହେଁ। ମଇଦାରୁ ପ୍ରସ୍ତୁତ ଲଚ୍ଛା ଦୁଇ ପ୍ରକାରର। ଘିଅ ଓ ତେଲରେ ମିଶ୍ରଣକୁ ନେଇ ଲଚ୍ଛା ଭିନ୍ନଭିନ୍ନ। ଲଚ୍ଛା କଟକର କେଶରପୁର ଅଞ୍ଚଳରେ ତିଆରି ହେଉଥିଲେ ମଧ୍ୟ ପ୍ରାୟତଃ ଇଦ୍ ସମୟରେ କୋଲକାତା, ହାଇଦ୍ରାବାଦ ଅଞ୍ଚଳରୁ ଲଚ୍ଛା ଅଣାଯାଏ। ଲଚ୍ଛା କେଜି ପିଛା ଦର ୧୦୦ଟଙ୍କାରୁ ଆରମ୍ଭ କରି ୮୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଗରମ କ୍ଷୀରରେ ଲଚ୍ଛାକୁ ପକାଇ କିଛି ସମୟ ଭିଜିବା ପରେ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରାଯାଏ। ସିମେଇ ମଧ୍ୟ ବିକ୍ରି ହେଉଛି। ଏହାର ମୂଲ୍ୟ କେଜି ପିଛା ୭୦ଟଙ୍କା ରହିଛି।




### ସାମିଲ ହେଲାଣି ଫାଲୁଦା



ପଶ୍ଚିମ ଭାରତର ଖାଦ୍ୟ ଫାଲୁଦାକୁ ଏବେ ମୁସଲମାନମାନେ ଇଦ୍ ସମୟରେ ଅଧିକ ଭାବେ ଖାଉଥିବା ଦେଖିବାକୁ ମିଳିଛି। ଏହାର ଚାହିଦା ମଧ୍ୟ ବଜାରରେ ଅଧିକ। ଫାଲୁଦା ପ୍ୟାକେଟ ହୋଇ ବିକ୍ରି କରାଯାଉଛି। ଷ୍ଟ୍ରବେରୀ, ଭାନିଲା, କାଜୁପେସ୍ତା, ବଟରସ୍କଚ ଭଳି ବିଭିନ୍ନ ପ୍ରକାରର ଫାଲୁଦା ପ୍ୟାକେଟ ରହିଛି। ପ୍ୟାକେଟ ଗୁଡ଼ିକ ୭୦ ଟଙ୍କା। ଗୋଟିଏ ପ୍ୟାକେଟକୁ ଗୋଟିଏ ଲିଟର କ୍ଷୀରରେ ପକାଇ ଖାଦ୍ୟ ପ୍ରସ୍ତୁତ କଲେ ୬ଜଣ ଖାଇ ପାରିବେ।

### ମିଠା ଖାଦ୍ୟ ଜର୍ଦ୍ଦା

ଏହି ପର୍ବ ଅବସରରେ ମୁସଲମାନ ପରିବାରରେ ଚାଉଳରେ ତିଆରି ଜର୍ଦ୍ଦା ଖାଦ୍ୟ ତିଆରି ହେଉଥିବା ଦେଖିବାକୁ ମିଳେ। ଏହାର ନାଁ ଜର୍ଦ୍ଦା ହୋଇଥିଲେ ମଧ୍ୟ ଏହା ଅତ୍ୟନ୍ତ ମିଠା ଜାତୀୟ ଖାଦ୍ୟ। କମଳା ରଙ୍ଗର ଭାତରେ ଘିଅ, ନଡ଼ିଆ, ଚେରୀ, କିସ୍‌ମିସ୍ ପକାଇ ଜର୍ଦ୍ଦା ତିଆରି କରାଯାଏ।

### ଚାହିଦାରେ ଆରବ ଖଜୁରି

ପୁଣ୍ୟର ଫଳ ଭାବେ ଖଜୁରିକୁ ଗ୍ରହଣ କରନ୍ତି ମୁସଲମାନମାନେ। ୧୦ରୁ ୧୫ପ୍ରକାରର ଖଜୁରି ବଜାରରେ ବିକ୍ରି ହେଉଛି। ତେବେ ସବୁଠାରୁ ଅଧିକ ଚାହିଦା ରହିଛି ଆରବ ଖଜୁରୀର। ସୌଦିଆରବର ଅଲ୍‌ମଦିନାରୁ ଆସୁଥିବା ଖଜୁରି ପ୍ୟାକେଟ ଅଧକେଜିକୁ ୨୮୦ଟଙ୍କାରେ ବିକ୍ରି ହେଉଛି। ଇରାନରୁ ମଧ୍ୟ ଖଜୁରି ପ୍ୟାକେଟ ଆସୁଛି। ୬୦୦ଗ୍ରାମର ଇରାନୀ ଖଜୁରି ପ୍ୟାକେଟ୍‌ର ମୂଲ୍ୟ ୨୦୦ଟଙ୍କାରେ ବିକ୍ରି ହେଉଛି।

### ପାଣିକଖାରୁ ମୋରବା

ପ୍ୟାକେଟ ଭିତରେ ମିଶ୍ରି ପରି ଦେଖାଯାଉଥିବା ମିଠା ଖାଦ୍ୟ ମୋରବା ଇଦ୍ ଅବସରରେ ବଜାରରେ ବିକ୍ରି ହେଉଛି। ଏହା ପାଣି କଖାରୁରୁ ତିଆରି ହୋଇଛି। ମିଠା ଭାବେ ଏହାକୁ ମଧ୍ୟ ଇଦ୍ ଅବସରରେ ଖିଆଯାଏ।



– ରିପୋର୍ଟ: କୁମାରଶ୍ରୀ ସାହୁ, କଟକ



# ଚିକେନ୍ ଦମ୍ ବିରିୟାନି

### ଆବଶ୍ୟକ ସାମଗ୍ରୀ

ବସୁମତୀ ଚାଉଳ, ଚିକେନ୍, ପୋଦିନାପତ୍ର, ଡାଲଚିନି, ଗୁଜୁରାତି, ଅନାସୀଫୁଲ, କ୍ଷୀର, ଦହି, ଅଣ୍ଡା, ପିଆଜ, ଅଦା, ରସୁଣ, ଲବଙ୍ଗ, କଳାମରିଚ, ତେଜପତ୍ର, ଜାଇଫଳ, ଜାୟତ୍ରୀ, ସାଜିରା, ବଡଅଳେଇଚ, କେଓଡା(କିଆଫୁଲ ସେଣ୍ଟ), ଘିଅ, କେଶର, ଜିରା ପାଉଡର, ହଳଦୀଗୁଣ୍ଡ, ମରିଚ ଗୁଣ୍ଡ, ଲଙ୍କାଗୁଣ୍ଡ, ରିଫାଇନ ତେଲ, ଲୁଣ, କଞ୍ଚାଲଙ୍କା, ଲେମ୍ବୁ, ଧନିଆପତ୍ର, ପାଣି, ଭଜାଆଳୁ, ଟମାଟୋ, ଗୋଲାପଜଳ, ବିରିୟାନି ଅତର।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଏକ ପାତ୍ରରେ କଟା ଚିକେନ୍, ଦହି, (ଡାଲଚିନି, ଗୁଜୁରାତି, ଅନାସୀଫୁଲ, ଲବଙ୍ଗ, ଜାୟତ୍ରୀ, ସାଜିରା, କଳାମରିଚ, ଜିରା ପାଉଡର, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଭଜାଯାଇ ଗୁଣ୍ଡ), କଟା ହୋଇଥିବା ପୋଦିନାପତ୍ର, ଧନିଆପତ୍ର, ଅଦାରସୁଣ ପେଷ୍ଟ, ଲେମ୍ବୁ, ଟମାଟୋକୁ ମିଶ୍ରଣ କରି ୨-୩ ଘଣ୍ଟା ଲାଗି ମାରିନେଟ ହେବାପାଇଁ ରଖିଦିଅନ୍ତୁ। ତା ପରେ କଟା ହୋଇଥିବା ପିଆଜକୁ କଡ଼େଇରେ ରିଫାଇନ ତେଲରେ ବ୍ରାଉନ ହେବାପର୍ଯ୍ୟନ୍ତ ଭାଜି ଅନ୍ୟ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ।

ଏକପାତ୍ରରେ ପାଣି ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଅନାସୀଫୁଲ, ଲବଙ୍ଗ, ଜାୟତ୍ରୀ, ପୋଦିନାପତ୍ର, ଧନିଆପତ୍ର, କଳାମରିଚ, ବଡ଼ ଅଳେଇଚ ଓ ଘିଅ ପକାଇଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ମୁତାବକ ବସୁମତୀ ଚାଉଳ, ଗୋଲାପଜଳ ଓ ସ୍ୱାଦ ମୁତାବକ ଲୁଣ ପକାଇ ପାଣିରେ ଉକ୍ତ ଚାଉଳକୁ ଅଧା ସିଝାଇ ଦିଅନ୍ତୁ। ଦେଖିବେ ଚାଉଳ ଯେମିତ ବେଶି ଶିଝି ନ ଯାଏ। ଶିଝି ସାରିବା ପରେ ସେଥିରେ ପକାଯାଇଥିବା ମସଲାଜାତୀୟ ଦ୍ରବ୍ୟକୁ କାଢ଼ି ଦିଅନ୍ତୁ। ତାପରେ ଥିବା ଭାତକୁ ଭଲ ଭାବେ ଛାଣି ଦିଅନ୍ତୁ। ଏହାପରେ ରଖାଯାଇଥିବା ମସଲାଯୁକ୍ତ ଚିକେନ୍‌କୁ ତେଲ ଦେଇ ଏକ କଡେଇରେ ଫ୍ରାଏ କରାଯିବ। ଅନ୍ୟ ଏକ ବିରିୟାନି ହାଣ୍ଡି(ସମତଳ ଥିବା ହାଣ୍ଡି) ଆଣି ସେଥିରେ ତଳେ ଘିଅ ଲଗାଇ ଉପରେ ଫ୍ରାଏ ହୋଇଥିବା ଚିକେନ୍‌କୁ ସଜେଇ ରଖାଯିବ ଯେପରିକି ହାଣ୍ଡିର ତଳ ସ୍ତରରେ ସବୁ ଚିକେନ୍ ଲାଗୁଥିବ। ଏହା ଉପରେ ଭଜାଯାଇଥିବା କିଛି ବ୍ରାଉନ ଓନିଅନ ରଖନ୍ତୁ। ତା'ପରେ ଅଧା ସିଝିଥିବା ଭାତ ଗୋଟିଏ ସ୍ତର ପକାନ୍ତୁ। ତା'ପରେ କିଛି କଟା ହୋଇଥିବା ପୋଦିନା ଓ ଧନିଆପତ୍ର, ଭଜାଯାଇଥିବା ପିଆଜ, ଘିଅ, କେଉଡା, ଗୋଲାପଜଳ ପକାଇ ଅନୁରୂପ ଦୁଇସ୍ତର ରଖନ୍ତୁ। ଶେଷରେ କିଛି କ୍ଷୀରରେ କେଶର, ଅତର, ଗୋଲାପଜଳ ମିଶାଇ ଏହା ଉପରେ ପକାଇ ଦିଅନ୍ତୁ। ବିରିୟାନି ହାଣ୍ଡିର ଧାରରେ ପୂର୍ବରୁ ଚକଟା ହୋଇଥିବା ଅଟା ଦେଇ ଢାଙ୍କୁଣୀକୁ ଭଲ ଭାବେ ଘୋଡ଼ାଇ ଦିଅନ୍ତୁ। ଯେପରିକି ଭିତରୁ ବାଷ୍ପ ବାହାରକୁ ନ ବାହାରି ପାରିବ। କିଛି ସମୟ ଅଧିକ ଜାଳ ଦିଆଯାଇ ପରେ କମାଇ ଦିଅନ୍ତୁ। ଏହାପରେ ପ୍ରାୟ ୧ ଘଣ୍ଟା ଦମ୍‌ରେ ବସାଯିବ। ସ୍ୱାଦ ମୁତାବକ ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ଏଥିରେ ସିଝାଅଣ୍ଡା ଓ ଭଜାଆଳୁ ମିଶ୍ରଣ କରାଯାଇପାରିବ। ଖାଇବା ସମୟରେ ଦହି କଚୁମ୍ବର ସାଙ୍ଗରେ ଖାଇଲେ ବେଶ ରୁଚିକର ହୋଇଥାଏ।

– ରିପୋର୍ଟ: ବିଷ୍ଣୁ ପ୍ରସାଦ ବେହେରା, ଭଦ୍ରକ

# କଲେଜି ମସଲା

### ସାମଗ୍ରୀ

ମଟନ କଲିଜା- ୫୦୦ଗ୍ରାମ
ପିଆଜ- ୩ଟା(ପେଷ୍ଟ)
ଟମାଟୋ- ୨ଟା(ପେଷ୍ଟ)
ଲଙ୍କା, ଜିରା, ଧନିଆ ଗୁଣ୍ଡ- ୧ ଚାମଚ
ଲେଖାଏ, ହଳଦୀ ଗୁଣ୍ଡ- ୧/୨ ଚାମଚ
ତେଲ- ୫୦ଗ୍ରାମ, ଲୁଣ- ସ୍ୱାଦନୁଯାୟୀ
ଗୁଜୁରାତି- ୪ଟା, ଡାଲଚିନି- ୨ଟା
ତେଜପତ୍ର- ୨ଟା, ଗୋଲମରିଚ- ୪ଟା
ଲବଙ୍ଗ- ୪ଟା, କଞ୍ଚାଲଙ୍କା- ୪ଟା
ଅଦା ରସୁଣ ପେଷ୍ଟ- ୫୦ଗ୍ରାମ
ଗରମ ମସଲା- ୨ ଚାମଚ
କଟା ଅଦା- ୧/୨ ଚାମଚ
ଦହି- ୧/୨ କପ୍, କିଛି ଧନିଆ ପତ୍ର



**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ପ୍ରେସର କୁକର୍‌ରେ ତେଲ ଗରମ କରନ୍ତୁ। ସେଥିରେ ସବୁ ଶୁଖିଲା ମସଲା ପକାନ୍ତୁ। ୧ମିନିଟ୍ ଭାଜିଲା ପରେ ସେଥିରେ ପିଆଜ ପେଷ୍ଟ ପକାନ୍ତୁ। ପିଆଜ ଗୋଲ୍‌ଡେନ୍ ହେବା ପରେ କଲିଜା(ପୂର୍ବରୁ ଧୁଆଯାଇଥିବ) ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ସବୁ ପାଉଡର ମସଲା ସହ ଅଦା ରସୁଣ ପେଷ୍ଟ ଓ ଅଳ୍ପ ପାଣି ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ପରେ ସେଥିରେ ଟମାଟୋ ପେଷ୍ଟ ପକାଇ ଡ୍ରାଏ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଡ୍ରାଏ ହୋଇଗଲେ ସେଥିରେ ଦହି ପକାଇ ଫ୍ରାଏ କରନ୍ତୁ। କଲିଜା ଫ୍ରାଏ ହୋଇଗଲେ ସେଥିରେ ଲୁଣ ପକାଇ ୫୦ମି.ଲି. ପାଣି ଦେଇ ପ୍ରେସର ବନ୍ଦ କରିଦିଅନ୍ତୁ। ଗୋଟିଏ ସିଟି ପରେ ପ୍ରେସର ଖୋଲି ବହଳିଆ ଗ୍ରେଭି ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ। ଏହାପରେ ଧନିଆ ପତ୍ର, କଞ୍ଚା ଲଙ୍କା, ଅଦା କଟା ପକାଇ ମିକ୍ସ କରନ୍ତୁ। ଏବେ ଆପଣଙ୍କର କଲେଜି ମସଲା ପ୍ରସ୍ତୁତ। ଏହାକୁ ଏକ ପାତ୍ରରେ ବାହାର କରି ସେଥିରେ ଗୋଟିଏ କଞ୍ଚା ଲଙ୍କା ଓ କଟା ଅଦା ପକାଇ ପରଷନ୍ତୁ।

ରିପୋର୍ଟ: ଅସମାପିକା ସାହୁ, ଭୁବନେଶ୍ୱର



# ଶିର୍ ଖୁରମା

### ସାମଗ୍ରୀ

- ସିମେଇ- ୫୦ ଗ୍ରାମ
- ଚିନି- ୨୫ ଗ୍ରାମ
- କ୍ଷୀର- ୧ ଲିଟର
- ଘିଅ- ୫୦ ଗ୍ରାମ
- ମିଲ୍କ ମେଡ୍- ୧ କପ୍
- କାଜୁ, କିସ୍ ମିସ୍- ୩୦ ଗ୍ରାମ
- ଆଲମଣ୍ଡ- ୧୫ ପିସ୍
- ପିସ୍ତା- ୧୫ ପିସ୍
- ଖଜୁରି କୋଳି- ୪ ପିସ୍
- କେଶର- ୧/୨ ଚାମଚ
- କେଓଡ଼ା ଜଳ- ୧ଚାମଚ
- ଗୁଜରାତି ୫ଟା

### ପ୍ରସ୍ତୁତ ପ୍ରଣାଳୀ

ପ୍ରଥମେ ଏକ ପ୍ୟାନ୍‌ରେ ୨ ଚାମଚ ଘିଅ ପକାଇ ଗରମ କରନ୍ତୁ। ଘିଅ ଗରମ ହୋଇଗଲେ ସବୁ ଡ୍ରାଏ ଫ୍ରୁଟ୍ସକୁ କାଟି ସେଥିରେ ପକାଇ ଭାଜନ୍ତୁ। ଡ୍ରାଏ ଫ୍ରୁଟ୍ସ ହାଲକା ବ୍ରାଉନ ରଙ୍ଗର ହୋଇଗଲେ ତାକୁ ଅନ୍ୟ ଏକ ପାତ୍ରରେ ବାହାର କରି ରଖନ୍ତୁ। ଏବେ ସେହି ପ୍ୟାନ୍‌ରେ ପୁଣି ଘିଅ ପକାଇ ଗୁଜରାତି ଏବଂ ସିମେଇକୁ ଭାଜି ବାହାର କରି ଅଲଗା ରଖନ୍ତୁ। ଅନ୍ୟ ଏକ ପାତ୍ରରେ କ୍ଷୀର ଗରମ କରି ସେଥିରେ ଚିନି, ଭଜାଯାଇଥିବା ସବୁ ଡ୍ରାଏ ଫ୍ରୁଟ୍ସ, ସିମେଇ ଓ କେଶରକୁ ପକାନ୍ତୁ। ୨ ମିନିଟ୍ ମିକ୍ସ କରିବା ପରେ ସେଥିରେ ମିଲ୍କ ମେଡ୍ ଓ ଖଜୁରୀ କୋଳିକୁ କାଟି ପକାନ୍ତୁ। ଏବେ ଅଳ୍ପ ନିଆଁରେ ୧୫ ମିନିଟ୍ ପର୍ଯ୍ୟନ୍ତ ଚାମଚରେ ହାଲୁକା ହାଲୁକା ଘାଣ୍ଟନ୍ତୁ। ସିମେଇ ସିଝି କ୍ଷୀର ବହଳିଆ ହୋଇଗଲେ ସେଥିରେ କେଓଡା ଜଳ ପକାଇ ୨ ମିନିଟ୍ ପରେ ଓହ୍ଲାଇ ଦିଅନ୍ତୁ। ତାକୁ ଏକ ପାତ୍ରରେ ବାହାର କରି ସେଥିରେ କିଛି ଡ୍ରାଏ ଫ୍ରୁଟ୍ସ ପକାଇବା ସହ ଗୋଲାପ ପାଖୁଡ଼ାରେ ସଜାଇ ପରଷନ୍ତୁ।

# ଲଚ୍ଛା



**ମୁ**ସଲମାନ ସମ୍ପ୍ରଦାୟ ପର୍ବପର୍ବାଣି ସମୟରେ ଖୋଜାପଡ଼େ ଲଚ୍ଛାରେ ପ୍ରସ୍ତୁତି ଖାଦ୍ୟ। ମୁସଲମାନମାନଙ୍କ ଲଚ୍ଛା ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଅନ୍ୟଠାରୁ ଭିନ୍ନ। ଏହା ପିଲାଠୁ ବୁଢା ସମସ୍ତଙ୍କର ପ୍ରିୟ। ଏଥିପାଇଁ ପର୍ବର କିଛିଦିନ ପୂର୍ବରୁ ଦୋକାନ ବଜାରରେ ବିଭିନ୍ନ କମ୍ପାନୀର ଲଚ୍ଛା ସଜେଇ ରଖାଯାଇଥାଏ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଆବଶ୍ୟକ ଅନୁଯାୟୀ କ୍ଷୀର ନେଇ ଏକ ପାତ୍ରରେ ଫୁଟାଯାଏ। କ୍ଷୀରରେ ଆବଶ୍ୟକ ପରିମାଣର ଚିନି, କାଜୁ, ପିସ୍ତାବାଦାମ, କେଶର ପକାଇ ଭଲ ଭାବେ ସିଝାଯାଏ। କ୍ଷୀର ସିଝିଲା ପରେ ଚୁଲାରୁ ଓହ୍ଲାଇ କିଛି ସମୟ ଥଣ୍ଡା କରାଯିବ। ପରେ ସେଥିରେ ଲଚ୍ଛାଗୁଡ଼ିକୁ ଢାଳି ଘାଣ୍ଟି ଦିଆଯାଏ। ସେଥିରେ ଗୁଜୁରାତି ଓ ଚେରି ପକାଇ ଢାଙ୍କୁଣୀ ଘୋଡ଼ାଇ ଦେବେ। ବାସ୍ ପ୍ରସ୍ତୁତ ହୋଇଗଲା ଲଚ୍ଛାର ସୁଆଦିଆ ଖାଦ୍ୟ।

### ଆବଶ୍ୟକ ସାମଗ୍ରୀ

କାଜୁ, ପିସ୍ତାବାଦାମ, ଚେରି, କେଶର, ଗୁଜୁରାତି, ଚିନି, କ୍ଷୀର ଓ ଲଚ୍ଛା


## ଆଲ୍ଲାହାବାଦ ବ୍ୟାଙ୍କ

ମଣ୍ଡଳ କାର୍ଯ୍ୟାଳୟ-୧ : ୩/୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି। ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି। ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧିକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ତା ୧୩.୦୯.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୧୧.୦୯.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଯାଜପୁର ରୋଡ ଶାଖା** ଋଣଗ୍ରହୀତା: ହାସିମ୍ ହୁସେନ, ପିତା: ୰ବାସୀର ଅହମଦ, ଜାମିନ୍‌ଦାର: ୱାସିମ ହୁସେନ୍, ପିତା-ହାସିମ ହୁସେନ, ଉଭୟଙ୍କ ସା/ପୋ- ଡାଲା, ଥାନା-ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୧୯। | କ)୦୭.୦୩.୨୦୧୯,ଖ)୧୮.୦୭.୨୦୧୯ ଗ)୩୧.୦୧.୨୦୧୯ ରିଖ ସୁଦ୍ଧା ଟ.୯,୨୨,୨୫୮/- +୩୧.୦୧.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ହାସିମ ହୁସେନ, ପିତା: ୰ବାସୀର ଅହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୭, ପ୍ଲଟ ନଂ.୧୧୮, ଏମ୍ ଖାତା ନଂ.-୨୩୯/୨୦୧, ଏମ୍ ପ୍ଲଟ ନଂ.-୧୧୮/୧୪୫୧, ଏରିଆ-ଏକର୦.୦୪୦ ଡିସିମିଲି, କିସମ- ଘରବାରୀ, ମୌଜା- ଡାଲା (ୟୁନିଟ ନଂ.-୬), ତହସିଲି- ସୁକିନ୍ଦା, ଥାନା-ଯାଜପୁର ରୋଡ୍ (ନଂ.-୭), ଜିଲ୍ଲା- ଯାଜପୁର, ଚଉହଦି: ଉତର-ପ୍ଲଟର ବଳକା ଜମି, ଦକ୍ଷିଣ- ଶରତ ଚନ୍ଦ୍ର ପୃଷ୍ଟି, ପୂର୍ବ- ପ୍ରାଣକୃଷ୍ଣ ବିଶ୍ୱାଳ, ପଶ୍ଚିମ- ଶରତ ଚନ୍ଦ୍ର ପୃଷ୍ଟି। | କ) ଟ.୧୭,୦୯,୦୦୦/- ଖ) ଟ.୧,୭୦,୯୦୦/- ଗ) ଟ.୧୦,୦୦୦/- |
| **ଭଦ୍ରକ ଶାଖା** ଋଣଗ୍ରହୀତା: ଏସ୍‌କେ. ସବୀର, ପିତା-ଏସ୍‌କେ. ସାଫିରୁଦ୍ଦିନ୍, ଜାମିନ୍‌ଦାର: ବୁଟୁ ଅଲ୍ଲୀ, ପିତା-ମିର୍ ଅବଦୁଲ୍ ରସିଦ୍, ଉଭୟଙ୍କ ଠିକଣା: ସା-ଅପର୍ତ୍ତିବିନ୍ଧ, ପୋ/ଥାନା/ଜିଲ୍ଲା-ଭଦ୍ରକ, ପିନ୍-୭୫୬୧୦୦। | କ)୧୨.୧୨.୨୦୧୯,ଖ)୨୨.୦୨.୨୦୧୯ ଗ)୨୯.୧୧.୨୦୧୮ ରିଖ ସୁଦ୍ଧା ଟ.୧୬,୮୫,୭୫୭/- +୨୯.୧୧.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଏସ୍‌କେ. ସବୀରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଆର.ଏସ୍.ଡି ନଂ.୪୩୧୭, ତାରିଖ-୩୧.୧୦.୨୦୧୪,ପ୍ଲଟ ନଂ.-୧୦୪୩, ଖାତା ନଂ.-୭୯୧/୬୩୧, ଏରିଆ-ଏକର୦.୦୮୦ ଡିସିମିଲି, କିସମ-ଘରବାରୀ-୨, ମୌଜା-ଅପର୍ତ୍ତିବିନ୍ଧ, ଥାନା ନଂ.-୯୧, ତହସିଲି/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ଡିଏସ୍‌ଆର-ଭଦ୍ରକ, ଚଉହଦି: ଉତର-ଟେରା ପଣ୍ଡା, ଦକ୍ଷିଣ-ରାସ୍ତା, ପୂର୍ବ-ମିର୍ ରମ୍‌ଜାନ, ପଶ୍ଚିମ-ମିର୍ ଆବାସ। | କ) ଟ.୨୦,୦୪,୦୦୦/- ଖ) ଟ.୨,୦୦,୪୦୦/- ଗ) ଟ.୧୦,୦୦୦/- |
| **ଖୋର୍ଦ୍ଧା ଶାଖା** ଋଣଗ୍ରହୀତା: ମେସର୍ସ ନିଖିଲ୍ ଟ୍ରେଡର୍ସ, ସତ୍ତ୍ୱାଧିକାରୀ: ଶ୍ରୀ ରାମ ଗୋବିନ୍ଦ ରାମ, ପିତା-୰ରାମ କୁମାର ରାମ, ଜାମିନ୍‌ଦାରମାନେ: (୧)ଶ୍ରୀମତୀ ଶାନ୍ତି ରାମ, ସ୍ୱା:୰ରାମ କୁମାର ରାମ,(୨)ଶ୍ରୀମତୀ ରାଜଶ୍ରୀ ରାମ, ସ୍ୱା:ରାମ ଗୋବିନ୍ଦ ରାମ, ସମସ୍ତଙ୍କ ଠିକଣା: ସା-ତେଲେଙ୍ଗା ସାହି, ପୋ/ଥାନା/ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୨୦୫୫, (୩)ଶ୍ରୀ ଉମାଶଙ୍କର ପ୍ରସାଦ, ପିତା-୰ସୂର୍ଯ୍ୟ ନାରାୟଣ ପ୍ରସାଦ, ସା-ଭଗତ ଲେନ୍, ପୋ/ଜିଲ୍ଲା-ଖୋର୍ଦ୍ଧା-୭୫୨୦୫୫। | କ)୩୧.୦୧.୨୦୧୯,ଖ)୧୭.୦୫.୨୦୧୯ ଗ)୩୧.୧୨.୨୦୧୮ ରିଖ ସୁଦ୍ଧା ଟ.୧୫,୦୬,୨୬୩/- +୩୧.୧୨.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ରାମ ଗୋବିନ୍ଦ ରାମ ଏବଂ ଶ୍ରୀମତୀ ଶାନ୍ତି ରାମ(ସ୍ୱା:୰ରାମ କୁମାର ରାମ)ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା-କାଜରସିଂ, ତହସିଲି/ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୯୮୦, ପ୍ଲଟ ନଂ.-୧୮୨୧, ଏରିଆ- ଏକର୦.୦୨୫ ଡିସିମିଲି ଏବଂ ଖାତା ନଂ.-୫୯୮, ପ୍ଲଟ ନଂ.-୧୮୨୪, ଏରିଆ-ଏକର୦.୦୨୫ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୫୦ ଡିସିମିଲି, ଚଉହଦି: ପୂର୍ବ-ସରକାରୀ ରାସ୍ତା, ପଶ୍ଚିମ- ସନ୍ତୋଷ ଅଗରୱାଲ, ଉତର-ଗଣେଷ ରାମ, ଦକ୍ଷିଣ-ବାଉରିବନ୍ଧୁ ସାହୁ। | କ) ଟ.୩୭,୮୭,୦୦୦/- ଖ) ଟ.୩,୭୮,୭୦୦/- ଗ) ଟ.୧୦,୦୦୦/- |
| **ଖୋର୍ଦ୍ଧା ଶାଖା** ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ସାହୁ, ପିତା-୰ମଗୁଲି ସାହୁ, ସା-ଗୋପିନାଥ ସାହି, ପୋ/ଥାନା/ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୨୦୦୫, ଜାମିନ୍‌ଦାର: ଶ୍ରୀ ଉମାକାନ୍ତ ରଥ, ପିତା-ଶ୍ରୀ ଜଗନ୍ନାଥ ରଥ, ସା-ମୁକୁନ୍ଦ ପ୍ରସାଦ, ପୋ-ପିଏନ୍ କଲେଜ, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୨୦୫୫। | କ)୧୪.୦୧.୨୦୧୯, ଖ)୧୭.୦୫.୨୦୧୯ ଗ)୩୧.୦୩.୨୦୧୭ ରିଖ ସୁଦ୍ଧା ଟ.୨,୫୫,୧୫୬/- +୩୧.୦୩.୨୦୧୭ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ସନ୍ତୋଷ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମ୍ୟୁଟେସନ ଖାତା ନଂ.-୬୪୮/୨୨୨୮, ପ୍ଲଟ ନଂ.୧୫୪୩/୫୨୨୨, ଏରିଆ-ଏକର୦.୦୦୬ ଡିସିମିଲି, ଏବଂ ପ୍ଲଟ ନଂ.୧୫୪୨/୫୨୨୧, ଏରିଆ-ଏକର୦.୦୧୭ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୨୩ ଡିସିମିଲି, କିସମ-ଘରବାରୀ, ମୌଜା-କାଜରସିଂ, ଥାନା/ଜିଲ୍ଲା/ତହସିଲି/ଏସ୍‌ଆରଓ-ଖୋର୍ଦ୍ଧା, ଚଉହଦି:ଉତର-ଏନଏସି ନାଳ, ଦକ୍ଷିଣ-ରାଧାମଣୀ ସାହୁ, ପୂର୍ବ-ଗୋପିନାଥ ପ୍ରଧାନ, ପଶ୍ଚିମ-ରାସ୍ତା ଏବଂ ନିଳମଣୀ ସାହୁ। | କ) ଟ.୮,୨୯,୦୦୦/- ଖ) ଟ.୮୨,୯୦୦/- ଗ) ଟ.୧୦,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା: ଶ୍ରୀମତୀ ନିରୁପମା ସାହୁ, ସ୍ୱା-ଶ୍ରୀ ସଞ୍ଜୟ କୁମାର ସାହୁ, ଏବଂ ଶ୍ରୀ ସଞ୍ଜୟ କୁମାର ସାହୁ, ପିତା- ଶ୍ରୀ ମଗୁଲି ସାହୁ, ଜାମିନ୍‌ଦାର: ଶ୍ରୀ ମଗୁଲି ସାହୁ, ପିତା-ବେଣୁଧର ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ ନଂ.-୩୧୬, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର -୭୫୧୦୧୩। | କ)୧୧.୦୧.୨୦୧୯, ଖ)୧୯.୦୩.୨୦୧୯ ଗ)୧୧.୦୧.୨୦୧୯ ରିଖ ସୁଦ୍ଧା ଟ.୭୯,୫୪,୧୫୬/- +୧୧.୦୧.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଶ୍ରୀମତୀ ନିରୁପମା ସାହୁଙ୍କ ନାମରେ ଅଛି ଯାହାର ଖାତା ନଂ.-୩୧, ପ୍ଲଟ ନଂ.-୮, ଅନୁରୂପ ହାଲ ଖାତା ନଂ.- ୨୫୭, ହାଲପ୍ଲଟ ନଂ.-୩୧୬, ଏରିଆ-ଏକର ୦.୦୮୮ ଡିସିମିଲି, ମୌଜା-ଭୁବନେଶ୍ୱର ସହର, ୟୁନିଟ୍ ନଂ-୧୮, ମଧୁସୂଦନ ନଗର, ଏସ୍‌ଆରଓ-ଭୁବନେଶ୍ୱର, ଥାନା-ନ୍ୟୁ କ୍ୟାପିଟାଲ, ନଂ.-୪୩, ହାଲ୍ ଥାନା- ସହୀଦ ନଗର, ତହସିଲି- ଭୁବନେଶ୍ୱର, ଓଡିଶା ସରକାର ଖେୱାଟ ନଂ.-୧, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ। ଚଉହଦି: ଉତର-ସରକାରୀ ଜମି(ଖାଲି), ଦକ୍ଷିଣ- ୧୫ଫୁଟ୍ ଚଉଡା ରାସ୍ତା, ପୂର୍ବ-ୟୁଏନ୍ ଦାସ(ପ୍ଲଟ ନଂ.୩୧୫), ପଶ୍ଚିମ- ନିରଞ୍ଜନ ନାୟକ(ପ୍ଲଟ ନଂ.୩୧୭)। | କ) ଟ.୧,୨୪,୫୦,୦୦୦/- ଖ) ଟ.୧୨,୪୫,୦୦୦/- ଗ) ଟ.୨୫,୦୦୦/- |
| **ଓଲ୍ଡ ଷ୍ଟେସନ ସ୍କୋୟାର ଶାଖା** ଋଣଗ୍ରହୀତା: ମେସର୍ସ ମେରୀ ରଙ୍ଗୋଲୀ, ସତ୍ତ୍ୱାଧିକାରୀ: ଶ୍ରୀମତୀ ଶର୍ମିଳା ଭୁରା ଏବଂ ଶ୍ରୀ ବଛରାଜ ଭୁରା, ଠିକଣା:ଗ୍ରାଣ୍ଡ ଗ୍ୟାଲେରୀ, ଦୋକାନ ନଂ.-୮, ଦ୍ୱିତୀୟ ମହଲା, ଭବାନୀ ମଲ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୬, ଶ୍ରୀମତୀ ଶର୍ମିଳା ଭୁରା, ସ୍ୱା-ଶ୍ରୀ ବଛରାଜ ଭୁରା ଏବଂ ଶ୍ରୀ ବଛରାଜ ଭୁରା, ପିତା-ଶ୍ରୀ କାଲୁରାମ ଭୁରା, ଠିକଣା: ପ୍ଲାଟ ନଂ.୨୦୪, ବ୍ଲକ ନଂ.-ବି, ଦ୍ୱିତୀୟ ମହଲା, ବୈଷ୍ଣବ ବିହାର ଆପାର୍ଟମେଣ୍ଟ, ବମିଖାଲ, ଭୁବନେଶ୍ୱର-୭୫୧୦୦୬। | କ)୨୭.୧୨.୨୦୧୮ ଏବଂ ତା୦୪.୧.୨୦୧୯ରେ ଖବରକାଗଜ ପ୍ରକାଶନ, ଖ)୦୫.୦୩.୨୦୧୯ ଗ)୨୭.୧୨.୨୦୧୮ ରିଖ ସୁଦ୍ଧା ଟ.୩୭,୩୫,୮୫୧/- +୨୭.୧୨.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଶ୍ରୀମତୀ ଶର୍ମିଳା ଭୁରା ଏବଂ ଶ୍ରୀ ବଛରାଜ ଭୁରାଙ୍କ ନାମରେ ଅଛି ଯାହାର ମୌଜା-ଗୋବିନ୍ଦ ପ୍ରସାଦ, ୟୁନିଟ୍ ନଂ.-୩୨, ସାବକ ଖାତା ନଂ.-୬୦୩, ମ୍ୟୁଟେସନ ଖାତା ନଂ.-୧୦୫୭/୧୩୦୦, ସ୍ଥିତିବାନ ପ୍ଲଟ ନଂ.-୨୨୦, ଏରିଆ-ଏକର୦୦୦୯.୪୧ ଡିସିମିଲି ଯାହା ଏକର ୧.୨୦୦ ଡିସିମିଲି ମଧ୍ୟରୁ ୪୧୦ ବର୍ଗଫୁଟ, ସବ୍ ପ୍ଲଟ ନଂ.ବି-୨୦୪, କିସମ-ଘରବାରୀ-୨(ବାରୀ), ଜିଲ୍ଲା-ଖୋର୍ଦ୍ଧା, ଥାନା-ନ୍ୟୁ କ୍ୟାପିଟାଲ, ହାଲ ଥାନା-ଲକ୍ଷ୍ମୀସାଗର, ଥାନା ନଂ.-୪୬, ତହସିଲି-ଭୁବନେଶ୍ୱର, ଡିଏସ୍‌ଆରଓ-ଭୁବନେଶ୍ୱର, ଯାହା୨ ବିଏଚକେ ଫ୍ଲାଟ ନଂ.-ବି-୨୦୪,ବୈଷ୍ଣବ ବିହାର ଆପାର୍ଟମେଣ୍ଟ, ଏସ୍‌ବିଏ-୧୦୨୫ ବର୍ଗଫୁଟ, ଦ୍ୱିତୀୟ ମହଲାରେ ଅବସ୍ଥିତ। | କ) ଟ.୩୯,୨୦,୦୦୦/- ଖ) ଟ.୩,୯୨,୦୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ। ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ। ସିଡ୍ୟୁଲ କମିର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ, ସପକ୍ଷରେ କ୍ରସ କରାଯାଇ, ଭୁବନେଶ୍ୱରରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍/ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର ଆକାଉଣ୍ଟ ନଂ.: ୫୦୧୪୦୯୮୦୧୮୮, IFSC Code: ALLA0212009, ମାଧ୍ୟମରେ RTGS/NEFT ଦ୍ୱାରା ଅମାନତ ରାଶି ପୈଠ କରିପାରିବେ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ।
୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ। ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୧୩.୦୮.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ।
ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୯.୦୮.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



"ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କଶ୍ମୀରର ଭବିଷ୍ୟତକୁ ବିକ୍ରି କରିଦେଇଛନ୍ତି।
-ଶେହବାଜ୍ ଶରିଫ୍,
ପିଏମ୍ଏଲ୍-ଏନ୍ ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା

# ୪ ରାଜ୍ୟରେ ବନ୍ୟା ନେଲାଣି ୧୬୦ ଜୀବନ

ଥିରୁଭାନନ୍ତପୁରମ୍ / ବେଙ୍ଗାଲୁରୁ,୧୧।୮(ପି.ଟି.)

ଲାଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତି ଭୟଙ୍କର ହୋଇପଡ଼ିଛି। କେରଳ, କର୍ନାଟକ, ମହାରାଷ୍ଟ୍ର, ଗୁଜରାଟରେ ସ୍ଥିତି ଗମ୍ଭୀର ରହିଥିବାବେଳେ ମୃତ୍ୟୁସଂଖ୍ୟା ୧୪୦ ଟପିଛି। କେରଳରେ ଅଗଷ୍ଟ ୮ରୁ ଅଦ୍ୟାବଧି ଏହି ବନ୍ୟାରେ ୬୪ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ରାଜ୍ୟର ପ୍ରାୟ ୨ ଲକ୍ଷ ୨୭ ହଜାର ଲୋକ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ରବିବାର ସକାଳେ ବରିଷ୍ଠ ଅଧିକାରୀଙ୍କ ସହ ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି। ବର୍ଷା କମିଥିଲେ ହେଁ ଭୂସ୍ଖଳନର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ ରହିବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କନ୍ନୁର, କାସରାଗଡ଼ ଓ ୱାୟନାଡ଼ ଜିଲାରେ ରେଡ୍ଆଲର୍ଟ ଜାରି କରାଯାଇଛି।

ବିଭିନ୍ନ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ଚିନ୍ତାର କାରଣ ନୁହେଁ ବୋଲି ବିଜୟନ୍ ପ୍ରକାଶ କରିଛନ୍ତି। ୱାୟନାଡ଼ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଅପରାହ୍ନରେ ଦୁଇଦିନିଆ କେରଳ ଗସ୍ତରେ ଆସି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସହ ସ୍ଥିତି ସମୀକ୍ଷା ଆରମ୍ଭ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀ ୱାୟନାଡ଼ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେ ବିଭିନ୍ନ ରିଲିଫ କ୍ୟାମ୍ପ ଯିବାର କାର୍ଯ୍ୟକ୍ରମ ରହିଛି। କୋଟ୍ଟାକାଲ୍, ନିଲମ୍ବୁର, ମମ୍‌ବାଦ୍, ଇଙ୍ଗାଭାନାପାର ରିଲିଫ କ୍ୟାମ୍ପ ବୁଲିଦେଖିବା ପରେ ମାଲାପୁରମ୍‌ଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ସୋମବାର ସେ ୱାୟନାଡ଼ର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନ ବନ୍ଦ ରହିବା ପରେ ରବିବାର ଅପରାହ୍ନରେ କୋଚି ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଛି। ତେବେ କେତେକ ରେଳସେବା ବନ୍ଦ ରହିଛି। ନୌସେନା, ତଟରକ୍ଷୀ ବାହିନୀ, ଏନ୍‌ଡିଆର୍‌ଏଫ୍, ସ୍ଥାନୀୟ ପୋଲିସ, ସ୍ୱେଚ୍ଛାସେବୀମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ପ୍ରକାଶ। ସେହିଭଳି କର୍ନାଟକରେ ଗତ ୪ ଦିନ ଭିତରେ ରାଜ୍ୟରେ ବନ୍ୟା ମୃତ୍ୟୁସଂଖ୍ୟା ୩୩କୁ ବୃଦ୍ଧି ପାଇଥିବାବେଳେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆକାଶ ମାର୍ଗରୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଦେଖିଛନ୍ତି। ଏକ ସ୍ୱତନ୍ତ୍ର ବିମାନରେ ଶାହ ଆସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ବେଳାଗାଭି ଅଞ୍ଚଳର ସ୍ଥିତି ସମୀକ୍ଷା କରିଥିଲେ। ତାଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଦୁରପ୍ପା, କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, ସୁରେଶ ଅଙ୍ଗଦି, ଏମ୍‌ପି ପ୍ରଭାକର କୋରେ, ବିଧାୟକ ଉମେଶ କାଟ୍ଟୀ ଥିଲେ। ରାଜ୍ୟର ୧୭ ଜିଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ବେଳଗାଭିକୁ ଛାଡ଼ି ବାଗଲ୍‌କେଟେ, ଗଡ଼କ୍, ଉତ୍ତର କନ୍ନଡ଼ ରାଇଚୁର, ୟାଦିଗିର୍, ଦକ୍ଷିଣ କନ୍ନଡ଼, ଉଡୁପି, ଚିକ୍କାମାଗାଲୁରୁ, କୋଡ଼ାଗୁ ଜିଲା କ୍ଷତିଗ୍ରସ୍ତ ହୋଇଥିବା ପ୍ରକାଶ। ଗୁଜରାଟରେ ମଧ୍ୟ ସ୍ଥିତି ଜଟିଳ ରହିଛି। ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଥିବାବେଳେ ମୃତ୍ୟୁସଂଖ୍ୟା ରାଜ୍ୟରେ ୩୨ରେ ପହଞ୍ଚିଛି। ସୌରାଷ୍ଟ୍ର ଓ କଚ୍ଛରେ ବର୍ଷାର ତାଣ୍ଡବ ଜାରିରହିଛି। ସମୁଦ୍ରକୁ ଯାଇଥିବା ୨୦ ମତ୍ସ୍ୟଜୀବୀଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ଭାରତୀୟ ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ଲାଗି ସତର୍କ ସୂଚନା ଜାରି କରିଥିବାରୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ମହାରାଷ୍ଟ୍ରରେ ବର୍ଷାଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଥିବାବେଳେ ପରିସ୍ଥିତି ଉଗ୍ରରୂପ ଧାରଣ କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ରବିବାର ଆକାଶ ମାର୍ଗରୁ କୋହ୍ଲାପୁର, ସାଙ୍ଗଲି ଆଦି ଅଞ୍ଚଳ ବୁଲିଦେଖିଛନ୍ତି।



କର୍ନାଟକର ବନ୍ୟାସ୍ଥିତି ଆକାଶମାର୍ଗରୁ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ବି.ଏସ୍ ୟେଦୁରପ୍ପା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ପ୍ରମୁଖ।



କେରଳର ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ୍ କ୍ୟାମ୍ପରେ ଭେଟୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**କେରଳରେ ରାହୁଲ, କର୍ନାଟକ ଓ ମହାରାଷ୍ଟ୍ରରେ ଶାହ କଲେ ସ୍ଥିତି ସମୀକ୍ଷା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରଣୀଟାଏ,
ଦାଣ୍ଡରେ ବୋଲାଏ ଘରଣୀଟାଏ ।**

ଅନେକେ ନିଜର ମନ୍ଦ ପ୍ରକୃତିକୁ ଲୁଚାଇବାକୁ ଯାଇ ବାହାରେ ନିଜକୁ ଭଲେଇ ବୋଲି ଦେଖେଇ ହୋଇଥାନ୍ତି। ତାଙ୍କର ବାହାରକୁ ଜଣାପଡୁଥିବା ଗୁଣ ସହିତ ଭିତର ଗୁଣର କୌଣସି ସମ୍ବନ୍ଧ ନ ଥାଏ। ଚୋରଣୀ ନାରୀ ଭିତରେ ଭିତରେ ଚୋରି କରି ବାହାରକୁ ନିଜର ସଚ୍ଚୋଟ ପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚମ ଧନ ନିଧନ ଧନ,
କଂସା ପିତଳ ଅଧା ଧନ,
ସୁନାରୁପା ପୂରା ଧନ ।**

ଚମ ଧନ ନିଧନ ଭାବେ ଗଣାହୋଇଥାଏ। କଂସା ବା ପିତଳ ଭାଙ୍ଗିଗଲେ ତା'ର ଦାମ୍ ଅଧା ହୋଇଥାଏ। ସେହିପରି ସୁନା, ରୁପା ମୂଲ୍ୟବାନ ଧାତୁ ଭାବେ ପରିଗଣିତ ହେଉଥିବା ସ୍ଥଳେ ତାକୁ ବିକିଲେ କି ଭାଙ୍ଗିଲେ ବହୁ ଧନ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଇତିହାସର ଆଇନାରେ | ଅଗଷ୍ଟ ୧୨ର ପ୍ରମୁଖ ଘଟଣା

୧୯୭୮ ଅଗଷ୍ଟ ୧୨ରେ ଜାପାନ ଓ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ମଧ୍ୟରେ ଶାନ୍ତି ଓ ବନ୍ଧୁତ୍ୱ ସନ୍ଧି ହୋଇଥିଲା। ବେଜିଂରେ ଏହି ସନ୍ଧିରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ ହୁଆଙ୍ଗ ହୁଆ ଏବଂ ଜାପାନ ପ୍ରତିପକ୍ଷ ସୁନାଓ ସୋନୋଡା ସ୍ୱାକ୍ଷର କରିଥିଲେ ।

୧୯୮୫ ଅଗଷ୍ଟ ୧୨ରେ ଜାପାନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୫୨୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଟୋକିଓର ହାନେଡା ବିମାନବନ୍ଦରରୁ ଓସାକା ଅନ୍ତର୍ଜାତୀୟ ଏୟାରପୋର୍ଟ ଅଭିମୁଖେ ଯାଉଥିବା ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା।

## ଯୁଦ୍ଧପ୍ରିୟ ନୁହେଁ, ଦେଶଭକ୍ତ

**ଲସ୍ ଆଞ୍ଜେଲ୍ସ :** ମୁଁ ଯୁଦ୍ଧପ୍ରିୟ ନୁହେଁ, ବରଂ ଜଣେ ସଚ୍ଚୋଟ ଦେଶଭକ୍ତ ବୋଲି ଆମେରିକାର ଲସ୍ ଆଞ୍ଜେଲ୍ସରେ ଭାରତୀୟ ସିନେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି। ପ୍ରିୟଙ୍କା ପାକିସ୍ତାନ ବିପକ୍ଷରେ ଅଣୁଯୁଦ୍ଧକୁ ପ୍ରୋତ୍ସାହନ କରୁଥିବା ପାକିସ୍ତାନ ମହିଳା ପ୍ରଶଂସକ ଅଭିଯୋଗ କରିଥିଲେ। ପ୍ରକାଶଥାଉ କି, ପାକିସ୍ତାନର ବାଲାକୋଟ୍‌ସ୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ଯୁଦ୍ଧବିମାନର ସଫଳ ଆକ୍ରମଣ ପରେ ଗତ ଫେବୃୟାରୀ ୨୬ରେ ପ୍ରିୟଙ୍କା ଟୁଇଟ୍ କରି ଭାରତୀୟ ବାୟୁସେନାକୁ ଅଭିନନ୍ଦନ ଜଣାଇଥିଲେ। ଏହାକୁ ନେଇ ଲସ୍ ଆଞ୍ଜେଲ୍ସରେ ପାକିସ୍ତାନ ମହିଳା ଜଣକ କହିଥିଲେ, ସେ ପ୍ରିୟଙ୍କାଙ୍କ ଜଣେ ବଡ଼ ପ୍ରଶଂସକ ହୋଇଥିଲେ ହେଁ ତାଙ୍କର ଏଭଳି ଟୁଇଟ୍ କରିବା ଠିକ୍ ନ ଥିଲା। ତେବେ ସେ ଯୁଦ୍ଧକୁ ଉତ୍ସାହିତ କରୁନାହାନ୍ତି କି ଯୁଦ୍ଧପ୍ରିୟ ନୁହନ୍ତି ବୋଲି ପ୍ରଶ୍ନର ଉତ୍ତର ଦେଇ ପ୍ରିୟଙ୍କା କହିଥିଲେ।



ପ୍ରିୟଙ୍କା ଚୋପ୍ରା

## ବେଜିଂରେ ଜୟଶଙ୍କର

**ନୂଆଦିଲ୍ଲୀ, ୧୧।୮:** ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରବିବାର ଚାଇନା ଗସ୍ତ କରିବା ସହ ବେଜିଂରେ ପହଞ୍ଚିଛନ୍ତି। ସେଠାରେ ସେ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଭାରତ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଘଟଣାକୁ ପାକିସ୍ତାନ ବିରୋଧ କରି ଚାଇନାର ଶରଣ ପଶିଥିଲାବେଳେ ଜୟଶଙ୍କରଙ୍କ ଚାଇନା ଗସ୍ତ ମହତ୍ୱପୂର୍ଣ୍ଣ ମନେହୁଏ। ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଭାରତ ମାନ୍ୟତା ଦେଇଥିବାବେଳେ ଚାଇନା ଏହାକୁ ବିରୋଧ କରିଛି। ସୋମବାର ଜୟଶଙ୍କର ଚାଇନା ପ୍ରତିପକ୍ଷ ୱାଙ୍ଗ୍‌ଙ୍କ ସହ ଏନେଇ ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି। ଏଥିସହ ଅକ୍ଟୋବରରେ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ଭାରତ ଗସ୍ତ ନେଇ ମଧ୍ୟ ଆଲୋଚନା କରାଯିବ। ଏହି ଦୁଇଦିନିଆ ଗସ୍ତ ଅବସରରେ ଜୟଶଙ୍କର-ୱାଙ୍ଗ୍‌ଙ୍କ ମଧ୍ୟରେ ୪ଟି ରାଜିନାମା ସ୍ୱାକ୍ଷରିତ ହେବ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି, ସାଂସ୍କୃତିକ ଭାବ ବିନିମୟ, ବାଣିଜ୍ୟ ଓ ଅନ୍ୟ ଅନ୍ତର୍ଜାତୀୟ ପ୍ରସଙ୍ଗ ନେଇ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି।


**OFFICE OF THE MUNICIPAL COUNCIL, MALKANGIRI**
Odisha, PIN: 764045, Ph: 06861-230244, e-Mail: malkangiri@ulborissa.gov.in

Lt. No. 1595/Mpl./2019 **TENDER CALL NOTICE** Date: 09.08.2019

Sealed tenders are hereby invited from the intending Manufacturers/ Suppliers / Dealers having Manufacturing License/ Authorized distributor for supply of the following sanitary equipments specifying name of Manufacturing Brand as per specification given below:

| S. N. | Item Description | Specification | Qty. | EMD | Paper Cost |
|---|---|---|---|---|---|
| 1. | Wheel Barrow | i.) Capacity: 6Cu. Ft, ii) Size: 36" L×24"W ×12" Ht, iii) Structure: Will be Made from 75×40mm. M.S. 'C' Channel with 35×35×5 Mm. M.S. Angle, 30×5Mm. M.S. Flat, 1" Dia. M.S. Pipe & 16 Swg M.S. Sheet, iv) Wheels: 2 Nos. 20" Dia. M.S. 'T' Section Wheels with Bearings | 30 Nos. | 10000/- | 4000/- |
| 2. | 4.5 Garbage Container | i) Size: 4.50 Cubic meter, ii) Material: Mild Steel, iii) Use: To collect Garbage, iv) Transportation: By Hydraulic dumper placer | 10 Nos. | | |
| 3. | Tricycle | • Rear Body size: Outer length- 4 feet, Breadth- 3 feet, Height- 2 feet • Rear axle dia: 28 mm • Chassis: Chassis made out of 32×32×6mm angles, 32×6, 25×6mm flat • Frame/Bar: The main Frame/ Bar made out of 5 bar thick rickshaw frame hardened with factory finish • Wheel: Front rickshaw heavy duty 10 gauge wheel, with heavy duty branded tyre and tube size- 28"×1.5" (The wheels fitted with heavy duty spokes) and the wheel covered with heavy duty mudguard and bumper safety rods. • Rear two wheels with 2.50"×16" Heavy duty branded tyre and tube • Seat: Heavy duty seat, with cover • Body: Body made out of 32×32×3mm bottom angles, 25×25×3mm top supported with suitable flats and angles and with additional reinforcements so that the body is sturdy. • All the 3 sides and rear 2 doors of rear body covered with 18 gauge G.I. Sheet | 20 Nos. | | |
| 4 | Three wheeler Hydraulic Auto Tipper with segregated compart-ment (Blue and Green) | Engine Specification: • Single cylinder, naturally aspirated air cooled. • Max power 8.04 HP (6kw) @ 3600 rpm • Max torque 21 NM @ 2400-2200 rpm • Fuel Type: diesel • Fuel Tank Capacity: 10 to 13 lts • Avg Mileage: 32 to 35 kmpl • Gear Box: Four no's forward and one no's reverse. Garbage Container Specification: • Garbage Container having Separate Compartment with Doors • Bottom Panel, Side Panel and Door having 1mm G.I. Sheets • Volume Capacity- 1.5 Cum • Tripping Angle- 83 degree | 04 Nos. | 20000/- | 6000/- |

The tender paper must be accompanied with EMD and paper cost as mentioned above in shape of DD/Bankers Cheque drawn in favour of Executive Officer, Malkangiri Municipality. The tender is also required to furnish the self attested photocopy of valid Regd. Certificate/dealer certificate/ manufacturing certificate, GST registration certificate & PAN card along with the tender paper. The tender papers should reach the undersigned by 26.08.2019 by Regd. Post / Speed Post upto 5.00 PM and will be opened on 27.08.2019 in the office chamber of Executive Officer in the presence of tenderers or their authorized representatives. The sealed cover should be superscribed with "Tender for supply of sanitary equipments". The successful tenderer should supply all the materials within 10 days from the receipt of the supply order. If the successful tenderer fails to supply the materials in the approved rate and time, then EMD amount will be forfeited. The tender is also required to submit the tender paper in the following format:

| S.N. | Item Description | Specification | Company Name | Unit | Rate including all taxes & other charges |
|---|---|---|---|---|---|
| | | | | | |
| Seal and signature of the Firm | | | | | |

The undersigned reserves the right to reject any or all tenders without any reason therein.
Sd/- Executive Officer, Malkangiri Municipality



# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ
ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

uti UTI Mutual Fund
Haq, ek behtar zindagi ka.

Happy Friendship Day

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ନିଜ ଆର୍ଥିକ ଜୀବନ ସହ କିପରି ବନ୍ଧୁତା ସ୍ଥାପନ କରିବେ

କଳ୍ପନା କରନ୍ତୁ ଆପଣଙ୍କୁ ଏପରି ଏକ ସ୍ଥାନରେ ରହିବାକୁ ହୁଏ ଯେଉଁଠି ଇଂଲିଶ୍ ପ୍ରାଥମିକ ବା ମାତୃଭାଷା ହୋଇ ନ ଥିବ। ତା' ସତ୍ତ୍ୱେ ଆପଣ ନିଜ ଆଖପାଖର ଲୋକଙ୍କ ସହ ମିଶିବାକୁ ଚାହିଁବେ। ସମୟ ବିତିବା ସହ, ଆପଣ ସେ ଜାଗାର ଭାଷା, ସଂସ୍କୃତି ଓ ଚଳଣି ସହିତ ପରିଚିତ ହେବେ ଏବଂ ଶେଷରେ, ସେଠାରେ ଆପଣ ନୂଆ ଲୋକଙ୍କ ସହ ବନ୍ଧୁତା ସ୍ଥାପନ କରିପାରିବେ।

ଅନେକଙ୍କ ପାଇଁ, ବ୍ୟକ୍ତିଗତ ଆର୍ଥିକ ଜୀବନ ମଧ୍ୟ ଏକ ନୂଆ ସ୍ଥାନ ଭଳି। ଅର୍ଥ ସହ ବନ୍ଧୁତା ସ୍ଥାପନ ପାଇଁ, ସେମାନଙ୍କୁ ତାହାର ମୂଳତତ୍ତ୍ୱକୁ ସ୍ପଷ୍ଟ ଭାବେ ବୁଝିବାକୁ ପଡ଼ିବ। ଏହି ଆଲେଖ୍ୟ ଏଥିରେ ସହାୟତା କରିପାରିବ।

**ପଦକ୍ଷେପ ୧: ସ୍ଥାନୀୟ ଭାଷାର ଅତ୍ୟାବଶ୍ୟକ ତତ୍ତ୍ୱକୁ ଶିଖନ୍ତୁ**

ଧରନ୍ତୁ, ଆପଣଙ୍କୁ ଫ୍ରାନ୍ସରେ ରହିବାକୁ ହୁଏ। ଆପଣଙ୍କୁ ସର୍ବପ୍ରଥମେ ପ୍ରାୟତଃ ବ୍ୟବହୃତ ଶବ୍ଦଗୁଡ଼ିକୁ ଶିଖିବା ଓ ବୁଝିବାକୁ ପଡ଼ିବ – ବନ୍‌ଜ୍ୟୋର୍ (ନମସ୍କାର), ଓଇ (ହଁ), ନନ୍ (ନା) ଓ ଏହିଭଳି ଅନ୍ୟାନ୍ୟ ।

ସେହିଭଳି, ନିଜ ଅର୍ଥର ସୁପରିଚାଳନା ପାଇଁ, ଆପଣଙ୍କୁ ସର୍ବପ୍ରଥମେ ଅର୍ଥନୀତିରେ ବ୍ୟବହୃତ ମୌଳିକ ଶବ୍ଦାବଳୀକୁ ଶିଖିବାକୁ ହେବ – ଆସେଟ୍, ଲିୟାବିଲିଟି, କ୍ୟାପିଟାଲ୍, ଇନ୍‌ଫ୍ଲେଶନ୍, ମ୍ୟୁଚୁଆଲ ଫଣ୍ଡ, ଷ୍ଟକ୍ ଇତ୍ୟାଦି

**ମନେରଖନ୍ତୁ:** ଆର୍ଥିକ ଜଗତ ବିଶାଳ ଅଟେ, ଶିଖିବା ସମୟରେ ଧୈର୍ଯ୍ୟ ରଖନ୍ତୁ।

**ପଦକ୍ଷେପ ୨: ଟେକ୍ନୋଲୋଜିର ଭରପୂର ଫାଇଦା ଉଠାନ୍ତୁ**

ଇଣ୍ଟରନେଟ୍‌ରେ ଆପଣଙ୍କ ସବୁ ପ୍ରଶ୍ନର ଉତ୍ତର ରହିଛି। ଠିକ୍ ଯେମିତି ସମସ୍ତେ ନିଜର ପ୍ୟାରିସ୍ ଭ୍ରମଣ ବିଷୟରେ ବ୍ଲଗ୍ ଲେଖନ୍ତି, ବ୍ୟକ୍ତିଗତ ଅର୍ଥ ସମ୍ପର୍କରେ ମଧ୍ୟ ୱେବ୍‌ରେ ଅନେକ ସୂଚନା ରହିଛି।

ଆପଣ ନଲେଜ୍ ସେଣ୍ଟର, ଇ-ପୁସ୍ତିକା, ଆର୍ଟିକଲ୍ ଏବଂ ସେହିଭଳି କିଛି ଦେଖିପାରନ୍ତି। ନିଜର ଜ୍ଞାନ ବୃଦ୍ଧି କରିବା ପାଇଁ ଆପଣ ମୋବାଇଲରେ ଆର୍ଥିକ ଆପ୍ ମଧ୍ୟ ଡାଉନଲୋଡ୍ କରିପାରନ୍ତି।

**ମନେରଖନ୍ତୁ:** ସେଠାରେ ଉପଲବ୍ଧ ସବୁ ସୂଚନା ସତ୍ୟ ହୋଇ ନ ପାରେ, କେବଳ ଭରସାଯୋଗ୍ୟ ସୂତ୍ର ଉପରେ ବିଶ୍ୱାସ କରନ୍ତୁ ।

**ପଦକ୍ଷେପ ୩: ସ୍ଥାନୀୟ ବାସିନ୍ଦାଙ୍କ ସହ ଭାବ ବିନିମୟ କରନ୍ତୁ**

ଫ୍ରାନ୍ସକୁ ଫରାସୀ ଲୋକଙ୍କଠାରୁ ଅଧିକ କିଏ ଜାଣିଛି ? ସେହିଭଳି, ନିଜ ଅର୍ଥର ପରିଚାଳନା କରୁଥିବା କିମ୍ବା ଅନ୍ୟମାନଙ୍କ ଅର୍ଥର ପରିଚାଳନା କରୁଥିବା (ଆର୍ଥିକ ପରାମର୍ଶଦାତା) ଲୋକମାନେ ଆପଣଙ୍କ ବ୍ୟକ୍ତିଗତ ଆର୍ଥିକ ଜଗତର ଚଳଣି ସମ୍ପର୍କରେ ସହାୟତା କରିପାରିବେ।

ଅର୍ଥର ଅର୍ଥକୁ ବୁଝୁଥିବା ଏପରି ଲୋକମାନଙ୍କ ସହ ନିୟମିତ ଭାବ ବିନିମୟ କରନ୍ତୁ। ବର୍ଷ ବର୍ଷର ଅଭିଜ୍ଞତା ସହିତ, ସେମାନେ ଆପଣଙ୍କୁ ଇଣ୍ଟରନେଟ୍‌ଠାରୁ ଭଲ ଶିକ୍ଷା ଦେଇପାରିବେ।

**ମନେରଖନ୍ତୁ:** ଭାବାବେଗ ଭୁଲ୍ ନିଷ୍ପତ୍ତି ଆଡ଼କୁ ବାଟ କଢ଼ାଇପାରେ, ଭାବ ବିନିମୟ ସମୟରେ ତାକୁ ପ୍ରଭାବୀ ହେବାକୁ ଦିଅନ୍ତୁ ନାହିଁ ।



**ପଦକ୍ଷେପ ୪: ନିଜ ବନ୍ଧୁମାନଙ୍କ ସହ ଆଲୋଚନା କରନ୍ତୁ**

ଯଦିଓ ଭାରତରେ ଥିବା ଆପଣଙ୍କ ବନ୍ଧୁମାନଙ୍କ ନିକଟରେ ଫ୍ରାନ୍ସ ଓ ଏହାର ସଂସ୍କୃତି ସମ୍ପର୍କରେ ମୌଳିକ ସୂଚନା ରହିଥାଇପାରେ କିନ୍ତୁ ସେମାନଙ୍କ ସହିତ ଆଲୋଚନା କରିବା ସର୍ବଦା ଭଲ ହୋଇଥାଏ – ଏପରିକି ଆର୍ଥିକ ବିଷୟରେ ମଧ୍ୟ।

ସେମାନଙ୍କ ସହ ଆର୍ଥିକ ଯୋଜନା ବିଷୟରେ କଥା ହୁଅନ୍ତୁ, ସେମାନଙ୍କ ନିବେଶ ଅଭିଜ୍ଞତା ସମ୍ପର୍କରେ ପଚାରନ୍ତୁ, ନିଜ ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ବିନିମୟ କରନ୍ତୁ। ସେମାନଙ୍କ ରଣନୀତିରୁ ହୁଏତ୍ ଆପଣଙ୍କୁ କିଛି ନା କିଛି ସହାୟତା ମିଳିପାରିବ।

**ମନେରଖନ୍ତୁ:** ଆପଣ ଓ ଆପଣଙ୍କ ବନ୍ଧୁଙ୍କ ଆର୍ଥିକ ସ୍ଥିତି, ଲକ୍ଷ୍ୟ ଓ ରିସ୍କ ପ୍ରୋଫାଇଲ୍ ଭିନ୍ନ ହୋଇଥାଏ, ସେମାନେ ଯାହା କରୁଛନ୍ତି ତାହାକୁ ଅନ୍ଧ ଭାବରେ ଅନୁସରଣ କରନ୍ତୁ ନାହିଁ ।

ଏହି ସରଳ ପଦକ୍ଷେପଗୁଡ଼ିକୁ ଅନୁସରଣ କରନ୍ତୁ, ଏବଂ ଆପଣ ଓ ଆପଣଙ୍କ ଆର୍ଥିକ ଜୀବନ ମଧ୍ୟରେ ସର୍ବଦା ଶାନ୍ତି ଓ ବନ୍ଧୁତା ରହିବ ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏହାପରେ କ'ଣ ?**
ଜଣେ ପ୍ରକୃତ ବନ୍ଧୁ ଖରାପ ସମୟରେ ମଧ୍ୟ ଆପଣଙ୍କ ସହିତ ରହିଥାନ୍ତି। କେଉଁ ନିବେଶରେ ଆପଣଙ୍କ ଆର୍ଥିକ ବନ୍ଧୁ ହେବାର ଏହି ଗୁଣ ରହିଛି ତାହା ଉପରେ ଆସନ୍ତୁ ନଜର ପକାଇବା



## ଆବଶ୍ୟକତା ସମୟରେ ଯିଏ ସାହା ହୁଏ ସେ ହିଁ ପ୍ରକୃତ ବନ୍ଧୁ

ଜଣେ ପ୍ରକୃତ ବନ୍ଧୁଙ୍କ ଭଳି, ଆପଣଙ୍କ ଜରୁରିକାଳୀନ ପାଣ୍ଠି ଆପଣଙ୍କ ଆବଶ୍ୟକତା ସମୟରେ ଆପଣଙ୍କୁ ସାହା ହୋଇଥାଏ ।

**ଜରୁରିକାଳୀନ ପାଣ୍ଠି କ'ଣ**

ଏହା ହେଉଛି ଚାକିରି ହରାଇବା, ଚିକିତ୍ସାଳୟରେ ଭର୍ତ୍ତି ହେବା, ସମ୍ପତ୍ତି ନଷ୍ଟ ପାଇବା, ଆଇନଗତ ସମସ୍ୟା ଇତ୍ୟାଦି ଭଳି ଜରୁରିକାଳୀନ ପରିସ୍ଥିତି ଲାଗି ଆପଣ ଅଲଗା ରଖିଥିବା ଟଙ୍କା ।

ଏହି ଟଙ୍କାକୁ ସାଧାରଣ ଓ ନିତିଦିନିଆ ଖର୍ଚ୍ଚ ପାଇଁ ବ୍ୟବହାର କରାଯାଏ ନାହିଁ ।

ଆଦର୍ଶ ଭାବେ, ଏକ ଜରୁରିକାଳୀନ ପାଣ୍ଠିରେ ତିନିରୁ ଛଅ ମାସର ଖର୍ଚ୍ଚ ତୁଲାଇବା ପାଇଁ ଯଥେଷ୍ଟ ପାଣ୍ଠି ରହିଥିବା ଉଚିତ ।

**ଆପଣ ଜରୁରିକାଳୀନ ପାଣ୍ଠି କାହିଁକି ଦରକାର କରନ୍ତି**

- ମାନସିକ ଚାପର ସ୍ତର ହ୍ରାସ କରିଥାଏ
- ଆପଣଙ୍କ ଖର୍ଚ୍ଚକୁ ନିୟନ୍ତ୍ରଣ କରିଥାଏ
- ଆପଣଙ୍କୁ ଅଧିକ ଶୃଙ୍ଖଳିତ କରିଥାଏ

**ଜରୁରିକାଳୀନ ପାଣ୍ଠି କିପରି ଗଠନ କରିବେ**

ଆପଣ ନିଜ ଆୟର କିଛି ଅଂଶକୁ ନିୟମିତ ଭାବେ ସଞ୍ଚୟ କରି ନିଜର ପାଣ୍ଠି ଗଠନ କରିପାରିବେ ।

ଏହା ଦ୍ରୁତତର ହେବ ଯଦି ଆପଣ ନିଜ ଟଙ୍କାକୁ ଘରେ ନ ରଖି ତାହାକୁ ନିବେଶ କରିବେ, ଉଦାହରଣସ୍ୱରୂପ, ଲିକ୍ୱିଡ୍ ଫଣ୍ଡରେ।
ଲିକ୍ୱିଡ୍ ଫଣ୍ଡ ହେଉଛି ଡେବ୍‌ଟ ଫଣ୍ଡ ଯାହା ମାର୍କେଟ୍ ଇନ୍‌ଷ୍ଟ୍ରୁମେଣ୍ଟରେ ନିବେଶ ହୋଇଥାଏ ଏବଂ ଏହାର ପରିପକ୍ୱତା ଅବଧି ୯୧ ଦିନ ପର୍ଯ୍ୟନ୍ତ ରହିଥାଏ ।

**ଲିକ୍ୱିଡ୍ ଫଣ୍ଡ ଆପଣଙ୍କ ଜରୁରିକାଳୀନ ପାଣ୍ଠି କାହିଁକି ହୋଇପାରିବ ଜାଣନ୍ତୁ**

| ଜଣେ ପ୍ରକୃତ ବନ୍ଧୁ | ଲିକ୍ୱିଡ୍ ଫଣ୍ଡ |
|---|---|
| ଅଧିକ ମାଗନ୍ତି ନାହିଁ | ଆପଣ ₹୫୦୦ ଭଳି ସ୍ୱଳ୍ପ ଅର୍ଥରାଶି ନିବେଶ କରିପାରିବେ |
| ଅସୁବିଧା ସମୟରେ ଆପଣଙ୍କ ପାଖରେ ଥାଆନ୍ତି | ସହଜରେ ଓ ତୁରନ୍ତ ମୁକୁଳାଇବାର ସୁବିଧା ଦେଇଥାଏ |
| ଆପଣଙ୍କ ବୃଦ୍ଧିରେ ସହାୟତା କରନ୍ତି | ସଞ୍ଚୟ ବ୍ୟାଙ୍କ ଖାତା ତୁଳନାରେ ଅଧିକ ରିଟର୍ନ ସହିତ ଆପଣଙ୍କ ପାଣ୍ଠିକୁ ବୃଦ୍ଧି କରିବାରେ ସହାୟତା କରିଥାଏ |
| ଆପଣଙ୍କୁ ସୀମାବଦ୍ଧ କରନ୍ତି ନାହିଁ | ଏପରି ଫଣ୍ଡର ଲକ୍-ଇନ୍ ଅବଧି ନ ଥାଏ, ତେଣୁ ଆପଣ ଯେକୌଣସି ସମୟରେ ନିଜ ଟଙ୍କା ଉଠାଇପାରିବେ |

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ମୋ ବେଷ୍ଟ ଫ୍ରେଣ୍ଡଙ୍କ ନିବେଶ ଯୋଜନାକୁ ଅନୁସରଣ କରିବା ଠିକ୍ ହେବ କି ?**
**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

ସୁନୀତା ପଟ୍ଟନାୟକ
ଆର୍ଥିକ ବିଶେଷଜ୍ଞ

ଯଦି ଆପଣଙ୍କ ମନରେ ନିବେଶ ଲକ୍ଷ୍ୟ ଅଛି କିନ୍ତୁ ନିଜ ନିବେଶର ଯୋଜନା କିପରି କରିବେ ତାହା ଜାଣିନାହାନ୍ତି, ହେଲେ, ଆପଣଙ୍କ ବନ୍ଧୁଙ୍କର ସଫଳ ନିବେଶ ରୁଟିନ୍ ଅଛି, ତଥାପି ସେହି ବନ୍ଧୁଙ୍କ ନିବେଶ ଯୋଜନାକୁ ଅବିକଳ ନକଲ କରିବା ପରାମର୍ଶଯୋଗ୍ୟ ନୁହେଁ । ବନ୍ଧୁଙ୍କ ଆର୍ଥିକ ଯୋଜନା, ରିସ୍କ ନେବାର ସାମର୍ଥ୍ୟ ଏବଂ ସେହି ଲକ୍ଷ୍ୟକୁ ହାସଲ କରିବାର ସମୟ ଅବଧି, ଏସବୁ ଆପଣଙ୍କ ଯୋଜନାରୁ ଭିନ୍ନ ହୋଇପାରେ । ଫଳରେ, ନିଜ ବନ୍ଧୁଙ୍କ ଆର୍ଥିକ ରଣନୀତିକୁ ନକଲ କରିବା ବିପଦସଙ୍କୁଳ ହୋଇପାରେ ଏବଂ ଆପଣ ନିଜର ଟଙ୍କା ମଧ୍ୟ ହରାଇପାରନ୍ତି। ତେଣୁ, ନିଜର ଏକ ଆର୍ଥିକ ଯୋଜନା ରଖିବା ପରାମର୍ଶଯୋଗ୍ୟ। ନିଜ ଆର୍ଥିକ ଲକ୍ଷ୍ୟଗୁଡ଼ିକ ସମ୍ପର୍କରେ ନିଜ ପରାମର୍ଶଦାତାଙ୍କ ସହ ଆଲୋଚନା କରନ୍ତୁ ଓ ନିବେଶ ଯୋଜନା ପାଇଁ ନିଜସ୍ୱ ପୋର୍ଟଫୋଲିଓ ପ୍ରସ୍ତୁତ କରନ୍ତୁ । ଆପଣଙ୍କ ଆର୍ଥିକ ଲକ୍ଷ୍ୟକୁ ହାସଲ କରିବା ପାଇଁ କେଉଁ ମ୍ୟୁଚୁଆଲ ଫଣ୍ଡ ସ୍କିମ୍ ଭଲ ହେବ ସେ ନିଷ୍ପତ୍ତି ନେବାରେ ଜଣେ ଆର୍ଥିକ ପରାମର୍ଶଦାତା ଆପଣଙ୍କୁ ସାହାଯ୍ୟ କରିପାରିବେ ।

## ଗୁରୁ କୁହନ୍ତି

ଅଜିତ ଦାସ
ଆର୍ଥିକ ପରାମର୍ଶଦାତା

**ଟଙ୍କା ମୂଲ୍ୟ ହାରାହାରୀକରଣ କାହିଁକି ଗୁରୁତ୍ୱପୂର୍ଣ୍ଣ ?**

ଟଙ୍କା ମୂଲ୍ୟ ହାରାହାରୀକରଣ ହେଉଛି ଏକ ଅବଧାରଣା ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ମ୍ୟୁଚୁଆଲ ଫଣ୍ଡରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥରାଶି ନିୟମିତ ଭାବେ ନିବେଶ କରାଯାଏ । ଏହାଦ୍ୱାରା ନିବେଶକଙ୍କୁ ବଜାରରେ ନିବେଶ କରିବାର ପ୍ରକୃଷ୍ଟ ସମୟ ପାଇଁ ଅପେକ୍ଷା କରିବାକୁ ପଡ଼େନାହିଁ। ତେଣୁ, ଯେବେ ବଜାର ନିମ୍ନମୁଖୀ ରହେ ସେ ଅଧିକ ୟୁନିଟ୍ କ୍ରୟ କରିପାରିବେ ଏବଂ ବଜାର ଊର୍ଦ୍ଧ୍ୱମୁଖୀ ଥିବା ସମୟରେ ସେ କମ୍ ୟୁନିଟ୍ କିଣିପାରିବେ। ତେଣୁ ନିୟମିତ ନିବେଶ କରିବା ଦ୍ୱାରା ଆପଣଙ୍କୁ ଅର୍ଥନୀତି ଓ ଷ୍ଟକ୍ ମାର୍କେଟ୍‌କୁ ଟ୍ରାକ୍ କରିବାକୁ ପଡ଼ି ନ ଥାଏ । ସମୟ ବିତିବା ସହିତ, ଟଙ୍କା ମୂଲ୍ୟ ହାରାହାରୀକରଣ ପ୍ରଭାବ ଯୋଗୁଁ, ୟୁନିଟ୍‌ଗୁଡ଼ିକର ମୂଲ୍ୟ ହାରାହାରି ହୋଇଯାଏ ଏବଂ ଆପଣଙ୍କ ନିବେଶ ଉପରେ ସ୍ୱଳ୍ପମିଆଦୀ ବଜାର ଅସ୍ଥିରତା ଓ ପରିବର୍ତ୍ତନଶୀଳତାର ପ୍ରଭାବ ହ୍ରାସିତ ହୋଇଥାଏ । ଏହାଦ୍ୱାରା ଆପଣ ବଜାରର ପ୍ରକୃଷ୍ଟ ସମୟ ଉପରେ ନଜର ରଖିବା ବିନା ଦୀର୍ଘ ମିଆଦରେ ସର୍ବାଧିକ ସମ୍ଭବ ରିଟର୍ନ ପାଇପାରନ୍ତି ।

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:** ୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

ଆପଣ ନିବେଶ କରିବା ପୂର୍ବରୁ ଆର୍ଥିକ ଯୋଜନା କରିବା କାହିଁକି ଜରୁରୀ ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

ଆପଣଙ୍କ ଜୀବନରେ "ଆର୍ଥିକ ପରାମର୍ଶଦାତାଙ୍କ ଭୂମିକା" ଉପରେ ପଡ୍‌କାଷ୍ଟ ଶୁଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।




କାହା ସହିତ ବନ୍ଧୁତା ସ୍ଥାପନ ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ!


MUTUALFUNDS Sahi Hai

uti UTI Mutual Fund
Haq, ek behtar zindagi ka.



ସମସ୍ତେ ଆପଣଙ୍କୁ ପରାମର୍ଶ ଦେଇଥାନ୍ତି।
ଜଣେ ପ୍ରକୃତ ବନ୍ଧୁ ଆପଣଙ୍କୁ ଲାଭଦାୟକ ପରାମର୍ଶ ଦେଇଥାନ୍ତି।

#ଆପଣଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ କଥା ହୁଅନ୍ତୁ

ଆପଣଙ୍କ ମ୍ୟୁଚୁଆଲ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ମିସ୍‌ଡ କଲ୍ ଦିଅନ୍ତୁ

କଣ ଏହା ବହୁତ ଭଲ ଲାଗେ ନାହିଁ କି ଏପରି କୌଣସି ବ୍ୟକ୍ତି ଯିଏ କେବଳ ଆପଣଙ୍କ ବିକଶିତକାରୀ ଆକାଂକ୍ଷାକୁ ଜାଣନ୍ତି ନାହିଁ, ଅଧିକନ୍ତୁ ଆପଣଙ୍କ ଜୀବନର ପ୍ରତିଟି କଦମରେ ତାହାକୁ ହାସଲ କରିବାରେ ସାହାଯ୍ୟ କରନ୍ତି! ଆପଣଙ୍କ ବିତ୍ତୀୟ ପରାମର୍ଶଦାତା ନିଜର ସମୟ, ବିଶେଷଜ୍ଞତା ଏବଂ ଆପଣଙ୍କ ବିତ୍ତୀୟ ଆବଶ୍ୟକତାକୁ ଗଭୀର ଭାବରେ ବୁଝିବା ପାଇଁ ବ୍ୟକ୍ତିକେନ୍ଦ୍ରିୟ ବିତ୍ତୀୟ ସମାଧାନର ପନ୍ଥା ଦେଇଥାଆନ୍ତି ।

To know more scan this QR code.

ୟୁଟିଆଇ ସ୍ୱତନ୍ତ୍ର®
ଏକ ନିବେଶକ ଶୈକ୍ଷଣିକ ପଦକ୍ଷେପ

ବିଶେଷଜ୍ଞ ପରାମର୍ଶ ବିଷୟରେ ଅଧିକ ସୂଚନା ପାଇଁ www.utiswatantra.com ରେ ଲଗ୍ ଅନ୍ କରନ୍ତୁ

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ ।


HAPPY FRIENDSHIP DAY!



**ଜାଣିବା କଥା**

ବନ୍ଧୁତାର ଗୁଣ ଓ ସୁନ୍ଦରତାକୁ ପାଳନ କରିବା ପାଇଁ ପ୍ରତିବର୍ଷ ବନ୍ଧୁତା ଦିବସ ପାଳନ କରାଯାଇଥାଏ । ୧୯୩୦ରେ ହଲ୍‌ମାର୍କ କାର୍ଡସ୍‌ର ପ୍ରତିଷ୍ଠାତା ଜୟସ ହଲ୍‌ଙ୍କ ଦ୍ୱାରା ଏହା ଆରମ୍ଭ କରାଯାଇଥିଲା। ୨୦୧୧ରେ, ଦେଶ ଓ ସଂସ୍କୃତିଗୁଡ଼ିକ ମଧ୍ୟରେ ବନ୍ଧୁତାର ପ୍ରସାର ପାଇଁ ମିଳିତ ଜାତିସଙ୍ଘ 'ଅନ୍ତର୍ଜାତୀୟ ବନ୍ଧୁତା ଦିବସ' ପାଳନ ଆରମ୍ଭ କରିଥିଲା। ବିଶ୍ୱବ୍ୟାପୀ ବନ୍ଧୁତା ଦିବସ ବିଭିନ୍ନ ତାରିଖରେ ପାଳନ କରାଯାଇଥାଏ। ଭାରତରେ ଏହା ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ପାଳନ କରାଯାଏ ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantrateam@gmail.com ରେ
■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ସ୍ୱତନ୍ତ୍ର କୁମାର ବୁଝାନ୍ତି:

## ଇକ୍ୱିଟି ସହିତ ଦୀର୍ଘମିଆଦୀ ବନ୍ଧୁତା କାହିଁକି ମାନେ ରଖିଥାଏ

ଜୀବନରେ ଆପଣ ଅନେକଙ୍କ ସହ ବନ୍ଧୁତା କରନ୍ତି, କିନ୍ତୁ ସେମାନେ ସମସ୍ତେ ସବୁଦିନିଆ ବନ୍ଧୁ ହୋଇ ରହନ୍ତି ନାହିଁ । କିନ୍ତୁ, ଯେଉଁମାନେ ରହନ୍ତି ସେମାନେ ଆପଣଙ୍କର ଅତି ଆପଣାର ପାଲଟିଯାଆନ୍ତି। ଆପଣଙ୍କ ବନ୍ଧୁତା ଭଳି, ଆପଣଙ୍କ ନିବେଶଗୁଡ଼ିକ ମଧ୍ୟ ଦୀର୍ଘମିଆଦୀ ହେବା ଉଚିତ। ଯାହା ବି ହେଲେ, ଏହାର ଲାଭ ସୁଦୂରପ୍ରସାରୀ।

**ଆପଣ ମୁଦ୍ରାସ୍ଫୀତିକୁ ପରାଜିତ କରିପାରିବେ**

ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘମିଆଦୀ ନିବେଶ ଆପଣଙ୍କୁ ମୁଦ୍ରାସ୍ଫୀତିକୁ ପରାଜିତ କରିବାରେ ସାହାଯ୍ୟ କରିଥାଏ କାରଣ ସେଗୁଡ଼ିକ ଉଚ୍ଚତର ରିଟର୍ନ ଉତ୍ପନ୍ନ କରିଥାଏ ।

**ଆପଣ ଅଧିକ ଟିକସ ସଞ୍ଚୟ କରିପାରିବେ**

ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଉପରେ ଆପଣ ୧୫% ସ୍ୱଳ୍ପମିଆଦୀ ପୁଞ୍ଜି ଲାଭ ପୈଠ କରନ୍ତି। ଅନ୍ୟ ପକ୍ଷରେ, ଯଦି ଆପଣ ନିଜ ନିବେଶକୁ ଏକ ବର୍ଷରୁ ଅଧିକ ସମୟ ପାଇଁ ଧରି ରଖନ୍ତି, ତେବେ ₹୧ ଲକ୍ଷରୁ ଅତିରିକ୍ତ ଲାଭଗୁଡ଼ିକ ଉପରେ ୧୦% ହାରରେ ଟିକସ ଲାଗୁ ହେବ ।

**ଆପଣ ପାଣ୍ଠି ଗଠନ କରିପାରିବେ**

କମ୍ପାଉଣ୍ଡିଂକୁ କାମରେ ଲଗାଇବା ପାଇଁ, ଆପଣ ସମୟ ଆବଶ୍ୟକ କରିଥାନ୍ତି। କମ୍ପାଉଣ୍ଡିଂର ଶକ୍ତି ସମୟ ସହିତ ଏକ ଛୋଟ ପରିମାଣର ଅର୍ଥରାଶିକୁ ଏକ ବଡ଼ ପରିମାଣର ଅର୍ଥରାଶିରେ ପରିଣତ କରିପାରେ ।

**ଭାବଗତ ନିବେଶରୁ ଆପଣ ନିବୃତ୍ତ ରହିଥାନ୍ତି**

ଇକ୍ୱିଟି ବଜାର ଅସ୍ଥିର ହୋଇଥାଏ, କିନ୍ତୁ ସେଗୁଡ଼ିକର ଦୀର୍ଘମିଆଦରେ ଭଲ ରିଟର୍ନ ଯୋଗାଇବାର ସାମର୍ଥ୍ୟ ରହିଛି । ତେଣୁ ବଜାରରେ ଅସ୍ଥିରତା ଦେଖାଗଲେ ମଧ୍ୟ ଆପଣ ଶାନ୍ତ ରହିପାରନ୍ତି ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ପରବର୍ତ୍ତୀ ସଂସ୍କରଣରେ: ବନ୍ଧୁତା ହେଉ କି ନିବେଶ - ଯେତେ ଦୀର୍ଘକାଳୀନ, ସେତେ ଭଲ ।
ଆସନ୍ତା ସଂସ୍କରଣରେ, ଦୀର୍ଘ-ମିଆଦୀ ନିବେଶ ମାରାଥନ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ଆମେ କେତେକ ଟିପ୍‌ସ ଉପରେ ନଜର ପକାଇବା ।

f LIVE ନିବେଶ ମାରାଥନ୍‌କୁ ଜିତିବା ପାଇଁ, ୧୪ ଅଗଷ୍ଟ, ୨୦୧୯ ଦିନ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ ଇନ୍ କରନ୍ତୁ ଏବଂ ଶୋ' 'ହାରିଯିବାର ଭୟକୁ ଆପଣଙ୍କୁ ଦୌଡ଼ିବାରୁ ରୋକିବାକୁ ଦିଅନ୍ତୁ ନାହିଁ' ଦେଖନ୍ତୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସେବା ପ୍ରତିନିଧି ଅନୁଷ୍ଠାନ ପକ୍ଷରୁ ଶେଷ ଶ୍ରାବଣର ସେବା ଓ ହରିନାମ, ଶ୍ରୀ ଲିଙ୍ଗରାଜ ମନ୍ଦିର, ଭୋର ଓ ସନ୍ଧ୍ୟା ୬ଟା।
- ଉତ୍କଳ ଲାଇବ୍ରେରୀ ଆସୋସିଏଶନ ପକ୍ଷରୁ ଜାତୀୟ ଲାଇବ୍ରେରିଆନ୍ସ ଦିବସ ପାଳନ, ଭାରତୀୟ ବିଦ୍ୟା ଭବନ, ପୂର୍ବାହ୍ନ ୧୦ଟା।
- ସିନିୟର ସିଟିଜନ ଫୋରମ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ଲା-ଫିଏଷ୍ଟା କଲ୍ୟାଣ ମଣ୍ଡପ, ମଞ୍ଚେଶ୍ୱର, ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟର ଫର୍ ଚାଇଲ୍ଡ ଆଣ୍ଡ ଓମେନ ଡେଭଲପମେଣ୍ଟ(ସିସିଡବ୍ଲ୍ୟୁଡି) ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ, ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ହମାରା ବେଚପନ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ଯୁବ ଦିବସ, ଦି ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ, ସଚିବାଳୟ ମାର୍ଗ, ଅପରାହ୍ନ ୨ଟା।
- ଗୋଲଡେନ ଗୀତ ଗଜଲ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ନୂପୁର ଅନୁଷ୍ଠାନ ପକ୍ଷରୁ ମହ୍ଲାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ସାକ୍ଷୀଗୋପାଳ**
- ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସର, ସକାଳ ୯ଟା।।

**ପୁରୀ**
- ଝୁଲଣ ଉତ୍ସବ, ମାତା ମଠ, ବଳିଆପଣ୍ଡା, ଗୌର ବିହାର, ଅପରାହ୍ନ ୩ଟା।
- ୧୨ତମ ଜାତୀୟ ନାଟକ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

## ନଦୀରେ ବୁଡ଼ି ବୃଦ୍ଧ ମୃତ

**ନିମାପଡ଼ା,୧୧।୮(ଡି.ଏନ୍.ଏ.):** ଚାରିଛକ ଅମରେଶ୍ୱର ମହାରଣା ସାହିର ସିନ୍ଧୁ ମହାରଣା(୬୫) ରବିବାର ପ୍ରାଚୀ ନଦୀରେ ବୁଡ଼ିଯାଇଛନ୍ତି। ବୃଦ୍ଧଜଣକ ନଦୀରେ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାବଶତଃ ଗୋଡ ଖସିଯିବାରୁ ବୁଡ଼ିଯାଇ କିଛିବାଟ ଭାସିଯାଇଥିଲେ। ନଦୀରେ ଭାସୁଥିବାର କେତେକ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଚାରିଛକ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ମୃତ ବୃଦ୍ଧଙ୍କ ପୁଅ ଗୌରାଙ୍ଗ ମହାରଣା ଚାରିଛକ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ନଂ ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତ ବୃଦ୍ଧଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରବର୍ଗଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ପ୍ରଶାସନଠାରେ ଗ୍ରାମବାସୀ ଦାବି କରିଛନ୍ତି।

### ବନ ବିଭାଗର ହାତୀ ସୁରକ୍ଷା ଫେଲ୍

# ୮ବର୍ଷରେ ମଲେଣି ୫୪୮ ହାତୀ



**ଆଜି ବିଶ୍ୱ ହସ୍ତୀ ଦିବସ**

**ଅସମାପିକା ସାହୁ**
**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ଆଜି ବିଶ୍ୱ ହସ୍ତୀ ଦିବସ। ଐତିହ୍ୟ ପ୍ରାଣୀ ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨କୁ ହସ୍ତୀ ଦିବସ ଭାବେ ପାଳନ କରାଯାଇ ଆସୁଛି। ୨୦୧୨ରୁ ଆରମ୍ଭ ହୋଇଥିବା ଏହି ଦିବସଟିକୁ ହାତୀଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ସଚେତନତା ସୃଷ୍ଟି ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହାତୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଓଡ଼ିଶାରେ ଏହାର ବାସ୍ତବତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ବର୍ଷ ବର୍ଷ ଧରି ହାତୀ-ମଣିଷ ଲଢ଼େଇ ଜାରି ରହିଥିବାବେଳେ କେତେବେଳେ ହାତୀ ତ ପୁଣି କେବେ ମଣିଷର ଜୀବନ ଯାଉଛି। ସେହିଭଳି ଟ୍ରେନ୍ ଧକ୍କା, ବିଦ୍ୟୁତ୍ ଆଘାତରେ ବହୁ ହାତୀଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ରାଜ୍ୟରେ ହାତୀ ଶିକାର ମଧ୍ୟ ବଢ଼ି ଚାଲିଛି। ପ୍ରାକୃତିକ ବାସସ୍ଥଳ ଅଭାବ ହାତୀବଂଶ ପାଇଁ ବିପଦ ସାଜିଛି। ବହୁ ହାତୀ ଶାବକଙ୍କ ଅକାଳ ମୃତ୍ୟୁ ମଧ୍ୟ ଘଟୁଛି। ଏପରିସ୍ଥଳେ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗ ଫେଲ୍ ମାରିଥିବା ବାରିହୋଇପଡୁଛି। ଏମିତି ପ୍ରସଙ୍ଗକୁ ନେଇ ହସ୍ତୀ ଦିବସ ଉପଲକ୍ଷେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।

ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୨ ଗଣନାରେ ହାତୀ ସଂଖ୍ୟା ୧୯୩୦ ଥିବାବେଳେ ୨୦୧୫ରେ ୧୯୫୪ ଓ ୨୦୧୭ରେ ଏହା ବୃଦ୍ଧି ପାଇ ୧୯୭୬ରେ ପହଞ୍ଚିଛି। ହାତୀ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ପ୍ରତିବର୍ଷ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ଗତ ୮ବର୍ଷରେ ରାଜ୍ୟରେ ମୋଟ ୫୪୮ହାତୀ ମରିଛନ୍ତି। ୨୦୧୧-୧୨ରେ ୬୮ ହାତୀ ମରିଥିବାବେଳେ ୨୦୧୨-୧୩ରେ ୮୨, ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୫, ୨୦୧୫-୧୬ରେ ୮୫, ୨୦୧୬-୧୭ରେ ୭୫, ୨୦୧୭-୧୮ରେ ୭୮ ଓ ୨୦୧୮-୧୯ରେ ୩୫ ହାତୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟ କହୁଛି।

ରିପୋର୍ଟ ଅନୁସାରେ, ଶିକାରରେ ୩୦ ହାତୀ ମରିଥିବାବେଳେ ବିଷଜନିତ କାରଣରୁ ୯, ବିଦ୍ୟୁତ୍ ଆଘାତରେ ୭୦ ହାତୀଙ୍କ ଜୀବନ ଯାଇଛି। ତେବେ ବିଦ୍ୟୁତ୍‌ଜନିତ ମୃତ୍ୟୁ ଦୁଇ ପ୍ରକାର ହୋଇଥାଏ। ଗୋଟିଏ ଆକସ୍ମିକ ଓ ଅନ୍ୟଟି ଉଦ୍ଦେଶ୍ୟମୂଳକ। ୨୮ ହାତୀ ଆକସ୍ମିକ ଭାବେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଛି। ଆଉ ୪୨ ହାତୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟୁତ୍ ଆଘାତରେ ମାରିଦିଆଯାଇଛି। ସେହିପରି ୧୦୬ ହାତୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥି ମଧ୍ୟରେ ଟ୍ରେନ ଦୁର୍ଘଟଣାରେ ୨୨, ରାସ୍ତା ଦୁର୍ଘଟଣାରେ ୨ ଓ ଅନ୍ୟ ଦୁର୍ଘଟଣା(ହାତୀ ହାତୀ ମଧ୍ୟରେ ଆକ୍ରମଣ, ଉଚ୍ଚ ସ୍ଥାନରୁ ଖସିପଡ଼ି)ରେ ୮୨ ହାତୀ ମରିଛନ୍ତି। ଅନ୍ୟପକ୍ଷରେ ରୋଗରେ ମୋଟ ୧୫୬ ହାତୀ ମରିଛନ୍ତି। ସେଥିମଧ୍ୟରୁ ଆନ୍ଥ୍ରାକ୍ସରେ ୩୧ ଓ ଅନ୍ୟ ରୋଗରେ ୧୨୫ ହାତୀଙ୍କର ମୃତ୍ୟୁ ଘଟିଛି। ୭୨ ହାତୀଙ୍କ ପ୍ରାକୃତିକ ବା ସ୍ୱାଭାବିକ ମୃତ୍ୟୁ ଘଟିଥିବାବେଳେ ଆଉ ୧୦୫ ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

ତେବେ ବେସରକାରୀ ତଥ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଢ଼େର୍ ଅଧିକ ରହୁଛି। ଓଡ଼ିଶା ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ)ର ତଥ୍ୟ ଅନୁସାରେ, ୮ବର୍ଷ ମଧ୍ୟରେ ୯୩ ହାତୀଙ୍କର ବିଦ୍ୟୁତଜନିତ ମୃତ୍ୟୁ ହୋଇଥିବାବେଳେ ଟ୍ରେନ ଦୁର୍ଘଟଣାରେ ୨୫, ଶିକାରରେ ୮୨ ହାତୀ ମରିଛନ୍ତି। ଓଡ଼ିଶାରେ ହାତୀ ମୃତ୍ୟୁକୁ ନେଇ ଡବ୍ଲ୍ୟୁଏସ୍‌ଓର ମୁଖ୍ୟ ବିଶ୍ୱଜିତ୍ ମହାନ୍ତି କୁହନ୍ତି, ରାଜ୍ୟ ସରକାର ହାତୀ ସଂଖ୍ୟା ବଢ଼ିଲେ ଠିକ୍ ରିପୋର୍ଟ ଦିଅନ୍ତି, କିନ୍ତୁ ମୃତ୍ୟୁ ରିପୋର୍ଟ ଭୁଲ୍ ଦିଅନ୍ତି। ଜଙ୍ଗଲରେ ହାତୀ ମରି ପଚି ମାଟିରେ ମିଶିଯାଉଛନ୍ତି। କିନ୍ତୁ ବନ ବିଭାଗ ତାହା ଜାଣିପାରୁ ନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମକୁ ଆସୁ ନ ଥିବା ହାତୀ ମୃତ୍ୟୁକୁ ଲୁଚାଇ ଦିଆଯାଉଛି। ଦାୟିତ୍ୱରେ ରହୁଥିବା ସ୍ଥାନୀୟ ଅଧିକାରୀମାନେ ମଧ୍ୟ ବହୁ ସମୟରେ ଉଚ୍ଚ କର୍ତ୍ତୃପକ୍ଷ ବା ସରକାରଙ୍କୁ ଜଣାଇ ନ ଥାନ୍ତି। ବାସ୍ତବରେ ହାତୀକୁ ସୁରକ୍ଷା ଦେବା ପାଇଁ ବିଭାଗର ଆନ୍ତରିକତା ନାହିଁ। ଏବେ ବି ଅନେକ ହାତୀ ଶିକାର ହେଉଛି ଓ ବହୁ ହାତୀର ମୃତ୍ୟୁର କାରଣ ଜଣାପଡୁନାହିଁ। ତେଣୁ ସରକାର ପ୍ରତ୍ୟେକ ହାତୀ ମୃତ୍ୟୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଉଚିତ। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। ଯେପର୍ଯ୍ୟନ୍ତ ଶିକାରୀ ବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହୋଇଛି ସେ ପର୍ଯ୍ୟନ୍ତ ଶିକାର ହେଉଥିବ। ଅନ୍ୟପକ୍ଷରେ ହାତୀ ମୃତ୍ୟୁ ଘଟଣାରେ ଅଭିଯୁକ୍ତମାନେ କିଛି ଦିନ ଜେଲ୍‌ରେ ରହିବା ପରେ ପ୍ରମାଣ ଅଭାବରୁ ଖସି ଯାଉଛନ୍ତି। ଆଉ ତା'ପରେ ପୁଣି ସେମାନେ ସେହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ବିଭାଗ ଏ ଦିଗରେ ଗୁରୁତ୍ୱ ଦେବା ଉଚିତ ବୋଲି ମହାନ୍ତି କହିଛନ୍ତି।

### ୮ ବର୍ଷରେ ହାତୀମୃତ୍ୟୁର ବିଭିନ୍ନ କାରଣ

| ବର୍ଷ | ଶିକାର | ବିଷକ୍ରିୟା | ବିଦ୍ୟୁତ୍‌ଜନିତ | | ଦୁର୍ଘଟଣା | | | ରୋଗ | | ପ୍ରାକୃତିକ | କାରଣ ଅସ୍ପଷ୍ଟ | ମୋଟ |
|---|---|---|---|---|---|---|---|---|---|---|---|---|
| | | | ଆକସ୍ମିକ | ଉଦ୍ଦେଶ୍ୟମୂଳକ | ଟ୍ରେନ୍ | ରୋଡ୍ | ଅନ୍ୟାନ୍ୟ | ଆନ୍ଥ୍ରାକ୍ସ | ଅନ୍ୟାନ୍ୟ | | | |
| ୨୦୧୧-୧୨ | ୪ | ୪ | ୫ | ୮ | ୨ | ୦ | ୫ | ୦ | ୮ | ୧୭ | ୧୫ | ୬୮ |
| ୨୦୧୨-୧୩ | ୫ | ୩ | ୬ | ୭ | ୧୧ | ୦ | ୪ | ୦ | ୨୪ | ୯ | ୧୩ | ୮୨ |
| ୨୦୧୩-୧୪ | ୧୧ | ୧ | ୧ | ୫ | ୧ | ୦ | ୫ | ୦ | ୧୪ | ୧୫ | ୧୭ | ୭୦ |
| ୨୦୧୪-୧୫ | ୪ | ୦ | ୨ | ୨ | ୦ | ୧ | ୧୧ | ୪ | ୧୧ | ୯ | ୧୧ | ୫୫ |
| ୨୦୧୫-୧୬ | ୨ | ୦ | ୫ | ୯ | ୧ | ୧ | ୧୧ | ୧୧ | ୧୭ | ୧୧ | ୧୭ | ୮୫ |
| ୨୦୧୬-୧୭ | ୨ | ୦ | ୩ | ୩ | | ୦ | ୧୫ | ୧୨ | ୨୩ | ୪ | ୧୩ | ୭୫ |
| ୨୦୧୭-୧୮ | ୨ | ୧ | ୫ | ୪ | ୨ | ୦ | ୨୩ | ୨ | ୨୪ | ୪ | ୧୧ | ୭୮ |
| ୨୦୧୮-୧୯ | ୦ | ୦ | ୧ | ୪ | ୫ | ୦ | ୮ | ୨ | ୪ | ୩ | ୮ | ୩୫ |
| ମୋଟ | ୩୦ | ୯ | ୨୮ | ୪୨ | ୨୨ | ୨ | ୮୨ | ୩୧ | ୧୨୫ | ୭୨ | ୧୦୫ | ୫୪୮ |



ଶ୍ରୀଜୀଉଙ୍କ ପାଇଁ ଶ୍ରୀମନ୍ଦିର ଦୋଳମଣ୍ଡପ ସାହିରେ ପାଟରା ବିଶୋଇଙ୍କ ଦ୍ୱାରା ରାଖୀ ପ୍ରସ୍ତୁତ ଚାଲିଛି।




ଅଗଷ୍ଟ ୧୨ ଅନ୍ତର୍ଜାତୀୟ ଯୁବ ଦିବସ ପରିପ୍ରେକ୍ଷୀରେ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ନିକଟ ଏସ୍‌ବିଆଇ ସମ୍ମୁଖରେ ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ଏଡ୍‌ସ ସଚେତନତା ବାର୍ତ୍ତା ନେଇ ତିଆରି କରିଥିବା ବାଲୁକା କଳା।

# ବରେନ୍ଦ୍ରଙ୍କ ଲେଖନୀ ଇତିହାସରେ ଅମ୍ଳାନ ସ୍ୱାକ୍ଷର ରଚିଛି

**ଭୁବନେଶ୍ୱର,୧୧।୮(ବ୍ୟୁରୋ)**

### ତୃତୀୟ ସ୍ମାରକୀ ବକ୍ତୃତାମାଳା




କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ ଉପସ୍ଥିତ ଅନ୍ୟ ଅତିଥିମାନେ।

ବିଶିଷ୍ଟ ସ୍ତମ୍ଭକାର ବରେନ୍ଦ୍ର କୃଷ୍ଣ ଧଳ ଜଣେ ଶାଣିତ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଯିଏ କି ଦିନ ଦୁଃଖୀଙ୍କ ଲାଗି କଲମ ଚାଳନା କରୁଥିଲେ। ତାଙ୍କ ଦ୍ୱାରା ଲିଖିତ ଅନେକ ସମ୍ପାଦକୀୟ, ସ୍ତମ୍ଭ ଓ ଖବର ବିଭିନ୍ନ ମହଲରେ ବେଶ ଆଦୃତି ଲାଭ କରିଛି। ସେ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭର ଜଣେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରି ରାଜନେତା ଓ ପ୍ରଶାସକଙ୍କୁ ଠିକ୍ ବାଟ ଦେଖାଇବାରେ ସମର୍ଥ ହୋଇଥିଲେ। ତାଙ୍କ ଲେଖନୀ ଇତିହାସରେ ଅମ୍ଳାନ ସ୍ୱାକ୍ଷର ରଚିଛି ବୋଲି ବରେନ୍ଦ୍ର କୃଷ୍ଣ ଧଳ ତୃତୀୟ ସ୍ମାରକୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଥିଲେ।

ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ନ୍ୟାସ ପକ୍ଷରୁ ସୂଚନାଭବନ ଗୀତଗୋବିନ୍ଦ ସଦନରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ପ୍ରାକୃତିକ ବିପର୍ଯ୍ୟୟରେ ଜଳବାୟୁ ପରିବର୍ତ୍ତନ ଓ ବାୟୁମଣ୍ଡଳ ଉଷ୍ମତାର ପ୍ରଭାବ: ଓଡ଼ିଶା ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା' ପ୍ରସଙ୍ଗରେ ସ୍ମାରକୀ ବକ୍ତୃତା ଦେଇ ମହାପାତ୍ର କହିଥିଲେ, ଜଳବାୟୁ ପରିବର୍ତ୍ତନ ଏକ ଚଳନ୍ତି ପ୍ରକ୍ରିୟା। ମାତ୍ର ଏହି ପରିବର୍ତ୍ତନ ଅତୀତରେ ଯେଉଁ ହାରରେ ଥିଲା, ତାହା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ, ଜଙ୍ଗଲ ଓ ମୃତ୍ତିକା କ୍ଷୟ, ଉର୍ବରତା ହ୍ରାସ ଘଟୁଛି। ସହରୀକରଣ, ଶିଳ୍ପାୟନ ଓ ଆଧୁନିକ ଜୀବନଧାରା ଏଥିପାଇଁ ଦାୟୀ। ବିଗତ ୧୦୦ ବର୍ଷ ମଧ୍ୟରେ ତାପମାତ୍ରା ଦୁଇଗୁଣ ହାରରେ ବୃଦ୍ଧି ପାଇଛି। ଏହା ଭବିଷ୍ୟତ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସେଥିପାଇଁ ଜଳବାୟୁ ପରିବର୍ତ୍ତନର ପୂର୍ବାନୁମାନ ଗୁରୁତ୍ୱପୂର୍ଣ୍ଣ ହୋଇଛି ଏବଂ ଏ ସମ୍ପର୍କରେ ସମଗ୍ର ଜାତି ପାଇଁ ମିଡିଆର ଭୂମିକା ଅଧିକ କ୍ରିୟାଶୀଳ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

**'ଜଳବାୟୁ ପରିବର୍ତ୍ତନ ଲାଗି ସହରୀକରଣ, ଶିଳ୍ପାୟନ, ଆଧୁନିକ ଜୀବନଧାରା ଦାୟୀ'**

ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଦେବପ୍ରସାଦ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜନସଞ୍ଚାର ସଂସ୍ଥାନର ସାମ୍ବାଦିକତା(ଓଡ଼ିଆ) ବିଭାଗର କୃତୀ ଛାତ୍ର ଆଲୋକଚନ୍ଦ୍ର ବାରିକଙ୍କୁ ନ୍ୟାସ ପକ୍ଷରୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କୁ ୧୦ ହଜାର ଟଙ୍କା ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଶୁଭଜ୍ୟୋତି



ସତ୍ୟ



ସୁଚିସ୍ମିତା



ସନ୍ତୋଷ



ହରିଚନ୍ଦନ



ସର୍ବେଶ୍ୱର



ବିକାଶ



ପ୍ରଦ୍ୟୁମ୍ନ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ, ମହିଳା ଗିରଫ

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ):** କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳାଙ୍କଠାରୁ ୨୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ମହିଳାଙ୍କୁ ରବିବାର ଗିରଫ କରିଛି। ସେ ହେଲେ ସାଲିଆ ସାହି ନୀଳକଣ୍ଠ ବସ୍ତି ଅଞ୍ଚଳରେ ରହୁଥିବା କନ୍ଧମାଳ ଜିଲାର ଅଞ୍ଜନା ମହାକୁଡ଼। ଅଞ୍ଜନା ମଧ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଅଛନ୍ତି। ସ୍ୱାମୀ ଓ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କହି ୬ଜଣଙ୍କଠାରୁ ଉକ୍ତ ଟଙ୍କା ନେଇ ତାହାକୁ ଆଉ ପରିଶୋଧ କରି ନ ଥିଲେ। ଏପରି କି ଫୋନ୍ ନମ୍ବର ବଦଳାଇ ଆଉ ଧରାଛୁଆଁ ଦେଇ ନ ଥିଲେ। ଚନ୍ଦ୍ରଶେଖରପୁର ଥାନା ଏମ୍ଆଇଜି କଲୋନୀରେ ରହୁଥିବା ସାବିତ୍ରୀ ସାମନ୍ତରାୟଙ୍କଠାରୁ ଅଞ୍ଜନା ୩ ଲକ୍ଷ ଟଙ୍କା ଧାର ନେଇ ଆଉ ଫେରାଇ ନ ଥିଲେ। ଶନିବାର ଟଙ୍କା ଦେଇଥିବା ମହିଳାମାନେ ଏକାଠି ହେବା ସହ ସାବିତ୍ରୀ ସାମନ୍ତରାୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୭୨/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫ ଅଞ୍ଜନାଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇଦିଆଯାଇଛି।

### କମ୍ପାନୀରୁ ଚୋରି, ୨ କର୍ମଚାରୀ ଗିରଫ

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ):** ଖାରବେଳ ନଗର ଥାନା ଏକ ଘରୋଇ କମ୍ପାନୀରୁ ଲୁହା ଓ ଆଲୁମିନିୟମ ଚ୍ୟାନେଲ ଚୋରି କରୁଥିବାବେଳେ ୨ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ରାୟଘର ଅଞ୍ଚଳର ସୁଶାନ୍ତ କୁମାର ବେହେରା ଓ ଭଦ୍ରକ ଧାମନଗର ଅଞ୍ଚଳର ତୁଷାର ରଞ୍ଜନ ଦାସ। ସୂଚନା ମୁତାବକ, ୟୁନିଟ-୩ ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀରେ ସୁଶାନ୍ତ ଶ୍ରମିକ ଭାବେ ଓ ତୁଷାର ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। କିଛିଦିନ ହେବ କମ୍ପାନୀରୁ ଆଲୁମିନିୟମ ଓ ଲୁହା ଚ୍ୟାନେଲ ଚୋରି ହେଉଥିବା ନେଇ ଅଭିଯୋଗ ଆସିବା ପରେ ସୁପରଭାଇଜର କଡ଼ା ନଜର ରଖିଥିଲେ। ଶନିବାର ରାତି ପ୍ରାୟ ୮ଟାରେ ଦୁଇ ଅଭିଯୁକ୍ତ କୌଶଳକ୍ରମେ ୨ ଆଲୁମିନିୟମ ଓ ୨ ଲୁହା ଚ୍ୟାନେଲ ଚୋରିକରି ନେଉଥିଲେ। ମାତ୍ର ଚେକିଂରେ ସେମାନେ ଧରାପଡ଼ିବା ପରେ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। କମ୍ପାନୀ ପରିଚାଳକ ଦୀପକ କୁମାର ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୯/୧୯ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ମାଙ୍କଡ଼ କାମୁଡ଼ାରେ ୬ ଆହତ

**କଟକ ସଦର, ୧୧।୮ (ଡି.ଏନ୍.ଏ.):** ୪୨ ମୌଜା ବଉଲକୁଦ ଗ୍ରାମରେ ରବିବାର ମାଙ୍କଡ଼ କାମୁଡ଼ାରେ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରକ୍ମଣୀ ଦେବତା, ଘନଶ୍ୟାମ ଭୋଇ, କେଶବ ପଲେଇ, ତ୍ରୈଲୋକ୍ୟ ଦେବତା, ପୂଜାରାଣୀ ପତି ଓ ଶାନ୍ତିଲତା ଦେବତା। ସେମାନଙ୍କ ମଧ୍ୟରୁ କେତେଜଣ ଘରୋଇ ଭାବେ ଓ ଆଉ କେତେଜଣ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି।

## ପ୍ରାକୃତିକ ବାଲିସ୍ତୂପ ଉଭାନ୍
# ମାଡ଼ିଆସୁଛି ଅଶାନ୍ତ ସମୁଦ୍ର





- ଧ୍ୱଂସ ହେଉଛି ଝାଉଁ ଜଙ୍ଗଲ, କିଆବାଡ଼
- ଭୟ, ଆଶଙ୍କାରେ ଉପକୂଳବାସୀ
- ଜଙ୍ଗଲ ସୃଷ୍ଟି ପାଇଁ ଗୁରୁତ୍ୱ ଦେଉ ବନବିଭାଗ

**ସନ୍ତୋଷ ଦାଶ**
**କାକଟପୁର, ୧୧।୮**

ବିସ୍ତୀର୍ଣ୍ଣ ସମୁଦ୍ର ତଟ ପାଇଁ ପୁରୀ ଜିଲା ପର୍ଯ୍ୟଟନ ମାନଚିତ୍ରରେ ବିଶେଷ ସ୍ଥାନ ଅଧିକାର କରିଛି। ମାତ୍ର ଗତ କେତେ ବର୍ଷ ଧରି ପୁରୀ ସମୁଦ୍ର ତଟ ସହ ଅସ୍ତରଙ୍ଗ ଏବଂ କୋଣାର୍କ ଉପକୂଳରେ ସମୁଦ୍ର କୂଳଲଘି ସ୍ଥଳଭାଗମୁହାଁ ହୋଇଛି। ଫଳରେ ସୁନ୍ଦର ବେଳାଭୂମି ନଷ୍ଟ ହେବାସହ ଉପକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପୂର୍ବରୁ ସମୁଦ୍ରକୂଳମାନଙ୍କରେ ରହିଥିବା ପ୍ରାକୃତିକ ବାଲିସ୍ତୂପ ଗୁଡ଼ିକ ଧ୍ୱଂସ ହୋଇଯିବାରୁ ଧୀରେ ଧୀରେ ସମୁଦ୍ର ସ୍ଥଳଭାଗ ମୁହାଁ ହେଉଛି। ଲଘୁଚାପ ସମୟରେ ସମୁଦ୍ର ଅଧିକ ଅଶାନ୍ତ ରହୁଥିବାରୁ ଏହି ସମୟରେ ସମୁଦ୍ର ଉପକୂଳଆଡ଼କୁ ମାଡ଼ିଆସୁଛି। ଯଦିକେବେ ସୁନାମି ପରିସ୍ଥିତି ସୃଷ୍ଟି ହୁଏ ତେବେ ଅସ୍ତରଙ୍ଗ ଓ କାକଟପୁର ବ୍ଲକର ସମୁଦାୟ ୩୨ଟି ଗ୍ରାମ ସମୁଦ୍ରରେ ଲୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ସରକାର କେବଳ ଏହି ଗାଁ ଗୁଡ଼ିକ ସୁନାମିପ୍ରବଣ ଗାଁ ଭାବେ ଚିହ୍ନଟ କରି ଚୁପ୍‌ଚାପ ବସିଯାଇଥିବା କ୍ଷୋଭର ସହ କୁହନ୍ତି ଉଦୟକଣି ଗ୍ରାମର କାଳନ୍ଦୀ ପ୍ରଧାନ ଓ ସୁବାସ ପ୍ରଧାନ। ଅସ୍ତରଙ୍ଗ ବ୍ଲକର ବଳଭଦ୍ରପୁର, ଗୁଣ୍ଡଲବା, ଛୁରୀଅନା, ଡାଲୁଅକଣି, ବେଲେଶ୍ୱର, କେଉଟଜଙ୍ଗା, ତଣ୍ଡାହାର, ଉଦୟକଣି, ଛେନୁ, କଟକଣା, ବାଘଡ଼ିଆ ପ୍ରଭୃତି ଗ୍ରାମ ଗୁଡ଼ିକ ବଙ୍ଗୋପସାଗର କୂଳରେ ଅବସ୍ଥିତ। ଏହି ସବୁ ଗ୍ରାମର ବାସିନ୍ଦା ସରକାରଙ୍କୁ ଏଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ଅନୁରୋଧ କରିଛନ୍ତି।

ଗତ ୧୯୯୯ ମହାବାତ୍ୟାରେ ଉପକୂଳ ଅଞ୍ଚଳରେ ଥିବା ଘଞ୍ଚ ଝାଉଁ ଜଙ୍ଗଲ ଓ କିଆବାଡ଼ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଏହାପରଠାରୁ ପ୍ରାକୃତିକ ବାଲିସ୍ତୂପ କ୍ରମଶଃ କ୍ଷୟ ହେବା ଆରମ୍ଭ କରିଥିଲା। ବିଗତ ୨୦ ବର୍ଷ ମଧ୍ୟରେ ଏହା କ୍ଷୟ ହୋଇ ଏବେ ପ୍ରାୟ ଉଭାନ ହୋଇଗଲାଣି। କିଆବାଡ଼ ମଧ ଆଉ ଦେଖିବାକୁ ମିଳୁନି। ଗ୍ରୀଷ୍ମଋତୁରେ ଆପେ ଆପେ ସୃଷ୍ଟି ହେଉଥିବା ପ୍ରାକୃତିକ ବାଲିସ୍ତୂପକୁ ବାଲିମାଫିଆମାନେ ବେଆଇନ ଭାବେ ଖୋଳି ନେଇଯାଉଛନ୍ତି। ଶୀଘ୍ର ବନବିଭାଗ ଓ ପ୍ରଶାସନ ଏହାର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଉପକୂଳବର୍ତ୍ତୀ ଗାଁ ଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହେବ ବୋଲି ପରିବେଶବିତ୍ ପଣ୍ଡିତ ତ୍ରିଲୋଚନ ମିଶ୍ର କହିଛନ୍ତି। ଏହା ସହ ସମୁଦ୍ରକୂଳିଆ ଗାଁର ମହିଳା ସଂଘ, ଯୁବକ ସଂଘ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦେଇ ଝାଉଁ ଜଙ୍ଗଲ ଓ କିଆବୁଦା ସୃଷ୍ଟିପାଇଁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି। ସେହିପରି ବେଆଇନ ବାଲି ଚୋରା ଚାଲଣ ରୋକିବା ଦିଗରେ ରାଜସ୍ୱ ବିଭାଗ ମଧ ଯତ୍ନବାହନ ହେବା ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ବନାଞ୍ଚଳ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ଆଦିତ୍ୟ କୁମାର ମିଶ୍ରଙ୍କୁ ପଚାରିବାରେ ଅସ୍ତରଙ୍ଗ ବ୍ଲକର ତଣ୍ଡାହାରଠାରେ ୭୦୦ମିଟର ଲମ୍ବାର କିଆବାଡ଼ ନିର୍ମାଣ କରାଯାଉଛି। ଏହାଦ୍ୱାରା ପ୍ରାକୃତିକ ବାଲିସ୍ତୂପ ସୃଷ୍ଟି ହୋଇ ଅଶାନ୍ତ ସମୁଦ୍ର ଢେଉକୁ ପ୍ରତିରୋଧ କରାଯାଇପାରିବ। ଅନୁଦାନ ମିଳିଲେ ଅନ୍ୟଅଞ୍ଚଳରେ ମଧ ଝାଉଁ ଜଙ୍ଗଲ ଓ କିଆବାଡ଼ ପ୍ରସ୍ତୁତ କରାଯିବ। କୋଣାର୍କର ତେଲଗୁ ବସ୍ତି ଅଞ୍ଚଳ ଏବଂ କୋଣାର୍କ-ପୁରୀ ମେରାଇନ ଡ୍ରାଇଭ ଅଞ୍ଚଳରେ ମଧ ସମୁଦ୍ର କୂଳ ଲଘୁଛି। ପୁରୀଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ସମୁଦ୍ର କୂଳେ କୂଳେ ଝାଉଁ ଜଙ୍ଗଲ ଓ କିଆବାଡ଼ ସୃଷ୍ଟି କରାଯାଇ ଉପକୂଳ ଅଞ୍ଚଳକୁ ସମୁଦ୍ରରେ ଲୀନ ହେବାରୁ ବଞ୍ଚାଇବାକୁ ସାଧାରଣରେ ଦାବି ହେଉଛି।

### କେମିତି ତିଆରି ହୋଇଥାଏ ବାଲିସ୍ତୂପ

ସାମାଜିକ କର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳ କୁହନ୍ତି, ଗ୍ରୀଷ୍ମ ଋତୁରେ ବାଲି ଉତ୍ତପ୍ତ ହୋଇ ହାଲୁକା ହୋଇଯିବାରୁ ପବନରେ ସ୍ଥଳଭାଗକୁ ଉଡ଼ି ଆସିଥାଏ। ସମୁଦ୍ରକୂଳରେ ଥିବା ଝାଉଁ ଜଙ୍ଗଲ ଓ କିଆବାଡ଼ରେ ବାଲି ସବୁ ବାଜି ସେଠାରେ ଗଦାହୋଇ ପ୍ରାକୃତି ବାଲିସ୍ତୂପ ନିର୍ମାଣ ହୋଇଥାଏ। ବର୍ଷା ଋତୁରେ ସମୁଦ୍ର ଅଶାନ୍ତ ହେଲେ ଏହି ପ୍ରାକୃତିକ ବାଲିସ୍ତୂପ ପ୍ରତିରୋଧ କରି କ୍ଷୟ ହେଉଥିବାବେଳେ ସମୁଦ୍ର ଢ଼େଉକୁ ସ୍ଥଳଭାଗ ମୁହାଁ ହେବାକୁ ଦେଇ ନ ଥାଏ। ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ପ୍ରାକୃତିକ ବାଲିସ୍ତୂପ ଆପେ ଆପେ ତିଆରି ହୋଇଥାଏ ଓ ବର୍ଷା ଋତୁରେ ସମୁଦ୍ର ଗର୍ଭରେ ଲୀନ ହୋଇଥାଏ। ସ୍ଥାନେ ସ୍ଥାନେ ସମୁଦ୍ର ଢ଼େଉ ବାଲିସ୍ତୂପ ସ୍ପର୍ଶ କରିପାରେ ନାହିଁ। ସେହି ପ୍ରାକୃତିକ ବାଲିସ୍ତୂପମାନଙ୍କରେ ରାବଣ ନିଶ ନାମକ କଣ୍ଟା ଜାତୀୟ ଗୁଳ୍ମ ଉଠି ଚେର ଦ୍ୱାରା ବାଲିସ୍ତୂପକୁ ମଜଭୁତ କରିଥାଏ। ପରବର୍ତ୍ତୀ ସମୟରେ ସମୁଦ୍ରଢ଼େଉ ବାଲିସ୍ତୂପ ନିକଟକୁ ମାଡ଼ିଆସିଲେ ମଧ ବାଲିସ୍ତୂପ କ୍ଷୟ ହୁଏନାହିଁ। ଏହି ପ୍ରାକୃତିକ ବାଲିସ୍ତୂପ ବିଭିନ୍ନ ପ୍ରଜାତିର ବିଲୁଆ, କୋକିଶିଆଳୀ, ଗୋଧି, ଶାଳିଆ ପତନୀ, ମୂଷା ପ୍ରଭୃତିଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଯାଇଥାଏ।



ଖୋର୍ଦ୍ଧା ରାମେଶ୍ୱରଠାରେ ଆନ୍ତର୍ଜାତିକ ଗ୍ରୀନ୍ ୱାକଥନକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

## ରାମେଶ୍ୱରରେ ଆନ୍ତର୍ଜାତିକ ଗ୍ରୀନ୍ ୱାକ୍‌ଥନ୍
# ଗଛ ଲଗାଇ ବଞ୍ଚାଇବାକୁ ନିବେଦନ

**ଦୁଇ ହଜାର ଚାରାରୋପଣ**

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୧।୮ (ଡି.ଏନ୍.ଏ.)**

ସବୁଜ ପୃଥିବୀ ପାଇଁ ଖୋର୍ଦ୍ଧା ଜିଲାର ରାମେଶ୍ୱରଠାରେ ରବିବାର ଅନୁଷ୍ଠିତ ହୋଇଥିଲା ଆନ୍ତର୍ଜାତିକ ଗ୍ରୀନ୍ ୱାକଥନ୍। ପ୍ରେରଣା ଓ ସାଇପ୍ଲିଜ ପକ୍ଷରୁ ରାମେଶ୍ୱର ଛକରୁ ଏକ ପଦଯାତ୍ରା ବାହାରିଥିଲା। ପଦଯାତ୍ରାକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ରାମେଶ୍ୱର ଗାଁ ମୁଣ୍ଡ ଅଭ୍ୟର୍ଥନା ମଣ୍ଡପରେ ଆୟୋଜିତ ସଭାରେ ଏମ୍‌ପି ଷଡ଼ଙ୍ଗୀ କହିଲେ, ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଉତ୍ତାପ ବୃଦ୍ଧି ଜନିତ ସମସ୍ୟା ଏବେ ସମଗ୍ର ବିଶ୍ୱ ଆଗରେ ଘାତକ ହୋଇଛି। ବିଶ୍ୱବାସୀଙ୍କ ଚିନ୍ତା ବଢ଼ିଥିବାବେଳେ ଓଡ଼ିଶାରୁ ଆନ୍ତର୍ଜାତିକ ଗ୍ରୀନ୍ ୱାକଥନ୍ ଆରମ୍ଭ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରେରଣାର ସଭାପତି ଡ. ଦଳୀପ ଶ୍ରୀଚନ୍ଦନ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆବାହକ ଇଂ. ବିଶ୍ୱମୋହନ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବତନ ଭୁବନେଶ୍ୱର ଏମ୍‌ପି ଶିବାଜୀ ପଟ୍ଟନାୟକ, ଓଡ଼ିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ହାସ୍ୟ ଅଭିନେତା ପପୁ ପମ୍‌ପମ୍, ସ୍ମାଇଲ୍‌ପ୍ଲିଜ୍ ସମ୍ପାଦକ ଋଷି ପଟ୍ଟନାୟକ, ପ୍ରଯୋଜକ ପ୍ରଦୋଷ ସ୍ୱାଇଁ, ସାହିତ୍ୟିକ ଡ଼. ଅଜୟ ସ୍ୱାଇଁ, କାଦମ୍ବିନୀ ପତ୍ରିକାର ସମ୍ପାଦକ ଡ. ଇତି ସାମନ୍ତ, କବି ସରୋଜ ବଳ, ବନୋଜ ତ୍ରିପାଠୀ, ଭାଜପା ନେତା କୃଷ୍ଣ ଜଗଦେବ, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସାମାଜିକ କର୍ମୀ ସିକତା ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ୨୦୦୦ ଚାରାରୋପଣ କରାଯିବା ସହ ଏହାକୁ ବଞ୍ଚାଇବାକୁ ଅତିଥିମାନେ ନିବେଦନ କରିଥିଲେ। ପଥପ୍ରାନ୍ତ ନାଟକ ମାଧ୍ୟମରେ ବୃକ୍ଷ ଓ ଜୀବଜଗତ ସୃଷ୍ଟି ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରାଯାଇଥିଲା। ଗଛ ଓ ଜୀବନ ସମ୍ପର୍କରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ପ୍ରବନ୍ଧ, କବିତା, କ୍ଷୁଦ୍ରଗଳ୍ପ ଲିଖନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶାର ପ୍ରତିଷ୍ଠିତ କବି ଓ ଗାଳ୍ପିକମାନଙ୍କୁ ନେଇ ଗଛ ସମ୍ପର୍କରେ କବିତା ଓ ଗଳ୍ପ ପାଠୋତ୍ସବ ମଧ ଅନୁଷ୍ଠିତ ହୋଇଥିଲା। ଖ୍ୟାତନାମା ପରିବେଶବିତ୍, ପରିବେଶବିଜ୍ଞାନୀ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ସୁସ୍ଥ ପରିବେଶ, ସୁସ୍ଥ ଜୀବନ ସମ୍ପର୍କରେ ଆଲୋଚନାଚକ୍ର ହୋଇଥିଲା। ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକ, ମେଜର ସରୋଜ ତ୍ରିପାଠୀ, ପରିବେଶବିତ୍ ଡ. ଅଚ୍ୟୁତାନନ୍ଦ ପଟ୍ଟନାୟକ, ବଂଶୀଧର ଜଗଦେବ, ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ବିପିନ୍ କୁମାର ଜୟସିଂହ, ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ସଞ୍ଜୟ ପଟ୍ଟନାୟକ, ଅଧ୍ୟାପକ ପାଣ୍ଡୁ ଜୟସିଂହ ଓ ଦେବରାଜ ବରିଶଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫାର୍ମହାଉସ୍‌ରୁ ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ପୁଅ**

**ବାରଙ୍ଗ, ୧୧।୮ (ଡି.ଏନ୍.ଏ.)**

ଚନ୍ଦକା ଥାନା ଅନ୍ତର୍ଗତ ବାରମାଣ ଗ୍ରାମପାଖରେ ଥିବା ଏକ ଫାର୍ମହାଉସରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଶନିବାର ମୃତଦେହ ଉଦ୍ଧାର ହୋଇଛି। ତେବେ ଏହି ଘଟଣାକୁ ମୃତ ବ୍ୟକ୍ତିଙ୍କ ପୁଅ ହତ୍ୟା କରାଯାଇଥିବା ନେଇ ରବିବାର ଅଭିଯୋଗ କରିଛନ୍ତି। ତେବେ ସନ୍ଦୀପଙ୍କ ଅଭିଯୋଗକ୍ରମେ ପୋଲିସ ନଂ୧୪୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି। ମୃତ ବ୍ୟକ୍ତିଜଣକ ହେଲେ ଫାର୍ମ ହାଉସର ନୀଳାଦ୍ରି ବିହାରରେ ରହୁଥିବା ଲକ୍ଷ୍ମୀଧର ରାଉତ। ଲକ୍ଷ୍ମୀଧରଙ୍କ ପୁଅ ସନ୍ଦୀପଙ୍କ ଅଭିଯୋଗ ଅନୁଯାୟୀ, ବାରମାଣ ଗ୍ରାମ ପାଖରେ ତାଙ୍କର ଏକ ଫାର୍ମ ହାଉସ ଅଛି। ଶନିବାର ଦିନ ୧୦ଟାରୁ ତାଙ୍କ ବାପା ଘରୁ ଆସିଥିଲେ ମଧ ଘରକୁ ଫେରି ନଥିଲେ। ରାତିରେ ତାଙ୍କ ବାପା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶୁଣିବାକୁ ପାଇଥିଲେ। ତାଙ୍କ ବାପାଙ୍କୁ ଏହି ଥାନା ଅନ୍ତର୍ଗତ ପଥରଗାଡ଼ିଆ ଗ୍ରାମର ଶିବାନନ୍ଦ ବେହେରା ଓ ସୁବାସ ବେହେରା ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## 'ବାକିଥିବା ପାଦଚିହ୍ନ' ଲୋକାର୍ପିତ

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ)**

କବି ମନୋଜ ଦାସଙ୍କ ସାହିତ୍ୟକୃତିକୁ ନେଇ କବି ଅରୁଣ କୁମାର ସାହୁଙ୍କ ପ୍ରଥମ ଓଡ଼ିଆ କବିତାଗ୍ରନ୍ଥ 'ବାକିଥିବା ପାଦଚିହ୍ନ' ଲୋକାର୍ପିତ ହୋଇଛି। ରବିବାର ସନ୍ଧ୍ୟାରେ ନାଲ୍‌କୋ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ରମାକାନ୍ତ ରଥ ଯୋଗ ଦେଇଥିବା ବେଳେ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ସାହିତ୍ୟିକା ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରୀତିରାୟ ଚାନ୍ଦ, କଥାଶିଳ୍ପୀ ଅର୍ଚ୍ଚନା ନାୟକ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଲେଖକ ଅରୁଣ କୁମାର ସାହୁ ଉପସ୍ଥିତ ଥିଲେ।

ଉଲ୍ଲେଖଥାଉ କି, ମନୋଜ ଦାସଙ୍କ ସାହିତ୍ୟ କୃତିଗୁଡ଼ିକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା ଲାଗି ଅରୁଣଙ୍କୁ ୩୦ ବର୍ଷର ସମୟ ଲାଗିଛି। ୩୦ବର୍ଷ ଧରି ମନୋଜ ଦାସଙ୍କ ଲିଖିତ ଅନେକ କୃତିକୁ ସେ ନିଜର ସୃଜନ କଲମର ଲେଖନୀରେ ପ୍ରକାଶ କରିଛନ୍ତି। ଲୋକାର୍ପିତ ହୋଇଥିବା ଏହି ପୁସ୍ତକରେ ମନୋଜ ଦାସଙ୍କ ଲିଖିତ ପ୍ରେମଗଳ୍ପ 'ଜହ୍ନରାତିର ସେତୁ...', 'ତୁମ ଗାଁ ଓ ଅନ୍ୟାନ୍ୟ କବିତା...', 'ମନୋଜ ଦାସଙ୍କ ଶ୍ରୋତା...', 'ମନୋଜ ଦାସଙ୍କ ପାଠକ...', 'ଶେଷ ବସନ୍ତର ଚିଠି...' ପରି ବହୁ କବିତା ସଙ୍କଳନ ଥିବା ବେଳେ ମନୋଜ ଦାସଙ୍କ ଲିଖିତ ୮ଟି ଉପନ୍ୟାସକୁ ଅରୁଣ ଏହି ପୁସ୍ତକରେ ସ୍ଥାନିତ କରିଛନ୍ତି।

ଏହି ଅବସରରେ ଲେଖକ ଅରୁଣ କହିଥିଲେ, କବି ମନୋଜ ଦାସ ଲେଖିଥିବା କବିତାଗୁଡ଼ିକୁ ଏହି ପୁସ୍ତକରେ ଅଧିକ ଲମ୍ବା କରାଯାଇଛି। ତାଙ୍କ କଳ୍ପନାରୁ ଆଉ ଗୋଟିଏ ପାଦ ଆଗକୁ ବଢି ଏହାକୁ ସମାପ୍ତ କରାଯାଇଛି। ସେ କାଳ୍ପନିକ ଅଶୋକ ଓ ଚାରୁଙ୍କ କାହାଣୀ ହେଉ କିମ୍ବା ରିନାର କାହାଣୀ ସମସ୍ତ କାହାଣୀଗୁଡ଼ିକୁ ଓଡ଼ିଆରେ ଲେଖିଲା ବେଳେ ଟିକେ ଅଧିକ କଳ୍ପନା କରି ଲେଖାଯାଇଛି ବୋଲି ସେ କହିଛନ୍ତି।

## ମାଉଜର ଦେଖାଇ ସୁନା ଅଳଙ୍କାର ସହ ଟଙ୍କା ଲୁଟ୍

**ଗୋପ, ୧୧।୮ (ଡି.ଏନ୍.ଏ.):** ଗୋପ-ବାଲିଘାଇ ରାସ୍ତାର ଦଳନଈ ନିକଟରେ ରହୁଥିବା ଚିତ୍ତରଞ୍ଜନ ସେନାପତିଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଡକାୟତି ହୋଇଛି। ଦୁର୍ବୃତ୍ତମାନେ ମାଉଜର ଦେଖାଇ ସୁନା ଅଳଙ୍କାର ସହ ଟଙ୍କା ଲୁଟିନେଇଛନ୍ତି। ଅଭିଯୋଗ ପରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ନଂ.୧୦୫/୧୯ରେ ଏକ ମାମଲା ରୁଜୁ କରିବା ସହ ସିସି ଟିଭି ଫୁଟେଜକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ଚିତ୍ତରଞ୍ଜନ ପରିବାର ସହ ଶୋଇଥିବାବେଳେ ରାତି ୨ଟାରେ ୪ଜଣ ଯୁବକ ଶିଡ଼ି ଘର ଦେଇ ଘରେ ପଶିଥିଲେ। ତଳ ଘରେ ଶୋଇଥିବା ତାଙ୍କ ମେଡିସିନ୍ ଦୋକାନ କର୍ମଚାରୀ ଜଗନ୍ନାଥ ବରାଳ, ଅଜୟ କୁମାର ଜୟସିଂଙ୍କୁ ବାନ୍ଧି ମାଡ଼ ମାରି ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇଥିଲେ। ପରେ ଉପର ଘରେ ଶୋଇଥିବା ଚିତ୍ତରଞ୍ଜନ ଓ ସ୍ତ୍ରୀଙ୍କ ସହିତ ପୁଅକୁ ମରଣାନ୍ତକ ଆକ୍ରମଣ କରିବା ସହ ପୁଅ ପାଟିରେ ମାଉଜର ଲଗାଇ ଧମକ ଦେଇଥିଲେ। ସେମାନଙ୍କଠାରୁ ଗୋଟିଏ ସୁନା ଚେନ୍, କାନରେ ପିନ୍ଧିଥିବା ତିନି ହଳ କାନଫୁଲ, ମଙ୍ଗଳସୂତ୍ର ଓ ସୁନା ମୁଦି ନେଇ ଚମ୍ପଟ ମାରିଥିଲେ। ଏହି ଡକାୟତିରେ ଜଡ଼ିତ ଯୁବକମାନେ ଏହି ଅଞ୍ଚଳର ବୋଲି ଚିତ୍ତରଞ୍ଜନ ଏତଲାରେ ଦର୍ଶାଇଛନ୍ତି।

## ଫଟୋରେ ଖବର




ଅସୁସ୍ଥ ସିପିଏମ୍ ନେତା ଓ କର୍ମୀଙ୍କୁ ଭେଟିବାକୁ ଜମ୍ମୁକାଶ୍ମୀର ଯାଇଥିବା ଦୁଇ ବାମପନ୍ଥୀ ନେତା ସୀତାରାମ ୟେଚୁରୀ ଓ ଡି ରାଜାଙ୍କୁ ଶ୍ରୀନଗର ବିମାନବନ୍ଦରରେ ଅଟକ ରଖି ଦିଲ୍ଲୀ ଫେରାଇଦେବା ପ୍ରତିବାଦରେ ଭୁବନେଶ୍ୱର ରାଜମହଲ ଛକଠାରେ ସିପିଆଇ ପକ୍ଷରୁ ବିକ୍ଷୋଭ।



ଭୁବନେଶ୍ୱର ଭାରତୀୟ ବିଦ୍ୟାଭବନ ପରିସରରେ ୟୁଥ୍ ଉତ୍କଳ ପକ୍ଷରୁ ରବିବାର ଆୟୋଜିତ ସାହିତ୍ୟ ମହୋତ୍ସବରେ ଅତିଥିମାନେ ପୁସ୍ତକ 'ଯୌବନ'କୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଚିଲିକାରେ ଡଙ୍ଗା ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ବ୍ରହ୍ମଗିରି,୧୧।୮ (ଡି.ଏନ.ଏ):** ଚିଲିକାର ସାତପଡାଠାରେ ରବିବାର ଏକ ଯାତ୍ରୀବାହୀ ଡଙ୍ଗା ଅନ୍ୟ ଏକ ଡଙ୍ଗାକୁ ବାଜି ଦୁର୍ଘଟଣା ହୋଇଛି। ଉକ୍ତ ଡଙ୍ଗାଟି ଓଲଟିବା ପୂର୍ବରୁ ସ୍ଥାନୀୟ ଲୋକେ ଧରିଦେବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ବସିଥିବା ଯାତ୍ରୀ। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଏକ ଡଙ୍ଗା ଚାଳକ ଜହ୍ନିକୁଦା ଘାଟରୁ ସାତପଡା ଅଭିମୁଖେ ପ୍ରାୟ ୫୦ରୁ ୬୦ଜଣ ଯାତ୍ରୀ ଓ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ବୋଝେଇ କରି ଆସୁଥିଲା। ଡଙ୍ଗାଟି ସାତପଡା ଘାଟରେ ପହଞ୍ଚିବା ସମୟରେ ଡଙ୍ଗାଚାଳକ ମୋଟର ଷ୍ଟାର୍ଟ ବନ୍ଦ୍ କରିଦେଇଥିଲା। ଫଳରେ ଧୀରେ ଧୀରେ ଡଙ୍ଗାଟି କୂଳରେ ଲାଗିବାକୁ ଆସୁଥିବାବେଳେ ଅତ୍ୟଧିକ ପବନ ଥିବାରୁ କୂଳରେ ଥିବା ଅନ୍ୟ ଡଙ୍ଗା ତଳେ ଏହି ଯାତ୍ରୀବାହୀ ଡଙ୍ଗାଟି ପଶିଯାଇଥିଲା। ଡଙ୍ଗାଟିରେ ବାଇକ୍ ଓ ଅତ୍ୟଧିକ ଯାତ୍ରୀ ଥିବାବେଳେ ଡଙ୍ଗାଟି ପାଣିରେ ଓଲଟିବା ଅବସ୍ଥା ଆସିଯାଇଥିଲା। ତେବେ ଡଙ୍ଗାରେ ବସିଥିବା ଯାତ୍ରୀମାନେ ଚିତ୍କାର କରିଥିଲେ। କୂଳରେ ଥିବା କିଛି ଲୋକ ହଠାତ ପାଣିରେ ପଶି ଡଙ୍ଗାଟିକୁ ଧରି ଦେବାରୁ ସମସ୍ତେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ତେବେ ଚିଲିକାରେ ଅତ୍ୟଧିକ ପବନ ଜାରି ରହିଥିବାବେଳେ ଚିଲିକା ମଝିରେ ଯଦି ଏଭଳି ଘଟଣା ଘଟିଥାଆନ୍ତା ତା'ହେଲେ କେତେଯେ ଧନ ଜୀବନ ହାନି ହୋଇଥାଆନ୍ତା ତା'ର ହିସାବ ନାହିଁ। ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଚିଲିକାରେ ସୃଷ୍ଟି ହେଉଥିବା ଆସନ୍ନ ବିପଦକୁ ଏଡାଇ ହେବନାହିଁ।

### ପୁରୀରେ ପରୀ ୩ ୮ମ ଦିନ ସୁଦ୍ଧା ୪୫ ଶିଶୁ ଶ୍ରମିକ ଉଦ୍ଧାର

**ପୁରୀ ଅଫିସ, ୧୧।୮:** ପୁରୀ ପୋଲିସ ପକ୍ଷରୁ ଚାଲିଛି ପରୀ-୩ କାର୍ଯ୍ୟକ୍ରମ। ଅଗଷ୍ଟ ୧ତାରିଖରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ରବିବାର ବଳଙ୍ଗା ଅଞ୍ଚଳରୁ ୩ଜଣଙ୍କୁ ଉଦ୍ଧାର କରିଛନ୍ତି। ରବିବାର ୮ମ ଦିନ ସୁଦ୍ଧା ମୋଟ ୪୫ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୪୨ଜଣ ଶିଶୁଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି। ଉଦ୍ଧାର ଶିଶୁଙ୍କ ମଧ୍ୟରେ ପୁରୀ, ସଦର, ବ୍ରହ୍ମଗିରି, ପିପିଲି, ନିମାପଡା, କାକଟପୁର, ଗୋପ, ଡେଲାଙ୍ଗ, କଣାସ ଅଞ୍ଚଳରେ ହୋଟେଲ, ରେଷ୍ଟୁରାଣ୍ଟ, ଗ୍ୟାରେଜ ପ୍ରଭୃତି ସ୍ଥାନରେ କାମ କରୁଥିବା ଶିଶୁ ରହିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ତାରିଖରେ ସମାପ୍ତ ହେବ।

# ପୁରୀ ପ୍ରଶାସନ ପାଇଁ ଅଳିଆ ଅଡୁଆ

**ପୁରୀ ଅଫିସ, ୧୧।୮**



ମଧୁର ଜଳ ସଂରକ୍ଷିତ ଅଞ୍ଚଳରେ ବ୍ୟବହୃତ ପଲିଥିନ୍ ପକାଯାଇଛି।

- ସଫେଇ ଚାଲିଛି, ପକାଇବାକୁ ଜାଗା ନାହିଁ
- ଷ୍ଟାଡିୟମ୍‌ଠୁ ମଧୁର ଜଳ ସଂରକ୍ଷିତ ଅଞ୍ଚଳ ବାଦ୍ ପଡିନି
- ପରୀକ୍ଷାମୂଳକ କମ୍ପୋଷ୍ଟ ହିଁ ଶେଷ ଭରସା

ଆଇକନିକ୍ ସହର ପୁରୀକୁ ସ୍ୱଚ୍ଛ ରଖିବା ପାଇଁ ହେଉଥିବା ପ୍ରୟାସକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଏଭଳି ମହତ ଉଦ୍ଦେଶ୍ୟରେ ପ୍ରଶାସନିକ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଖବରଦାତା, ଆଇନଜୀବୀ ଏବଂ ସ୍ଥାନୀୟ ବାସିନ୍ଦା ସ୍ୱେଚ୍ଛାକୃତ ଭାବେ ସାମିଲ ମଧ୍ୟ ହେଉଛନ୍ତି। ମାତ୍ର ଏବେ ପୁରୀ ପ୍ରଶାସନ ପାଇଁ ଅଡୁଆ ସୃଷ୍ଟି କରିଛି ଅଳିଆ। ପୁରୀରୁ ବାହାରୁଥିବା ଟନ୍ ଟନ୍ ଅଳିଆ ଆବର୍ଜନାକୁ କେଉଁଠାରେ ପକାଯିବ ସେନେଇ ଚିନ୍ତାରେ ପଡ଼ିଛନ୍ତି ପ୍ରଶାସନିକ ଅଧିକାରୀ। ଡମ୍ପିଂ ପାଇଁ ସ୍ଥାନ ଅଭାବ ପଡ଼ିବାରୁ ପ୍ରସ୍ତାବିତ ଷ୍ଟାଡିୟମ ପରିସର ଆଉ ମଧୁର ଜଳ ସଂରକ୍ଷିତ ଅଞ୍ଚଳରେ ଏହି ଅଳିଆ ଡମ୍ପିଂ କରାଯାଉଛି। ପ୍ରତିଦିନ ଏଠାରେ ଗଦା କରାଯାଉଛି କୁଢ କୁଢ ଅଳିଆ ଆବର୍ଜନା। ମଧୁର ଜଳ ସଂରକ୍ଷିତ ଅଞ୍ଚଳ ଜଙ୍ଗଲ ଭିତରେ ଜମିଛି ପରିବେଶ ପାଇଁ ଘାତକ ସାଜିଥିବା ପ୍ଲାଷ୍ଟିକ ଆଉ ପଲିଥିନ। ଏହାର ଭବିଷ୍ୟତ କ'ଣ ହେବ ତାହାକୁ ନେଇ ପ୍ରଶାସନ ହରଡ଼ଘଣାରେ ପଡିଥିବା ବେଳେ ପରୀକ୍ଷାମୂଳକ କମ୍ପୋଷ୍ଟ ହିଁ ସାଜିଛି ଶେଷ ଭରସା। ବାତ୍ୟା ପରେ ପୁରୀ ସହରରୁ ବାହାରିଥିବା ଟନ୍ ଟନ୍ ଆବର୍ଜନାକୁ କମ୍ପୋଷ୍ଟ କରିବା ଲାଗି ପୌରସଂସ୍ଥା ଯୋଜନା କରିଛି। ହେଲେ ପରୀକ୍ଷାମୂଳକ ଭାବେ ହେବାକୁ ଥିବା କମ୍ପୋଷ୍ଟ ସଫଳ ହେଉଛି ନା ଫେଲ୍ ମାରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ବାତ୍ୟା ପୂର୍ବରୁ ପୁରୀ ସହରରୁ ଦୈନିକ ପ୍ରାୟ ୬୦ ଟନ୍ ଆବର୍ଜନା ବାହାରୁଥିଲା। ହେଲେ ଫନୀ ପରେ ଆବର୍ଜନାର ପରିମାଣ ପ୍ରାୟ ୧୦ ଗୁଣ ବୃଦ୍ଧି ପାଇଥିଲା। ପ୍ରାୟ ୨ ମାସ ଧରି ଦୈନିକ ୬୦୦ ଟନ୍ ଅଳିଆ ବାହାରିଥିଲା। ତେବେ ଏହାକୁ କେଉଁଠାରେ ଡମ୍ପିଂ କରାଯିବ ତାହାର ସ୍ଥାନ ସଙ୍କଟ ଦେଖାଦେଲା। ବାତ୍ୟାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଭାଙ୍ଗି ପଡିଥିବା ବେଳେ ଦୈନିକ ଶହ ଶହ ଟ୍ରିପ୍ ଅଳିଆ ଆବର୍ଜନା ପ୍ରଶାସନକୁ ଚିନ୍ତାରେ ପକାଇ ଦେଇଥିଲା। ତେଣୁ ବାଧ୍ୟ ହୋଇ ପୌରସଂସ୍ଥା ସହର ମଧ୍ୟରେ ଥିବା ୩/୪ଟି ଖୋଲା ଜାଗାରେ ଆବର୍ଜନା ଗଦା କରିଥିଲା। ହେଲେ ଏହି ସ୍ଥାନଗୁଡ଼ିକ ପୂର୍ଣ୍ଣ ହୋଇଯିବା ପରେ ପୌରସଂସ୍ଥା ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ଅଳିଆ ଗଦା କରିଥିଲା। ଧୀରେ ଧୀରେ ଆବର୍ଜନା ଜମା ହୋଇ ଛୋଟ ପାହାଡର ଭ୍ରମ ସୃଷ୍ଟି ହୋଇଛି। ତେବେ ଏହାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିବାରୁ ପ୍ରଶାସନ ଏହି ଆବର୍ଜନାକୁ କମ୍ପୋଷ୍ଟ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏଥିଲାଗି ଷ୍ଟାଡିୟମ୍ ପରିସରରୁ କିଛି ଟ୍ରିପ୍ ଅଳିଆ ନେଇ ମଧୁର ଜଳ ସଂରକ୍ଷିତ ଅଞ୍ଚଳ ଜଙ୍ଗଲ ମଧ୍ୟରେ ପକାଇଛି। ଏଠାରେ ପରୀକ୍ଷାମୂଳକ ଭାବେ କମ୍ପୋଷ୍ଟ କରିବା ଲାଗି ଆବର୍ଜନା ଆଣି ପକାଯାଇଥିବା ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ସେହିପରି ଏହି ଜଙ୍ଗଲ ମଧ୍ୟରେ ହଜାର ହଜାର ପାଣି ପାଉଚ୍ ମଧ୍ୟ ଗଦା କରାଯାଇଛି। ଏହି ଆବର୍ଜନା ଏବଂ ପାଣି ପାଉଚ ନିକଟ ବାଲୁଖଣ୍ଡ ଅଭୟାରଣ୍ୟ ବନ୍ୟଜନ୍ତୁଙ୍କ ଜୀବନଶୈଳୀକୁ ପ୍ରଭାବିତ କରିବ ବୋଲି କୁହାଯାଉଥିବା ବେଳେ ଏହାକୁ ନେଇ ଚିନ୍ତାରେ ପଡିଛି ପୌରସଂସ୍ଥା। ତେବେ ପରୀକ୍ଷାମୂଳକ କମ୍ପୋଷ୍ଟ ପାଇଁ ମଧୁର ଜଳ ସଂରକ୍ଷିତ ଅଞ୍ଚଳ ଜଙ୍ଗଲ ଭିତରେ ଅଳ୍ପ କେତେ ଟ୍ରିପ୍ ଆବର୍ଜନା ପକାଯାଇଥିବା ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି।

ତେବେ ଆବର୍ଜନା ପକାଇବା ପାଇଁ ପୌରସଂସ୍ଥା ଜାଗା ପାଉ ନ ଥିବାବେଳେ ଏଭଳିସ୍ଥଳ ସଫେଇ ଉପରେ ଗୁରୁତ୍ୱ ଦେଇଛନ୍ତି ଜିଲାପାଳ। ଗତ କିଛିଦିନ ଧରି ପୁରୀ ବେଳାଭୂମିକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ଜରିଆରେ ସଫା କରାଯାଉଛି। ପ୍ରତ୍ୟହ ବହୁ ପରିମାଣରେ ଅଳିଆ ବାହାରୁଛି। ପୁଣି ପେଣ୍ଠକଟା ଅଞ୍ଚଳର ସବୁ ଗଳିରୁ ଆବର୍ଜନା ହଟାଇବା ଲାଗି ଜିଲା ପ୍ରଶାସନ ଯୋଜନା କରିଛି। ଏଥିପାଇଁ କମିଟି ଗଠନ କରାଯାଇଥିବା ବେଳେ ବସ୍ତିବାସିନ୍ଦାଙ୍କୁ ଏଥିରେ ସହଯୋଗ କରିବା ଲାଗି ନିବେଦନ କରାଯାଇଛି। ପେଣ୍ଠକଟା ବେଳାଭୂମି ମଧ୍ୟ ସଫେଇ ଚାଲିଛି।







ପୁରୀରେ ଅନୁଷ୍ଠିତ ଝୁଲଣ ଯାତ୍ରା ଅବସରରେ ଜିଅରସ୍ୱାମୀ ମଠ, ହରିଦାସ ମଠ ଏବଂ ସାରସ୍ୱତ ଗୌଡୀୟ ଆଶ୍ରମରେ ସୁସଜ୍ଜିତ ଝୁଲଣ କୁଞ୍ଜ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ମଞ୍ଚସ୍ଥ ନାଟକ 'ନାଟ ମଣ୍ଡପ'ର ଏକ ଦୃଶ୍ୟ।

- ଦ୍ୱାଦଶ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

# ଦର୍ଶକଙ୍କୁ ଅଭିଭୂତ କଲା 'ନାଟ ମଣ୍ଡପ'

## ନାଟ୍ୟକାର ନଳିନୀଙ୍କୁ ବ୍ୟୋମକେଶ ସମ୍ମାନ

**ପୁରୀ ଅଫିସ, ୧୧।୮**

ଦକ୍ଷିଣର ରାଜା କାମପାଳ ଦେବ। ଏକ ମନ୍ଦିର ନିର୍ମାଣ ଲାଗି ମନସ୍ଥ କରନ୍ତି। ଏନେଇ ମନ୍ତ୍ରୀ ଏବଂ ସାଧୁସନ୍ଥଙ୍କ ସହ ବିଚାର ବିମର୍ଶ କରନ୍ତି। ମନ୍ଦିର ନିର୍ମାଣ ନେଇ ପ୍ରଜାଙ୍କ ମହଲରେ ଚର୍ଚ୍ଚା ହେବା ପରେ ଆରମ୍ଭ ହୋଇଯାଏ ବିତର୍କ। ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣକୁ ନେଇ ଉଦାରପନ୍ଥୀ ଓ ମୌଳବାଦୀଙ୍କ ମଧ୍ୟରେ ସୃଷ୍ଟି ହୁଏ ବିବାଦ। ମୌଳବାଦୀମାନେ ଧାର୍ମିକ ସ୍ଥାନକୁ ଅକ୍ତିଆର କରି ନିଜର ଆଧିପତ୍ୟ ବିସ୍ତାର କରନ୍ତି। ସେଠାରେ ନିଜ ସମ୍ପ୍ରଦାୟର ମନ୍ଦିର ନିର୍ମାଣ ଲାଗି ମସୁଧା କରନ୍ତି। ଏହାକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ଛକପଞ୍ଝାରୁ ରାଜନୈତିକ ହସ୍ତକ୍ଷେପ ଏହାକୁ ଭିନ୍ନ ଢଙ୍ଗରେ ଚିତ୍ରଣ କରେ। ଧର୍ମ ଓ ରାଜନୀତିର ଦୋ ଛକିରେ ରାଜାଙ୍କ ମନ୍ଦିର ନିର୍ମାଣର ସ୍ୱପ୍ନ ଧୂଳିସାତ ହୋଇଯାଏ। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ପର୍ଯ୍ୟବସିତ ହୋଇଥିଲା ନାଟକ 'ନାଟ ମଣ୍ଡପ'। ଶହ ଶହ ବର୍ଷ ଧରି ଭାରତୀୟ ସଂସ୍କୃତି ଉପରେ ଚାଲିଥିବା କୁଠାରାଘାତକୁ ନେଇ ପରିବେଷିତ ଏହି ନାଟକ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା।

ରବିବାର ରଙ୍ଗଶାଳା ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ୫ମ ଦିନ ବ୍ୟାପୀ ଆୟୋଜିତ ଦ୍ୱାଦଶ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଦିବସରେ ଭୁବନେଶ୍ୱର ମନନ ନାଟ୍ୟ ସଂସ୍ଥା ପକ୍ଷରୁ ନାଟକ ପରିବେଷିତ ହୋଇଥିଲା। ଶଙ୍କର ତ୍ରିପାଠୀଙ୍କ ରଚିତ ଏବଂ ନାଟ୍ୟକାର ମନୋଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ନାଟକରେ ବିଭିନ୍ନ ଭୂମିକାରେ ନିରଞ୍ଜନ ସାହୁ, ଅନୁଜ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ରାମଚନ୍ଦ୍ର ଭୋଳ, ମୁରଲୀଧର ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ନନ୍ଦ, ଲଛମନ ନାୟକ, ନିରଞ୍ଜନ ରଣା, ଦୀପକ ପଣ୍ଡା, ପ୍ରଦୀପ କୁମାର ଦାସ, ପ୍ରଭାତ ରଞ୍ଜନ କୁଅଁର, ଭବାନୀ ଶଙ୍କର ରଥ, ସାଇ ପ୍ରସାଦ ମହାନ୍ତି, ସିନ୍ଧୁ ସାଗର ମହାନ୍ତି, ସୋନିକା ସାହୁ, କଳ୍ପନା ରାଉତ ପ୍ରମୁଖ ଅଭିନୟ କରିଥିଲେ। ରବିବାର ଅନୁଷ୍ଠାନ ସଭାପତି ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଅଜିତ ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମାୟା ଦାସ, ଲେଖକ ତଥା ନାଟ୍ୟ ନିର୍ଦ୍ଦେଶକ ଶଙ୍କର ତ୍ରିପାଠୀ, ନାଟ୍ୟକାର ପ୍ରସନ୍ନ କୁମାର ମିଶ୍ର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମହେଶ ପ୍ରଧାନ, ଐତିହ୍ୟ ଗବେଷକ ଦେବୀ ନନ୍ଦ, ଗୀତିକାର ବଦ୍ରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରଙ୍ଗଶାଳା ନିର୍ଦ୍ଦେଶକ ଯୁବ ନାଟ୍ୟକାର ବିକ୍ରମ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ନଳିନୀ ନୀହାର ନାୟକଙ୍କୁ ବ୍ୟୋମକେଶ ତ୍ରିପାଠୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ତତ୍ତ୍ୱ ଶ୍ରୀଜଗନ୍ନାଥ ପୁସ୍ତକକୁ ଉନ୍ମୋଚନ କଲେ ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ, ୧୧।୮**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ, ଧାମ ଓ ମହିମାକୁ ନେଇ ଶ୍ରୀ ଅଖଣ୍ଡଙ୍କ ଦ୍ୱାରା ରଚିତ ତତ୍ତ୍ୱ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ପୁସ୍ତକକୁ ରବିବାର ଗୋବର୍ଦ୍ଧନ ପୀଠରେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଉନ୍ମୋଚନ କରିଛନ୍ତି। ପୁସ୍ତକରେ ୯ ଅଧ୍ୟାୟ ରହିଛି ଓ ପ୍ରତି ଅଧ୍ୟାୟରେ ୭ଟି ଲେଖାଏଁ ଗୀତ ରହିଛି। ମୋଟ ୬୩ଟି ଗୀତରେ ମହାପ୍ରଭୁଙ୍କ ମହିମା ଓ ତତ୍ତ୍ୱ ବର୍ଣ୍ଣନା କରାଯାଇଛି। ୬୩ଟି ଗୀତର ଟିକା ମଧ୍ୟ ୬୩ଟି ପ୍ରବନ୍ଧ ଆକାରରେ ପ୍ରକାଶ ପାଇଛି। ଜଗନ୍ନାଥ ମହାମନ୍ତ୍ର ସମିତି ପକ୍ଷରୁ ଏହା ପ୍ରକାଶିତ ହୋଇଛି। ଏହି ଉନ୍ମୋଚନ ଅବସରରେ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ, ଆଦିତ୍ୟ ବାହିନୀ ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ମୁଖପାତ୍ର ମନୋଜ କୁମାର ରଥ, ପୀଠ ପରିଷଦର ମହାସଚିବ ଇ. ପ୍ରଶାନ୍ତ ଆଚାର୍ଯ୍ୟ, ବ୍ରହ୍ମଚାରୀ ପ୍ରକାଶଜୀ, ପୁସ୍ତକର ପ୍ରକାଶକ ଡ. ତପନ କୁମାର ଦାଶଙ୍କ ସମେତ ବହୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ବେକରେ ଛୁରି ଲଗାଇ ନାବାଳକଠୁ ଲୁଟ୍

**ପୁରୀ ଅଫିସ, ୧୧।୮**

ଜନୈକ ଅଟୋଚାଳକ ରବିବାର ଅପରାହ୍ନରେ ବସଷ୍ଟାଣ୍ଡ ପଛପଟେ ଜଣେ ନାବାଳକଙ୍କୁ ବସଷ୍ଟାଣ୍ଡ ଛାଡିଦେବା ବାହାନାରେ ବେକରେ ଛୁରି ଲଗାଇ ୫ଶହ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ସଂପୃକ୍ତ ନାବାଳକ ଘରକୁ ଫେରିବା ଲାଗି ବସଷ୍ଟାଣ୍ଡର ଏକ କୋଣରେ ବସି କାନ୍ଦୁଥିବାବେଳେ ସେହି ସ୍ଥାନ ଦେଇ ଯାଉଥିବା ଯୁବ ସଙ୍ଗଠକ ଲାଲା ଅନନ୍ତ କୁମାର ସିଂ ନାବାଳକଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣିବା ପରେ ତାଙ୍କୁ ସହଯୋଗର ହାତ ବଢାଇଥିଲେ। ତାଙ୍କୁ ସାଥିରେ ଧରି ପୁରୀରୁ କଟକ ବସ ଯୋଗେ ବାଦାମବାଡିରେ ଓହ୍ଲାଇ ତାଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରିବା ବ୍ୟବସ୍ଥା କରି ପୁରୀ ଫେରିଥିଲେ।

- ଶ୍ରୀମନ୍ଦିରରେ ପାନ, ଗୁଟ୍‌ଖା କଟକଣା

# ଭକ୍ତଙ୍କୁ ଜରିମାନା, ସେବକଙ୍କୁ ମାଫ୍

**ପୁରୀ ଅଫିସ, ୧୧।୮**



ପାନ, ଗୁଟ୍‌ଖା ଖାଇ କେହି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ସେବାୟତ ହୁଅନ୍ତୁ ଅବା ଭକ୍ତ କିମ୍ବା ମନ୍ଦିର କର୍ମଚାରୀ କାହାରିକୁ ବାଦ୍ ଦିଆଯିବ ନାହିଁ। ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ପ୍ରବେଶ କରିଥିଲେ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଅଗଷ୍ଟ ୧ତାରିଖରୁ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ ହୋଇଛି। ତେବେ ଏହା କ'ଣ କେବଳ ଭକ୍ତଙ୍କ ପାଇଁ ଲାଗୁ କି ବୋଲି ଉଠିଛି ପ୍ରଶ୍ନ। ଯେଉଁ ସେବକମାନେ ଶ୍ରୀମନ୍ଦିର ଭିତରେ ପାନ ଖାଉଛନ୍ତି ସେମାନଙ୍କୁ ମାଫ୍ କରିଦିଆଯାଉଥିବା ଅଭିଯୋଗ ହେଉଛି। ଠାକୁରଙ୍କ ପାଖରେ ସମସ୍ତେ ସମାନ। ଶ୍ରୀମନ୍ଦିରରେ ସ୍ୱଚ୍ଛତା ପାଇଁ ଯଦି କିଛି ନିୟମ ଲାଗୁ ହେଉଛି ତାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ହେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ପାନଛେପ ପଡ଼ିବା ପରେ ଏହାକୁ ଗୁରୁତ୍ୱର ସହ ନେଇଥିଲା ମନ୍ଦିର ପ୍ରଶାସନ। ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ପାନ ଛେପ ପଡ଼ିଥିବା ସ୍ଥାନଗୁଡ଼ିକରେ ଚୂନଲେପ ଦିଆଯାଇ ସଫା କରାଯାଇଥିଲା। ମାତ୍ର ସ୍ଥିତିରେ ପରିବର୍ତ୍ତନ ଆସି ନ ଥିଲା। କିଛିଦିନ ପରେ ପୁଣି ପାନଛେପରେ ନାଲି ହୋଇଥିଲା ଅନେକ ସ୍ଥାନ। ତେଣୁ ଗତ ୨୯ତାରିଖରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା। ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା, ପାନମସଲା ଖାଇ ବା ମନ୍ଦିର ଭିତରକୁ ନେଇ ଯାଇପାରିବେ ନାହିଁ। ପ୍ରବେଶ ପଥରେ ଯାଞ୍ଚ ହେବ। ଯଦି ଏସବୁ ଖାଇ କେହି ମନ୍ଦିର ଭିତରେ ଧରାପଡ଼ିବେ ତାଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅଗଷ୍ଟ ୧ରୁ କଟକଣାକୁ କଡ଼ାକଡ଼ି ଲାଗୁ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏ ସଂକ୍ରାନ୍ତରେ ସଚେତନତା ଲାଗି ଶ୍ରୀମନ୍ଦିର ଭିତର ସମେତ ଚାରିଦ୍ୱାରରେ ସୂଚନାଫଳକ ଲଗାଯାଇଛି। ତେବେ ଭକ୍ତ ଧରାପଡ଼ିଲେ ଜରିମାନା ଆଦାୟ କରାଯାଉଛି। କିନ୍ତୁ ସେବକଙ୍କ କ୍ଷେତ୍ରରେ ଏହି କଟକଣା ଲାଗୁ ହେଉ ନ ଥିବା ଅନେକ ଶ୍ରଦ୍ଧାଳୁ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ବେଢା ପରିସରରେ ହାତଗଣତି କେତେଜଣ ସେବାୟତ ପାନ ଖାଇ ବୁଲୁଛନ୍ତି। ସେମାନଙ୍କୁ ତାଗିଦ୍ କରାଯାଉ ନାହିଁ କିମ୍ବା ଜରିମାନା କଥା ବି କୁହାଯାଉନାହିଁ। କିନ୍ତୁ କେହି ଭକ୍ତ ପାନ କିମ୍ବା ଗୁଟଖା ଖାଇ ଧରାପଡ଼ିଲେ ତାଙ୍କଠାରୁ ଜରିମାନା ଆଦାୟ ପାଇଁ ଜୁଲମ ହେଉଛି। ଶନିବାର ଶ୍ରୀମନ୍ଦିରକୁ ଆସିଥିବା କେନ୍ଦ୍ରାପଡ଼ାର ସୁରେନ୍ଦ୍ର ସ୍ୱାଇଁ କହିଛନ୍ତି, ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ମନ୍ଦିର ପରିସର ସ୍ୱଚ୍ଛ ରହିବ। ତେବେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର। କିଛିଦିନ ଧରପଗଡ଼ ପରେ ବନ୍ଦ ହୋଇଗଲେ ଏହାର କୌଣସି ଅର୍ଥ ରହିବ ନାହିଁ। କେବଳ ଭକ୍ତ ନୁହଁନ୍ତି ସେବାୟତ ହୁଅନ୍ତୁ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ଯେଉଁମାନେ ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ପ୍ରବେଶ କରୁଛନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା ଦରକାର। ଫଳରେ ଜଣେ ଦ୍ୱିତୀୟ ଥର ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ଯିବାକୁ ଚାହିଁବେ ନାହିଁ।

ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଅଗଷ୍ଟ ୧ ତାରିଖଠାରୁ ପାନ, ଗୁଟୁଖା କଣାକଣାକୁ କଡାକଡି ଭାବେ ଲାଗୁ କରାଯାଇଛି। ଅନେକ ଧରାପଡି ଜରିମାନା ଦେଲେଣି। ତେବେ ଯେଉଁମାନେ ଲୁଚେଇ ଛପେଇ ମନ୍ଦିର ବେଢା ପରିସରରେ ପାନ, ଗୁଟୁଖା ଆଦି ଖାଉଛନ୍ତି ସେମାନଙ୍କୁ ଅତିଶୀଘ୍ର ଠାବ କରାଯାଇ ଜରିମାନା ଆଦାୟ କରାଯିବ। ଯେଉଁଠି ଶ୍ରୀମନ୍ଦିରର ସ୍ୱଚ୍ଛତା ଏବଂ ପବିତ୍ରତାର କଥା ଉଠୁଛି ତାହାକୁ ସ୍ୱତଃପ୍ରବୃତ୍ତ ଭାବେ ସମସ୍ତେ ମାନିନେବା ଦରକାର।

- ସିଂହଦ୍ୱାର ସମ୍ମୁଖରେ ସାଂସ୍କୃତିକ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

# ଘୋଡ଼ା ନାଚରେ କମ୍ପିଲା ବଡ଼ଦାଣ୍ଡ



ମା' ଦକ୍ଷିଣେଶ୍ୱରୀ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ଘୋଡ଼ାନାଚ ।



କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

**ପୁରୀ ଅଫିସ, ୧୧।୮**

ସିଂହଦ୍ୱାର ସମ୍ମୁଖରେ ପୁଣି ଜମିଲା ରବିବାରିଆ ସକାଳ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତ ସାଉଣ୍ଟିଥିଲେ ନିଆରା ଅନୁଭୂତି। ଭାବ ଭକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି କିଛି ସମୟ ଅଟକି ଯାଉଥିଲେ। ଆଉ ହଜିଯାଉଥିବା ଘୋଡ଼ାନାଚ, ପାଇକ ଆଖଡା ନୃତ୍ୟ ଦେଖିବାର ସୁଯୋଗ ପାଇଥିଲେ। ବ୍ୟାରିକେଡିଂ ହୋଇଥିବା ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ସକାଳୁ ଜମିଥିଲା ଏମିତି ଆଧ୍ୟାତ୍ମିକଭରା ସାଂସ୍କୃତିକ କାର୍ଯ୍ୟକ୍ରମ। ବିବିଧ ନୃତ୍ୟ, ରଙ୍ଗୋଲି, ଝୋଟି ସଂକୀର୍ତ୍ତନ ସାଙ୍ଗକୁ ଯୋଗ ପ୍ରଦର୍ଶନ କରାଯାଇଥିଲା।

ପ୍ରତ୍ୟୁଷରେ ନାମ ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ପରିକ୍ରମା କରାଯାଇଥିଲା। ପରେ ସିଂହଦ୍ୱାର ସମ୍ମୁଖରେ ଆରମ୍ଭ ହୋଇଥିଲା ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ। ତେବେ ଏହି କାର୍ଯ୍ୟକ୍ରମ ମଧ୍ୟରେ ବେଶ୍ ଆକର୍ଷଣୀୟ ସାଜିଥିଲା ପାଇକ ଆଖଡା ନୃତ୍ୟ ଏବଂ ଘୋଡା ନାଚ। ସମାଜରୁ ହଜି ଯାଉଥିବା ଘୋଡ଼ା ନାଚରେ କମ୍ପି ଉଠିଥିଲା ବଡ଼ଦାଣ୍ଡ। ମା'ଦକ୍ଷିଣେଶ୍ୱରୀ ଗ୍ରୁପ୍ ପକ୍ଷରୁ ଘୋଡ଼ାନାଚ ପରିବେଷଣ କରାଯାଥିଲା ବେଳେ ବ୍ରହ୍ମଗିରିର ନାରାୟଣୀ ପାଇକ ଆଖଡା ସଂଘ ପକ୍ଷରୁ ପାଇକ ଆଖଡ଼ା ନୃତ୍ୟ କରାଯାଇଥିଲା। ଏହାବ୍ୟତୀତ ମା' ବନଦୁର୍ଗା ସଂକୀର୍ତ୍ତନମଣ୍ଡଳୀ, ରାଧାମାଧବ ସଂକୀର୍ତ୍ତନମଣ୍ଡଳୀ, ଶ୍ରୀଶ୍ରୀ ରାଧାମୋହନ ନଦିଆ ସଂକୀର୍ତ୍ତନମଣ୍ଡଳୀ ଏବଂ ନର ନାରାୟଣ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ବାହାର ରାଜ୍ୟରୁ ଆସିଥିବା ମହିଳା ଭକ୍ତ ନାମ ସଂକୀର୍ତ୍ତନରେ ବିଭୋର ହୋଇ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ବାରବାଟୀ ଡ୍ୟାନ୍ସ ଗ୍ରୁପ୍, ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ଶ୍ରୀଜଗନ୍ନାଥ ଯୋଗ ବେଦାନ୍ତ ଓ ସାଂସ୍କୃତିକ କେନ୍ଦ୍ର, ଭାରତୀ ଯୋଗ କେନ୍ଦ୍ର ଛାତ୍ରୀଛାତ୍ର ଯୋଗ, ସ୍କାଉଟ୍ ଓ ଗାଇଡ ପ୍ରମୁଖ ସେମାନଙ୍କ ପ୍ରତିଭା ଦେଖାଇଥିଲେ। ଗୁରୁ ନାରାୟଣ ପାଣ୍ଡେ ଓ ସାଗରିକା ମହାନ୍ତିଙ୍କ ଗ୍ରୁପ୍ ପକ୍ଷରୁ ପରିବେଶିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ରାଧାକୃଷ୍ଣ ମହିଳା ସମିତି, ଦକ୍ଷିଣକାଳୀ ମହିଳା ସମିତି ଓ ମା' ବିଶେଶ୍ୱରୀ ମହିଳା ସମିତି ପକ୍ଷରୁ ରଙ୍ଗୋଲି ଏବଂ ଝୋଟି କରାଯାଇଥିଲା। ଉତ୍କଳ ବଳାଶ୍ରମର ଅନ୍ତେବାସୀ ସବୁଜ ରକ୍ଷାବନ୍ଧନର ବାର୍ତ୍ତା ଦେଇଥିଲେ। ସେମାନେ ମୁରୁଜରେ ଗୋ ମାତା, ବୃକ୍ଷ ଏବଂ ତୁଳସୀଚଉଁରା ଆଙ୍କି ଏମାନଙ୍କୁ ରାଖୀ ବାନ୍ଧିବାକୁ ବାର୍ତ୍ତା ଦେଇଥିଲେ। ସେହିପରି ଭୁବନେଶ୍ୱର ବିକେ ଆର୍ଟ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ରାକେଶ ଦାଶ ମୁରୁଜରେ ରାଧାକୃଷ୍ଣ ଯୁଗଳବନ୍ଦୀ ଚିତ୍ର କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।

- କନ୍‌ଫୁସିଅସ୍





ଶ୍ରାବଣ ମାସର ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ ମହାଦେବଙ୍କୁ ଜଳଲାଗି କରିବା ପାଇଁ ରବିବାର ଗଡଗଡିଆ ଘାଟର ମହାନଦୀ ତଟରେ ବୋଲବମ୍ ଭକ୍ତଙ୍କ ଗହଳି।

## ସଂକ୍ଷେପରେ

### 'ଡ୍ରିମ୍‌ସ'ରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଟକ ଅଫିସ, ୧୧।୮:** 'ଡ୍ରିମ୍‌ସ' ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ କର୍ମ ନିୟୋଜନ ସମ୍ପର୍କୀତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। 'ଡ୍ରିମ୍‌ସ'ର ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଠିତ 'ଭାଇଟ୍‌ମାଇଣ୍ଡ' ନାମକ ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରଫେସର ରାଜେନ୍ଦ୍ର କୁମାର ଦାସ ଉଦ୍‌ଘାଟନ କରି କହିଥିଲେ, ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ର କର୍ପୋରେଟ ସେକ୍ଟରରେ ନିଯୁକ୍ତି କ୍ଷେତ୍ରରେ ନିଜର ଦକ୍ଷତାକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଠପଢା ଆରମ୍ଭରୁ ହିଁ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୈଷୟିକ ପ୍ରଶିକ୍ଷକ ଭାବରେ ଡ. ଶ୍ୟାମ ନବୀନଚନ୍ଦ୍ର ଚାୱଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭାରତ ତଥା ବିଶ୍ୱର ପ୍ରମୁଖ କର୍ପୋରେଟ ଉଦ୍ୟୋଗର ନିଯୁକ୍ତି ନୀତିନିୟମ ଓ ଏଥିପାଇଁ ଆବଶ୍ୟକ ଦକ୍ଷତା ସଂକ୍ରାନ୍ତରେ ଶିକ୍ଷା ଦେଇଥିଲେ। କ୍ୟାରିୟର ଡେଭଲପମେଣ୍ଟ ସେଲ(ସିଡିସି)ର ସହକାରୀ ନିର୍ଦ୍ଦେଶକ ଜିତେନ୍ଦୁ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ତିନିମାସ ଅବଧିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ଏବଂ ଅଫଲାଇନ ସପ୍ଟସ୍କିଲ କ୍ଲାସରୁମ ଶିକ୍ଷାଦାନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ଅର୍ଣ୍ଣବ ଷଡଙ୍ଗୀ, ଦେବାଶିଷ ମିଶ୍ର, ସୁମିତ୍ ଘୋଷ ଓ ଦୀପ୍ତି ଶୁକ୍ଳା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

### ଏଆଇଡିଏସ୍‌ଓ ପକ୍ଷରୁ ଆଲୋଚନାସଭା

**କଟକ ଅଫିସ, ୧୧।୮:** ଶହୀଦ ଖୁଦିରାମଙ୍କ ଫାଶୀ ଦିବସ ପାଳନ ଉପଲକ୍ଷେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଏଆଇଡିଏସ୍‌ଓ ପକ୍ଷରୁ ଏକ ଆଲୋଚନାସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇଡିଏସ୍‌ଓ କଟକ ଜିଲା ସମ୍ପାଦକ କମ୍ରେଡ ବିନୋଦ ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖୁଦିରାମଙ୍କ ଜୀବନ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ଏଆଇଡିଏସ୍‌ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କମିଟି ସଭାପତି ସରୋଜ ମାନସିଂଙ୍କ ନେତୃତ୍ୱରେ ରଞ୍ଜନ ସାମଲ, ମୁସ୍‌କାନ ତବସୁମ, ରିତୁ ମେହେର, ସିଦ୍ଧେଶ୍ୱର ଜେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରଧାନମନ୍ତ୍ରୀ ଆବାସ କିସ୍ତି ପ୍ରଦାନରେ ଟାଳଟୁଳ ନୀତି

**କଟକ ସଦର,୧୧।୮(ଡି.ଏନ୍.ଏ.):** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୬, ୫୭, ୫୮ ଓ ୫୯ ନମ୍ବର ୱାର୍ଡର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନଙ୍କୁ କିସ୍ତିଟଙ୍କା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ନିକଟରେ ଅଭିଯୋଗ ହୋଇଛି। ଗୁରୁବାର କଟକ ସଦର ବ୍ଲକ କାର୍ଯ୍ୟାଳୟକୁ ବିଧାୟକ ବେହେରା ବିଭିନ୍ନ କାର୍ଯ୍ୟର ସମୀକ୍ଷା ପାଇଁ ଆସିଥିଲେ। ଉକ୍ତ ନିର୍ବାଚନ ମଣ୍ଡଳୀର ୪ଟି ୱାର୍ଡରେ ୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆବାସ ବାବଦକୁ ଚୁଡାନ୍ତ କିସ୍ତି ୪୦ ହଜାର ଟଙ୍କା ପ୍ରଦାନରେ ସିଏମ୍‌ସି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବିଧାୟକଙ୍କୁ ଅବଗତ କରାଯାଇଥିଲା। ୩୦୦ ବର୍ଗ ଫୁଟ ଘର ପାଇଁ ୨ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଗରିବ ଲୋକମାନେ ଧାରଉଦ୍ଧାର କରି ଛାତ ପକାଇ ସାରିଛନ୍ତି। ମାତ୍ର ଚୁଡାନ୍ତ କିସ୍ତି ପାଇଁ କଠୋର ସର୍ତ୍ତାରୋପ କରାଯାଇଛି। ଘରକୁ ପଲସ୍ତରା, ରଙ୍ଗ ଓ ବିଦ୍ୟୁତ୍‌କରଣ କରିବା ପରେ ଚୁଡାନ୍ତ କିସ୍ତି ମିଳିବ ବୋଲି ସିଏମ୍‌ସି ଅଧିକାରୀମାନେ କହିଛନ୍ତି। ଗରିବ ଲୋକମାନେ ଟଙ୍କା ଧାର ଆଣି ଘର ପଲସ୍ତରା କରିବା ସମ୍ଭବ ହେଉନାହିଁ। କାରଣ ସରକାରୀ ଭାବେ ୩୦୦ ବର୍ଗ ଫୁଟ ଘର ପାଇଁ ସାଢେ ୩ ଲକ୍ଷ ଟଙ୍କା ଏଷ୍ଟିମେଟ୍ ହେଉଛି। ଏଭଳି ପରିସ୍ଥିତିରେ ଦିନମଜୁରିଆ ଲୋକମାନେ ୨ ଲକ୍ଷ ଟଙ୍କାରେ କିପରି ଘର ସମ୍ପୂର୍ଣ୍ଣ କରିପାରିବେ, ଏ ସମ୍ପର୍କରେ ବିଚାର କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ସିଏମ୍‌ସି କମିଶନରଙ୍କ ସହ କଥା ହୋଇ ସମାଧାନର ବାଟ ବାହାର କରାଯିବ ବୋଲି ବିଧାୟକ ବେହେରା ହିତାଧିକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଏମ୍‌ଭି ପଡ଼ିଆ ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ୪ ଗିରଫ

# ପଥରରେ ଛେଚି ହତ୍ୟା କରିଥିଲେ

### ମଦ ପିଇଲେ, ଟଙ୍କା ଛଡ଼େଇ ନେଇଥିଲେ

**କଟକ ଅଫିସ,୧୧।୮**

ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନ୍‌ନଗର ଏମ୍‌ଭି ପଡିଆରେ ଗତ ଜୁଲାଇ ୧ରେ ଘଟିଥିବା ଶୁଭ୍ରାଂଶୁ ଶତପଥୀ ହତ୍ୟାକାଣ୍ଡର ରବିବାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖାନ୍‌ନଗର ଗୁରୁସାହି ଅଞ୍ଚଳର ନିରାକାର ଗୁରୁ(୨୫), ନୟାଗଡ଼ ଜିଲା ପାଟଣା ଅଞ୍ଚଳର ଗଣେଶ ନାୟକ(୨୧), କଟକ ଝାଞ୍ଜିରିମଙ୍ଗଳା ଅଞ୍ଚଳର କିଷାନ ନାୟକ ଓରଫ ବାବୁନା(୨୧) ଓ ଢେଙ୍କାନାଳ ଜିଲା ବଡ଼ଝର ଅଞ୍ଚଳର ଶିବପ୍ରସାଦ ସାହୁ ଓରଫ ଶିବୁ (୨୬)। ମୁଖ୍ୟତଃ ମଦ ଓ ଟଙ୍କାକୁ କେନ୍ଦ୍ରକରି ୪ଜଣ ଅଭିଯୁକ୍ତ ଶୁଭ୍ରାଂଶୁଙ୍କ ମୁଣ୍ଡ ଓ ମୁହଁକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଥିବା ନେଇ ଡିସିପିଙ୍କ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

ଡିସିପି ସୂଚନା ଅନୁଯାୟୀ, ଶୁଭ୍ରାଂଶୁଙ୍କ ଘର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ। ସେ ନିଜ ମା'ଙ୍କ ଚିକିତ୍ସା ପାଇଁ ଗତ ଜୁନ୍ ୩୦ରେ କଟକ ଆସିଥିଲେ। ମା'ଙ୍କୁ ଡାକ୍ତର ଦେଖାଇ ସାରିବା ପରେ ମୈତ୍ରୀଲେନ୍‌ରେ ରହୁଥିବା ତାଙ୍କ ଭିଣୋଇଙ୍କ ଘରେ ନେଇ ଛାଡ଼ିଥିଲେ। ପରେ ବ୍ୟକ୍ତିଗତ କାର୍ଯ୍ୟରେ ସିଡିଏ ଅଞ୍ଚଳକୁ ଆସିଥିଲେ। ସତୀଚଉରା ପାଖରେ ରାତି ପ୍ରାୟ ୯ଟାରେ ଘରକୁ ଫେରିବା ପାଇଁ ଶୁଭ୍ରାଂଶୁ ଏକ ଅଟୋକୁ ଅଟକାଇଥିଲେ। ଅଟୋରେ ଅଭିଯୁକ୍ତ ତଥା ଅଟୋ ମାଲିକ କିଷାନ ଓ ଡ୍ରାଇଭର ଗଣେଶ ଥିଲେ। ଶୁଭ୍ରାଂଶୁ ବାଦାମବାଡ଼ି ଯିବା ପାଇଁ ସେମାନଙ୍କୁ କହିଥିଲେ। ଅଟୋ ବାଦାମବାଡ଼ିରେ ପହଞ୍ଚିବା ପରେ ଶୁଭ୍ରାଂଶୁ ଡ୍ରାଇଭରଙ୍କୁ ଅରୁଣୋଦୟ ମାର୍କେଟ ଯିବା ପାଇଁ କହିଥିଲେ। ଅରୁଣୋଦୟ ମାର୍କେଟରେ ପହଞ୍ଚିବା ପରେ ଅଟୋ ଭଡ଼ା ଦେବା ଲାଗି ତାଙ୍କ ପାଖରେ ଟଙ୍କା ନାହିଁ ବୋଲି ଶୁଭ୍ରାଂଶୁ କହିଥିଲେ। ଏହାକୁ ନେଇ ଶୁଭ୍ରାଂଶୁ ଏବଂ ଅଟୋରେ ଥିବା କିଷାନ ଓ ଗଣେଶଙ୍କ ମଧ୍ୟରେ ବଚସା ହୋଇଥିଲା। ଶୁଭ୍ରାଂଶୁଙ୍କ ମୋବାଇଲ୍ ଫୋନ୍ ସୁଇଚ ଅଫ ଥିବାରୁ ଟଙ୍କା ଆଣିବା ପାଇଁ ସେ ଗଣେଶଙ୍କୁ ମୋବାଇଲ ଫୋନ୍ ମାଗିଥିଲେ। ପରେ ଉକ୍ତ ମୋବାଇଲରୁ ଭିଣୋଇଙ୍କ ପାଖରେ ରହୁଥିବା ବଡଭାଇ ଭାସ୍କର ଚନ୍ଦ୍ର ଶତପଥୀଙ୍କୁ ଫୋନ୍ କରି ମା'ଙ୍କ ଔଷଧ ବାବଦକୁ ୫ହଜାର ଟଙ୍କା ମାଗିଥିଲେ। ଭାସ୍କର କିଛି ସମୟ ମଧ୍ୟରେ ତାଙ୍କୁ ୫ହଜାର ଟଙ୍କା ଆଣି ଦେଇଥିଲେ। ପରେ ଶୁଭ୍ରାଂଶୁ ଅଟୋରେ ଥିବା କିଷାନ ଓ ଗଣେଶଙ୍କୁ ଅଟୋ ଭଡ଼ା ବାବଦ ଟଙ୍କା ନ ଦେଇ ସେମାନଙ୍କୁ ମଦ ପିଇବାକୁ ଡାକିଥିଲେ। ସେମାନେ ଦୋକାନରୁ ମଦ ଓ ମାଂସ କିଣିଥିଲେ। ଏହାପରେ ମୁଡିଭାଟି ଗଳି ନିକଟରେ ଅଟୋରେ ବସି ସେମାନେ ମଦ ପିଇଥିଲେ। ନିଶାସକ୍ତ ଅବସ୍ଥାରେ ଶୁଭ୍ରାଂଶୁଙ୍କ ସହିତ କୌଣସି କାରଣକୁ ନେଇ କିଷାନ ଓ ଗଣେଶଙ୍କ ଯୁକ୍ତିତର୍କ ହୋଇଥିଲା। ଅଟୋରୁ ଓହ୍ଲାଇ ଯିବାକୁ ଶୁଭ୍ରାଂଶୁଙ୍କୁ ଉଭୟ କହିଥିଲେ। ହେଲେ ଶୁଭ୍ରାଂଶୁ ଅଟୋରୁ ଓହ୍ଲାଇବେ ନାହିଁ ବୋଲି ଜିଦ୍ ଧରିଥିଲେ। ପରେ ଘଟଣା ଉଗ୍ରରୂପ ନେଇଥିଲା। କିଷାନ ଓ ଗଣେଶ ଫୋନ୍‌ରେ ନିଜ ସାଙ୍ଗ ନିରାକାର ଓ ଶିବଙ୍କୁ ଡାକିଥିଲେ। ଫଳରେ ସେମାନେ ସେଠାରେ ପହଞ୍ଚିଥିଲେ। ପରେ ୪ ଜଣ ମିଶି ଶୁଭ୍ରାଂଶୁଙ୍କୁ ନିକଟସ୍ଥ ଏମ୍‌ଭି ପଡ଼ିଆକୁ ନେଇଯାଇଥିଲେ। ସେଠାରେ ତାଙ୍କ ମୁହଁ ଓ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଶୁଭ୍ରାଂଶୁ ସେଠାରେ ଟଳି ପଡ଼ିବା ପରେ ସେମାନେ ତାଙ୍କ ପକେଟରୁ ଟଙ୍କା ଲୁଟି ନେବା ସହ ମୋବାଇଲ ଫୋନକୁ ପାଖରେ ଥିବା ନାଳକୁ ଫିଙ୍ଗି ଦେଇଥିଲେ। ଶୁଭ୍ରାଂଶୁ ଅଚେତ ହୋଇ ପଡ଼ିଯିବା ଦେଖି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଜୁଲାଇ ୧ ତାରିଖ ସକାଳେ ଶୁଭ୍ରାଂଶୁଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ଦଫା ୩୦୨ ଅନୁଯାୟୀ ଏକ ମାମଲା(ନଂ.୧୪୧/୧୯) ରୁଜୁ କରିଥିଲା। ତଦନ୍ତ ବେଳେ ପୋଲିସ ଏମ୍‌ଭି ପଡ଼ିଆ ନିକଟରୁ କୌଣସି ସୁରାକ ପାଇ ନ ଥିଲା। ହେଲେ ପଡ଼ିଆ ନିକଟରେ ଜଣେ ଦୋକାନୀ ୪ଜଣ ଯୁବକଙ୍କ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଏହି ସୂଚନାକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଥିଲା। ଉକ୍ତ ଘଟଣାରେ ଶିବୁଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିବା ଶିବୁଙ୍କୁ ପୋଲିସ ବଲାଙ୍ଗୀରରୁ ଉଠାଇ ଆଣି ପଚରାଉଚରା କରିଥିଲା। ସେ ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ନିକଟରେ ସ୍ୱୀକାର କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କ ନାମ କହିଥିଲେ। ପରେ ପୋଲିସ ଅନ୍ୟ ଅଭିଯୁକ୍ତମାନଙ୍କୁ କଟକର ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା।



ଗିରଫ ଅଭିଯୁକ୍ତ।



ଶୁଭ୍ରାଂଶୁ ଶତପଥୀ (ଫାଇଲ ଫଟୋ)



**ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ମିଳୁ**

ବଢ଼ିଲା ପୁଅର ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ବାପା ଭଜଗୋବିନ୍ଦ ଶତପଥୀ କହିଛନ୍ତି, ମୋ ପୁଅକୁ ନୃଶଂସ ଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳୁ। ମୋ ପୁଅ ଆଉ ଏ ଦୁନିଆକୁ ଫେରିଆସିବନି ହେଲେ ଅଭିଯୁକ୍ତମାନେ କଠୋର ଦଣ୍ଡ ପାଇଲେ ତା' ଆତ୍ମାକୁ ଶାନ୍ତି ମିଳିବ।



**ନୂଆ ଚାକିରି କରିବ ବୋଲି କହୁଥିଲା**

ଶୁଭ୍ରାଂଶୁଙ୍କ ବିୟୋଗରେ ମ୍ରିୟମାଣ ହୋଇ ବଡଭାଇ ଭାସ୍କର ଚନ୍ଦ୍ର ଶତପଥୀ କହିଛନ୍ତି, କିଛିଦିନ ତଳେ ଶୁଭ୍ରାଂଶୁ ନୂଆ ଚାକିରୀ କରିବ ବୋଲି କହୁଥିଲା। ସବୁଦିନ ଜିମ୍ ଯାଏ ଓ ହସଖୁସିରେ ବଞ୍ଚୁଥିବା ମଣିଷ ଭିତରୁ ସେ ଜଣେ ଥିଲା। ହତ୍ୟା କରାଯିବାର ପୂର୍ବଦିନ ତା' ସହ କଥା ହୋଇଥିଲି। ଟଙ୍କା ନେଇ ଆସିବା ବେଳେ ମା'ର ଯତ୍ନ ନେଉଥିବୁ ବୋଲି କହିଥିଲା। ହେଲେ କାହିଁକି ଏମିତି କହିଥିଲା ସେଦିନ ମୁଁ ବୁଝି ପାରି ନ ଥିଲି।

## ଗୋପଦ ଅଭିଯାନ

### ଲୋକଙ୍କ ସମସ୍ୟା ବୁଝିଲେ ଜିଲାପାଳ

**କଟକ ଅଫିସ,୧୧।୮**

ଗୋପଦ ଅଭିଯାନରେ ରବିବାର ସକାଳୁ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସଙ୍କ ସମେତ ସିଡିଏମ୍‌ଓ କଟକ ସହରର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ସହରର କନିକା ଛକଠାରୁ ବାହାରି ସିଦ୍ଧେଶ୍ୱର ସାହି, ୧୦ନଂ. ୱାର୍ଡ ଓ ଷ୍ଟିୱାର୍ଟପାଟଣା ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କଠାରୁ ଡ୍ରେନେଜ, ପରିମଳ, ରାସ୍ତା ଓ ପାଣି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସହରରେ ଦୀର୍ଘଦିନ ହେବ ଏହିସବୁ ସମସ୍ୟା ଲାଗିରହିଛି। ଏହାର ସମାଧାନ କିପରି ହୋଇପାରିବ ସେ ନେଇ ଜିଲାପାଳ ପ୍ରତିଦିନ ଗୋପଦ ଅଭିଯାନରେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି। ରବିବାର ଜିଲାପାଳ ଏହିସବୁ ଅଞ୍ଚଳ ପରିଦର୍ଶନ କରିବା ପରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସିଏମ୍‌ସିକୁ ଜଣାଇଥିଲେ। ସେହିପରି ଅନାଧିକାର ଜମିକୁ ମୁକ୍ତ କରିବା, ଡ୍ରେନକୁ ଜବରଦଖଲ ମୁକ୍ତ କରିବା ଓ ସଫାସୁତୁରା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ କହିଥିଲେ। ଏଥିସହ ସିଦ୍ଧେଶ୍ୱର ସାହି ବାସିନ୍ଦା ଏବଂ ବୁଦ୍ଧିଜୀବୀଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାକାର ଆଲୋକ, ଆବଶ୍ୟକ ଭେଣ୍ଡିଂଜୋନର ବ୍ୟବସ୍ଥା କରାଯିବା ଉପରେ ଅବଗତ ହେବା ସହ ସାହିରେ ଥିବା ମଧୁସୂଦନ ଦାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଦେଖିଥିଲେ।



ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ରବିବାର କଟକ ବାରବାଟୀ ଷ୍ଟାଡିୟମରେ ଜିଲା ପ୍ରଶାସନ ପକ୍ଷରୁ ସମ୍ମିଳିତ ପରେଡ ଅଭ୍ୟାସ।

### ବାଳିକା ଶିକ୍ଷା କର୍ମଶାଳା ଉଦ୍‌ଘାଟିତ

**କଟକ ଅଫିସ, ୧୧।୮**

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର କ୍ଷେତ୍ରୀୟ ଓ ପ୍ରାଦେଶିକସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ନନ୍ଦିତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ କନ୍ୟା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବାସ୍ତୁ ଅନୁସାରେ ଘରସଜ୍ଜା, ପର୍ବପର୍ବାଣୀ, ପାରମ୍ପରିକ ଖାଦ୍ୟ, ଆମ ପାକଶାଳା, ଆମ ଚିକିତ୍ସାଳୟ ଆଦି ପ୍ରଦର୍ଶନୀ କରାଯାଇଥିଲା। ବିଭିନ୍ନ ଶ୍ରେଣୀର ୧୦୦ରୁ ଅଧିକ ବାଳିକା ଏଥିରେ ଭାଗ ନେଇଥିଲେ। ବାଳିକାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଶିକ୍ଷା ବିକାଶ ସମିତି ପ୍ରାନ୍ତ ବାଳିକା ଶିକ୍ଷା ସଂଯୋଜକ କ୍ଷେତ୍ରମୋହନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୩ ଜଣ ଆଚାର୍ଯ୍ୟ ଯୋଗଦେଇଥିଲେ।

## ଦେଶରେ ସାର୍ବଜନୀନ ଶିକ୍ଷା ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି

**କଟକ ଅଫିସ, ୧୧।୮**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଦୁଇଦିନିଆ କର୍ମଶାଳା ରବିବାର ନୟାସଡକସ୍ଥିତ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ଏଥିରେ ୩୧୪ ବ୍ଲକ ଓ ୮ଟି ସାଙ୍ଗଠନିକ ବ୍ଲକ୍‌ର ସମ୍ପାଦକ ଯୋଗଦେଇଥିଲେ। ଏହି କର୍ମଶାଳାରେ ଆମ ସଂଗଠନ ଓ ସଂଗଠକ ଭାବରେ ଆମର ଭୂମିକା, ଆମ ସମସ୍ୟା ଓ ଏହାର ସମାଧାନ, ଆମ ସଙ୍ଗଠନର ସାମାଜିକ ପ୍ରତିବଦ୍ଧତା ଏବଂ ଶିକ୍ଷା କ୍ଷେତ୍ରରେ ଜଗତୀକରଣର ପ୍ରଭାବ ଓ ଶିକ୍ଷକର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ସଙ୍ଗଠନକୁ ଅଧିକ ମଜଭୁତ ଓ ଲୋକାଭିମୁଖୀ କରାଇବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା।

ଦେଶରେ ସାର୍ବଜନୀନ ଶିକ୍ଷା ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ଜଗତୀକରଣ ଓ ଉଦାରୀକରଣର ପ୍ରଭାବରେ ଘରୋଇ ଶିକ୍ଷା କ୍ରମଶଃ କାୟାବିସ୍ତାର କରିବାରେ ଲାଗିଛି। କେତେଜଣ ଅସାଧୁ ବ୍ୟବସାୟୀଙ୍କ ହାତରେ ଶିକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ ହେବାରେ ଲାଗିଛି। ଫଳରେ ଶିକ୍ଷା ଏବେ ବ୍ୟବସାୟରେ ପରିଣତ ହୋଇଛି। ସରକାରୀ ନିୟମକାନୁନ ଶିକ୍ଷାକୁ ଧ୍ୱଂସ କରିବାରେ ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ଏଭଳି ଏକ ସ୍ପର୍ଶକାତର ବିଷୟ ଉପରେ ଏହି କର୍ମଶାଳାର ଆୟୋଜନ ଏକ ସମୟୋଚିତ ଆହ୍ୱାନ ବୋଲି ଉକ୍ତ କର୍ମଶାଳାରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ସଙ୍ଗଠନକୁ ତ୍ରୁଣମୂଳ ସ୍ତରରେ ମଜଭୁତ କରାଇବା ଦରକାର। ଓଷ୍ଟାର ପୂର୍ବତନ ସାଧାରଣ ସମ୍ପାଦକ କିଶୋର କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରି ଶିକ୍ଷା ଏବଂ ଶିକ୍ଷକଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଷ୍ଟାର ପୂର୍ବତନ ସଭାପତି ଇନ୍ଦୁମାଧବ ମହାନ୍ତି କହିଥିଲେ, ବ୍ଲକ ସମ୍ପାଦକମାନେ ସିଧାସଳଖ ଭାବେ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କଲେ ସଙ୍ଗଠନର ଲକ୍ଷ୍ୟ ପୂରଣ ହୋଇପାରିବ। ଶିକ୍ଷାପ୍ରଦୀପର ପ୍ରାକ୍ତନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ସଙ୍ଗଠନର ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷାପ୍ରଦୀପର ପୂର୍ବତନ ସମ୍ପାଦକ କାଳୀପ୍ରସାଦ ନାୟକ ଯୋଗଦେଇ ଶିକ୍ଷା ଉପରେ ଜଗତୀକରଣର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଓଷ୍ଟାର ସମସ୍ତ ପଦାଧିକାରୀଙ୍କ ସହିତ ଜିଲା ସମ୍ପାଦକମାନେ ଉପସ୍ଥିତ ଥିଲେ। ଭବାନୀ ଶଙ୍କର ମିଶ୍ର, ସନ୍ତୋଷ ନାୟକ, ସନ୍ତୋଷ ଭଞ୍ଜ, ଅକ୍ଷୟ କୁମାର ହୋତା, ଅଶୋକ ମହାପାତ୍ର, ରଞ୍ଜନ ଦାଶ, ବିନାୟକ ପରିଡ଼ା, ସୁରଜିତା ନାୟକ, ସାରଙ୍ଗଧର ଠାକୁର, ବିଚିତ୍ରାନନ୍ଦ ପାତ୍ର, ଶଙ୍କର ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାହିତ୍ୟ ସାଧନାର ସିଦ୍ଧି କାହ୍ନୁଚରଣଙ୍କୁ କରିଛି କାଳଜୟୀ ସ୍ରଷ୍ଟା

**କଟକ ଅଫିସ,୧୧।୮**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜୟନ୍ତୀ ଉତ୍ସବ ରବିବାର କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଥାଶିଳ୍ପୀ ସହଦେବ ସାହୁ ଯୋଗଦେଇ କାହ୍ନୁଚରଣଙ୍କ ସାହିତ୍ୟ ଆଜି ମଧ୍ୟ ପ୍ରାଣକୁ ସ୍ପନ୍ଦିତ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ବିଜୟାନନ୍ଦ ସିଂହ କହିଥିଲେ, କାହ୍ନୁଚରଣଙ୍କ ସୃଷ୍ଟି ବାସ୍ତବ ଚିତ୍ରର ନିଖୁଣ ପ୍ରତିଫଳନ। ତାଙ୍କ ସାହିତ୍ୟ ସାଧନାର ସିଦ୍ଧି ତାଙ୍କୁ କାଳଜୟୀ ସ୍ରଷ୍ଟା କରିଛି। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଅନ୍ୟ ଅତିଥି ଭାବେ କଥାଶିଳ୍ପୀ ଗୋପୀନାଥ ମହାନ୍ତି ଯୋଗଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସଞ୍ଜୟ କୁମାର ଛୁଆଳସିଂହ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀଙ୍କ ସମେତ ବହୁ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।

# ସତ୍ତା ହରାଇବାକୁ ବସିଲାଣି ସୁନାନଦୀ

**ମାନସ ରଞ୍ଜନ ମହାନ୍ତି**
**ଯୋଡ଼ା, ୧୧।୮**


ଯୋଡ଼ା ନିକଟରେ ପ୍ରବାହିତ ସୁନା ନଦୀ।

- ଦିନକୁ ଦିନ ପୋତି ହେଉଛି ନଦୀଶଯ୍ୟା
- ଜଳ ପ୍ରଦୂଷଣ କରୁଛି ଖଣିର ବର୍ଜ୍ୟବସ୍ତୁ, ଆବର୍ଜନା
- ନଦୀଜଳ ଉପରେ କମ୍ପାନୀଙ୍କ ଲୋଲୁପ ଦୃଷ୍ଟି

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳରେ ଥିବା ବିଭିନ୍ନ ଖଣି ଦ୍ୱାରା ନଦୀନାଳ ପ୍ରଭାବିତ ହେଉଛି। ଯୋଡା ଅଞ୍ଚଳର ଜୀବନରେଖା କୁହାଯାଉଥିବା ସୁନା ନଦୀ ସମେତ ଅନ୍ୟ କେତେକ ନଦୀ ନାଳ ଧୀରେ ଧୀରେ ସତ୍ତା ହରାଇବାକୁ ବସିଲାଣି। ଗୋଟିଏ ପଟେ ଖଣି ଖନନ କରି ସରକାର ରାଜ୍ୟକୁ ସମୃଦ୍ଧ କରିବାକୁ ଲାଗିପଡିଥିବା ବେଳେ ଯୋଡା ଅଞ୍ଚଳର ପରିବେଶ ଉପରେ କି ପ୍ରଭାବ ପକାଉଛି ତାକୁ ଅନୁଧ୍ୟାନ କରିବାକୁ କେହି ଚେଷ୍ଟା କରୁନାହାନ୍ତି। ଖଣିଖନନ କାର୍ଯ୍ୟ ଯୋଗୁ ଏହି ଅଞ୍ଚଳର ଜଳ, ବାୟୁ, ମୃତ୍ତିକା ପ୍ରଦୂଷିତ ହେବାରୁ ସ୍ୱାସ୍ଥ୍ୟ ସମସ୍ୟା ମୁଣ୍ଡ ଟେକିବାକୁ ବସିଲାଣି। ଯୋଡା ଅଞ୍ଚଳଦେଇ ପ୍ରବାହିତ ସୁନାନଦୀ ଅଧିକ ପରିମାଣରେ ପ୍ରଦୂଷିତ ହୋଇ କ୍ରମେ ସଙ୍କୁଚିତ ହୋଇଗଲାଣି। ଏହାର ଜଳ କିଛିଦିନ ପରେ ଆଉ ବ୍ୟବହାର ଉପଯୋଗୀ ହୋଇ ରହିବ ନାହିଁ ବୋଲି ମତପ୍ରକାଶ ପାଉଛି। ନଦୀ ଅବବାହିକାରେ ଥିବା ବିଭିନ୍ନ ଖଣିରୁ ବାହାରୁଥିବା ବର୍ଜ୍ୟବସ୍ତୁ ସକାଶେ ଡମ୍ପିଂୟାର୍ଡ ନିର୍ମାଣ କରାଯାଉଥିବାରୁ ନଦୀ ଶଯ୍ୟା ଅଧିକ ସଙ୍କୁଚିତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୁନାନଦୀ ସୁନ୍ଦରଗଡ ଜିଲାର କୋଇଡା ବ୍ଲକ ପାଟୁରୀ ପାଟମୁଣ୍ଡାଠାରୁ ବାହାରି ଯୋଡା ସହରର ବିଟାକୁଣ୍ଡି, କେମ୍ପ ହଟିଂ, ବାରୋ ହଟିଂ ପ୍ରଭୃତି ଜନବସତି ଅଞ୍ଚଳ ଅତିକ୍ରମ କରି ଯୋଡା ସହର ଦେଇ ପ୍ରବାହିତ ହେଉଛି। ମାଲଦା ଅଞ୍ଚଳରେ ଥିବା ଟାଟା କମ୍ପାନୀର ୯ ଓ ୧୦ ନମ୍ବର ମାଙ୍ଗାନିଜ ଖଣିର ବର୍ଜ୍ୟବସ୍ତୁ ନଦୀରେ ମିଶୁଥିବା ଅଞ୍ଚଳବାସୀ ବହୁ ଦିନରୁ ଅଭିଯୋଗ କରି ଆସୁଛନ୍ତି। ଏଥିସହ ନଦୀ ଅବବାହିକାରେ ଥିବା ରୋଇଡାସ୍ଥିତ ଓଏମଡିସି ଖଣି ଅଞ୍ଚଳରୁ ଖଣିଜ ଖନନ ଯୋଗୁ ସୁନାନଦୀ ବହୁମାତ୍ରାରେ ପ୍ରଭାବିତ ହେଉଛି। ନଦୀ ଅବବାହିକାରେ ଥିବା ଖଣିଗୁଡିକ ନଦୀର ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଟାଟାଷ୍ଟିଲ କମ୍ପାନୀର ଡ୍ରେନ ଗୁଡିକରୁ ଦୂଷିତ ଜଳ ସିଧାସଳଖ ସୁନାନଦୀରେ ମିଶି ଏହାର ଜଳକୁ ପ୍ରଦୂଷିତ କରୁଛି। ଦିନଥିଲା ସୁନାନଦୀ ଚିରସ୍ରୋତା ଥିଲା। ବର୍ତ୍ତମାନ ଏହା ଏକ ସଙ୍କୁଚିତ ନାଳରେ ପରିଣତ ହେଲାଣି। ପ୍ରତିକାର ନ ହେଲେ ଆଗାମୀ ଦିନରେ ସୁନାନଦୀ ସୁରକ୍ଷା ଆନ୍ଦୋଳନ ଜୋର ଧରିବ। ସୁନାନଦୀ ସୁରକ୍ଷା ପ୍ରଶ୍ନ ନେଇ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ କହିଛନ୍ତି, ଯୋଡାବାସୀ ଆଉ କିଛି ବର୍ଷ ପରେ ଜଳ ସଙ୍କଟର ସମ୍ମୁଖୀନ ହେବେ। ସେ ବିଧାୟକ ଥିବାବେଳେ ନଦୀର ପୁନରୁଦ୍ଧାର ଲାଗି ୪ କୋଟି ଟଙ୍କା ବ୍ୟୟ ଅଟକଳର ଏକ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେଲା ନାହିଁ। ଜଳସମ୍ପଦ ବିଭାଗ ପକ୍ଷରୁ ଯୋଡାର ବିଭିନ୍ନ ନଦୀଶଯ୍ୟାରେ ଚେକ୍ ଡ୍ୟାମ୍ ତିଆରି କରି ପାଣି ଛଡାଗଲେ ପାଣିର ଅସୁବିଧା ରହନ୍ତା ନାହିଁ। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବେଳେ ବିଭିନ୍ନ ଖଣିର ମାଟି ଓ ବର୍ଜ୍ୟବସ୍ତୁ ପଡି ସୁନାନଦୀର ଗଭୀରତା ପ୍ରାୟ ୫ରୁ ୧୦ ଫୁଟ୍ ପୋତି ହୋଇଗଲାଣି। ଏହାର ଶଯ୍ୟାକୁ ୧୦ ଫୁଟ୍ ଗଭୀରତା ଯାଏ ଖୋଳା ନ ଗଲେ, ଭବିଷ୍ୟତରେ ଜଳସଙ୍କଟ ବଢିବ ଓ ସୁନାନଦୀ ସତ୍ତା ହରାଇ ବସିବ ବୋଲି କହିଥିଲେ।

## ସଂକ୍ଷେପରେ

### ଅଟୋ ରିକ୍ସା ଧୋଇବାକୁ ନେବାବେଳେ ଦୁର୍ଘଟଣା
### ଖସି ପଡ଼ି ଶିଶୁ ମୃତ, ଚଳାଉଥିବା ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

**କେନ୍ଦୁଝର, ୧୧।୮ (ଡି.ଏନ.ଏ.):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ କେରୀ ଗ୍ରାମରେ ପିଉସା ଘରେ ରହି ପାଠ ପଢୁଥିବା ରାଜା ମହାନ୍ତ ନାମକ ଜଣେ ୧୦ମ ଶ୍ରେଣୀର ଛାତ୍ର ରବିବାର ଏକ ଅଟୋ ଧୋଇବାଲାଗି ନିକଟସ୍ଥ ନାଳକୁ ଯାଇଥିବା ସମୟରେ ସେଥିରେ ବସିଥିବା ଜଣେ ଗୁରୁଚରଣ ମହାନ୍ତ (୪) ନାମକ ଶିଶୁ ତଳକୁ ଖସିପଡ଼ିଥିଲେ। ଅଟୋ ରିକ୍ସାର ଚକ ତାଙ୍କ ଉପରେ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ଶିଶୁଟି ମୃତ୍ୟୁବରଣ କରିଥିବା ଆଶଙ୍କାରେ ଅଟୋ ଚଳାଉଥିବା ରାଜା ମାନସିକ ଭାରସାମ୍ୟ ହରାଇ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଭୟଙ୍କୁ ଗାଁ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ଶିଶୁକୁ ମୃତ ଘୋଷଣା କରିଥିଲେ। ଏଭଳି ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅନ୍ୟପକ୍ଷେ ଏହି ଦୁର୍ଘଟଣାକୁ କେନ୍ଦ୍ର କରି ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି। ପୋଲିସ ଶିଶୁ ପୁତ୍ରର ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

### ପାହାଡ଼ରୁ ଖସି ବ୍ୟକ୍ତିଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ଯୋଡ଼ା, ୧୧।୮ (ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଜାଙ୍ଗ - ଜିଲିଂ ପାହାଡରୁ ଖସି ପଡି ନର ନାଏକ (୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁଘଟିଛି। ତାଙ୍କ ଘର ଜୁରୁଡି ଅଞ୍ଚଳରେ। ଶନିବାର ସନ୍ଧ୍ୟା ବେଳେ ସେ ଆହତ ଅବସ୍ଥାରେ ପାହାଡ ତଳେ ପଡିଥିବା ଦେଖିବାକୁ ମିଳିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଯୋଡାସ୍ଥିତ ଟାଟା କମ୍ପାନୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅଣ୍ଟା, ମୁଣ୍ଡ, ପିଠିରେ ଆଘାତ ଲାଗିଥିଲା। ରବିବାର ସକାଳୁ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏ ନେଇ ଥାନାର ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୦୧୯) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପୁଅ ଦିଲୀପ ତାଙ୍କ ବାପାଙ୍କ ମୃତ୍ୟୁକୁ ନେଇ ଥାନାରେ ଏକ ରିପୋର୍ଟ କରିଥିଲେ। ଶନିବାର ଅପରାହ୍ନରେ ସେ ଘରୁ ଆସିଥିବା ପରିବାର ଲୋକେ କହିଛନ୍ତି। ପାହାଡ଼ରେ କୌଣସି ଜଙ୍ଗଲୀ ହିଂସ୍ର ଜନ୍ତୁକୁ ଦେଖି ପ୍ରାଣ ବଞ୍ଚାଇବା ପାଇଁ ଦୌଡୁଥିବା ବେଳେ ସେ ତଳକୁ ଖସିପଡିଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ବାମେବାରୀ ପୋଲିସ ଘଟଣାର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି।

## ତୃତୀୟ ଥର କଏଦୀ ଫେରାର ହେବା ଘଟଣା
# ୫ ପୋଲିସ କର୍ମଚାରୀ ନିଲମ୍ବିତ

**ନୟାଗଡ଼ ଅଫିସ, ୧୧।୮**


ତପନ କୁମାର ରାଉତ

ନୟାଗଡ଼ ଜିଲା ଖଣ୍ଡପଡ଼ା ସବ୍‌ଜେଲରେ ବିଚାରାଧୀନ କଏଦୀ ତପନ କୁମାର ରାଉତ ବିଭିନ୍ନ ଘଟଣାକ୍ରମରେ ପୋଲିସ ହେପାଜତରୁ ୩ଥର ଫେରାର ହେବା ଘଟଣା ଜିଲା ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ପରେ ଜିଲା ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ଏସ୍‌ପି ଶଶିଭୂଷଣ ଶତପଥୀ ରବିବାର ୫ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହାବିଲଦାର ହୋଇଥିବା ବେଳେ ୪ଜଣ କନଷ୍ଟେବଲ ଅଛନ୍ତି। ସମସ୍ତେ ରିଜର୍ଭ ପୋଲିସର। ସେମାନେ ହେଲେ ହାବିଲଦାର ବିଜୟଲକ୍ଷ୍ମୀ ପାତ୍ର, କନଷ୍ଟେବଲ ଅନାଥ ବେହେରା, ସୁଶାନ୍ତ ନାୟକ, ପ୍ରକାଶ ପ୍ରଧାନ ଓ ରେବତୀ ବେହେରା। କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଏମାନଙ୍କୁ ନିଲମ୍ବିତ କରାଯାଇଥିବା ଜିଲା ପୋଲିସ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ଫତେଗଡ଼ ଥାନା କରବର ଗ୍ରାମର ତପନ ଏକ ବଳାତ୍କାର ମାମଲାରେ ବିଚାରାଧୀନ କଏଦୀ ଭାବେ ଖଣ୍ଡପଡ଼ା ସବ୍‌ଜେଲ୍‌ରେ ବନ୍ଦୀ ଜୀବନ କାଟୁଥିଲେ। ଜୁନ୍ ୧୦ ତାରିଖରେ ତପନ ପ୍ରଥମଥର ପାଇଁ ଉପକାରାଗାରରୁ ଚମ୍ପଟ ମାରିଥିଲେ। ଗୋଟିଏ ଦିନ ପରେ ଖଣ୍ଡପଡ଼ା ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏହି ଘଟଣାରେ ସବ୍‌ଜେଲର ଜଣେ ୱାର୍ଡର ନିଲମ୍ବିତ ହୋଇଥିଲେ। ପରେ ତପନ ପୁଣିଥରେ ଅଗଷ୍ଟ ୩ ତାରିଖରେ ସବ୍‌ଜେଲ୍‌ରୁ ଫେରାର ହୋଇଯାଇଥିଲେ। ଉକ୍ତ ଘଟଣାରେ ସବ୍‌ଜେଲର ଜଣେ ୱାର୍ଡ଼ରଙ୍କୁ ନିଲମ୍ବିତ କରାଯାଇଥିଲା। ଏହାର ଦୁଇ ଦିନ ପରେ ୫ ତାରିଖରେ ସବ୍‌ଜେଲର କର୍ମଚାରୀ ଓ ପୋଲିସ ତପନଙ୍କୁ କାଳିଗିରି-ଅଳସୁଆ ନିକଟରୁ ଧରି ଜେଲ୍‌କୁ ଆଣିଥିଲେ। ଗତ ଶୁକ୍ରବାର ତପନଙ୍କୁ ଭାପୁର ଜେଏମ୍‌ଏଫସି କୋର୍ଟରେ ହାଜର କରାଯାଇ ପୋଲିସ ଗାଡ଼ିକୁ ନିଆଯାଉଥିଲା। ଏହି ସମୟରେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ମହିଳା କନଷ୍ଟେବଲଙ୍କୁ ଧକ୍କାମାରି ତପନ ଫେରାର ହୋଇଯାଇଥିଲେ। ଏବେ ସୁଦ୍ଧା ତାଙ୍କୁ ଗିରଫ କରାଯାଇପାରି ନାହିଁ।

## ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି
# ମିଳିଲାନି ଟିକେଟ୍: ସୂର୍ଯ୍ୟମନ୍ଦିର ନ ବୁଲି ଫେରିଲେ ପର୍ଯ୍ୟଟକ

**କୋଣାର୍କ, ୧୧।୮ (ଡି.ଏନ୍.ଏ.)**


ଟିକେଟ କାଉଣ୍ଟରରେ ପର୍ଯ୍ୟଟକଙ୍କ ଭିଡ଼।

ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁ ରବିବାର ହଜାର ହଜାର ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ବୁଲି ନ ପାରି ନିରାଶ ହୋଇ ଫେରିଛନ୍ତି। ଛୁଟିଦିନ ଥିବାରୁ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର କଳାକୃତି ଦେଖିବାକୁ ଆସିଥିଲେ। ମାତ୍ର ୮୫୦ଜଣ ପର୍ଯ୍ୟଟକ ଟିକେଟ୍ କାଟିବା ପରେ ଟିକେଟ୍ ଶେଷ ହୋଇଯାଇଥିଲା। ଫଳରେ ଅନ୍ୟ ପର୍ଯ୍ୟଟକମାନେ ଟିକେଟ୍ ନ ପାଇ ଅସନ୍ତୋଷ ପ୍ରକାଶ କରିଥିଲେ। ପର୍ଯ୍ୟଟକ ଫେରିବାରୁ ହଜାର ହଜାର ଟଙ୍କାର ରାଜସ୍ୱ ହାନି ଘଟିଛି। ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ କ୍ଷୋଭର ସହ କହିଛନ୍ତି। ଏନେଇ ବିଭାଗୀୟ ତଦନ୍ତ କରିବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ କଲିକତାର ପର୍ଯ୍ୟଟକ ବିକାଶ ଚୌହାନ କୁହନ୍ତି, ପରିବାରସହ ମନ୍ଦିର ବୁଲିବାକୁ ଆସିଥିଲୁ। ମାତ୍ର ଏଠାରେ ପହଞ୍ଚିବା ବେଳକୁ ଟିକେଟ୍ ଶେଷ ହୋଇଯାଇଥିଲା। ଫଳରେ ନିରାଶ ହୋଇ ଫେରିଲୁ। ବ୍ରହ୍ମପୁରରୁ ଆସିଥିବା ସରୋଜ ବିଶୋଇଙ୍କୁ ପଚାରିବାରୁ ଏତେ ଦୂରରୁ ଆସି କଳାକୃତି ଦେଖି ନ ପାରି ଫେରିବା ଦୁଃଖ ଓ ପରିତାପର ବିଷୟ। ଏହାର ବିଭାଗୀୟ ତଦନ୍ତ ହେବା ଦରକାର। ଏ ନେଇ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ସୁଶାନ୍ତ ଗୋଛାୟତଙ୍କୁ ପଚାରିବାରେ ଆମ ପାଖରେ ଯେତିକି ଟିକେଟ ଥିଲା ତାହା ସରିଯାଇଥିଲା। ତେଣୁ ପର୍ଯ୍ୟଟକମାନେ ଟିକେଟ୍ ନ ପାଇ ଫେରିଥିଲେ ବୋଲି ଖାମଖିଆଲ ଭାବେ କହି ଏଡ଼ାଇ ଯାଇଥିଲେ।

# ଭିମ୍‌ସାରରେ ହେବ ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର

**ସମ୍ବଲପୁର, ୧୧।୮ (ବ୍ୟୁରୋ)**

- ଟାଟା ମେମୋରିଆଲ ଟ୍ରଷ୍ଟ କରିବ ସହାୟତା
- ଅଧିକାରୀଙ୍କ ପରିଦର୍ଶନ, ଭିତ୍ତିଭୂମି ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ
- କୋରାପୁଟରେ ବି ହେବ ଆଉ ଏକ କ୍ୟାନ୍‌ସର ହସ୍ପିଟାଲ

ସମ୍ବଲପୁର ଭିମସାର ହେବ ଅତ୍ୟାଧୁନିକ କ୍ୟାନସର ଚିକିତ୍ସା କେନ୍ଦ୍ର। ଏଥିପାଇଁ ଟାଟା ମେମୋରିଆଲ ଟ୍ରଷ୍ଟ ସହାୟତା ଯୋଗାଇଦେବ। ଶନିବାର କଟକ ଆଚାର୍ଯ୍ୟ ହରିହର କ୍ୟାନସର ଚିକିତ୍ସାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ଭିମସାର ପରିଦର୍ଶନ କରି ଭିତ୍ତିଭୂମି ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିଛନ୍ତି। ଭିମସାର ଅଧୀକ୍ଷକ ଡା. ଜୟଶ୍ରୀ ଦୋରାଙ୍କ ସହ ସେମାନେ ଆଲୋଚନା କରିଛନ୍ତି। ଅଧିକାରୀମାନେ ଭିମସାର ପରିସରରେ ପୂର୍ବରୁ ଥିବା କ୍ୟାନ୍‌ସର ବିଭାଗ ଓ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ଏଥିପାଇଁ ୩ ଏକର ଜମି ଆବଶ୍ୟକ। ପ୍ରକଳ୍ପର ବ୍ୟୟ ଅଟକଳ ଓ ଡିଜାଇନ ସୀକୃତି ପରେ କାମ ଆରମ୍ଭ କରାଯିବ। ଖୁବ୍‌ଶୀଘ୍ର କାମ ସମ୍ପୂର୍ଣ୍ଣ କରାଯାଇ ରୋଗୀ ସେବା ଆରମ୍ଭ ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ଜିଲାରେ ମଧ୍ୟ ଟାଟା ମେମୋରିଆଲ ସହାୟତାରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯିବ ବୋଲି ସେମାନେ କହିଛନ୍ତି। ଭିମସାରରେ ଅତ୍ୟାଧୁନିକ କ୍ୟାନ୍‌ସର ବିଭାଗ ନିର୍ମାଣ ହେଲେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟବାସୀ ଉପକୃତ ହେବେ। ବିଶେଷକରି ବରଗଡ଼ ଜିଲାରେ ଅଧିକ କ୍ୟାନ୍‌ସର ରୋଗୀ ଥିବାରୁ ଏହି ଚିକିତ୍ସା କେନ୍ଦ୍ର ନିର୍ମାଣ ହେଲେ ସେମାନେ ସହଜରେ ସେବା ପାଇପାରିବେ ବୋଲି କୁହାଯାଉଛି।

## ବିଛାଖଣ୍ଡି ପଥର ଖାଦାନରେ ଚଢ଼ାଉ
# ୩ କ୍ରଶର ସିଲ୍

**ଧର୍ମଶାଳା/ଜେନାପୁର, ୧୧।୮ (ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନସ୍ଥ ବିଛାଖଣ୍ଡି ଜଙ୍ଗଲ ଜମିରେ ଥିବା ବେଆଇନ ପଥର ଖାଦାନ ଉପରେ ଧର୍ମଶାଳା ତହସିଲ ପକ୍ଷରୁ ଚଢାଉ କରାଯାଇଛି। ରବିବାର ତହସିଲଦାର ସରୋଜ କୁମାର ପଣ୍ଡା ବିଭିନ୍ନ ସ୍ଥାନରେ ଚଢାଉ କରିଛନ୍ତି। ଏହି ସମୟରେ ୩ କ୍ରଶରକୁ ସିଲ କରିଥିବାବେଳେ ୧୯ଟିକୁ ନୋଟିସ କରିଛନ୍ତି। ଏଥିସହ ମାଫିଆମାନେ ଛଡାଇ ନେଇଥିବା କମ୍ପ୍ରେସର ଓ ମହୁଲ ଖଣିଠାରେ ଏକ ଟ୍ରାକ୍ଟର ଜବତ କରି ଚଢେଇଧରା ଫାଣ୍ଡି ଜିମା ଦେଇଛନ୍ତି। ସମସ୍ତ କ୍ରଶର ମାଲିକମାନଙ୍କୁ ୱାଇ ଫର୍ମ, ବିଦ୍ୟୁତ୍ ଯୋଗାଣ, ପରିବେଶ ମଞ୍ଜୁରୀ, କିସମ ପରିବର୍ତ୍ତନ ଆଦି ବିଭିନ୍ନ କାଗଜପତ୍ର ୭ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ମଙ୍ଗଳବାର ନୋଟିସ କରାଯାଇଥିବା କ୍ରଶରଗୁଡିକରେ ଜାଗା ମାପ କାମ କରାଯିବ। ଚଢାଉ ସମୟରେ କର୍ମଚାରୀ ଏବଂ ମାଲିକ ଗିରଫ ଭୟରେ ପଳାଇଥିଲେ। ଚଢାଉରେ ତହସିଲଦାରଙ୍କ ସହ ଅତିରିକ୍ତ ତହସିଲଦାର ଦେବି ପ୍ରସାଦ ମହାନ୍ତି, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଓ ପ୍ରଶାସନର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

# ସ୍ୱାଧୀନତା ଦିବସ ସହ ଗାନ୍ଧୀ ସ୍ମୃତି ପ୍ରଦର୍ଶନୀ

**ଭୁବନେଶ୍ୱର, ୧୧।୮ (ବ୍ୟୁରୋ)**

ସାରା ଦେଶରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସା ମାର୍ଗରେ ସଂଘଟିତ ସ୍ୱାଧୀନତା ସଂଗ୍ରାମ ଓ ପ୍ରାପ୍ତିରେ ପ୍ରମୁଖ ଭୂମିକା ନେଇଥିଲେ। ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ରୁ ବର୍ଷେ ବ୍ୟାପୀ ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରିଆସୁଛନ୍ତି। ସ୍ୱାଧୀନତା ଆନ୍ଦୋଳନ ସମୟରେ ଗାନ୍ଧିଜୀ ବହୁବାର ଓଡିଶାକୁ ଆସି ରାଜ୍ୟବାସୀଙ୍କୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାକୁ ଅନୁପ୍ରାଣିତ କରିଥିଲେ। ଓଡିଶାରେ ଗାନ୍ଧିଜୀଙ୍କ ସ୍ମୃତିକୁ ଉଜ୍ଜୀବିତ, ଅବିସ୍ମରଣୀୟ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଏକ ବୃହତ୍ ଗାନ୍ଧୀ ସ୍ମୃତି ପ୍ରଦର୍ଶନୀ ସ୍ଥାନୀୟ ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଆୟୋଜନ କରାଯିବା ସହ ଚଳିତଥର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସକୁ ମଧ୍ୟ ଏହିଠାରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେବେ। ଏହି ବୃହତ୍ ପ୍ରଦର୍ଶନୀରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ମଧ୍ୟ ଅଂଶ ଗ୍ରହଣ କରିବେ। ପ୍ରଦର୍ଶନୀରେ ଗାନ୍ଧିଜୀଙ୍କ ଫଟୋଚିତ୍ର ସହ ତାଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ତାଙ୍କ କୃତି ମଧ୍ୟ ସ୍ଥାନିତ ହେବ। ଏଥିସହିତ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ସଂଗ୍ରାମୀ ଓ ବରପୁତ୍ରମାନଙ୍କର ଅବଦାନ ସଂପର୍କିତ ପୁସ୍ତକ, କ୍ୟାସେଟ୍ ଇତ୍ୟାଦି ପ୍ରଦର୍ଶନ କରାଯିବ। ତତ୍‌ସହିତ ଏଲ୍.ଇ.ଡି. ଭିଡିଓ ଜରିଆରେ ଗାନ୍ଧିଜୀଙ୍କ ସ୍ମୃତି ଏବଂ 'ଗାନ୍ଧିଜୀ ଓ ଓଡିଶା' ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଏହି ପ୍ରଦର୍ଶନୀ ସମସ୍ତଙ୍କ ପାଇଁ ଖୋଲା ରହିବ ବୋଲି ଜଣାପଡିଛି।

## ହାଓଡା-ସମ୍ବଲପୁର ଏକ୍ସପ୍ରେସ୍‌ରେ ଭାଙ୍ଗ ଚାଲାଣ
# ଧରାପଡ଼ିବା ଭୟରେ ଫିଙ୍ଗିଦେଲେ

**ଢେଙ୍କାନାଳ ଅଫିସ, ୧୧।୮**


ଟ୍ରେନରୁ ଫିଙ୍ଗାଯାଇଥିବା ଭାଙ୍ଗ ବସ୍ତା।

- ବସ୍ତା ବାଜି ୩ ଗ୍ୟାଙ୍ଗମ୍ୟାନ୍ ଗୁରୁତର
- ଆର୍‌ପିଏଫ୍ ପକ୍ଷରୁ ତଦନ୍ତ ଆରମ୍ଭ

ଯାତ୍ରୀବାହୀ ଟ୍ରେନ୍‌ରେ ଅବାଧରେ ହେଉଛି ନିଶାଦ୍ରବ୍ୟ ଚାଲାଣ। ବେପାରୀମାନେ ଯୋଜନାବଦ୍ଧ ଭାବେ ଚଳାଇଛନ୍ତି ଏହି ବେଆଇନ କାରବାର। ଷ୍ଟେଶନ ଏବଂ ଟ୍ରେନ୍‌ରେ ଢିଲା ଯାଞ୍ଚ ବ୍ୟବସ୍ଥାର ଫାଇଦା ନେଉଛନ୍ତି ସେମାନେ। ତାହାର ସଦ୍ୟତମ ଉଦାହରଣ ଢେଙ୍କାନାଳ ଜିଲାରେ ରବିବାର ଦେଖିବାକୁ ମିଳିଛି। ହାଓଡା-ସମ୍ବଲପୁର ଏକ୍ସପ୍ରେସ୍‌ରେ ନିଆଯାଉଥିବା ଭାଙ୍ଗବସ୍ତାକୁ ଧରାପଡ଼ିବା ଭୟରେ ଚାଲାଣକାରୀ ବାହାରକୁ ଫିଙ୍ଗି ଦେଇଛନ୍ତି। ଫଳରେ ଉକ୍ତ ବସ୍ତା ବାଜି ଟ୍ରେନ୍ ଟ୍ରାକ୍‌ରେ କାର୍ଯ୍ୟରତ ୩ଜଣ ଗ୍ୟାଙ୍ଗମ୍ୟାନ୍ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦୀନେଶ କୁମାର ସାହୁ, ଜୟପ୍ରକାଶ ପାଣିଗ୍ରାହୀ, ରାକେଶ କୁମାର ପାଲ। ଘଟଣାସ୍ଥଳରେ ଉପସ୍ଥିତ ବିରଞ୍ଚି ନାରାୟଣ ମହାପାତ୍ର ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ରେଳୱେ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରେଳୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ କରିଛି। ଜବତ ୪ ବସ୍ତାରୁ ୧ କୁଇଣ୍ଟାଲ ୬୦ କେଜି ଭାଙ୍ଗ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଭୋର ୪ଟାରେ ହାଓଡା-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ କଟକ ରୁଟ୍‌ରେ ଆସି ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟ ପାର୍ କରିଥିଲା। ଢେଙ୍କାନାଳ ରେଳଷ୍ଟେଶନ ପୂର୍ବରୁ କିଲୋମିଟର ନଂ.୪୩୯/୧୬ ନିକଟରେ ସମ୍ପୃକ୍ତ ୪ଜଣ ଗ୍ୟାଙ୍ଗମ୍ୟାନ୍ ପାଟ୍ରୋଲିଂ କରୁଥିଲେ। ଟ୍ରେନ୍ ଆସୁଥିବା ଦେଖି ସେମାନେ ରେଳଧାରଣା ପାର୍ଶ୍ୱକୁ ଚାଲିଯାଇଥିଲେ। ତେବେ ଚଳନ୍ତା ଟ୍ରେନ୍‌ରୁ କେହି ଦୁର୍ବୃତ୍ତ ଭାଙ୍ଗ ଭର୍ତ୍ତି ହୋଇଥିବା ୪ଟି ବସ୍ତା ବାହାରକୁ ଫିଙ୍ଗିଦେଇଥିଲେ। ଉକ୍ତ ବସ୍ତାଗୁଡ଼ିକ ଗ୍ୟାଙ୍ଗମ୍ୟାନଙ୍କ ଉପରେ ବାଜିଥିଲା। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ପାଇ ଆରପିଏଫ୍ ଇନ୍ସପେକ୍ଟର ପ୍ରକାଶ କୁମାର ସାହୁ, ଏସ୍‌ଆଇ କ୍ଷୀରପ୍ରସାଦ ଭଞ୍ଜ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରେନ୍‌ରେ ଭାଙ୍ଗ ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି। ଏ ନେଇ ତଦନ୍ତ ଚାଲିଛି। ଜବତ ଭାଙ୍ଗ ଅବକାରୀ ବିଭାଗ ଜିମାରେ ଦିଆଯିବ ବୋଲି ଆର୍‌ପିଏଫ୍ ସୂତ୍ରରୁ ସୂଚନା ଦିଆଯାଇଛି।

## ସିକ୍ୟୁରିଟି ଗାର୍ଡ ହତ୍ୟା ଘଟଣାର ପର୍ଦ୍ଦାଫାଶ
# ପରକୀୟା ସମ୍ପର୍କ ମୁଖ୍ୟ କାରଣ

**ସଜନାଗଡ଼, ୧୧।୮ (ଡି.ଏନ.ଏ.)**


ନୀଳଗିରି ଥାନାରେ ଗିରଫ ଗୌରୀଶଙ୍କର।

- ଅଭିଯୁକ୍ତ ଗିରଫ
- ପୋଖରୀରୁ ମିଳିଲା ଭୁଜାଲି, କଟୁରି

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ କେଶୁରା ଗ୍ରାମରେ ବିଜୟ କୁମାର ସିଂହ (୪୦) ନାମକ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ହତ୍ୟା କରାଯିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ପରକୀୟା ପ୍ରୀତି ସନ୍ଦେହକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ରବିବାର ପୂର୍ବାହ୍ନରେ ନୀଳଗିରି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବି. ଯୁଗଳ କିଶୋର କୁମାର ସୂଚନା ଦେଇଛନ୍ତି। ପାରିପାର୍ଶ୍ୱିକ ସ୍ଥିତି, ଗ୍ରାମବାସୀଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ବିଜୟଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାରୋକ୍ତି ପରେ ଅଭିଯୁକ୍ତ ଗୌରୀଶଙ୍କର ରାଉତ(୩୨)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୧୮୩/୧୯) ରୁଜୁ କରାଯାଇଛି।

ଖବରଦାତାଙ୍କୁ ଏହି ସୂଚନା ଦେଇ ଏସ୍‌ପି କହିଥିଲେ, ଅଭିଯୁକ୍ତ ଗୌରୀଶଙ୍କର ଓ ବିଜୟଙ୍କ ଘର ପାଖାପାଖି। ବିଜୟ ବାରମ୍ବାର ଗୌରୀଶଙ୍କରଙ୍କ ଘରକୁ ଯିବା ଆସିବା କରୁଥିବାରୁ ମା'ଙ୍କ ସହ ସେ ପରକୀୟା ସମ୍ପର୍କ ରଖିଥିବା ସନ୍ଦେହ କରି ଆସୁଥିଲେ। ଏଥିଲାଗି ତାଙ୍କ ଘରକୁ ନ ଆସିବା ଲାଗି ଗୌରୀଶଙ୍କର ବାରଣ କରୁଥିଲେ। ହେଲେ ବିଜୟ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ସେ ପ୍ରତିଶୋଧପରାୟଣ ହୋଇ ତାଙ୍କୁ ହତ୍ୟା କରିବାକୁ ଯୋଜନା କରି ସୁଯୋଗ ଅପେକ୍ଷାରେ ଥିଲେ। ଶୁକ୍ରବାର ବିଜୟ ତାଙ୍କ ସ୍ତ୍ରୀଙ୍କୁ ସଜନାଗଡ଼ସ୍ଥିତ ବାପ ଘରେ ଛାଡ଼ିଦେଇ ଆସି ନିଶାସକ୍ତ ଅବସ୍ଥାରେ ରାତିରେ ଘରେ ଶୋଇଥିଲେ। ଏହାକୁ ସୁଯୋଗ ମନେକରି ଗୌରୀଶଙ୍କର ତାଙ୍କ ଘରେ ପଶି ଏକ ଧାରୁଆ ଅସ୍ତ୍ରରେ ବିଜୟଙ୍କ ନିର୍ମମ ଭାବେ ହତ୍ୟା କରିଥିଲେ। ଶନିବାର ପୂର୍ବାହ୍ନରେ ପଡୋଶୀ ଲୋକେ ହତ୍ୟାକାଣ୍ଡ ଘଟିଥିବା ଜାଣି ବାପଘରେ ଥିବା ବିଜୟଙ୍କ ସ୍ତ୍ରୀଙ୍କ ପାଖକୁ ଖବର ଦେଇଥିଲେ। ସେ ଓ ତାଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ବିଜୟଙ୍କୁ ହତ୍ୟା କରାଯାଇଥିବା ଜାଣି ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଘଟଣା ରହସ୍ୟଘେରରେ ଥିବାରୁ ପୋଲିସ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ସନ୍ଦେହରେ ୪ରୁ ୫ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ପଡ଼ୋଶୀ ଗୌରୀଶଙ୍କରଙ୍କୁ ଧରି ପୋଲିସ ପଚରାଉଚୁରା କରିବାରୁ ଘଟଣା ପଦାକୁ ଆସିଥିଲା। ତାଙ୍କ ମା' ସହିତ ବିଜୟଙ୍କ ପରକୀୟା ସମ୍ପର୍କକୁ ନେଇ ସେ ଏଭଳି ହତ୍ୟା ଘଟାଇଥିବା ସ୍ୱୀକାର କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀ ଓ ଭୁଜାଲିକୁ ନିକଟସ୍ଥ ଏକ ପୋଖରୀରେ ଫିଙ୍ଗି ଦେଇଥିବା ବୟାନ ଦେଇଥିଲେ। ଏହାପରେ ପୋଲିସ ସେହି ପୋଖରୀରୁ ଭୁଜାଲି ଓ କଟୁରୀ ଉଦ୍ଧାର କରିଥିବା ଏସ୍‌ପି କହିଛନ୍ତି।



ମନୁଷ୍ୟତ ତିଆରି କରିବା ସମସ୍ତ ଶିକ୍ଷା
ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଆବୁଧାବୀରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଖୋର୍ଦ୍ଧା ଅଫିସ,୧୧।୮: ବିଦେଶରେ କାମ କରି ପ୍ରାଣ ହରାଇଥିବା ବାଣପୁର ଥାନା ତୁମୁରାପୁଟ ପଞ୍ଚାୟତ ମାଣିକପୁର ଗ୍ରାମର ଓଡ଼ିଆ ଶ୍ରମିକ କରୁଣା ବେହେରାଙ୍କ ମୃତଦେହ ମୃତ୍ୟୁର ୯ମ ଦିବସରେ ଗାଁରେ ପହଞ୍ଚିଛି। ରବିବାର କରୁଣାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାନରେ କରାଯାଇଛି। କରୁଣାଙ୍କ ବକେୟା ଦରମା, ବୋନ୍ସ ଓ ବୀମା ପ୍ରାପ୍ୟ ପାଇବାକୁ ତାଙ୍କ ସ୍ତ୍ରୀ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। କରୁଣା ୧୬ ମାସ ପୂର୍ବେ ଆରବ ଦେଶର ଆବୁଧାବୀସ୍ଥିତ ଅଲ୍ ଜବିର ଟ୍ରାନ୍ସପୋର୍ଟିଂ କନଟ୍ରାକ୍ଟିଙ୍ଗ କମ୍ପାନୀରେ ସହାୟକ ଭାବେ କାମ କରୁଥିଲେ। ଗତ ୩ ତାରିଖ ଦିନ କରୁଣା କାମ କରୁଥିବା ବେଳେ ହଠାତ୍ ତଳେ ପଡି ପ୍ରାଣ ହରାଇଥିଲେ। କମ୍ପାନୀ କର୍ମଚାରୀଙ୍କର ସହାୟତାରେ ଅନ୍ୟ ଶ୍ରମିକମାନେ କରୁଣାଙ୍କୁ ସେଠାର ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କରୁଣାଙ୍କ ମୃତଦେହ ଗ୍ରାମକୁ ପଠାଇବା ପାଇଁ ପରିବାର ପକ୍ଷରୁ ଅନୁରୋଧ ପରେ କମ୍ପାନୀ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରି ସହଯୋଗ କରି ନ ଥିଲେ। ଭାରତୀୟ ଜୀବନ ବୀମା ନିଗମରେ କାର୍ଯ୍ୟରତ ସ୍ଥାନୀୟ ଚମ୍ପାଦେଈପୁର ଗ୍ରାମର ବାବୁଲି ସାହୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ, ଆବୁଧାବୀରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ଅଧିକାରୀ ଗୀତା ଯୋଶୀ ଓ କମ୍ପାନୀର କାର୍ମିକ ଅଧିକାରୀ ମହମ୍ମଦ ଆଲାମଙ୍କ ସହ ଯୋଗାଯୋଗ କରି କରୁଣାଙ୍କ ମୃତଦେହ ଗ୍ରାମକୁ ଆଣିବାକୁ ଉଦ୍ୟମ କରିଥିଲେ। ସାହୁଙ୍କ ଉଦ୍ୟମକ୍ରମେ ଶନିବାର କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ଅଞ୍ଚଳର ଅନ୍ୟଜଣେ ଓଡ଼ିଆ ଶ୍ରମିକ ରିଲୁ ବେହେରାଙ୍କ ସହ କରୁଣାଙ୍କ ମୃତଦେହ ଆବୁଧାବୀରୁ ବମ୍ବେ ଦେଇ ଭୁବନେଶ୍ୱର ପଠାଇଥିଲେ। ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମରେ ପହଞ୍ଚିଥିଲା।

### ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୧।୮(ବ୍ୟୁରୋ): ଦ୍ୱିତୀୟ ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀର ଏକ ପ୍ରସ୍ତୁତି ବୈଠକ ଶନିବାର ୟୁନିଟ୍-୮ କଲ୍ୟାଣୀ ମାର୍କେଟ ନିକଟ ସାଇ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ୧୪ରେ ସୂଚନା ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ଅତିଥି ଚୟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁସ୍ତକ ପ୍ରଦର୍ଶନୀ, ପ୍ରତିଭା ସମ୍ବର୍ଦ୍ଧନା, ସ୍ମରଣିକା ପ୍ରକାଶନ ଓ ରଞ୍ଜନ ପାତ୍ରଙ୍କ ଦ୍ୱାରା ସଂଗୃହୀତ ଶ୍ରୀସାଇବାବାଙ୍କ ଦୁର୍ଲଭ ଫଟୋ ଚିତ୍ର ପ୍ରଦର୍ଶନୀ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଶ୍ରୀସାଇବାବା ଓ ସତ୍‌ଚରିତ ସମ୍ପର୍କରେ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପବିତ୍ର ମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଟ୍ରଷ୍ଟ, ମନ୍ଦିର, ଅନୁଷ୍ଠାନ ତଥା ଶତାଧିକ ବ୍ୟକ୍ତିବିଶେଷ ଯୋଗଦେଇ ସମ୍ମିଳନୀକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। କଲ୍ୟାଣୀ ମାର୍କେଟ ସାଇ ମନ୍ଦିର ଟ୍ରଷ୍ଟର ସୌଭାଗ୍ୟ ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ସତ୍ୟ ମହାନ୍ତି ବୈଠକ ପରିଚାଳନା କରିଥିଲେ।

### ଉତ୍କଳ ବିଶ୍ୱବିଦ୍ୟାଳୟ ଦଳିତ ଫୋରମ ବୈଠକ

ଭୁବନେଶ୍ୱର,୧୧।୮(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଏସ୍‌ଟି ଏସ୍‌ସି, ଓବିସି ଓ ଦଳିତ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିର୍ସା ମୁଣ୍ଡା, ସାବିତ୍ରୀ ବାଈ ଫୁଲେ, ଆମ୍ବେଦ୍କରଙ୍କ ବିଚାରଧାରା ବିଷୟରେ ଆଲୋଚନା କରାଯିବା ସହ ଫୋରମର ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଏଥିସହ ଫୋରମର ବିଭିନ୍ନ ପଦ ପଦବୀ ବଣ୍ଟା ଯାଇଥିଲା। ଫୋରମ ସଭାପତି ରୂପେ ସୌମେନ୍ଦ୍ର ଦାସ, ସମ୍ପାଦକ ଭାବେ ଅବନି ଶାନ କହଁର, ସହସମ୍ପାଦକ ଭାବେ କାଶ୍ୟପ କୁମାର ତନ୍ତିଙ୍କୁ ମନୋନୀତ କରାଯାଇଥିଲା। ସଭାରେ ଫୋରମର ସମସ୍ତ ସଦସ୍ୟଙ୍କ ସହ ସୂର୍ଯ୍ୟମଣି ଦାସ, ଡାନିଏଲ ମାରାଣ୍ଡି, ଅଂଶୁମାନ ନାଏକ, ବୁଢ଼ାନ ହେମ୍ବ୍ରମ, ମୋଜେଶ ଦଳବେହେରା, କୁଞ୍ଜିଲ ନାଗ, ଭୋଳ ଶଙ୍କର ଗୁରୁ, ସୁଧାକର ମଲ୍ଲିକ, ବସନ୍ତ ଦାସ, ସଦାଶିବ ନାଏକ, ବିଶ୍ୱ ଭୂଷଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପିଏଚ୍‌ଡି ଛାତ୍ର ଶ୍ରୀକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ପରେଡ ଅଭ୍ୟାସ ବେଳେ ମିଳିଲାନି ପାଣି

## ପ୍ରଶାସନିକ ଅବ୍ୟବସ୍ଥା ନେଇ ଅଭିଯୋଗ

ପୁରୀ ଅଫିସ, ୧୧।୮

ସ୍ୱାଧୀନତା ଦିବସ ପାଇଁ ଛାତ୍ରୀଛାତ୍ର ଏବଂ ଏନ୍‌ସିସି କ୍ୟାଡେଟ ଅଭ୍ୟାସ ଆରମ୍ଭ କରିଛନ୍ତି। ପୁରୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଲାଗି ମଧ ପରେଡ ଅଭ୍ୟାସ ଚାଲିଛି। ତିନିଦିନ ଧରି ଏହି ଅଭ୍ୟାସ ଚାଲିବ। ତେବେ ରବିବାର ପ୍ରଥମ ଦିବସରେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଅଭିଯୋଗ କରିଛନ୍ତି ଜଣେ ଛାତ୍ରୀ। ଖରା ଏବଂ ଗୁଳୁଗୁଳିରେ ଅଭ୍ୟାସ ଚାଲିଥିଲେ ମଧ ପାଣି ନ ମିଳିବାରୁ କେତେଜଣ ଛାତ୍ରୀ ତଳେ ପଡିଯାଇଥିଲେ ବୋଲି ସମ୍ପୃକ୍ତ ଛାତ୍ରୀ କହିଛନ୍ତି। ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଏଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ରୂପରେଖ ପ୍ରସ୍ତୁତ ସରିଛି। ତେବେ ୧୧, ୧୨ ଓ ୧୩ ତିନିଦିନ ଧରି ପରେଡ ଅଭ୍ୟାସ କରାଯିବା ଲାଗି ସ୍ଥିର ହୋଇଛି। ୧୧ ଓ ୧୨ ତାରିଖ ସାଢେ ୩ଟାରୁ ଅଭ୍ୟାସ କରାଯିବାକୁ ଥିବା ବେଳେ ୧୩ ତାରିଖରେ ସକାଳ ୮ଟାରେ ଅଭ୍ୟାସ କରାଯିବ। ତେବେ ରବିବାର ଅପରାହ୍ନ ସାଢେ ୩ଟାରେ ପରେଡ ଅଭ୍ୟାସ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। ତେବେ ଅଭ୍ୟାସ ସ୍ଥଳରେ କୌଣସି ପ୍ରକାର ପାନୀୟ ଜଳର ବ୍ୟବସ୍ଥା ହୋଇ ନ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଏନ୍‌ସିସି ଛାତ୍ରୀ କହିଛନ୍ତି। ତାଙ୍କ କହିବା ମୁତାବକ, ଅଭ୍ୟାସ ପାଇଁ ଅପରାହ୍ନ ସାଢେ ୩ଟାରେ ଶରଧାବାଲିରେ ପହଞ୍ଚିଥିଲୁ। ପ୍ରବଳ ଖରା ଏବଂ ଗୁଳୁଗୁଳି ହେଉଥିଲା। ପରେଡ୍ ଅଭ୍ୟାସ ସମୟରେ ପ୍ରବଳ ଶୋଷ ଲାଗିଥିଲା। କିନ୍ତୁ ପାଣିର ବ୍ୟବସ୍ଥା ନ ଥିବାରୁ କେତେଜଣ ଛାତ୍ରୀ ତଳେ ପଡି ଯାଇଥିଲେ। ଆମ ଭିତରୁ ଅଳ୍ପ କେତେଜଣ ବୋତଲରେ ପାଣି ଆଣିଥିଲେ ମଧ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଦୋକାନରୁ ପାଣି କିଣି ପିଇଥିଲି ବୋଲି କହିଥିଲେ।

ଏହି ଅଭିଯୋଗ ସଂକ୍ରାନ୍ତରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ କହିଛନ୍ତି, ପାଣିର ବ୍ୟବସ୍ଥା ଥିଲା। କିନ୍ତୁ ପାଣି ପାଇଁ କେହି ଛାତ୍ରୀ ତଳେ ପଡିଯିବା ଆମ ନଜରକୁ ଆସିନାହିଁ। ଯଦି ବି କାହାର ପାଣି ଦରକାର ଥିଲା ତେବେ ସେ ଆନାଉନ୍ସ ହେଉଥିବା ସ୍ଥାନରେ ଜଣାଇଥିଲେ ଆମେ ତୁରନ୍ତ ଯୋଗାଇ ଦେଇଥାନ୍ତୁ। ତେବେ ସୋମବାର ଅଭ୍ୟାସ ବେଳେ ଛାତ୍ରୀଛାତ୍ରମାନେ ଯେପରି ପାଣିର ଅଭାବ ଅନୁଭବ ନ କରିବେ ସେଥିଲାଗି ବ୍ୟବସ୍ଥା କରାଯିବ। ଏଥିସହ ଫାଷ୍ଟଏଡ୍ ବ୍ୟବସ୍ଥା ମଧ ରହିଥିବା ସିଂ କହିଛନ୍ତି।




ପ୍ରଜ୍ଞା ନୃତ୍ୟାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଚାଲିଥିବା ୯ମ ପ୍ରଜ୍ଞା ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବରେ ରବିବାର ପରିବେଷିତ ଓଡ଼ିଶୀ ନୃତ୍ୟ।

## କୋଣାର୍କ ପବ୍ଲିକେଶନର ଶୁଭାରମ୍ଭ, ମାୟା ମଲ୍ଲାର ଉନ୍ମୋଚିତ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ସ୍ଥାନୀୟ ହୋଟେଲ କେଶରୀଠାରେ ରବିବାର ସଂଧ୍ୟାରେ କୋଣାର୍କ ପ୍ରକାଶନର ଯାତ୍ରା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କବି କୁଳମଣି ଷଡଙ୍ଗୀଙ୍କ କାବ୍ୟଗ୍ରନ୍ଥ 'ମାୟା ମଲ୍ଲାର' ଓ କବି ସୁରେନ୍ଦ୍ର କୁମାର ମଲ୍ଲିକଙ୍କ 'ବିଯୁକ୍ତ ବଂଶୀ' ଉନ୍ମୋଚିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ କବି ଶରତ ଚନ୍ଦ୍ର ଦାଶ ଯୋଗଦେଇ ଆଧୁନିକ ଓଡ଼ିଆ କବିତାର ଧାରା ଓ ସମକାଳୀନ ସମାଜର ଆଦୃତି ସଂପର୍କରେ ବକ୍ତବ୍ୟ ଦେଇଥିଲେ। ଉନ୍ମୋଚିତ ଦୁଇ ପୁସ୍ତକର ସମୀକ୍ଷା କରିଥିଲେ ଡଃ ଅଜୟ କୁମାର ସ୍ୱାଇଁ ଓ ଶଙ୍କର୍ଷଣ ପରିଡା। କାର୍ଯ୍ୟକ୍ରମରେ ପାଞ୍ଚଜଣ କବି ଗୋଲକ ବିହାରୀ ବେହେରା, କ୍ଷିରୋଦିନୀ ବେହେରା, ମିନତୀ ମିଶ୍ର, ଦେବବ୍ରତ ଚନ୍ଦ୍ର ଓ ଅନିମା ପଟ୍ଟନାୟକଙ୍କୁ ପ୍ରକାଶନ ପକ୍ଷରୁ ସାରସ୍ୱତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକାଶନର ମୁଖ୍ୟ ବିଚିତ୍ର ମହାପାତ୍ର କୋଣାର୍କ ପବ୍ଲିକେଶନର ବୃତ୍ତାନ୍ତ ସହ ଆଗାମୀ ପନ୍ଥା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଅନେକ ସାହିତ୍ୟିକ ଓ କବି ଯୋଗ ଦେଇଥିଲେ।

## ହାଇଟେକ୍ ମେଡିକାଲ ପରିଦର୍ଶନ କଲେ ବୁରୁଣ୍ଡିର ହାଇକମିଶନର




ଅନୁଷ୍ଠାନ ପକ୍ଷରୁ ବୁରୁଣ୍ଡିର ହାଇକମିଶନର ମିସ ଷ୍ଟେଲା ବୁଡୁରିଗ୍ୟାନାଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

ବାଲିଅନ୍ତା,୧୧।୮(ଡି.ଏନ୍.ଏ.)

ପୂର୍ବ ଆଫ୍ରିକାର ବୁରୁଣ୍ଡିର ହାଇକମିଶନର ମିସ ଷ୍ଟେଲା ବୁଡୁରିଗ୍ୟାନା ରବିବାର ରାଜଧାନୀ ଉପକଣ୍ଠ ହାଇଟେକ ମେଡିକାଲ କଲେଜ୍ ଓ ହସ୍ପିଟାଲକୁ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ହାଇକମିଶନର କଲେଜ ଓ ହସ୍ପିଟାଲ କ୍ୟାମ୍ପସ ଓ ବିଭିନ୍ନ ବିଭାଗକୁ ବୁଲି ଦେଖିଥିଲେ। ତାଙ୍କ ପରିଦର୍ଶନ ସମୟରେ କଲେଜର ଶିକ୍ଷାଦାନ ପଦ୍ଧତି ଓ ହସ୍ପିଟାଲ ରୋଗୀ ସେବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଅନୁଧ୍ୟାନ କରିଥିଲେ। ତାଙ୍କ ସମ୍ମାନାର୍ଥେ ଏକ ସମ୍ବର୍ଦ୍ଧନା ସଭା ହାଇଟେକ କଲେଜ ଅଫ ଫିଜିଓଥେରାପି ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ହାଇଟେକ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡ. ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ସିଇଓ ସୁଶାନ୍ତ କୁମାର ଆଚାର୍ଯ୍ୟ ଓ ବିଜୟ ତିୱାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ. ଚିତ୍ତରଞ୍ଜନ ସାହାଣୀ ଓ ଗ୍ରୁପଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ବୁରୁଣ୍ଡି ହାଇକମିଶନରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।

■ ଶ୍ରୀଲିଙ୍ଗରାଜ ମନ୍ଦିର

## ନଡ଼ିଆ ମାଡ଼ରେ ସେବାୟତଙ୍କ ମୁଣ୍ଡ ଫାଟିଲା

ପୁରୁଣା ଭୁବନେଶ୍ୱର,୧୧।୮ (ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଐତିହ୍ୟ ମନ୍ଦିରରେ ଏବେ ଅନେକ ବ୍ୟତିକ୍ରମ ଦେଖାଦେଉଛି। କେତେବେଳେ ଗର୍ଭଗୃହର ପୁରାତନ ବୃଷଭ ପ୍ରତିମୂର୍ତ୍ତିକୁ ବାହାରେ ଫିଙ୍ଗି ଦେଉଛନ୍ତି ତ ଆଉ ଅନ୍ୟ ସମୟରେ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ନ ରହିବାରୁ ନୀତି ଘଣ୍ଟା ଘଣ୍ଟା ଧରି ବିଳମ୍ବ ହେଉଛି। ଏହି କ୍ରମରେ ଶନିବାର ମନ୍ଦିର ବେଢା ଭିତରେ ଦୁଇ ସେବାୟତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଜଣେ ସେବାୟତଙ୍କ ନଡିଆ ମାଡରେ ଅନ୍ୟ ଜଣେ ଆହତ ହୋଇଥିଲେ। ସୂଚନାଯୋଗ୍ୟ ଜନୈକ ଶ୍ରଦ୍ଧାଳୁଙ୍କୁ ପାଳିଆ ସେବାୟତ ଠାକୁରଙ୍କ ଦର୍ଶନ କରିବାକୁ ନେଇଥିଲେ। ମାତ୍ର ପଛରୁ ଅନ୍ୟ ଜଣେ ସେବାୟତ ଉକ୍ତ ଶ୍ରଦ୍ଧାଳୁ ତାଙ୍କ ଯଜମାନ ଦର୍ଶାଇ ନିଜେ ତାଙ୍କୁ ଦର୍ଶନ କରାଇବାକୁ ଜିଦ ଧରିଥିଲେ। ପରେ ଉଭୟ ସେବାୟତଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପଛରେ ଯାଉଥିବା ସେବାୟତ ଶ୍ରଦ୍ଧାଳୁଙ୍କ ହାତରୁ ନଡିଆ ଛଡାଇ ଆଣି ଆଗରେ ଯାଉଥିବା ସେବାୟତଙ୍କ ମୁଣ୍ଡରେ ଏକ ଶକ୍ତ ପ୍ରହାର କରିଥିଲେ। ଏଥିରେ ଉକ୍ତ ସେବାୟତଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଖବରପାଇ ଲିଙ୍ଗରାଜ ଥାନା ପୋଲିସ ଅଭିଯୁକ୍ତ ସେବାୟତଙ୍କୁ ଧରି ଥାନାରେ ଅଟକ ରଖିଥିଲା। ରିପୋର୍ଟ ଲେଖା ଗଲା ବେଳକୁ ପୋଲିସ ଅଭିଯୁକ୍ତ ସେବାୟତଙ୍କୁ ଛାଡି ଦେଇଛି। ସୂଚନାଥାଉକି ଏହି ଘଟଣା ଦେବୋତ୍ତର କମିଶନରଙ୍କ ଉପସ୍ଥିତିରେ ଘଟିଥିଲେ ହେଁ ତାଙ୍କର ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡିରେ ପୋଲିସକୁ ମାଡ଼ ଘଟଣା

## ପୋଲିସକୁ ଘାରିଛି ଆନ୍ଦୋଳନ ଭୟ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିବା କ୍ୟାପିଟାଲ ହସ୍ପିଟାଲ ପାଣ୍ଡିର କନଷ୍ଟେବଳ ଅଜିତ କୁମାର ସ୍ୱାଇଁଙ୍କୁ ମିଳୁନି ନ୍ୟାୟ। ଘଟଣାର ୫ଦିନ ବିତିଯାଇଛି। ନ୍ୟାୟ ପାଇଁ ସେ ଥାନା ଅଧିକାରୀଙ୍କଠାରୁ ଆରମ୍ଭ କରି ଡିସିପି ଓ ପୋଲିସ କମିଶନରଙ୍କୁ ନିବେଦନ କରି ଆସୁଛନ୍ତି। ହେଲେ ଏଯାଏ ଥାନାରେ ମାମଲା ରୁଜୁ ହୋଇନାହିଁ କି ଅଭିଯୁକ୍ତଙ୍କୁ ଗିରଫ କରାଯାଉନି। ଏହି ଘଟଣାରେ ଜଣେ ଆଇନଜୀବୀ ସମ୍ପୃକ୍ତ ଥିବା ଜଣାପଡିଛି। ସେ କନଷ୍ଟେବଳ ସ୍ୱାଇଁଙ୍କୁ ଧକ୍କା ସହ ମାଡ଼ ମାରୁଥିବା ସିସିଟିଭି ଫୁଟେଜ ରହିଛି। ଅଭିଯୋଗପତ୍ରରେ ମଧ ସମ୍ପୃକ୍ତ ଆଇନଜୀବୀଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। ହେଲେ ସମ୍ପୃକ୍ତ ଆଇନଜୀବୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ କାଳେ କଟକ ଘଟଣା ପରି ଭୁବନେଶ୍ୱରରେ ଓକିଲମାନେ ଆନ୍ଦୋଳନ କରିବେ ସେହି ଭୟ ଏବେ ପୋଲିସକୁ ଘାରିଛି। କନଷ୍ଟେବଳଙ୍କ ଅଭିଯୋଗକୁ ନେଇ ପୋଲିସ ମାମଲା ରୁଜୁ କରୁ ନ ଥିବାବେଳେ ଅପରପକ୍ଷ ଦ୍ୱାରା କୋର୍ଟରେ ଏକ ୱାନ୍ ସିସି ମାମଲା ସମ୍ପୃକ୍ତ କନଷ୍ଟେବଳଙ୍କ ବିରୋଧରେ ରୁଜୁ କରାଯାଇଛି। ଏଭଳିସ୍ଥିତିରେ କନ୍‌ଷ୍ଟେବଳ ସଂଘ ମାମଲା ରୁଜୁ ପାଇଁ ଥାନା ଅଧିକାରୀ ଓ ଡିସିପିଙ୍କୁ ଭେଟି ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ଦୁଇଦିନ ତଳେ କେତେଜଣ ଆଇନଜୀବୀ ଡିସିପିଙ୍କୁ ଭେଟି ମାମଲାର ଆପୋସ ସମାଧାନ ପାଇଁ ଚେଷ୍ଟା କରିଥିଲେ।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି ଯେ, ମାମଲାର ତଦନ୍ତ ଡିସିପି କରୁଛନ୍ତି। ଦୁଇଦିନ ତଳେ ଓକିଲମାନେ ଭେଟି ଏ ବିଷୟରେ ଆଲୋଚନା କରିଥିଲେ। ମାମଲାର ସ୍ଥିତି କ'ଣ ସେନେଇ ମୁଁ ଜାଣି ନ ଥିବା ସେ କହିଛନ୍ତି। ଡିସିପି ଅନୁପ କୁମାର ସାହୁ କହିଛନ୍ତି, କନ୍‌ଷ୍ଟେବଳଙ୍କୁ ମାଡ଼ ଘଟଣାରେ ମାମଲା ରୁଜୁ ହୋଇନାହିଁ। ଆମେ ଦେଖୁଛୁ କ'ଣ ହୋଇପାରିବ।

## ହୋପ୍‌ଏଜ ପକ୍ଷରୁ ଜୀବନଶୈଳୀ ପରିଚାଳନା ଶିବିର

ନରାଜ,୧୧।୮(ଡି.ଏନ୍.ଏ.)

ବରିଷ୍ଠ ନାଗରିକମାନେ ଯୋଗାସନ ଓ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ନିଜ ଜୀବନକୁ ସଦୁପଯୋଗ କରିବାକୁ ଜଗଦଗୁରୁ କୃପାଳୁ ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଶ୍ୱବିଦ୍ୟାଳୟର କୁଳପତି ଡ. ଏସ୍ ରାମରତନମ୍ ପରାମର୍ଶ ଦେଇଛନ୍ତି। ବାଆଁରାସ୍ଥିତ ପ୍ରାକୃତିକ ଚିକିତ୍ସାଳୟ ପରିସରରେ ରବିବାର 'ହୋପଏଜ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ କର୍ମଶାଳାକୁ ଡ. ରାମରତନମ ଉଦ୍‌ଘାଟନ କରି ଏହା କହିଥିଲେ। ବିଶିଷ୍ଟ ପ୍ରାକୃତିକ ଚିକିତ୍ସକ ଡା. ସୁରେନ୍ଦ୍ର କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସୁଷମ ଖାଦ୍ୟ ଆବଶ୍ୟକ ଥିବାବେଳେ ସାମୟିକ ଉପବାସ ରହିବା ଜରୁରୀ ବୋଲି କହିଥିଲେ। ଅନୁଷ୍ଠାନର ପ୍ରାକୃତିକ ଚିକିତ୍ସକ ଡା. ମିଲିନ୍ଦ ପରସାର ପ୍ରାକୃତିକ ଚିକିତ୍ସା ଓ ଯୋଗାସନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହୋପଏଜର ମ୍ୟାନେଜିଂ ଟ୍ରଷ୍ଟି ଡ.ସତ୍ୟ ରାୟ ସ୍ୱାଗତ ଭାଷଣ ଦେବାସହ ପ୍ରତ୍ୟେକ ବରିଷ୍ଠ ନାଗରିକ ଦିନକୁ ଏକ ଘଣ୍ଟା ଶାରୀରିକ ମାନସିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ହୋପଏଜର ସଭାପତି କିଶୋର କୁମାର ଶତପଥୀ ଏଥିରେ ଅଧକ୍ଷତା କରିଥିବାବେଳେ ଉପସଭାପତି ବିଜୟ ପୃଷ୍ଟି ଶିବିରର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ରଣଜିତ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରକାଶ ପ୍ରାକୃତିକ ଚିକିତ୍ସକ ଡ. ମୁକୁନ୍ଦାନନ୍ଦ ମିଶ୍ରଙ୍କ ସ୍ମୃତିରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।



ଭୁବନେଶ୍ୱରସ୍ଥିତ ଜ୍ଞାନମଣ୍ଡଳ ପରିସରରେ ବାଗ୍‌ଦେବୀ ଲିଟେରେଚର ଟ୍ରଷ୍ଟ ପକ୍ଷରୁ ରବିବାର ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀମାନେ ଚିତ୍ର ଆଙ୍କୁଛନ୍ତି।

## ୟୁଏସ୍‌ଆଇ ପକ୍ଷରୁ ସ୍ୱଚ୍ଛତା ଶିବିର




ଭୁବନେଶ୍ୱର,୧୧-୮

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ୟୁନାଇଟେଡ ଫର୍ ସୋସିଆଲ୍ ଇଣ୍ଟରେଷ୍ଟ (ୟୁଏସ୍‌ଆଇ) ପକ୍ଷରୁ ସ୍ଥାନୀୟ ଖାରବେଳ ନଗରସ୍ଥିତ ଭାବଗ୍ରାହୀ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟଠାରେ ସ୍ୱଚ୍ଛତା ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁଏସ୍‌ଆଇ ଆବାହକ ପ୍ରତୀକ୍ଷା ମିଶ୍ରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେଇଥିଲେ। ସ୍କୁଲର ଭିନ୍ନକ୍ଷମ ଅନ୍ତେବାସୀଙ୍କ ହିତକୁ ନଜରରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଆବାହକ ମିଶ୍ର କହିଛନ୍ତି। ସଂଯୋଜକ ଉପେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିସର ସଫା କରାଯିବା ସହ ଡଷ୍ଟବିନ ବ୍ୟବହାର ଏବଂ ସ୍ୱଚ୍ଛତା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଡ. ୟସ୍ ସାହୁ ଏଥିରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସଙ୍ଗଠନ ପକ୍ଷରୁ ଦେବାଶିଷ ସାହୁ, ରାକେଶ ରାଏ, କୀର୍ତ୍ତି କୌଶିକ, ହରିଶ, ପୂର୍ଣ୍ଣିମା ସାହୁ, ସୁମନ ସରିତା, ଦେବାଶିଷ, ରାକେଶ, ଜି.ସନ୍ତୋଷ ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୟୁଏସ୍‌ଆଇର ଏହି ପଦକ୍ଷେପକୁ ଦୃଷ୍ଟିହୀନ ସଂଘର ସମ୍ପାଦକ ବିହାରୀ ନାୟକ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ।

## ମଦ ଜବତ, ଜଣେ ଗିରଫ

ବାଲିଅନ୍ତା,୧୧।୮(ଡି.ଏନ୍.ଏ.)

ଚୋରାରେ ମଦ ବିକ୍ରି ସମୟରେ ପାହାଳ ଫାଣ୍ଡି ପୋଲିସ ନଖରା ଅଞ୍ଚଳରୁ ଗୋବିନ୍ଦପୁରର ବିଜ୍ଞାନ ମହାନ୍ତିଙ୍କୁ ଗିରଫ କରିଛି। ପୋଲିସ ତାଙ୍କଠାରୁ ସ୍କୁଟି ସହ ୯୭ବୋତଲ ଦେଶୀ ମଦ ଜବତ କରିଛି। ଏ ନେଇ ବାଲିଅନ୍ତା ଥାନାରେ ୧୯୪/୧୯ରେ ମାମଲା ରୁଜୁ ହୋଇଛି।

## ଖୁଦିରାମ ବୋଷଙ୍କ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ସ୍ୱାଧୀନତା ଆନ୍ଦୋଳନର ପ୍ରଥମ କିଶୋର ଶହୀଦ ଖୁଦିରାମ ବୋଷଙ୍କ ଫାଶୀ ଦିବସକୁ ମର୍ଯ୍ୟାଦାର ସହ ପାଳନ କରାଯାଉ। ରବିବାର ଗଙ୍ଗୋତ୍ରୀ ନଗରରେ ମହାମନିଷୀ ସ୍ମୃତିଚାରଣ କମିଟି ପକ୍ଷରୁ ଆୟୋଜିତ ଖୁଦିରାମ ବୋଷଙ୍କ ଫାଶୀ ଦିବସରେ ଏହି ଦାବି ଉପସ୍ଥାପିତ ହୋଇଛି। ଯାହାଙ୍କ ପ୍ରାଣବଳି ଦିବସରେ ନେତାଜୀ ସୁଭାଷ ବୋଷ ବଳୀଦାନର ଦିବସ ପାଳିଥିଲେ, ସେ ମହାମନିଷୀ ଆଜି ଅବହେଳିତ ବୋଲି ମହାମନିଷୀ ସ୍ମୃତିଚାରଣ କମିଟି ପକ୍ଷରୁ କୁହାଯାଇଛି। କମିଟିର ସମ୍ପାଦକ କୌସ୍ତୁବ ମନ ଉଦ୍‌ଘାଟନୀ ଭାଷଣ ଦେଇଥିବା ବେଳେ ନିମାଇଁ ଚରଣ ଲେଙ୍କା ସଭା ପରିଚାଳନା କରିଥିଲେ। ଅନେକ ଛାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ବୀର ଖୁଦିରାମଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ।

## ସରକାରଙ୍କୁ କ୍ରଶର ମାଲିକ ସଂଘର ଚେତାବନୀ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ଖୋର୍ଦ୍ଧା ଖଣି-ଖାଦାନ ବେପାରରେ ଅପରାଧୀଙ୍କ ସମ୍ପୃକ୍ତିକୁ ନେଇ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ (ସ୍ପେଶାଲ ଟାସ୍କ ଫୋର୍ସ) ଟିମ ଖୋଲତାଡ ଚଳାଇଛି। ବେଆଇନ ଖନନକାରୀ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ ଗିରଫ କରୁଛି। କ୍ରଶର ମାଲିକମାନଙ୍କୁ ସରକାର 'ୱାଇ' ଫର୍ମ ଯୋଗାଇ ଦେଉନାହାନ୍ତି। ଫଳରେ ଅନେକ ପଥର ଖାଦାନ ନିଲାମଧାରୀ ଗୋଟିଏ ଏକର ଖୋଳିବାକୁ ୱାଇ ଫର୍ମ ଜରିଆରେ ଅନୁମତି ଆଣି ବେଆଇନ ଭାବେ ୫ ଏକରରୁ ଊର୍ଦ୍ଧ୍ୱ ଖୋଳୁଛନ୍ତି। ଉଚିତ ଟଙ୍କା ଦେଇ ଖାଦାନରୁ କଞ୍ଚାମାଲ ଉଠାଉଥିଲେ ମଧ ୱାଇ ଫର୍ମ ଅଭାବରୁ ଅନେକ କ୍ରଶରକୁ ବେଆଇନ ଘୋଷଣା କରାଯାଉଛି। ଗଞ୍ଜାମରେ ଏଭଳି ୧୫ରୁ ଊର୍ଦ୍ଧ୍ୱ କ୍ରଶର ମାଲିକ ଗିରଫ ହୋଇଛନ୍ତି। ଏଣୁ ବିପଦ ଆଶଙ୍କାରେ ଭୟଭୀତ ହୋଇ ଜୁଲାଇ ୨୭ରୁ ଖୋର୍ଦ୍ଧାର ଅନେକ କ୍ରଶର ବନ୍ଦ ହୋଇଯାଇଛି ବୋଲି ନିଖିଳ ଓଡ଼ିଶା ପଥର ମାଲିକ ଫେଡେରେଶନ କହିଛି। ସରକାର କଞ୍ଚାମାଲ ଯୋଗାଇବାରେ ଅବହେଳା କଲେ ୧୯୯୯ ପରି ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ସଂଘର ସଭାପତି ରାମଜାନ ଖାନ ଚେତାବନୀ ଦେଇଛନ୍ତି। ଏ ନେଇ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଖାନ କହିଛନ୍ତି, ପଥରର ଖନନ କାର୍ଯ୍ୟରେ ଅପରାଧୀଙ୍କ ସମ୍ପୃକ୍ତି ଘଟଣାରେ ଏସ୍‌ଟିଏଫର ତଦନ୍ତକୁ ସଂଘ ସ୍ୱାଗତ କରୁଛି। ସାଧାରଣ ଲୋକର ଘରକାମ ଠାରୁ ଆରମ୍ଭ କରି ସରକାରଙ୍କର ଇନ୍ଦିରା ଆବାସ, ବିଜୁ ପକ୍କା ଘର, ମୋ କୁଡିଆ, ରୋଡ, ବିଲ୍ଡିଂ, ବ୍ରିଜ କାର୍ଯ୍ୟ ପାଇଁ ପଥର ଓ ଚିପସ ଆବଶ୍ୟକ। ଏଥିପାଇଁ କ୍ରଶର ଶିଳ୍ପ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ସରକାର ଏହି ବ୍ୟବସାୟକୁ ଚଳାଇବା ନେଇ ସୁବନ୍ଦୋବସ୍ତ ଆଇନ ଆଣୁନାହାନ୍ତି। ରାଜ୍ୟର ହଜାର ହଜାର ବେକାର ଯୁବକ ଏବଂ ଲକ୍ଷାଧିକ ଶ୍ରମିକ କ୍ରଶର ଶିଳ୍ପରେ କାମ କରି ଜୀବିକା ନିର୍ବାହ କରିପାରିବେ। ରାଜ୍ୟରେ ୨୨୦୦ କ୍ରଶର ଥିବାବେଳେ କେବଳ ଖୋର୍ଦ୍ଧାରେ ୪ ଶହ କ୍ରଶର ରହିଛି। ଖୋର୍ଦ୍ଧା ଜିଲାରେ ୪୦ ପ୍ରତିଶତ କ୍ରଶର ଶିଳ୍ପ ଜଗନ୍ନାଥଙ୍କ ଜମି ଉପରେ ଗଢି ଉଠିଛି। ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଏହି ଜମିର ଭଡାକୁ ବଢାଇବା ପରେ ବ୍ୟବସାୟୀ ଭଡା ଦେଇ ପାରୁ ନ ଥିବାରୁ କ୍ରଶର ଚଳାଇବା ଅସମ୍ଭବ ହେଉଛି। ଏହାକୁ ସରକାର କମ କରି ସହଯୋଗର ହାତ ବଢାଇଲେ କ୍ରଶର ଶିଳ୍ପ ସୁଚାରୁ ରୂପେ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଶିଡ଼ି ଚଢ଼ିବା



ଶିଡ଼ି ଚଢ଼ିବାକୁ ଅନେକ କୁଣ୍ଠାବୋଧ କରିଥାଆନ୍ତି। ଆଜିକାଲିର ହାଇଟେକ୍ ଯୁଗରେ ଉପର ମହଲାକୁ ଯିବା ଆସିବା ପାଇଁ ଏବେ ତ ଲିଫ୍ଟର ବ୍ୟବସ୍ଥା ରହିଛି, ଯାହାକୁ ଅନେକେ ଆପଣେଇଥାଆନ୍ତି। କିନ୍ତୁ ଶିଡ଼ି ଚଢ଼ିବା ଦ୍ୱାରା ଆମର ଅନେକ ଉପକାର ହୋଇଥାଏ। ଏହାଦ୍ୱାରା ରକ୍ତ ସଞ୍ଚାଳନ ପ୍ରକ୍ରିୟା ଆହୁରି ସକ୍ରିୟ ହୋଇଥାଏ। ଖାସ୍ କଥା ହେଲା ପ୍ରତିଦିନ ଶିଡ଼ି ଚଢ଼ିଲେ ଆମ ଶରୀରକୁ ପ୍ରଚୁର ପରିମାଣରେ ଅମ୍ଳଜାନ ମିଳେ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଶିଡ଼ି ଚଢ଼ିଲେ ତାହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। ଶିଡ଼ି ଚଢ଼ିବା ଫଳରେ ଆମ ଶରୀର ମାଂସପେଶୀ ଉପରେ ସୁପ୍ରଭାବ ପଡେ। କାରଣ ଏହାଦ୍ୱାରା ମାଂସପେଶୀଗୁଡିକ ଆହୁରି ସଚଳ ହୋଇଥାଆନ୍ତି। ଓଜନ କମେଇବାର ଏହା ଏକ ସହଜ ଉପାୟ। ଅଜୀର୍ଣ୍ଣ ସମସ୍ୟାକୁ ଦୂର କରିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ। କିନ୍ତୁ ଗୋଟିଏ କଥା–ଯଦି ଆପଣଙ୍କର ଆଣ୍ଠୁଗଣ୍ଠି ସମସ୍ୟା ରହିଛି ତେବେ ଅଧିକାଂଶ ସମୟ ଶିଡ଼ିରେ ଯିବା ଆସିବା କରନ୍ତୁ ନାହିଁ।

## ଆଙ୍ଗୁଠି ଫୁଟାଇବା ଓ ଆର୍ଥ୍ରାଇଟିସ୍ ସମସ୍ୟା



ଆଙ୍ଗୁଠି ଫୁଟାଇବା ଅନେକଙ୍କର ଏକ ଅଭ୍ୟାସ। ଯଦି ଏହି ଅଭ୍ୟାସ ଦୀର୍ଘ ବର୍ଷ ଧରି ଲାଗି ରହେ ତେବେ ଭବିଷ୍ୟତରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏପରି ତଥ୍ୟ ବିଷୟରେ କାନାଡା ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଆଙ୍ଗୁଠି ଫୁଟାନ୍ତି ତେବେ ସେ ଆର୍ଥ୍ରାଇଟିସ୍ ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଉପରୋକ୍ତ ବିଷୟରେ ଏକ ସର୍ଭେ କରିବା ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏପରି କଥା ଜାଣିପାରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତି (ଯେଉଁମାନେ ଅଧିକାଂଶ ସମୟ ଆଙ୍ଗୁଠି ଫୁଟାଉଥିଲେ)ମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତଙ୍କଠାରେ ଆର୍ଥ୍ରାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ମଦ ନିଶାର ଚିକିତ୍ସା

–ଡ. ସତ୍ୟକାମ ମହାପାତ୍ର



ମଦ ନିଶା ଯୋଗୁ ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବା ସହିତ ପାରିବାରିକ, ସାମାଜିକ ଜୀବନ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ଧୀରେ ଧୀରେ ମଦ ନିଶାର ପ୍ରକୋପ କମିବା ପରିବର୍ତ୍ତେ ବଢ଼ିବାରେ ଲାଗୁଛି। ଏହାର ଅନେକ କାରଣ ଅଛି। ପ୍ରଥମତଃ ମଦ ନିଶା ସେବନ ଶରୀର ଓ ମନ ପ୍ରତି କେତେ ହାନିକାରକ ସେ ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ଠିକ୍ ଠିକ୍ ସୂଚନାର ଅଭାବ ରହିଛି। ଏହାଛଡ଼ା ମଦ ନିଶା ଛାଡ଼ିବା ପାଇଁ ଦରକାର ପଡୁଥିବା ଉଚିତ ଚିକିତ୍ସା ରୋଗୀମାନେ ସହଜରେ ପାଇ ପାରୁନାହାନ୍ତି। ଅନେକ ଲୋକ ମଦ ନିଶା କରିବାକୁ ଏକ ବ୍ୟବହାରିକ ସମସ୍ୟା ବୋଲି ଭାବିଥାନ୍ତି।



"ବାରମ୍ବାର ମଦ ନିଶା ସେବନ ଦ୍ୱାରା ରୋଗୀର ଶାରୀରିକ ଓ ମାନସିକ ସ୍ତରରେ ମଦ ପ୍ରତି ନିର୍ଭରତା ଆସିଯାଏ। ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ସେବନ ବନ୍ଦ ହୋଇଯାଏ, ତେବେ ବ୍ୟକ୍ତିଠାରେ ଅନେକ ଶାରୀରିକ ଓ ମାନସିକ ପ୍ରଭାବ ପଡ଼ିଥାଏ। ଏଗୁଡ଼ିକ ହେଲା ମଦ ପିଇବା ପାଇଁ ମନରେ ଆସକ୍ତି ଭାବ ସୃଷ୍ଟି ହୁଏ, ନିଦ ହୁଏ ନାହିଁ, ହାତ ଗୋଡ଼ ଥରେ, ବ୍ୟସ୍ତ, ବିବ୍ରତ, ଛାନିଆ ଲାଗେ, ଛାତି ଜୋରରେ ଧଡ଼ ଧଡ଼ ହୁଏ, ଅତ୍ୟଧିକ ଝାଳ ବୁହେ ଓ ବାନ୍ତି ହୁଏ।"

ମାତ୍ର ବୈଜ୍ଞାନିକମାନଙ୍କ ମତରେ ଏହା ଏକା ରୋଗ । ତେଣୁ ଏହାର ଠିକ୍ ଚିକିତ୍ସା କରିବା ଜରୁରୀ। ବିଗତ କିଛିବର୍ଷ ମଧ୍ୟରେ ମଦ ନିଶାର ଚିକିତ୍ସା ନିମନ୍ତେ ଆଧୁନିକ ଓ ଉନ୍ନତ ପଦ୍ଧତି ମାନ ବ୍ୟବହାର କରାଗଲାଣି, ଯାହାଫଳରେ ଅନେକ ରୋଗୀ ମଦ ନିଶାର ଜାଲରୁ ମୁକ୍ତି ପାଇପାରୁଛନ୍ତି।

ଆମ ଦେଶରେ ହାରାହାରି ୨୦ ପ୍ରତିଶତ ଲୋକ ମଦ ନିଶା ଉପରେ ନିର୍ଭରଶୀଳ। ଯୁବଗୋଷ୍ଠୀମାନେ ବୟସ୍କ ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ସଂଖ୍ୟାରେ ମଦ ସେବନ କରିଥାନ୍ତି। ମଦ ନିଶା ସାଧାରଣତଃ ଅଳ୍ପ ମାତ୍ରାରୁ ଆରମ୍ଭ ହୋଇଥାଏ। ଧୀରେ ଧୀରେ ମଦର ମାତ୍ରା ବଢ଼ିବାରେ ଲାଗିଥାଏ ଏବଂ ଖୁବ୍ କମ୍ ଦିନ ମଧ୍ୟରେ ଏହା ଅଭ୍ୟାସରେ ପରିଣତ ହୋଇଯାଏ। ପରେ ନିଶା ଛାଡ଼ିବାରୁ ବ୍ୟକ୍ତି ପାଇଁ କଷ୍ଟକର ହୋଇଥାଏ। ଯେଉଁମାନେ ଜୀବନର ସାମାନ୍ୟ ଅସୁବିଧାରେ ନିରାଶ ହୋଇଯାଆନ୍ତି ଓ ଭାଙ୍ଗିପଡ଼ନ୍ତି ସେମାନେ ମଦ ନିଶା କରିବାର ଅଧିକ ସମ୍ଭାବନା ଥାଏ। ଅନେକ ଲୋକ କୁସଙ୍ଗରେ ମଧ୍ୟ ପଡ଼ି ନିଶା ସେବନ ଆରମ୍ଭ କରିଥାନ୍ତି। ଗବେଷଣାରୁ ଜଣାପଡ଼ିଛି ଯେଉଁ ମାତାପିତାମାନେ ମଦ ନିଶା ସେବନ କରିଥାନ୍ତି ସେମାନଙ୍କର ପିଲାମାନେ ମଧ୍ୟ ମଦ ସେବନ କରିବାର ଅଧିକ ସମ୍ଭାବନା ଥାଏ। ଏଥିନିମନ୍ତେ ଜିନ୍‌ଗତ ଓ ପାରିପାର୍ଶ୍ୱିକ କାରଣ ଉଭୟ ଦାୟୀ ।

**ସ୍ୱାସ୍ଥ୍ୟ ଉପରେ ମଦ ନିଶାର କୁପ୍ରଭାବ**

ବାରମ୍ବାର ମଦ ନିଶା ସେବନ ଦ୍ୱାରା ରୋଗୀର ଶାରୀରିକ ଓ ମାନସିକ ସ୍ତରରେ ମଦ ପ୍ରତି ନିର୍ଭରତା ଆସିଯାଏ। ଯଦି କୌଣସି କାରଣରୁ ନିଶାଦ୍ରବ୍ୟ ସେବନ ବନ୍ଦ ହୋଇଯାଏ, ତେବେ ବ୍ୟକ୍ତିଠାରେ ଅନେକ ଶାରୀରିକ ଓ ମାନସିକ ପ୍ରଭାବ ପଡ଼ିଥାଏ। ଏଗୁଡ଼ିକ ହେଲା ମଦ ପିଇବା ପାଇଁ ମନରେ ଆସକ୍ତି ଭାବ ସୃଷ୍ଟି ହୁଏ, ନିଦ ହୁଏ ନାହିଁ, ହାତ ଗୋଡ଼ ଥରେ, ବ୍ୟସ୍ତ, ବିବ୍ରତ, ଛାନିଆ ଲାଗେ, ଛାତି ଜୋରରେ ଧଡ଼ ଧଡ଼ ହୁଏ, ଅତ୍ୟଧିକ ଝାଳ ବୁହେ ଓ ବାନ୍ତି ହୁଏ। ଏହି ଲକ୍ଷଣଗୁଡ଼ିକ ସାଧାରଣତଃ ୩–୪ ଦିନ ପର୍ଯ୍ୟନ୍ତ ଲାଗି ରହେ। ଯେଉଁ ବ୍ୟକ୍ତିମାନେ ଅଧିକ ଦିନ ପର୍ଯ୍ୟନ୍ତ ଓ ଅଧିକ ମାତ୍ରାରେ ମଦ ସେବନ କରୁଥିବେ ଏବଂ ବିନା ଚିକିତ୍ସାରେ ହଠାତ ମଦ ପିଇବା ବନ୍ଦ କରିଦିଅନ୍ତି, ସେମାନଙ୍କଠାରେ କେତେକ ଗମ୍ଭୀର ଲକ୍ଷଣମାନ ଦେଖାଯାଇଥାଏ। ଏଗୁଡ଼ିକ ହେଲା ବାତ ମାରିବା, ଦେହ ଜୋରରେ ଥରିବା, କାନରେ ଶୂନ୍ୟବାଣୀ ହେବା, ନ ଥିବା ବସ୍ତୁ ଦେଖାଯିବା, ସ୍ଥାନ, କାଳ ଓ ପାତ୍ରର ଜ୍ଞାନ ନ ରହିବା ଆଦି। ବେଳେବେଳେ ଏଥିରେ ବ୍ୟକ୍ତିର ମୃତ୍ୟୁ ହେବାର ଆଶଙ୍କା ମଧ୍ୟ ଥାଏ।

ଅଧିକ ଦିନ ପର୍ଯ୍ୟନ୍ତ ମଦ ସେବନ କଲେ ବିଭିନ୍ନ ଶାରୀରିକ ସମସ୍ୟା ଦେଖାଯାଇଥାଏ। ଏଗୁଡ଼ିକ ହେଲା ଯକୃତ ଜନିତ ରୋଗ (ଜଣ୍ଡିସ, ସିରୋସିସ), ପାନକ୍ରିୟାଜ ଜନିତ ରୋଗ, ବିଭିନ୍ନ କ୍ୟାନସର (ଯକୃତ୍, ପାକସ୍ଥଳୀ କ୍ୟାନସର), ବିଭିନ୍ନ ସ୍ନାୟୁ ଜନିତ ସମସ୍ୟା ଯଥା ଗୋଡ଼ ହାତ ଦୁର୍ବଳ ହୋଇଯିବା ଓ ଛୁଞ୍ଚି ଫୋଡ଼ି ହୋଇଗଲା ଭଳି ଲାଗିବା ଓ ମାଂସପେଶୀ ଦୁର୍ବଳ ହୋଇଯିବା ଆଦି। ମଦ ସେବନ ଯୋଗୁ ବିଭିନ୍ନ ମାନସିକ ସମସ୍ୟା ଯଥା ଅନିଦ୍ରା ରୋଗ, ଡିପ୍ରେସନ, ମାନସିକ ଉନ୍ମାଦ ରୋଗ, ସାଇକୋସିସ ଓ ଏଙ୍ଗଜାଇଟି ଆରମ୍ଭ ହୋଇପାରେ। କେତେକ ଲୋକଙ୍କଠାରେ ମଦ ନିଶା ସେବନ ଯୋଗୁ ଯୌନ ସମସ୍ୟାମାନ ଦେଖାଦେଇଥାଏ। ଦୀର୍ଘ ଦିନ ପର୍ଯ୍ୟନ୍ତ ମଦ ସେବନ ଯୋଗୁ ଶରୀରରେ 'ଥାୟାମିନ' ନାମକ ଭିଟାମିନର ଅଭାବ ପରିଲକ୍ଷିତ ହୋଇଥାଏ। ଯାହାଦ୍ୱାରା ରୋଗୀର ମସ୍ତିଷ୍କ ଉପରେ ଦୀର୍ଘସ୍ଥାୟୀ କୁପ୍ରଭାବ ପଡ଼ିଥାଏ। ଏଥିଯୋଗୁ ରୋଗୀର ସ୍ମରଣଶକ୍ତି ହ୍ରାସ ପାଇଥାଏ। ସେ ସ୍ୱଷ୍ଟ ଭାବରେ କଥା ହୋଇପାରେ ନାହିଁ ଓ ସେ ଢଳି ଢଳି କରି ଚାଲିଥାଏ। ଏସବୁ ଲକ୍ଷଣ ଆରମ୍ଭ ହେଲେ ଚିକିତ୍ସା ଦ୍ୱାରା ସୁଫଳ ମିଳିବାର ସମ୍ଭାବନା କମ୍ ଥାଏ।

ମଦ ନିଶା କରିବା ଯୋଗୁ ବ୍ୟକ୍ତିର ପାରିବାରିକ ଓ ସାମାଜିକ ଜୀବନ ଉପରେ କୁପ୍ରଭାବ ପଡ଼ିଥାଏ। ପାରିବାରିକ ଅଶାନ୍ତି, କଳହ, ଘରୋଇ ହିଂସା, ଆର୍ଥିକ ଅନଟନ, ପିଲାମାନଙ୍କ ମାନସିକତା ଉପରେ କୁପ୍ରଭାବ ପଡ଼ିବା ଆଦି ସମସ୍ୟାମାନ ଦେଖାଯାଇଥାଏ।

**ଚିକିତ୍ସା:** ମଦ ନିଶାର ଚିକିତ୍ସା ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ମଦ ନିଶା କରୁଥିବା ବ୍ୟକ୍ତିଙ୍କର ମାନସିକତା ଅନେକ ପ୍ରକାର ହୋଇଥାଏ। ଏକ ପ୍ରକାରର ଲୋକ ହେଲେ ଯେଉଁମାନେ ମଦର ଦେହ ଉପରେ କୁପ୍ରଭାବ ଜାଣି ମଧ୍ୟ ମଦ ଛାଡ଼ିବାକୁ ଚାହାନ୍ତି ନାହିଁ, ଅନ୍ୟ କିଛି ଲୋକ ଅଛନ୍ତି ଯେଉଁମାନେ ମଦ ଛାଡ଼ିବାକୁ ଚାହାନ୍ତି ମାତ୍ର ମଦ ଛାଡ଼ିଲେ ଯେଉଁ ଯନ୍ତ୍ରଣା ହୁଏ ତାକୁ ସହ୍ୟ କରି ନ ପାରି ନିଶା ସେବନ ଅବ୍ୟାହତ ରଖିଥାନ୍ତି। ଏହାଛଡ଼ା ଅନ୍ୟ କେତେକ ଲୋକ ଅଛନ୍ତି ସେମାନେ କୁସଙ୍ଗରେ ପଡ଼ି ମଦ ସେବନ କରିଥାନ୍ତି ଏବଂ ମଦ ଛାଡ଼ିବାକୁ ଇଚ୍ଛା ଥିଲେ ମଧ୍ୟ ସାଙ୍ଗମାନଙ୍କ ଚାପ ଯୋଗୁ ନିଶା ଛାଡ଼ିପାରନ୍ତି ନାହିଁ। ତେଣୁ କେଉଁ ବ୍ୟକ୍ତିକୁ କି ପ୍ରକାର ଚିକିତ୍ସା ଦିଆଯିବ ତାହା ବ୍ୟକ୍ତି ଉପରେ ନିର୍ଭର କରିଥାଏ।

ଚିକିତ୍ସା ପାଇଁ ପ୍ରଥମତଃ ରୋଗୀର ନିଶା ଛାଡ଼ିବାର ଦୃଢ଼ ଇଚ୍ଛାଶକ୍ତି ଜରୁରୀ । ରୋଗୀର ବିନା ଇଚ୍ଛାଶକ୍ତିରେ ଯେତେ ଚିକିତ୍ସା କରାଇଲେ ମଧ୍ୟ ଏହା ସଫଳ ହୋଇ ନ ଥାଏ। ମଦ ନିଶା ଛାଡ଼ିବା ପାଇଁ ଔଷଧ, ମନସ୍ତାତ୍ତ୍ୱିକ ଚିକିତ୍ସା ଓ ବ୍ୟବହାରିକ ଚିକିତ୍ସା ଦରକାର ପଡ଼ିଥାଏ। ମଦ ଛାଡ଼ିଲେ ଯେଉଁ କଷ୍ଟକର ଲକ୍ଷଣମାନ ଦେଖାଦେଇଥାଏ, ସେଗୁଡ଼ିକୁ ରୋକିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଔଷଧ ବ୍ୟବହାର କରାଯାଇଥାଏ। ଏହାସହିତ ମଦ ପିଇବାକୁ ଇଚ୍ଛା ନ ହେବା ପାଇଁ ଅନ୍ୟକେତେକ ଔଷଧ ରହିଛି ଯାହା ଅତ୍ୟନ୍ତ ଆବଶ୍ୟକ । କେତେକ ଔଷଧ ଅଛି ଯାହାର ବ୍ୟବହାର କଲେ ଯଦି ବ୍ୟକ୍ତି ମଦ ସେବନ କରେ ତେବେ ବ୍ୟକ୍ତିଠାରେ ଅନେକ ପ୍ରତିକ୍ରିୟା ଦେଖାଯାଏ। ଯାହାଫଳରେ ରୋଗୀ ଆଉ ମଦ ସେବନ କରେନାହିଁ। ତେଣୁ ମଦ ସେବନ ବନ୍ଦ ପାଇଁ କେଉଁ ପ୍ରକାରର ଔଷଧ ବ୍ୟବହାର କରିବାର ଅଛି ତାହା ରୋଗୀର ଅବସ୍ଥା ଉପରେ ନିର୍ଭର କରିଥାଏ। ବେଳେ ବେଳେ ଦରକାର ପଡ଼ିଲେ ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥାଏ।

ଔଷଧ ସହିତ ରୋଗୀକୁ କାଉନ୍ସଲିଙ୍ଗ ଦରକାର ପଡ଼ିଥାଏ। ଚିକିତ୍ସା ପରେ ପୁଣି ମଦ ପିଇବାକୁ ଇଚ୍ଛା ହେଲେ ରୋଗୀ କିପରି ନିଜ ମନକୁ ନିୟନ୍ତ୍ରଣ କରିବ ସେ ନେଇ ରୋଗୀକୁ କାଉନ୍ସଲିଙ୍ଗ କରାଯାଏ। ଏହାସହ ରୋଗୀକୁ ସୁସ୍ଥ ଜୀବନ ଶୈଳୀ ଅବଲମ୍ବନ କରିବାକୁ ପଡ଼ିଥାଏ। ଉପଯୁକ୍ତ ନିଦ୍ରା, ସୁଷମ ଖାଦ୍ୟ, ମାନସିକ ଚାପରୁ ଦୂରେଇ ରହିବା, ନିଜ ମନକୁ ଦୃଢ଼ ଓ ଶାନ୍ତ ରଖିବା, ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ ଆଦି ମଦ ନିଶାଠାରୁ ଦୂରେଇ ରହିବାରେ ସହାୟକ ହୋଇଥାଏ।

*–ମାନସିକ ରୋଗ ବିଶେଷଜ୍ଞ, କଟକ*
*ମୋ : ୮୮୯୫୨୯୩୯୯୭*

## ଭାରତ: ବିଶ୍ୱର ସାପ କାମୁଡ଼ା ରାଜଧାନୀ

(ଶେଷ ଭାଗ)

**ପ୍ରାଥମିକ ଚିକିତ୍ସା:** ବିଷଧର ସାପ କାମୁଡିଥାଉ କି ବିଷହୀନ ସାପ କାମୁଡିଥାଉ ପ୍ରତ୍ୟେକ ସାପକାମୁଡ଼ା ରୋଗୀକୁ ବିଷଧର ସାପ କାମୁଡିଛି ବୋଲି ବିଚାରି ପ୍ରାଥମିକ ଚିକିତ୍ସା କରିବା ଉଚିତ। ପ୍ରାଥମିକ ଚିକିତ୍ସା କରୁଥିବା ବ୍ୟକ୍ତି ନିଜେ ଆଦୌ ଛାନିଆ ନ ହୋଇ ବରଂ ଛାନିଆ ହୋଇ ପଡିଥିବା ରୋଗୀକୁ ନିଶ୍ଚିତ ଆରୋଗ୍ୟ ହୋଇଯିବାର ଆଶ୍ୱାସନା ତଥା ଦୃଢ଼ ଭରସା ଦେବା ଜରୁରୀ। ରୋଗୀ ଉପରେ ଆଶ୍ୱାସନା ଓ ଭରସାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। କାଳ ବିଳମ୍ବ ନ କରି ନିକଟସ୍ଥ ଡାକ୍ତରଙ୍କୁ ଖବର ଦେବା ଓ ରୋଗୀକୁ ଡାକ୍ତରଖାନା ପଠେଇବାର ବ୍ୟବସ୍ଥା କରିବା ଦରକାର। ରୋଗୀକୁ ହଲଚଲ ହେବା ପାଇଁ ନ ଦେଇ ଓ ଧୀରସ୍ଥିର ଭାବରେ ଶୁଆଇ ରଖି କାମୁଡା ଜାଗାର ଦୁଇ ତିନି ଇଞ୍ଚ ଉପରକୁ ଅନ୍ତତଃ ୨ରୁ ୪ ସେଣ୍ଟିମିଟର ଓସାର ଥିବା ପଟି ବାନ୍ଧିଦେବା ଆବଶ୍ୟକ।

**ମନେ ରଖିବା ଉଚିତ:** ସାପ କାମୁଡ଼ିବା ପରେ ରୋଗୀ ଚଲାବୁଲା କରିବନି। ଆଣ୍ଠକରି ପଟି ବନ୍ଧାଯିବନି। କ୍ଷତ ସ୍ଥାନ ବା କାମୁଡା ଜାଗାରେ ବରଫ ଲଦା ହେବନି। କ୍ଷତ ସ୍ଥାନକୁ ଛୁରି କି ବ୍ଲେଡରେ କଟାଯିବନି। ନିଜର ପାଟି ଲଗେଇ କ୍ଷତ ସ୍ଥାନରୁ ବିଷ ଶୋଷିବା ମନା।

**ଡାକ୍ତରଖାନାରେ ଚିକିତ୍ସା ପଦ୍ଧତି**

ସାପ ବିଷରୁ ତିଆରି ପ୍ରତିବିଷ ବା ଆଣ୍ଟିସ୍ନେକ୍‌ଭେନମ୍ ଇଞ୍ଜେକ୍‌ସନ ଦେଇ ଡାକ୍ତରଖାନାରେ ରୋଗୀର ଚିକିତ୍ସା କରାଯାଇଥାଏ। ତାହାଛଡ଼ା ଦିଆଯାଇଥାଏ ଆଣ୍ଟିବାୟୋଟିକ୍ ଔଷଧ। ଦରକାର ପଡ଼ିଲେ ଅମ୍ଳଜାନ ଦେବା ସଙ୍ଗେସଙ୍ଗେ କେତେକ କ୍ଷେତ୍ରରେ ଡାୟାଲିସିସ୍ କରିବା ଆବଶ୍ୟକ ପଡ଼ିପାରେ।

**ବର୍ଷାଦିନେ ସାପକାମୁଡ଼ା ପ୍ରତି ସାବଧାନତା:** ବର୍ଷା ଯୋଗୁ ସାପ ମାନଙ୍କ ଗାତରେ ପାଣି ପଶିଯାଏ। ତେଣୁ ସେମାନେ ବାହାରେ ବୁଲିବା ପାଇଁ ବାଧ ହୋଇଥାନ୍ତି। ତାହାଛଡ଼ା ବର୍ଷାଋତୁରେ ବେଙ୍ଗମାନଙ୍କ



ପଟିକୁ ଭିଡିକରି ବାନ୍ଧିବା ଉଚିତ ନୁହେଁ। ଏପରି ଭାବରେ ପଟି ବାନ୍ଧିବା ଉଚିତ ଯେପରିକି ପଟିତଳେ ନିଜର ଦୁଇଟି ଆଙ୍ଗୁଠି ଗଳି ଯାଇପାରିବ। ପଟି ବାନ୍ଧିବା ପାଇଁ ଓସାରିଆ ରିବନ, ଶାଢିର ଧଡି, ଓସାରିଆ ଫିତା କିମ୍ବା ଭେଲକ୍ରୋ ପଟି ଇତ୍ୟାଦି ଭଲ। ପ୍ରତି କୋଡିଏ ମିନିଟ୍‌ରେ ପଟିଟିକୁ ଏକ ମିନିଟ୍ ପାଇଁ ଖୋଲିଦେଇ ପୁନର୍ବାର ପଟି ଭିଡିଦେବା ଆବଶ୍ୟକ। ଅଧଘଣ୍ଟାଏ ଭିତରେ ରୋଗୀକୁ ଡାକ୍ତରଖାନାରେ ପହଞ୍ଚେଇ ହେଉଥିଲେ ପଟିକୁ ହୁଗୁଳା କରିବାର ଆବଶ୍ୟକତା ନାହିଁ। କ୍ଷତ ସ୍ଥାନକୁ ସାବୁନ୍ ଜଳରେ ଭଲ ଭାବରେ ଧୋଇ ଦେଇ ସଫାକନା କି ସଫା ରୁମାଲ ଦ୍ୱାରା ଘୋଡେଇ ରଖିବା ଭଲ। ରୋଗୀ ଅଚେତ ହୋଇ ପଡି ନ ଥିଲେ ତାକୁ ଚା କଫି କି କ୍ଷୀର ପିଇବା ପାଇଁ ଦିଆଯାଇପାରେ। ତା'ର ବାନ୍ତି ହେଉଥିଲେ ତା'ର ମୁଣ୍ଡକୁ କଡ଼ପଟିଆ କରି ରଖିବା ଉଚିତ। ନିଃଶ୍ୱାସ ବନ୍ଦ ହୋଇଯାଇଥିଲେ କୃତ୍ରିମ ଶ୍ୱାସକ୍ରିୟା କରେଇବା ଏବଂ ହୃତ୍‌କ୍ରିୟା ବନ୍ଦ ହୋଇଗଲେ ରୋଗୀର ଛାତି ମଝିରେ ପାପୁଲି ରଖି ବାରମ୍ବାର ଚାପ ପ୍ରୟୋଗ (ବାହ୍ୟବକ୍ଷ ସଞ୍ଚାପନ) କରିବା ଦରକାର। ଉଷ୍ମ ରଖିବା ନିମନ୍ତେ ତାକୁ କମ୍ବଳରେ ଘୋଡେଇ ରଖିବା ଆବଶ୍ୟକ।

ସଂଖ୍ୟା ବଢ଼ିଯିବାରୁ ବେଙ୍ଗ ଖାଇବା ଉଦ୍ଦେଶ୍ୟରେ ବି ଏଣେତେଣେ ବୁଲିଥାନ୍ତି ସାପମାନେ। ଚାରିଆଡ଼େ ବଣବୁଦା ଓ ଘାସ ବଢ଼ିଯାଇଥିବାରୁ ସେମାନଙ୍କ ଉପସ୍ଥିତି ସହଜରେ ବାରିହୁଏନି। ଏହିସବୁ କାରଣରୁ ବର୍ଷାଦିନେ ସାପକାମୁଡ଼ାର ହାର ବଢ଼ିଯାଏ। ରାତିରେ ଲଣ୍ଠନ ଜଳେଇ କି ଟର୍ଚ୍ଚଜଳେଇ ଯିବାଆସିବା କରିବା ନିରାପଦ। ରାତିରେ ଯିବାଆସିବା କଲାବେଳେ ହାତରେ ମୋଟା ବାଡ଼ି କି ଠେଙ୍ଗା ଧରି ଓ ତାକୁ ଭୂଇଁ ଉପରେ ଠକ୍ ଠକ୍ କରି ବାଡ଼େଇ ବାଡ଼େଇ ଯାତାୟାତ କରିବା ଉଚିତ। ଏପରି କଲେ ସାପମାନେ ରାସ୍ତାରୁ ପଳେଇଯାଆନ୍ତି। ମୋଟା କନାର ଫୁଲ୍‌ପ୍ୟାଣ୍ଟ ଏବଂ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା ବର୍ଷାଦିନିଆ ବୁଟ୍‌ଜୋତା ପିନ୍ଧି ରାତିରେ ବାହାରକୁ ଗଲେ ସାପ କାମୁଡ଼ିଲେ ମଧ୍ୟ ତା'ର ତୀବ୍ରତା ଊଣା ହୋଇଯାଏ। ମଶାରି ଟାଙ୍ଗି ଓ ମଶାରିର ଚାରିକଡ଼କୁ ବିଛଣାତଳେ ଖୋସି ଶୋଇବା ଉଚିତ। ବିଶେଷକରି ଗ୍ରାମାଞ୍ଚଳରେ ଭୂଇଁରେ ଶୋଉଥିବା ଲୋକେ ମଶାରି ଟାଙ୍ଗି ଶୋଇବା ନିହାତି ଆବଶ୍ୟକ।

–'ଅଭୀପ୍‌ସା', ସେକ୍ଟର–୬,
ପ୍ଲଟ୍ ନଂ.–୧୧୩୧
ଅଭିନବ ବିଡ଼ାନାସୀ, କଟକ

## ସ୍ୱାସ୍ଥ୍ୟୋପକାରୀ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ଉପକାରୀ ଗୁଣ ଭରି ରହିଛି। ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ...



– ଭିଟାମିନ୍ 'ଏ'ର ପ୍ରମୁଖ ଉତ୍ସ ହେଲା ଅମୃତଭଣ୍ଡା। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରିଥାଏ।

–ଆପଣ କୋଲେଷ୍ଟରଲ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ। କାରଣ ଏହାକୁ ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ।

–ଅମୃତଭଣ୍ଡା ଖାଇଲେ ତାହା ଶରୀର ଭିତରେ ଥିବା ଅତିରିକ୍ତ ଚର୍ବିକୁ ନଷ୍ଟ କରିବାରେ ସହାୟକ ହୋଇଥାଏ।

–ଅମୃତଭଣ୍ଡାରେ 'ପାପାଇନ୍' ନାମକ ଏକ ପୋଷକତତ୍ତ୍ୱ ରହିଛି ଯାହା ହଜମ ଶକ୍ତିକୁ ବୃଦ୍ଧି କରିଥାଏ।

–ଏହାକୁ ନିୟମିତ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

–ଅମୃତଭଣ୍ଡା ଶରୀରକୁ ଅନେକ ଉପକାରୀ ପୋଷକତତ୍ତ୍ୱ ଯୋଗାଇଥାଏ।

## ଅସନ୍ତୁଳିତ ଜୀବନଶୈଳୀ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ

ଆଜିକାଲିର ବ୍ୟସ୍ତମୟ ଜୀବନରେ ଏକ ସୁବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ପ୍ରାୟ କଷ୍ଟକର। କାରଣ ନିଜ କାର୍ଯ୍ୟକୁ ନେଇ ଅନେକେ ଏତେ ବ୍ୟସ୍ତ ଯେ ସେମାନେ ନିଜର ଶରୀର ପ୍ରତି ଠିକ୍ ନଜର ଦେଇପାରି ନ ଥାନ୍ତି। ଫଳରେ ସେମାନେ ଏଥିପାଇଁ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ପ୍ରଥମେ ନିଜ ଖାଦ୍ୟପେୟକୁ ସନ୍ତୁଳିତ ରଖନ୍ତୁ। ଫାଷ୍ଟଫୁଡ୍ ଏବଂ ତେଲଜାତୀୟ ଖାଦ୍ୟଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ପ୍ରତିଦିନ ସକାଳର କିଛି ସମୟ ବ୍ୟାୟାମ ପାଇଁ ରଖିଲେ ତାହାର ସୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ଏହାସହ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ୬–୭ ଘଣ୍ଟା ଶୁଅନ୍ତୁ। ଦୈନନ୍ଦିନ ଖାଦ୍ୟରେ ସବୁଜ ପନିପରିବା, ତଟକା ଫଳମୂଳ ସାମିଲ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ବ୍ୟସ୍ତତା ସତ୍ତ୍ୱେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନିଅନ୍ତୁ।



## ସଂକ୍ଷେପରେ

### ରିଅଲ ଇଷ୍ଟେଟ ପ୍ରତିନିଧିଙ୍କୁ ଭେଟିଲେ ସୀତାରାମନ୍

ନୂଆଦିଲ୍ଲୀ,୧୧-୮: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ରିଅଲ ଇଷ୍ଟେଟ ଏବଂ ଘର କ୍ରେତା ପ୍ରତିନିଧିଙ୍କୁ ଭେଟିଛନ୍ତି। ଏହି ବୈଠକରେ ନଗଦ ସଙ୍କଟ, ଚାହିଦା ହ୍ରାସ ଏବଂ ଅଟକି ରହିଥିବା ପ୍ରକଳ୍ପକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ରିଅଲ ଇଷ୍ଟେଟରେ ଦେଖାଦେଇଥିବା ଅସୁବିଧାକୁ ଖୁବଶୀଘ୍ର ଦୂର କରାଯିବ ବୋଲି ସୀତାରାମନ୍ ପ୍ରତିଶ୍ରୁତି ଦେଇଛନ୍ତି। ଅର୍ଥମନ୍ତ୍ରୀ ପ୍ରଥମେ ରିଏଲ ଇଷ୍ଟେଟ କ୍ଷେତ୍ରର ଦୁଇ ଶୀର୍ଷ ସଂଗଠନ କ୍ରେଡାଇ ଓ ନାରେଡକୋ ପ୍ରତିନିଧିଙ୍କୁ ଭେଟିଥିଲେ। ଏହି ବୈଠକରେ ଆବାସ, ସହର ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଆର୍ଥିକ ବ୍ୟାପାର, ରାଜସ୍ୱ, ଆବାସ, ସିବିଡିଟି, କର୍ପୋରେଟ ବ୍ୟାପାର ଏବଂ ରେରାର ଶୀର୍ଷ ଅଧିକାରୀମାନେ ଯୋଗ ଦେଇଥିଲେ।

### ନକଲି ସାମଗ୍ରୀ ବିକ୍ରିରୁ ବାର୍ଷିକ କ୍ଷତି ୧ ଲକ୍ଷ କୋଟି

ନୂଆଦିଲ୍ଲୀ,୧୧-୮: ବିଭିନ୍ନ କ୍ଷେତ୍ରରେ ନକଲି ସାମଗ୍ରୀ ବିକ୍ରି ଯୋଗୁ ଦେଶକୁ ପ୍ରତିବର୍ଷ ପ୍ରାୟ ୧.୦୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଏହାକୁ ରୋକିବା ଲାଗି ଜନସଚେତନତା ସୃଷ୍ଟି, ନଜର ରଖିବାକୁ କଡାକଡି କରିବା ତଥା ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରିବାର ଆବଶ୍ୟକତା ଦେଖାଦେଇଛି ବୋଲି ୬୦ ସଦସ୍ୟଙ୍କୁ ନେଇ ଗଠିତ ଅଥେଣ୍ଟିକେଶନ ସଲ୍ୟୁଶନ ପ୍ରୋଭାଇଡର୍ସ ଆସୋସିଏଶନ(ଏଏସ୍‌ପିଏ) ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ବ୍ରାଣ୍ଡ, ଆୟ ଓ ଦସ୍ତାବିଜର ସୁରକ୍ଷା ଲାଗି ପ୍ରମାଣନ ପ୍ରଯୁକ୍ତି ଓ ସମାଧାନ ଆପଣାଇବା ଉପରେ ଜୋର ଦିଆଯାଇଛି। ଏଏସ୍‌ପିଏ ପ୍ରେସିଡେଣ୍ଟ ନକୁଲ ପସରିଚା କହିଛନ୍ତି ଯେ, ଠିକ୍ ପ୍ରମାଣନ ପ୍ରକ୍ରିୟା ଆପଣାଇବା, କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଜନସଚେତନତା ସୃଷ୍ଟି ଓ ତୀକ୍ଷ୍ଣ ଦୃଷ୍ଟି ଦ୍ୱାରା ନକଲି ସାମଗ୍ରୀ ବିକ୍ରିକୁ ଅତିକମ୍‌ରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରୋକାଯାଇପାରିବ। ଏହାଦ୍ୱାରା ପ୍ରାୟ ୫୦ ହଜାର କୋଟି ଟଙ୍କା ବାର୍ଷିକ ଆୟକୁ ସଞ୍ଚୟ କରାଯାଇପାରିବ ବୋଲି ସେ ମତପ୍ରକାଶ କରିଛନ୍ତି।

### ୩ହଜାର କୋଟି ବକେୟା ଆଦାୟ କରିବ ବିଏସ୍‌ଏନ୍‌ଏଲ୍

ନୂଆଦିଲ୍ଲୀ,୧୧-୮: ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ବକେୟା ପ୍ରାୟ ୩ ହଜାର କୋଟି ଟଙ୍କା ଆଦାୟ କରିବାକୁ ଅଣ୍ଟାଭିଡିଛି। ଆର୍ଥିକ ସଙ୍କଟ କାରଣରୁ କମ୍ପାନୀ ଦ୍ୱିତୀୟଥର କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଦେଇପାରି ନ ଥିଲା। କର୍ମଚାରୀଙ୍କୁ ଜୁଲାଇର ବେତନ ଅଗଷ୍ଟ ୫ରେ ମିଳିଛି। ବିଏସ୍‌ଏନ୍‌ଏଲ୍ ସିଏମ୍‌ଡି ପି.କେ.ପୁରୱାର କହିଛନ୍ତି ଯେ, କମ୍ପାନୀ ଗ୍ରାହକଙ୍କ ଉପରେ ପ୍ରାୟ ୩ ହଜାର କୋଟି ଟଙ୍କା ବକେୟା ରହିଛି। ଏହାକୁ ଆଦାୟ କରିବା ଲାଗି କମ୍ପାନୀ ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରିଛି। ଏ ଦିଗରେ ସଫଳତା ମଧ୍ୟ ମିଳୁଛି। ତେବେ ସମ୍ପୂର୍ଣ୍ଣ ବକେୟା ଆଦାୟ କରିବା ଲାଗି ସମୟସୀମା ଧାର୍ଯ୍ୟ କରିବା ସମ୍ଭବ ନୁହେଁ। ତେବେ ବିଏସ୍‌ଏନ୍‌ଏଲ୍ ଆସନ୍ତା ୨-୩ ମାସ ମଧ୍ୟରେ ସମସ୍ତ ବକେୟା ଆଦାୟ କରିନେବ ଆଶା କରାଯାଉଛି ବୋଲି ପୁରୱାର ସ୍ପଷ୍ଟ କରିଛନ୍ତି।

> ଟିଭି ଉଦ୍ୟୋଗ ଅଭିବୃଦ୍ଧି ଗତ କିଛି ତ୍ରୈମାସରେ ସ୍ଥିର ରହିବା ପରେ ଏହା ହ୍ରାସ ପାଇବାରେ ଲାଗିଛି। ସରକାର ଜିଏସ୍‌ଟି ହ୍ରାସ କରିବା ସହ ଅନ୍ୟାନ୍ୟ ସହାୟତା ଦେବା ଉଚିତ୍।
> – ମନୀଷ ଶର୍ମା, ପାନାସୋନିକ ଇଣ୍ଡିଆ ପ୍ରେସିଡେଣ୍ଟ ତଥା ସିଇଓ



> କଗ୍ନିଜାଣ୍ଟ କଡା ଖର୍ଚ୍ଚ କାଟ ମାଧ୍ୟମରେ ଶ୍ରେଷ୍ଠ କର୍ମଚାରୀ ଟାଲେଣ୍ଟ ଖୋଜିବା ଆରମ୍ଭ କରିଛି। ଉଭୟ ଜୁନିୟର ଓ ସିନିୟର ସ୍ତରରେ ଏଥିଲାଗି ଉଦ୍ୟମ ଆରମ୍ଭ ହୋଇଛି।
> – କାରେନ ମ୍ୟାକ୍‌ଲଘଲିନ୍, କଗ୍ନିଜାଣ୍ଟ ସିଏଫଓ



# ‘ଏମ୍‌ଏସ୍‌ଏମ୍‌ଇ ପ୍ରତି ନରମ ହୁଅନ୍ତୁ ବ୍ୟାଙ୍କ’

ଭୁବନେଶ୍ୱର,୧୧-୮(ବ୍ୟୁରୋ)



- ଫନୀ ପ୍ରଭାବିତ କ୍ଷୁଦ୍ରଶିଳ୍ପ ଲାଗି ସ୍ୱତନ୍ତ୍ର ପ୍ୟାକେଜ ନେଇ ରାଜ୍ୟର ଦାବି
- ମାନୁଫ୍ୟାକଚରିଂକୁ ଏମ୍‌ଏସ୍‌ଏମ୍‌ଇ ଅବଦାନ ୪୫%
- ଦ୍ୱିତୀୟ ସର୍ବବୃହତ୍ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର
- କେସିଙ୍ଗାରେ ହେବ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର
- ଶୀଘ୍ର କାର୍ଯ୍ୟକାରୀ ହେବ ୨ କ୍ଲଷ୍ଟର ଯୋଜନା
- ଏସ୍‌ଏଚ୍‌ଜି ଠାରୁ ସିଧାସଳଖ ପ୍ରଡକ୍ଟ ସଂଗ୍ରହ
- ରାଜ୍ୟ ସ୍ତରରେ ଜେଇଏମ୍ ପୋର୍ଟାଲ ଆସୁ:ଓସ୍‌ମେ

ନିଯୁକ୍ତି ସୃଷ୍ଟିରେ ସରକାରଙ୍କୁ ସହାୟତା କରିଥାଏ ଏମ୍‌ଏସ୍‌ଏମ୍‌ଇ ଜଗତ। ଏହି ସେକ୍ଟର ଲୋକଙ୍କୁ ଜୀବିକା ପ୍ରଦାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। ସବୁ ବ୍ୟବସାୟୀ ବିଜୟ ମାଲ୍ୟା କିମ୍ବା ନୀରବ ମୋଦି ନୁହନ୍ତି। ସମସ୍ତେ ବ୍ୟାଙ୍କ ଅର୍ଥକୁ ଠକି ବିଦେଶ ପଳାୟନ କରିବେ ନାହିଁ। ସେହିଭଳି ଋଣ ପରିଶୋଧ କରିବା ଲାଗି ସମୟ ଦରକାର। ବଡ ଭାଗ ଋଣ ପରିଶୋଧ କରିଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ପ୍ରତି ବ୍ୟାଙ୍କଗୁଡିକ ନରମ ମନୋଭାବ ପୋଷଣ କରିବାକୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି।

ସ୍ଥାନୀୟ ଇଡ୍‌କଲ ଅଡିଟୋରିୟମଠାରେ ଓସ୍‌ମେ ପକ୍ଷରୁ ଅନୁଷ୍ଠିତ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍ ଅବସରରେ ଷଡଙ୍ଗୀ କହିଛନ୍ତି ଯେ, ବ୍ୟବସାୟୀ ମାନଙ୍କୁ ବକେୟା ଋଣ ପରିଶୋଧ ଲାଗି ସମୟ ଦେବା ଉଚିତ। ଦେଶର ମାନୁଫାକଚରିଂ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇର ଅବଦାନ ୪୫% ରହିଛି। ଏହାବାଦ ମୋଟ୍ ରପ୍ତାନିକୁ ୨୦ ଏବଂ ଦେଶର ଜିଡିପିକୁ ଏହି କ୍ଷେତ୍ରର ଅବଦାନ ୨୮%। ନିଯୁକ୍ତି ସୃଷ୍ଟିରେ କୃଷି ପରେ ଏହା ଦ୍ୱିତୀୟ ବଡ କ୍ଷେତ୍ର। ଉକ୍ତ କ୍ଷେତ୍ର ରୁଗ୍ଣ ହେଲେ ଏହା ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବ। ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଯୁବତୀଯୁବକଙ୍କ ଉଦ୍ୟୋଗୀ ହେବା ସ୍ୱପ୍ନକୁ ପୂରଣ କରିବା ଦିଗରେ ଓସ୍‌ମେ କାର୍ଯ୍ୟ କରୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ମିଟ୍‌ରେ ଯୋଗ ଦେଇ ରାଜ୍ୟପାଳ ଗଣେଶୀ ଲାଲ୍ ଶିଳ୍ପାୟନ ଯୋଗୁ ହେଉଥିବା ପରିବେଶ କ୍ଷତି ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଜଗତରେ ଉଭୟ ପରିବେଶ ଏବଂ ମଣିଷ ବଞ୍ଚି ରହିବା ଆବଶ୍ୟକ। ପୃଥିବୀକୁ ପରିବେଶ ଜନିତ ବିପଦ ଏବଂ ଜୈବ ଅସମାନତାଠାରୁ ବଞ୍ଚାଇବାର ସମୟ ଆସିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଏମ୍‌ଏସ୍‌ଏମ୍‌ଇର ବିକାଶ ଲାଗି ପଶ୍ଚିମ ଓଡ଼ିଶାର କେସିଙ୍ଗାରେ ଏକ କ୍ଲଷ୍ଟର ନିର୍ମାଣ କରାଯିବ। ରାଜ୍ୟରେ ଏଭଳି ୨ କ୍ଲଷ୍ଟର ସ୍ଥାପନ ଯୋଜନା ରହିଥିବା ବେଳେ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ। ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଫନୀ ଦ୍ୱାରା ପ୍ରଭାବିତ ହୋଇଥିବାରୁ ସେମାନଙ୍କ ଲାଗି କେନ୍ଦ୍ର ସରକାର ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଓସ୍‌ମେ ଅଧ୍ୟକ୍ଷ ଗୌରୀଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଏସ୍‌ଜି ଉତ୍ପାଦଗୁଡିକୁ ରାଜ୍ୟ ସରକାର ସିଧାସଳଖ କିଣିବା ଏବଂ କେନ୍ଦ୍ର ସରକାରଙ୍କ ଢାଞ୍ଚାରେ ଏକ ଜେଇଏମ୍ ପୋର୍ଟାଲ ବିକଶିତ କରିବାକୁ ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଦାବି କରିଛନ୍ତି। ଏଥିରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସଚିବ ଅରୁଣ ପଣ୍ଡା, ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ସମେତ ଶିଳ୍ପଜଗତର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଟାଟା ଟିଗୋରର ଫ୍ରିଡମ୍ ର୍ୟାଲି




ଭୁବନେଶ୍ୱର,୧୧-୮(ବ୍ୟୁରୋ)

ଟାଟା ମୋଟର୍ସ ପକ୍ଷରୁ ଏହାର ଲୋକପ୍ରିୟ ମଡେଲ ଟିଗୋର ଗ୍ରାହକଙ୍କ ଲାଗି ଏକ ଫ୍ରିଡମ ର୍ୟାଲି ଭୁବନେଶ୍ୱରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତୃପ୍ତି ଗ୍ରୁପ ନିର୍ଦ୍ଦେଶକ ଶୁଭେନ୍ଦୁ ମହାନ୍ତି ଏହି ର୍ୟାଲିକୁ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସ୍ୟାଣ୍ଡି ଟାୱାରଠାରୁ ଏହି ର୍ୟାଲି ବାହାରି ଜୟଦେବ ବିହାର, ବାଣୀବିହାର, ଫରେଷ୍ଟ ପାର୍କ ଏବଂ ବରମୁଣ୍ଡା ଦେଇ ପୁଣି ଥରେ ସ୍ୟାଣ୍ଡି ଟାୱାର ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ର୍ୟାଲିରେ ପ୍ରାୟ ୫୦ ଟିଗୋର ଓନର ଯୋଗ ଦେଇଥିଲେ। ଗ୍ରାହକ ସମ୍ପର୍କକୁ ମଜଭୁତ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟ ମଧ୍ୟରେ ପାଟଣା, ରାଞ୍ଚି ଭଳି ୫ ସହରରେ ଏହି ର୍ୟାଲିକୁ ଆୟୋଜନ କରାଯାଉଛି। ସେହିଭଳି ଏହି ଅବସରରେ ଗ୍ରାହକଙ୍କ ଲାଗି ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଗୁଣବତ୍ତା ପ୍ରଡକ୍ଟ ଏବଂ ସେବା ଯୋଗାଣ ସହ ଗ୍ରାହକ ସମ୍ପର୍କ ଅଭିଯାନ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ଟାଟା ମୋଟର୍ସ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ ତୃପ୍ତି ଗ୍ରୁପ ସିଇଓ ଶ୍ରୀକାନ୍ତ ମିଶ୍ର, ଟାଟା ମୋଟର୍ସ ସିନିୟର ମ୍ୟାନେଜର ରୁପେନ୍ଦ୍ର କୁମାର ଏବଂ ସିନିୟର ମ୍ୟାନେଜର ଏ. ଶ୍ରୀମାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ବୃଦ୍ଧିରେ ବାଧା ହଟିବ

ନୂଆଦିଲ୍ଲୀ,୧୧-୮

**ଖୁବ୍‌ଶୀଘ୍ର ଘୋଷଣା**

କେନ୍ଦ୍ର ସରକାର ବିକାଶ ଅଭିବୃଦ୍ଧି ଲାଗି ବିଭିନ୍ନ ଉପାୟ ଚିନ୍ତା କରୁଛନ୍ତି। ଆର୍ଥିକ ବିକାଶ ଆଗେଇବାରେ ଥିବା ସମସ୍ତ ବାଧାକୁ ଚିହ୍ନଟ କରି ଦୂର କରିବା ଲାଗି ଯୋଜନା ପ୍ରସ୍ତୁତ ହେଉଛି। ଏଥିଲାଗି ମାନୁଫାକ୍‌ଚରିଂ ସେକ୍ଟରକୁ ପାଣି ଯୋଗାଣ ସୁନିଶ୍ଚିତ କରାଯିବା ସହ ଜିଡିପି ବୃଦ୍ଧି ଲାଗି ଉତ୍ସାହିତ ।

ପ୍ରାପ୍ତ ସୂତ୍ର ଅନୁଯାୟୀ ବିକାଶ ବୃଦ୍ଧି ଲାଗି ସରକାର ଯେଉଁ ରଣନୀତି ଆପଣାଇବାକୁ ଯାଉଛନ୍ତି, ସେଥିରେ ଜିଏସ୍‌ଟି ହ୍ରାସର ପ୍ରସ୍ତାବକୁ ସାମିଲ କରାଯାଇନାହିଁ। କାରଣ ଦେଶରେ ଟିକସ ହାର ପୂର୍ବରୁ କମ୍ ରହିଛି ବୋଲି ସରକାର ମନେକରୁଛନ୍ତି। ଅଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିକଟରେ ଶିଳ୍ପ ଜଗତ, ବ୍ୟାଙ୍କ, ବିଦେଶୀ ଓ ଘରୋଇ ନିବେଶକ ସମେତ ବିଭିନ୍ନ ପକ୍ଷ ସହ ଆଲୋଚନା କରିସାରିଛନ୍ତି। ସେମାନଙ୍କଠାରୁ ମିଳିଥିବା ପ୍ରତିକ୍ରିୟା ଆଧାରରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଉଛି, ଯାହାକୁ ଖୁବଶୀଘ୍ର ଘୋଷଣା କରାଯିବ। ବ୍ୟାଙ୍କ, ଏମ୍‌ଏସ୍‌ଏମ୍‌ଇ ଓ ଅଟୋ ଶିଳ୍ପ ପ୍ରତିନିଧିଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନାକାଳରେ ସମସ୍ୟା ସୃଷ୍ଟି କରୁଥିବା କେତେକ ବିନ୍ଦୁକୁ ସାମ୍ନାରେ ରଖାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆର୍ଥିକ ବିକାଶ ବୃଦ୍ଧି କରିବା ଲାଗି ଦେଖାଦେଇଥିବା ସମସ୍ତ ବାଧାକୁ ଦୂର କରାଯିବ। ଏହାଦ୍ୱାରା ଶିଳ୍ପ ଜଗତର ସମସ୍ତ ଚିନ୍ତା ଦୂର ହୋଇଯିବ। ସେମାନଙ୍କୁ ଋଣ ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରାଯିବ ଏବଂ ନିବେଶ ଖର୍ଚ୍ଚ କମାଇବା ଲାଗି କେତେକ ନୀତିକୁ ଆହୁରି ସରଳ କରାଯିବ। ସରକାର ଚଳିତ ଆର୍ଥିକ ବର୍ଷ ଲାଗି ଜିଡିପି ଅଭିବୃଦ୍ଧି ହାର ୭% ଧାର୍ଯ୍ୟ କରିଛନ୍ତି ଏବଂ ପ୍ରଥମ ତ୍ରୈମାସରେ ଏହି ଦିଗରେ ଜିଡିପି ବୃଦ୍ଧି ହେଉଛି ବୋଲି ସେ କହିଛନ୍ତି। ଜିଏସ୍‌ଟି ଅଧୀନରେ ପ୍ରଥମ ତ୍ରୈମାସରେ ଆଦାୟ ୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟକ୍ଷ ଟିକସ ୧୨.୯ ପ୍ରତିଶତ ବଢ଼ିଛି। ସେହିପରି କର୍ପୋରେଟ ଟିକସ ଆଦାୟ ଆଲୋଚ୍ୟ ମାସରେ ୧୩.୩% ସହ ସ୍ଥିର ରହିଛି।

## ସୋସିଆଲ ମିଡିଆ ଯୋଗୁ ଡାକଟିକେଟ ବିକ୍ରି ହ୍ରାସ

ନୂଆଦିଲ୍ଲୀ,୧୧-୮

ଏକଦା ଭାବର ଆଦାନପ୍ରଦାନ ଏବଂ କୁଶଳତା ଜାଣିବାର ମୁଖ୍ୟ ମାଧ୍ୟମ ଥିଲା ଚିଠି। କିନ୍ତୁ ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତିର ବିକାଶ ସାଧନ ହେବା କାରଣରୁ ଚିଠି ପଠାଇବାର ଚଳନ କମିବାରେ ଲାଗିଲା। ଏବେ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଓ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆର ପ୍ରଚଳନ ପରେ ଲୋକେ ଚିଠି ପଠାଇବା ଭୁଲିବାକୁ ବସିଲେଣି। ଭାବର ଆଦାନପ୍ରଦାନ ଏବେ ସୋସିଆଲ ମିଡିଆ ଜରିଆରେ ସହଜରେ ଓ ତତ୍‌କ୍ଷଣାତ ହୋଇପାରୁଛି। ଏଣୁ ଏବେ ଚିଠି ପଠାଇବା କମିବାରେ ଲାଗିଛି। ଅବସ୍ଥା ଏପରି ହେଲାଣି ଯେ, ଏବେ ଡାକଟିକେଟ ବିକ୍ରି ବହୁ ପରିମାଣରେ କମିଯାଇଛି। ଡାକ ବିଭାଗରୁ ଆର୍‌ଟିଆଇ ଜରିଆରେ ମିଳିଥିବା ସୂଚନା ମୁତାବକ ଡାକ ଟିକେଟ ବିକ୍ରି ପ୍ରତିବର୍ଷ ହ୍ରାସ ପାଇଚାଲିଛି। ମଧ୍ୟପ୍ରଦେଶର ନିମଚ ନିବାସୀ ଆର୍‌ଟିଆଇ କର୍ମୀଙ୍କ ଦ୍ୱାରା ହାସଲ କରାଯାଇଥିବା ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮-୧୯ରେ ଡାକ ବିଭାଗ ଟିକେଟ ବିକ୍ରିରୁ ଯେଉଁ ରାଜସ୍ୱ ପାଇଛନ୍ତି, ତାହା ତହିଁ ପୂର୍ବବର୍ଷ ଅପେକ୍ଷା ୬୮.୬୬ ପ୍ରତିଶତ କମି ୬୮.୨୫ କୋଟି ଟଙ୍କାରେ ପହଞ୍ଚିଯାଇଛି।

## ରିଲାଏନ୍ସର ଡିଜିଟାଲ ଇଣ୍ଡିଆ ସେଲ୍

ମୁମ୍ବାଇ,୧୧-୮

ସ୍ୱାଧୀନତା ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ବ୍ଲକ ବଷ୍ଟର ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବାର୍ଷିକ ସେଲ୍ ଦ୍ୱାରା ଗ୍ରାହକ ଟେକ୍ନୋଲୋଜି ସାମଗ୍ରୀ କ୍ରୟରେ ବେଷ୍ଟ ଡିଲ୍ ଏବଂ ସର୍ବୋତ୍ତମ ଅଫର ଲାଭ କରିପାରିବେ। ବିସ୍ତୃତ ରେଞ୍ଜର ଇଲେକଟ୍ରୋନିକ୍ସ ୧୫% କ୍ୟାଶବ୍ୟାକ ସୁବିଧା କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଏଚ୍‌ଡିଏଫ୍‌ସିରେ ୧୦% କ୍ୟାଶବ୍ୟାକ ଏବଂ ରିଲାଏନ୍ସ ଡିଜିଟାଲର ୫% କ୍ୟାଶବ୍ୟାକ ରହିଛି। ୧୦ରୁ ୧୫ ଅଗଷ୍ଟ ଯାଏ ଏହି ଅଫରର ଲାଭ ମିଳିବ। ଏସି କ୍ରୟ ଉପରେ ମାଗଣା ରେଫ୍ରିଜରେଟର, ଲାପଟପ ଉପରେ ଅଫର, ନିର୍ଦ୍ଦିଷ୍ଟ ରେଞ୍ଜର ଲାପଟପ କ୍ରୟରେ ୧୩ ହଜାର ଟଙ୍କାର ସୁବିଧା ବାଦ କ୍ୟାଶବ୍ୟାକ, ନିଶ୍ଚିତ ଉପହାର, ବେଷ୍ଟ ଏଭର ଏକ୍ସଚେଞ୍ଜ ଅଫର, ମାଗଣା ଶପିଂ ଭାଉଚର ସ୍ମାର୍ଟ ଫୋନ ଉପରେ ରିହାତି, ଅପଗ୍ରେଡ ସୁବିଧା ସହ ଉନ୍ନତ ଫାଇନାନ୍ସ ବିକଳ୍ପ ଗ୍ରାହକ ଲାଭ କରିପାରିବେ।

## ରୟାଲ ଏନ୍‌ଫିଲ୍ଡର ନୂଆ ମଡେଲ



ଭୁବନେଶ୍ୱର,୧୧-୮

ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ନୂଆ ମଡେଲ ଯାନ ଓଡ଼ିଶା ବଜାରକୁ ଆସିଛି। ଏହା ମଧ୍ୟରେ ବୁଲେଟ୍ ୩୫୦ ଏବଂ ବୁଲେଟ୍ ୩୫୦ ଇଏସ୍‌ର ୬ଟି ନୂଆ ଭାରିଆଣ୍ଟ ରହିଛି। ନୂଆ ମଡେଲଗୁଡିକୁ କଟକ ଲିଙ୍କରୋଡସ୍ଥିତ ଅନ୍‌ମୋଲ ମୋଟର୍ସଠାରେ ଉନ୍ମୋଚନ କରାଯାଇଛି। ଶୋ'ରୁମର ଏମ୍‌ଡି ଯଶବୀର ସିଂ, ଜିଏମ୍ ଆଦର୍ଶଦୀପ ସିଂ ଏହାକୁ ବଜାର ପ୍ରବେଶ କରାଇଥିଲେ। ବୁଲେଟର ନୂତନ ମଡେଲ ଏକ୍ସଶୋ'ରୁମ ମୂଲ୍ୟ ୧.୧୨ ଲକ୍ଷ ଟଙ୍କା ରହିଛି। ଏହାର ବୁକିଂ ଅଗଷ୍ଟ୯ରୁ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୯୩୦ ଶୋ'ରୁମ ଏବଂ ୮,୮୦୦ରୁ ଊର୍ଦ୍ଧ୍ୱ ସର୍ଭିସ ପଏଣ୍ଟ ଏବଂ ୯୦୦ରୁ ଊର୍ଦ୍ଧ୍ୱ ଅଧିକୃତ ୱାର୍କଶପ ସହ ସେବା ଯୋଗାଇ ଦେଉଛି। କମ୍ପାନୀର ଷ୍ଟୁଡିଓଗୁଡିକରେ ସର୍ଭିସ, ସ୍ପେୟାର ପାର୍ଟସ ସହ ଅନ୍ୟାନ୍ୟ ସୁବିଧା ଗ୍ରାହକ ଲାଭ କରିପାରିବେ। ଛୋଟଛୋଟ ସହରରେ ଯାନ କ୍ରୟ ନେଇ ଚାହିଦା ବଢ଼ିବାକୁ ଗ୍ରାହକଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ ବୋଲି ରୟାଲ ଏନ୍‌ଫିଲ୍ଡ ସିଇଓ ବିନୋଦ କେ ଦସାରୀ କହିଛନ୍ତି। କମ୍ପାନୀ ନିକଟରେ ୨୫୦ ତମ ରିଟେଲ ଷ୍ଟୁଡିଓ ସ୍ଥାପନା କରିଛି। ଆଗାମୀ ୩ ମାସରେ ଆଉ ୨୫୦ ଶୋ'ରୁମ ନେଟୱାର୍କରେ ଯୋଡିବା ଲାଗି ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଲୁଇଫିଲିପର ନୂଆ ଷ୍ଟୋର ଶୁଭାରମ୍ଭ



ଭୁବନେଶ୍ୱର,୧୧-୮ (ବ୍ୟୁରୋ)

ସ୍ଥାନୀୟ ପାତ୍ରପଡା ଡିଏନ୍ ରେଗାଲିଆ ମଲ୍‌ର ଗ୍ରାଉଣ୍ଡ ଫ୍ଲୋରରେ ଲୁଇଫିଲିପ୍‌ର ନୂଆ ଏକ୍ସକ୍ଲୁସିଭ୍ ଷ୍ଟୋର ରବିବାର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋର ୧୬୪୨ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। କମ୍ପାନୀର ଏରିଆ ମୁଖ୍ୟ ଶିବ ନରେନ୍ଦ୍ରନ ନୂଆ ଷ୍ଟୋରକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଫ୍ରାଞ୍ଚାଇଜ ପାର୍ଟନର ବିକାଶ ସେହଗଲ, ଧୀରେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏଠାରେ ଲୁଇଫିଲିପ ବ୍ରାଣ୍ଡର ଟିଶାର୍ଟ, ଶାର୍ଟ, ଟ୍ରାଉଜର ଡେନିମ, ବ୍ଲେଜର, ସୁ ଏବଂ ଆସେସୋରିଜ ଉପଲବ୍ଧ ହେବ। ପୁରୁଷଙ୍କ ବର୍ଗରେ କମ୍ପାନୀ ସ୍ୱତନ୍ତ୍ର ଫ୍ୟାଶନ ପ୍ରଡକ୍ଟ ପ୍ରସ୍ତୁତ କରୁଛି। ଷ୍ଟାଇଲ ପ୍ରତି ସଚେତନ ଯୁବ ଗ୍ରାହକଙ୍କ ଚାହିଦା ମୁତାବକ ନୂଆ ଷ୍ଟୋର ଆରମ୍ଭ କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ଇନାଗୁରାଲ ଅଫର ପ୍ରଦାନ କରାଯାଉଛି। ୫୦୦୦ ଟଙ୍କାର କ୍ରୟ ଉପରେ ୧୦୦୦ ଟଙ୍କାର ରିହାତି ରହିଛି। ନୂଆ ଷ୍ଟୋର ଦ୍ୱାରା ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର କଲେକ୍ସନକୁ ସାମିଲ କରାଯାଉଛି। କ୍ରେଡିଟ କାର୍ଡ ଗ୍ରହଣ ସୁବିଧା ମଧ୍ୟ ରହିଛି। ଏହି ଷ୍ଟୋର ଦ୍ୱାରା ବାର୍ଷିକ ୧.୫ କୋଟି ରୁ ୨ କୋଟି ବ୍ୟବସାୟ ଲକ୍ଷ୍ୟ ରହିଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି।

# ଦୁବାଇ ରାସ୍ତା ଦେଇ ପାକିସ୍ତାନ ପହଞ୍ଚିବ ଭାରତୀୟ ମାଲ୍

ଇସଲାମାବାଦ୍,୧୧-୮




ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଭାରତ ପ୍ରତ୍ୟାହାର କରିବା ପରେ ପାକିସ୍ତାନ ମୁଣ୍ଡ ବିଗିଡି ଯାଇଛି। ଫଳରେ ଏହା ଭାରତ ସହିତ ବାଣିଜ୍ୟିକ ଓ ରାଜନୈତିକ ସମ୍ପର୍କ ଛିନ୍ନ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମରାନ ଖାନଙ୍କ ଏହି ନିଷ୍ପତ୍ତି ଯୋଗୁ ଦେଶବାସୀ ନାହିଁ ନ ଥିବା ସଙ୍କଟର ସାମ୍ନା କରୁଛନ୍ତି। ଜିନିଷପତ୍ର ଦର ଆକାଶଛୁଆଁ ହୋଇଥିବା ବେଳେ ଚାରିଆଡେ ହାହାକାର ଶୁଭିଲାଣି। ପନିପରିବାଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ଜିନିଷ ଦାମ୍ ଦେଶରେ ହୁ ହୁ ହୋଇ ବଢୁଥିବାରୁ ପାକିସ୍ତାନବାସୀ ଏବେ ମହଙ୍ଗାମାଡର ସାମ୍ନା କରୁଛନ୍ତି। ତେବେ ବ୍ୟବସାୟୀଙ୍କ କହିବାନୁଯାୟୀ ଏଭଳି ବେଶିଦିନ ଚାଲିଲେ ସେମାନେ କାଙ୍ଗାଳ ହୋଇଯିବେ। ଏଥିରୁ ବର୍ତ୍ତିବା ପାଇଁ ସେମାନେ ଏବେ ଦୁବାଇ ବାଟେ ଭାରତୀୟ ସାମଗ୍ରୀ ଆମଦାନୀ କରିବାକୁ ଚିନ୍ତା କରୁଛନ୍ତି ବୋଲି କହିଛନ୍ତି।

ପାକିସ୍ତାନର ହୋସିଆରୀ ମାନୁଫାକ୍‌ଚରର୍ସ ଆଣ୍ଡ ଏକ୍ସପୋର୍ଟ୍ସ ଆସୋସିଏଶନ ଅଧ୍ୟକ୍ଷ ଜାଭେଦ ବିଲୱାନୀ କହିଛନ୍ତି ଯେ, ପାକିସ୍ତାନର ଟେକ୍ସଟାଇଲ ସେକ୍ଟର ଅନେକାଂଶରେ ଭାରତର କେମିକାଲ ଓ ଡାଇ ଉପରେ ନିର୍ଭରଶୀଳ। ଭାରତ ସହିତ କାରବାର ରଦ୍ଦ ପରେ ସେମାନେ ଆଗାମୀ ଦିନରେ ଦୁବାଇ ବାଟ ଦେଇ ଭାରତରୁ ସାମଗ୍ରୀ ଆମଦାନୀ କରିବାକୁ ବାଧ୍ୟ ହେବେ। କାରଣ ଚାଇନା ଓ କୋରିଆ ତୁଳନାରେ ଭାରତୀୟ ସାମଗ୍ରୀ ଦର ୧୫ରୁ ୨୦ ପ୍ରତିଶତ ଶସ୍ତା। ସେହିପରି ଅଲ୍ ପାକିସ୍ତାନ ଟେକ୍ସଟାଇଲ ପ୍ରୋସେସିଂ ମିଲ୍ସ ଆସୋସିଏଶନର ପୂର୍ବତନ ଅଧ୍ୟକ୍ଷ ସଲିମ ପାରେଖ କହିଛନ୍ତି ଯେ, ଭାରତୀୟ ଟେକ୍ସଟାଇଲ ସାମଗ୍ରୀ ଚାଇନା ଓ କୋରିଆ ଅପେକ୍ଷା ୩୦ରୁ ୩୫ ପ୍ରତିଶତ ଶସ୍ତା। ଏହାଛଡ଼ା ଅନ୍ୟ ଦେଶ ମୁକାବିଲାରେ ମାଲ୍ ଆସିବା ଲାଗି କମ୍ ସମୟ ଲାଗିଥାଏ। ଏତିକି ନୁହେଁ ମାଲ୍ ପରିବହନ ଖର୍ଚ୍ଚ ମଧ୍ୟ ଅନେକାଂଶରେ କମ୍। ଏଫବି ଏରିଆ ଆସୋସିଏଶନ ଅଫ୍ ଟ୍ରେଡ ଆଣ୍ଡ ଇଣ୍ଡଷ୍ଟ୍ରି ଅଧ୍ୟକ୍ଷ ଖୁର୍ସିଦ ଅହମ୍ମଦ କହିଛନ୍ତି ଯେ, ଭାରତରୁ ଟେକ୍ସଟାଇଲ ସାମଗ୍ରୀ ଆମଦାନୀ ବନ୍ଦ ହେବା ପରେ ଏବେ ଚାଇନା ଓ କୋରିଆରୁ ଏହାକୁ ଆମଦାନୀ କରିବାକୁ ହେବ। ତେବେ ଏହା ବ୍ୟୟସାପେକ୍ଷ। ଏଣୁ ବିକଳ୍ପ ଖୋଜିବାକୁ ହେବ। ଅନ୍ୟ ଚ୍ୟାନେଲ ମାଧ୍ୟମରେ ଭାରତରୁ ସାମଗ୍ରୀ ଆଣିବାକୁ ହେବ। ଉଲ୍ଲେଖଥାଉ କି, ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ବ୍ୟବସାୟୀମାନେ ଭାରତକୁ ସାମଗ୍ରୀ ବିକ୍ରିକୁ ବଏକଟ କରିଥିଲେ। ତଥାପି ପାକିସ୍ତାନ ବଜାରରେ ଭାରତୀୟ ସାମଗ୍ରୀ ଠୁଳ ହୋଇଥିବାର ଦେଖାଯାଇଥିଲା। ପାକିସ୍ତାନ ବ୍ୟବସାୟୀ ଦୁବାଇ ଚ୍ୟାନେଲକୁ କାମରେ ଲଗାଉଥିଲେ। ନିଜକୁ ବଞ୍ଚାଇବା ପାଇଁ ସେମାନେ ଶସ୍ତା ହେଉଥିବା ଭାରତୀୟ ମାଲ୍ ନେବାକୁ ପଛାଇବେ ନାହିଁ।

### ମହଙ୍ଗା ମାଡରେ ଇଦ୍ ପ୍ରଭାବିତ

ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ ହେବା ପରେ ପାକିସ୍ତାନବାସୀ ଏବେ ମୂଲ୍ୟବୃଦ୍ଧିକୁ ନେଇ ତ୍ରାହି ତ୍ରାହି ଡାକ ଛାଡିଲେଣି। ସେମାନଙ୍କର ଇଦ୍ ପାଳନ ଫିକା ପଡିଗଲାଣି। ସ୍ଥାନୀୟ ଖବରକାଗଜ ‘ଡନ୍’ ରିପୋର୍ଟ ଅନୁଯାୟୀ, ଏବେ ପାକିସ୍ତାନରେ ଅଦା ୪୦୦, ରସୁଣ ୩୨୦, କଞ୍ଚା ଲଙ୍କା ୧୦୦, ଟମାଟୋ ୩୦୦ ଟଙ୍କା କେଜିରେ ବିକ୍ରି ହେଉଛି। ଦେଶରେ ମୂଲ୍ୟବୃଦ୍ଧି ଯୋଗୁ ବକ୍‌ରୀ ଅର୍ଥାତ୍ ଛେଳିର ଦାମ୍ ଦୁଇଗୁଣା ହୋଇଗଲାଣି। ଏଭଳି ସ୍ଥିତିରେ ସୋମବାର କିପରି ବକ୍‌ରିଦ୍ ପାଳନ ହେବ ସେନେଇ ସେଠାରେ ଆଶଙ୍କା ପ୍ରକାଶ ପାଇଲାଣି। ଗତବର୍ଷ ତୁଳନାରେ ଛେଳି ମୂଲ୍ୟ ୫୦ରୁ ୮୦ ପ୍ରତିଶତ ବଢ଼ିଛି ବୋଲି ପାକିସ୍ତାନର ସବୁଠାରୁ ବଡ଼ ପଶୁ ମଣ୍ଡି ଶାହପୁର କାଞ୍ଚରାନରେ ବ୍ୟବସାୟୀ କହୁଛନ୍ତି। ଗୋଟିଏ ଛେଳିର ମୂଲ୍ୟ ୩୦ ହଜାରରୁ ୫୦ ହଜାର ଟଙ୍କା ହୋଇଛି। ଛେଳି ମୂଲ୍ୟ ଏପରି ବଢିଛି ଯେ, ଚଳିତବର୍ଷ ବହୁ ପାକିସ୍ତାନୀ ଏହାର କୁର୍ବାନୀ ଦେଇପାରିବେ ନାହିଁ।

## ସଂକ୍ଷେପରେ

### କ୍ରୀଡ଼ା ପାଇଁ ସ୍ମରଣୀୟ ଅଗଷ୍ଟ ୧୧

ନୂଆଦିଲ୍ଲୀ, ୧୧।୮: ଅଗଷ୍ଟ ୧୧ ତାରିଖ କ୍ରୀଡ଼ା ପାଇଁ ବେଶ୍ ସ୍ମରଣୀୟ ଦିବସ ହୋଇ ରହିଛି। ରବିବାର ଏହି ଦିନ ବିସ୍ଫୋରକ ୱେଷ୍ଟଇଣ୍ଡିଜ ଓପନର୍ କ୍ରିସ୍ ଗେଲ୍ ତାଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟରର ୩୦୦ତମ ମ୍ୟାଚ୍ ଖେଳିବା ସହ ପ୍ରଥମ କାରବୀୟ କ୍ରିକେଟର୍ ଭାବେ କିର୍ତ୍ତିମାନ ଲାଭ କରିଛନ୍ତି। ଏଥିପୂର୍ବରୁ ୨୦୦୫ରେ ଏହି ଦିନରେ ମହାନ ଅଷ୍ଟ୍ରେଲୀୟ ଲେଗ୍-ସ୍ପିନର ଶେନ୍ ୱର୍ନ ଟେଷ୍ଟ କ୍ରିକେଟ୍‌ରେ ୬୦୦ ଉଇକେଟ୍ ଅକ୍ତିଆର କରିଥିଲେ। ସେହିଭଳି ୨୦୦୮ରେ କିମ୍ବଦନ୍ତୀ ଅଷ୍ଟ୍ରେଲିଆ ସନ୍ତରଣକାରୀ ମାଇକେଲ୍ ଫେଲପ୍ସ ଓ ତାଙ୍କ ରିଲେ ଟିମ୍ ଅଲିମ୍ପିକ୍ସରେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଜଣାଶୁଣା ଜାମାଇକା ସ୍ପ୍ରିଣ୍ଟର ଉସେନ ବୋଲ୍ଟ ମଧ ୨୦୧୩ରେ ଏହି ଦିନ ବିଶ୍ୱ ଚାମ୍ପିୟନଶିପ୍ ୧୦୦ ମିଟର୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ଫାଇନାଲରେ ହାରିଲେ ଫୋଗତ୍

ନୂଆଦିଲ୍ଲୀ, ୧୧।୮ (ପି.ଟି.): ଭାରତର ଶୀର୍ଷ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗତ୍ ବେଲାରୁଷର ମିନସ୍କଠାରେ ଚାଲିଥିବା ମେଦ୍‌ଭେଦ୍ ଇଭେଣ୍ଟର ୫୩ କେଜି ଶ୍ରେଣୀ ଫାଇନାଲରେ ପରାଜିତ ହୋଇଯାଇଛନ୍ତି। ରୁଷିଆର ଏନ୍. ମାଲିସେଭା ତାଙ୍କୁ ୧୦-୧ରେ ବୈଷୟିକ ଶ୍ରେଷ୍ଠତା ଭିତ୍ତିରେ ହରାଇ ଦେଇଥିଲେ। ଫଳରେ ଏସିଆନ ଗେମ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ଏହି ୨୪ ବର୍ଷୀୟା କୁସ୍ତିଯୋଦ୍ଧା କ୍ରମାଗତ ଚତୁର୍ଥ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ଭିନେଶ ନିକଟରେ ସ୍ପେନ୍ ଗ୍ରାଁ ପ୍ରି, ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ଏବଂ ପୋଲାଣ୍ଡ ଓପନ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

■ ୨୩ ବର୍ଷରୁ କମ୍ ପୁରୁଷ ଏସିଆନ ଭଲିବଲ୍

### ଭାରତ ରନର୍ସଅପ୍

ନେ ପାଇ ତାଓ (ମ୍ୟାନମାର୍), ୧୧।୮ (ପି.ଟି.): ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଏସିଆନ ଭଲିବଲ୍ ଚାମ୍ପିୟନଶିପ୍‌ରେ ଭାରତ ରନର୍ସ ଅପ୍ ହୋଇଛି। ମ୍ୟାଚ ପରେ ଭାରତୀୟ କୋଚ୍ ପ୍ରୀତମ ସିଂ ଚୌହାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ରବିବାର ଆମ ପାଇଁ ଭଲ ଦିନ ନ ଥିଲା। ଚାଇନିଜ ତାଇପେ ଫାଇନାଲ ମ୍ୟାଚକୁ ୨୫-୨୧, ୨୫-୨୦, ୧୯-୨୫, ୨୫-୨୩ରେ ଜିତିନେଇଥିଲା। ତେବେ ଫଳାଫଳ ନେଇ ମୁଁ ଗର୍ବିତ। ଆମେ ହୁଏତ ସ୍ୱର୍ଣ୍ଣ ସହ ଘରବାହୁଡ଼ା କରିପାରିଥାନ୍ତୁ କିନ୍ତୁ ରୌପ୍ୟ ମିଳିଲା। ଏଥିରେ ମଧ ମୁଁ ବହୁତ ଖୁସି। କାରଣ ଏହି ସ୍ଥାନରେ ପହଞ୍ଚିବା ଲାଗି ଆମ ପିଲାମାନେ କଠିନ ପରିଶ୍ରମ କରିଛନ୍ତି।



> ମାଞ୍ଚେଷ୍ଟର ସିଟି ବର୍ତ୍ତମାନ ଏତେ ଶକ୍ତିଶାଳୀ ଯେ, ଏହାର ଦ୍ୱିତୀୟ ପାହ୍ୟା ଦଳ ପ୍ରିମିୟର ଲିଗ୍ ଟାଇଟଲ ଜିତିପାରିବା ସାମର୍ଥ୍ୟ ରଖିଛି।
> –ଜୋସ୍ ମୋରିନୋ, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର



> ଭାରତୀୟ ଦଳରେ ଚତୁର୍ଥ ସ୍ଥାନ ପାଇଁ ମୋର ଦାବି ନାହିଁ, ଯେ କୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଅଛି।
> –ଶ୍ରେୟାସ ଆୟାର, କ୍ରିକେଟର

# ବିରାଟ କୋହଲିଙ୍କ ଶତକ

ପୋର୍ଟ-ଅଫ୍-ସ୍ପେନ, ୧୧।୮

ସ୍ଥାନୀୟ କୁଇନ୍ସପାର୍କ ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। କୋହଲିଙ୍କ ଶତକ ଏବଂ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୭୯ରନ ସଂଗ୍ରହ କରିଛି।

ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ୱେଷ୍ଟଇଣ୍ଡିଜ ୧୨.୫ ଓଭରରେ ୨ ଉଇକେଟ ହରାଇ ୫୫ ରନ ସଂଗ୍ରହ କରିଛି। କ୍ରିସ୍ ଗେଲ୍ ୨୪ ବଲ୍ ଖେଳି ୧ ଚୌକା ସହାୟତାରେ ୧୧ ଓ ଶାଇ ହୋପ୍ ୧୦ ବଲ୍‌ରୁ ୫ ରନ କରି ଆଉଟ ହୋଇଛନ୍ତି। ଏହି ଅବସରରେ ଗେଲ୍ କିମ୍ବଦନ୍ତୀ ଖେଳାଳି ବ୍ରାଏନ ଲାରାଙ୍କୁ ପଛରେ ପକାଇ ୱେଷ୍ଟଇଣ୍ଡିଜ ପକ୍ଷରୁ ସର୍ବାଧିକ ରନ ସଂଗ୍ରହକାରୀ ହୋଇଛନ୍ତି। ଲାରା ୧୦୩୪୮ ରନ ସଂଗ୍ରହ କରିଥିବାବେଳେ ଗେଲ୍‌ଙ୍କ ରନ ସଂଖ୍ୟା ୧୦୩୫୩ରେ ପହଞ୍ଚିଛି। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ତେବେ ଶିଖର ଧାୱନଙ୍କ କ୍ରମାଗତ ବିଫଳତା ଯୋଗୁ ଦଳ ୨ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଉଇକେଟ ଯୋଡ଼ିରେ ୭୪ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ଧିମା ଇନିଂସ ଖେଳିଥିବା ରୋହିତ ୩୪ ବଲ୍‌ରୁ ୨ ଚୌକା ସହାୟତାରେ ୧୮ ରନ କରି ଆଉଟ ହେବାରୁ ୧୫.୩ ଓଭର ବେଳକୁ ଭାରତ ସ୍କୋର ୭୬/୨ ହୋଇ ଯାଇଥିଲା। ୪ ନମ୍ବର ସ୍ଥାନରେ ରିଷଭ ପନ୍ତ ପୁଣି ବିଫଳ ହୋଇଥିଲେ। ସେ ୩୫ ବଲ୍‌ରୁ ୨ ଚୌକା ସହାୟତାରେ ୨୦ ରନ କରି ଆଉଟ ହୋଇଥିଲେ। କୋହଲି କିନ୍ତୁ ଘରୋଇ ବୋଲରଙ୍କୁ ସଫଳ ମୁକାବିଲା କରି ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ। ୧୧୨ ବଲ୍‌ରୁ ଶତକ ପୂରଣ କରିଥିବା ବିରାଟ ମୋଟ ୧୨୫ଟି ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହାୟତାରେ ୧୨୦ ରନ କରି ଆଉଟ ହୋଇଥିଲେ। ଶତକୀୟ ଇନିଂସ ଅବସରରେ ସେ ୪ର୍ଥ ଉଇକେଟ ଯୋଡ଼ିରେ ଶ୍ରେୟାସ ଆୟାରଙ୍କ ସହ ୧୨୫ ରନର ଭାଗୀଦାରି ଗଢ଼ି ଦଳକୁ ଏକ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଦିନିକିଆ କ୍ରିକେଟରେ ଏହାଥିଲା ତାଙ୍କର ୪୨ତମ ଶତକ। ସେହିପରି ଏଠାରେ ନିଜର ୮ମ ଦିନିକିଆ ଖେଳିଥିବା ଆୟାର ୱେଷ୍ଟଇଣ୍ଡିଜ ବୋଲରଙ୍କୁ ସଫଳ ମୁକାବିଲା କରି କ୍ୟାରିୟରର ୩ୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୬୮ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୭୧ ରନର ଇନିଂସ ଖେଳିଥିଲେ। ଶେଷ ଭାଗରେ କେଦାର ଯାଦବ(୧୬) ଓ ଭୁବନେଶ୍ୱର କୁମାର (୧) ବିଫଳ ହୋଇଥିବାବେଳେ ରବୀନ୍ଦ୍ର ଜାଡେଜା ୧୬ ଓ ମହମ୍ମଦ ସାମି ୩ ରନରେ ଅପରାଜିତ ରହିବାରୁ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୭୯ ରନ କରିବାକୁ ସକ୍ଷମ ହୋଇଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ କାର୍ଲୋସ ବ୍ରାଥ୍‌ୱେଟ ୩ଟି ଏବଂ ଶେଲଡନ କୋଟ୍ରେଲ, ଅଧିନାୟକ ଜାସନ ହୋଲ୍ଡର ଓ ରଷ୍ଟନ ଚେଜ୍ ଓ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଖୁସି ମନାଉଛନ୍ତି ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୨୭୯/୭(କୋହଲି-୧୨୦, ଆୟାର-୭୧, ବ୍ରାଥୱେଟ-୩/୫୩, କୋଟ୍ରେଲ-୧/୪୯, ହୋଲ୍ଡର-୧/୫୩, ଚେଜ୍-୧/୩୭)।

## କ୍ରିସ୍ ଗେଲ୍‌ଙ୍କ ୩୦୦ତମ ମ୍ୟାଚ




ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆରେ ରବିବାର ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ କ୍ୟାରିୟରର ୩୦୦ତମ ମ୍ୟାଚ ଖେଳିଛନ୍ତି। ମୁଁ କ୍ରିକେଟର ଏହି ଫର୍ମାଟକୁ ଖୁବ୍ ଭଲପାଏ। ସେଥିରେ ୩୦୦ ମ୍ୟାଚ ଖେଳିଥିବାରୁ ବହୁତ ଖୁସି। ମୁଁ କାନାଡ଼ାରେ ଗ୍ଲୋବାଲ ଟି୨୦ ଖେଳିବା ପରେ ଏହି ସିରିଜ ଖେଳୁଛି। ତେଣୁ ଟି୨୦ରୁ ଦିନିକିଆ ଫର୍ମାଟ ସହିତ ଯଥା ଶୀଘ୍ର ଖାପଖୁଆଇବାକୁ ଚେଷ୍ଟା କରୁଛି। ସାଇ ହୋପ୍, ଶିମରନ ହେଟମେର ଓ ନିକୋଲାସ ପୁରନଙ୍କ ପରି ଖେଳାଳି ୱେଷ୍ଟଇଣ୍ଡିଜର ଭବିଷ୍ୟତ। ମୁଁ ସେମାନଙ୍କୁ ଗାଇଡ୍ କରିବି ଏବଂ ୱେଷ୍ଟଇଣ୍ଡିଜ କ୍ରିକେଟର ଉନ୍ନତି ପାଇଁ ପ୍ରୟାସ ଜାରି ରଖିବି ବୋଲି ନିଜ ପ୍ରତିକ୍ରିୟାରେ ଗେଲ୍ ପ୍ରକାଶ କରିଛନ୍ତି। ୧୯୯୯ରେ ଟରଣ୍ଟୋଠାରେ ଗେଲ୍ ଭାରତ ବିପକ୍ଷରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ କରିଥିଲେ। ସଂଯୋଗବଶତଃ ସେହି ଭାରତ ବିପକ୍ଷରେ ହିଁ ସେ ୩୦୦ତମ ଦିନିକିଆ ଖେଳିବାକୁ ଯାଉଛନ୍ତି। ଏ କ୍ଷେତ୍ରରେ ୩୯ ବର୍ଷୀୟ ଗେଲ୍ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଲାରା ୧୯୯୦ରୁ ୨୦୦୭ ମଧରେ ୨୯୯ଟି ଦିନିକିଆ ଖେଳିଥିଲେ।

### ସର୍ବାଧିକ ଦିନିକିଆ ଖେଳିଥିବା ୱେଷ୍ଟଇଣ୍ଡିଜ ଖେଳାଳି

| ବ୍ୟାଟ୍ସମ୍ୟାନ୍ | ମ୍ୟାଚ୍ | ରନ୍ |
|---|---|---|
| କ୍ରିସ୍ ଗେଲ୍ | ୩୦୦ | ୧୦,୩୯୭ |
| ବ୍ରାଏନ ଲାରା | ୨୯୯ | ୧୦,୪୦୫ |
| ଶିବନାରିନ୍ ଚନ୍ଦ୍ରପଲ | ୨୬୮ | ୮୭୭୮ |
| ଡେଶମଣ୍ଡ ହେନ୍ସ | ୨୩୮ | ୮୬୪୮ |
| କାର୍ଲ ହୁପର୍ | ୨୨୭ | ୫୭୬୧ |

# ମିଆଁଦାଦ୍‌ଙ୍କ ରେକର୍ଡ ଭାଙ୍ଗିଲେ

ପୋର୍ଟ-ଅଫ୍-ସ୍ପେନ୍, ୧୧।୮ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ସର୍ବାଧିକ ରନ ସଂଗ୍ରହ କରିବାରେ ପାକିସ୍ତାନର ଜାଭେଦ ମିଆଁଦାଦ୍ କରିଥିବା ରେକର୍ଡକୁ ଭାରତ ଅଧିନାୟକ ବିରାଟ କୋହଲି ଭଙ୍ଗ କରିଦେଇଛନ୍ତି। ରବିବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ତାଙ୍କର ବ୍ୟକ୍ତିଗତ ସ୍କୋର ୧୯ରେ ପହଞ୍ଚିବା ବେଳେ ସେ ଏହି ସଫଳତା ହାସଲ କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ମିଆଁଦାଦ ମୋଟ ୧୯୩୦ ରନ ସଂଗ୍ରହ କରିଛନ୍ତି। କୋହଲି ୫ମ ଓଭରରେ ଜାସନ ହୋଲ୍‌ଡରଙ୍କ ବୋଲିଂରେ ଏକ ସିଙ୍ଗଲ୍ ନେଇ ମିଆଁଦାଦ୍‌ଙ୍କ ୨୬ ବର୍ଷ ତଳର ରେକର୍ଡକୁ ଭଙ୍ଗ କରି ଦେଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ କୋହଲିଙ୍କର ଏହା ୩୪ ତମ ଆନ୍ତର୍ଜାତୀୟ ଦିନିକିଆ ଥିବାବେଳେ ମିଆଁଦାଦ ୬୪ଟି ମ୍ୟାଚରେ ରେକର୍ଡର ଅଧିକାରୀ ହୋଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ରନ ସଂଗ୍ରହ କରିବା ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି ଅଷ୍ଟ୍ରେଲିଆର ମାର୍କ ୱ (୪୭ ମ୍ୟାଚ୍‌ରୁ ୧୭୦୮)। ଏହା ପଛକୁ ଯଥାକ୍ରମେ ରହିଛନ୍ତି ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଜ୍ୟାକ୍ସ କାଲିସ (୪୦ ମ୍ୟାଚ୍‌ରୁ ୧୬୬୬ ରନ) ଏବଂ ପାକିସ୍ତାନର ରମିଜ ରାଜା (୫୩ ବଲ୍‌ରୁ ୧୬୨୪ରନ)।



ଜାପାନ ଗସ୍ତ ପୂର୍ବରୁ ଭାରତୀୟ ମହିଳା ହକି ଦଳର ଖେଳାଳିମାନେ।

■ ଟୋକିଓ ଅଲିମ୍ପିକ ଟେଷ୍ଟ ଇଭେଣ୍ଟ ହକି

# ଭାରତୀୟ ଦଳର ଅଭିଯାନ ୧୭ରୁ

ବେଙ୍ଗାଲୁରୁ,୧୧।୮(ପି.ଟି.)

ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଅଂଶଗ୍ରହଣ କରିବାରକୁ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଜାପାନ ଯାତ୍ରା କରିଛନ୍ତି। ଏହି ଇଭେଣ୍ଟ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଆଗକୁ ନଭେମ୍ବରରେ ଅଲିମ୍ପିକ କ୍ୱାଲିଫାୟର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଫଳରେ ପ୍ରସ୍ତୁତି ପାଇଁ ଏହି ଇଭେଣ୍ଟ ଭାରତୀୟ ପୁରୁଷ ଓ ମହିଳା ଦଳ ଲାଗି ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଭାରତୀୟ ପୁରୁଷ ଦଳ ଆୟୋଜକ ଜାପାନ, ନ୍ୟୁଜିଲାଣ୍ଡ ଓ ମାଲେସିଆ ବିପକ୍ଷରେ ଏହି ଟୁର୍ନାମେଣ୍ଟରେ ମ୍ୟାଚ୍ ଖେଳିବ। ସେହିପରି ମହିଳା ଦଳ ଅଷ୍ଟ୍ରେଲିଆ, ଚାଇନା ଓ ଜାପାନ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହି ଟୁର୍ନାମେଣ୍ଟ ଯୁବ ଖେଳାଳିମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଖେଳାଳିମାନେ ଅଭ୍ୟାସ କରିବାର ସୁଯୋଗ ପାଇବେ ଏବଂ ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଦଳ ଚୟନ ପୂର୍ବରୁ ନିଜର ଦକ୍ଷତା ଓ ପ୍ରତିଭା ପ୍ରତିପାଦନ କରିବାର ସୁଯୋଗ ପାଇବେ ବୋଲି ଭାରତୀୟ ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି। କେବଳ ସେତିକି ନୁହଁ, ଖେଳାଳିମାନେ ଟୋକିଓରେ ଖେଳିବାର ଅଭିଜ୍ଞତା ହାସଲ କରିବେ ଓ ସେଠାକାର ପ୍ଲେଇଂ କଣ୍ଡିଶନ ସହ ଖାପ ଖୁଆଇବାର ସୁଯୋଗ ପାଇବେ। ଅଲିମ୍ପିକ୍ କ୍ୱାଲିଫିକେଶନ ପାଇଁ ଆମେ ସକାରାତ୍ମକ ଭାବେ କାର୍ଯ୍ୟ ଆରମ୍ଭ କରିଛୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଏହି ଟୁର୍ନାମେଣ୍ଟରେ ଉଚ୍ଚ ର୍‌ୟାଙ୍କ୍‌ର ଦଳ ଅଷ୍ଟ୍ରେଲିଆକୁ ହରାଇବା ଲକ୍ଷ୍ୟରେ ରହିଛୁ ବୋଲି ଭାରତୀୟ ମହିଳା ଦଳ ଅଧିନାୟିକା ରାନୀ କହିଛନ୍ତି। ପୂର୍ବରୁ ଆମେ ଜାପାନ ଓ ଚାଇନା ବିପକ୍ଷରେ ଭଲ ପ୍ରଦର୍ଶନ କରିଛୁ। ତେବେ ଏଥର ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛୁ। ଅଷ୍ଟ୍ରେଲିଆକୁ ହରାଇଲେ ଆମ ଦଳ ଓ ଖେଳାଳିଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଏବଂ ଅଲିମ୍ପିକ୍ କ୍ୱାଲିଫିକେଶନ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବୁ ବୋଲି ସେ କହିଛନ୍ତି। ପୁରୁଷ ଦଳ ପ୍ରଥମ ମ୍ୟାଚ୍‌ରେ ମାଲେସିଆ ଓ ମହିଳା ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଜାପାନକୁ ଭେଟିବ। ୧୭ ତାରିଖରେ ପ୍ରଥମ ମ୍ୟାଚ୍ ଖେଳି ପୁରୁଷ ଓ ମହିଳା ଦଳ ଅଭିଯାନ ଆରମ୍ଭ କରିବେ।

# ଥାଇଲାଣ୍ଡ ମହିଳା କ୍ରିକେଟ ଦଳର ବିଶ୍ୱରେକର୍ଡ

ଦୁବାଇ, ୧୧।୮(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟରେ ବିଶେଷ ଜଣାଶୁଣା ନ ଥିବା ଥାଇଲାଣ୍ଡ ମହିଳା କ୍ରିକେଟ ଦଳ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଛି। କ୍ରମାଗତ ୧୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଜିତି ଥାଇଲାଣ୍ଡ ଦଳ ଏହି ସଫଳତା ଅର୍ଜନ କରିଛି। ନେଦରଲାଣ୍ଡ୍ସରେ ଚାଲିଥିବା ୪ ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଥାଇଲାଣ୍ଡ ଶନିବାର ୮ ଉଇକେଟରେ ଘରୋଇ ଦଳକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ଇନିଂସକୁ ୫୪ ରନରେ ସୀମିତ ରଖିଥିବା ଥାଇଲାଣ୍ଡ ୮ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଅନ୍ୟ ଦୁଇ ଦଳ ହେଲେ ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ। ପୂର୍ବରୁ ଟି୨୦ ଅନ୍ତର୍ଜାତୀୟରେ କ୍ରମାଗତ ସର୍ବାଧିକ ମ୍ୟାଚ ଜିତିବା ରେକର୍ଡ ଅଷ୍ଟ୍ରେଲିଆ ନାମରେ ଥିଲା। ୨୦୧୪ ମାର୍ଚ୍ଚରୁ ୨୦୧୫ ଅଗଷ୍ଟ ମଧରେ ଏହି ଦଳ ସର୍ବାଧିକ ୧୬ଟି ମ୍ୟାଚ ଜିତି ପାରିଥିଲା। ଅନ୍ୟ ୩ଟି ଦଳ କ୍ରମାଗତ ୧୦ରୁ ଉର୍ଦ୍ଧ୍ୱ ମ୍ୟାଚ ଲଗାତର ଜିତିଛନ୍ତି। ଇଂଲଣ୍ଡ ଓ ଜିମ୍ବାୱେ ୧୪ଟି ଲେଖାଏ ଏବଂ ନ୍ୟୁଜିଲାଣ୍ଡ ୧୨ଟି ମ୍ୟାଚ ଜିତିଛି। ୨୦୧୮ରୁ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ମଧ କ୍ରମାଗତ ୧୨ଟି ମ୍ୟାଚ ଜିତି ସାରିଛି। ଆଇସିସି ବିଶ୍ୱ ଟି୨୦ ବିଶ୍ୱକପ ଅବସରରେ ଏହି ଦଳର ବିଜୟଧାରା ଆଗକୁ ବଢ଼ିବା ସମ୍ଭାବନା ରହିଛି। ସେହିପରି କ୍ରମାଗତ ୧୪ ମ୍ୟାଚ ଜିତିସାରିଥିବାରୁ ଜିମ୍ବାୱେ ନିକଟରେ ମଧ ଥାଇଲାଣ୍ଡ ରେକର୍ଡ ଭାଙ୍ଗିବା ସୁଯୋଗ ରହିଛି। ୨୦୧୮ ଜୁଲାଇରୁ ଥାଇଲାଣ୍ଡର ବିଜୟ ଧାରା ଆରମ୍ଭ ହୋଇଛି। ସେତେବେଳେ ଏହି ଦଳ ୟୁନାଇଟେଡ ଆରବ ଏମିରେଟ୍ସକୁ ୭ ଉଇକେଟରେ ପରାସ୍ତ କରିଥିଲା। କ୍ରମାଗତ ବିଜୟରେ ବିଶ୍ୱରେକର୍ଡ ପଥରେ ଥାଇଲାଣ୍ଡ ସର୍ବାଧିକ ୟୁଏଇକୁ ୩ ଥର ପରାସ୍ତ କରିଛି।




ଥାଇଲାଣ୍ଡ ମହିଳା କ୍ରିକେଟ୍ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୨, ୨୦୧୯



“ ଆଣ୍ଠୁରେ ଦ୍ୱିତୀୟ ଥର ଅସ୍ତ୍ରୋପଚାର ନିଷ୍ପତ୍ତି କଷ୍ଟକର ଥିଲା, କାରଣ ମୋତେ କିଛି ମାସ ଖେଳରୁ ଅବ୍ୟାହତି ନେବାକୁ ପଡ଼ିବା।
–ସୁରେଶ ରାଇନା, ଭାରତୀୟ ବ୍ୟାଟ୍ସମ୍ୟାନ



“ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଏବଂ ମୋତେ ନେଇ ଭାରତର ନୂଆ ଡବଲ୍ସ ଯୋଡ଼ି କରିବାରେ କୋଚ୍ ତାନ୍ କିମ୍ ହର୍‌ଙ୍କ ଭୂମିକା ରହିଛି।
–ଚିରାଗ୍ ଶେଟ୍ଟି, ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଭାରତୀୟ ଯୁବ ଦଳ ଜିତିଲା ତ୍ରି-ରାଷ୍ଟ୍ରୀୟ ସିରିଜ

**ଲଣ୍ଡନ, ୧୧।୮:** ଭାରତୀୟ ଯୁବ କ୍ରିକେଟ୍ ଦଳ ୧୯ ବର୍ଷରୁ କମ୍ ତ୍ରି-ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ହୋଭେସ୍ଥିତ କାଉଣ୍ଟି ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଯୁବ ଦଳ ୬ ଉଇକେଟ୍‌ରେ ବାଂଲାଦେଶ ଯୁବ କ୍ରିକେଟ୍ ଦଳକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ବାଂଲାଦେଶ ଯୁବ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୨୬୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ମହମ୍ମଦୁଲ ହାସନ ଜୟ ୧୩୪ ବଲରୁ ୧୦୯ ରନର ଶତକୀୟ ଇନିଂସ ଖେଳିଥିଲେ। ଓପନର୍ ପରଭେଜ ହୁସେନ ଏମନ୍‌୬୦ ଓ ଶାମିମ ହୋସେନ ୩୨ ରନ କରିଥିଲେ। ଭାରତୀୟ ଯୁବ ଦଳ ପକ୍ଷରୁ କାର୍ତ୍ତିକ ତ୍ୟାଗୀ ଓ ସୁଶାନ୍ତ ମିଶ୍ର ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତୀୟ ଯୁବ ଦଳ ୪ଟି ଅର୍ଦ୍ଧଶତକ ସହାୟତାରେ ୮ ବଲ ପୂର୍ବରୁ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେବା ସହ ଚାମ୍ପିୟନ ବିବେଚିତ ହୋଇଥିଲା। ଆଗଧାଡ଼ିର ୩ ବ୍ୟାଟ୍ସମ୍ୟାନ ଯଶଭି ଜୟସ୍ୱାଲ (୫୦), ଦିବ୍ୟାଂଶ ସକ୍ସେନା (୫୫), ଅଧିନାୟକ ପ୍ରିୟଙ୍କ ଗର୍ଗ (୭୩) ଓ ୫ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଉଇକେଟ୍‌କିପର ଧ୍ରୁବ ଜୁରେଲ ଅପରାଜିତ (୫୯) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।

### ହାଇଦ୍ରାବାଦ ଓପନ୍ ଟାଇଟଲ ଜିତିଲେ ସୌରଭ



**ହାଇଦ୍ରାବାଦ,୧୧।୮(ପି.ଟି.):** ଜାତୀୟ ଚାମ୍ପିୟନ ସୌରଭ ବର୍ମା ଏଠାରେ ଅନୁଷ୍ଠିତ ହୋଇଥିବା ହାଇଦ୍ରାବାଦ ଓପନ ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୨୬ ବର୍ଷୀୟ ସୌରଭ ସିଙ୍ଗାପୁରର ଲୋହ କିଏନ ୟେଙ୍କୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଗତ ମେ’ରେ ସ୍ଲୋଭେନିଆରେ ଟାଇଟଲ ଜିତିଥିବା ମଧ୍ୟପ୍ରଦେଶର ସୌରଭ ଟାଇଟଲ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱର ୪୪ ନମ୍ବର ଖେଳାଳି କିଏନ ୟେଙ୍କୁ ମାତ୍ର ୫୨ ମିନିଟ୍‌ରେ ୨୧-୧୩, ୧୪- ୨୧, ୨୧-୧୬ରେ ପରାସ୍ତ କରିଥିଲେ। ସ୍ଥାନୀୟ ଗାଚିବେଲି ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ଗେମ୍‌ରେ ବିଜୟୀ ହୋଇଥିଲେ ମଧ ସୌରଭ ଦ୍ୱିତୀୟ ଗେମ୍‌ରେ ପରାସ୍ତ ହୋଇଥିଲେ। ତେବେ ତୃତୀୟରେ ସୌରଭ ତ୍ରୁଟି ସୁଧାରି ମ୍ୟାଚ୍ ହାତେଇ ନେଇଥିଲେ। ସୌରଭ ଗତ ବର୍ଷ ଡଚ୍ ଓପନ୍ ଓ ରୁଷିଆନ ଓପନ୍‌ରେ ବାଜି ମାରି ଦୁଇଟି ସୁପର ୧୦୦ ଟାଇଟଲ ଜିତିଥିଲେ।

### ହରିୟାଣା ଷ୍ଟିଲର୍ସ ବିଜୟୀ

**ଅହମ୍ମଦାବାଦ୍, ୧୧।୮:** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ୭ମ ସଂସ୍କରଣରେ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ହରିୟାଣା ଷ୍ଟିଲର୍ସ ୩ ପଏଣ୍ଟ ବ୍ୟବଧାନରେ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଷ୍ଟିଲର୍ସ ୩୩ ପଏଣ୍ଟ ଓ ବେଙ୍ଗାଲୁରୁ ୩୦ ପଏଣ୍ଟ କରିଥିଲା। ବିଜୟୀ ଦଳ ପକ୍ଷରୁ ବିକାଶ କାଣ୍ଡୋଲା ସର୍ବାଧିକ ୧୧ ରାଇଡ୍ ପଏଣ୍ଟ ସଂଗ୍ରହ କରିଥିଲେ। ବେଙ୍ଗାଲୁରୁର ପବନ ସେରାୱତ୍ ସମାନ ସଂଖ୍ୟକ ପଏଣ୍ଟ କରିଥିଲେ ମଧ ଦଳକୁ ଜିତାଇବାରେ ସମର୍ଥ ହୋଇପାରି ନ ଥିଲେ।

# ପ୍ରିୟଙ୍କା, ରାଜେଶ ‘କ୍ରିକେଟର ଅଫ୍ ଦି ଇୟର’

**ଭୁବନେଶ୍ୱର, ୧୧।୮(କ୍ରୀଡ଼ା ପ୍ରତିନିଧି)**

ଜଣାଶୁଣା କ୍ରିକେଟ କ୍ଲବ ସହିଦ ସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ବାର୍ଷିକ କ୍ରୀଡ଼ା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି। ରାଜ୍ୟର ଦୁଇ ସଫଳ କ୍ରିକେଟର ରାଜେଶ ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁଙ୍କୁ ସହିଦ ସ୍ପୋର୍ଟିଂ- ମାରୁତି ଇଷ୍ଟେଟ ଇଣ୍ଡିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୮-୧୯ ସିଜନରେ ରଣଜୀ ଟ୍ରଫିରେ ସଫଳ ପ୍ରଦର୍ଶନ କରିଥିବା ରାଜେଶଙ୍କୁ ୨୭ତମ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ରାଜେଶ ଦୁଲୀପ ଟ୍ରଫି ଖେଳିବାକୁ ଯାଇଥିବାରୁ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ତାଙ୍କ କୋଚ୍ ତଥା ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଗତ ସିଜନରେ ସଫଳ ପ୍ରଦର୍ଶନ ପାଇଁ ପ୍ରିୟଙ୍କାଙ୍କୁ ଷଷ୍ଠ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ଉଭୟଙ୍କୁ ସ୍ୱତନ୍ତ୍ର ଟ୍ରଫି ସହ ବ୍ଲେଜର ଓ ୩୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। କ୍ରୀଡ଼ା ପୁରସ୍କାର ପ୍ରାୟୋଜକ ମାରୁତି ଇଷ୍ଟେଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ସମାରୋହକୁ ସମ୍ମିତ ମହାପାତ୍ର ସଂଯୋଜନା କରିଥିଲେ।

ରାଜ୍ୟର କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରଦାନ କରାଯାଇ ଆସୁଥିବା ଏହି ପୁରସ୍କାର ୧୯୯୨-୯୩ ସିଜନରୁ ଆରମ୍ଭ ହୋଇଥିଲା। ରଞ୍ଜୀବ ବିଶ୍ୱାଳ, ପି. ଜୟଚନ୍ଦ୍ର, ରଶ୍ମିରଞ୍ଜନ ପରିଡ଼ା, ପ୍ରଶାନ୍ତ ମହାପାତ୍ର, ଦେବାଶିଷ ମହାନ୍ତି, ପ୍ରଭଞ୍ଜନ ମଲିକ, ଶିବସୁନ୍ଦର ଦାସ, ସଞ୍ଜୟ ଶତପଥୀ, ବି.ବି.ସି.ସି. ମହାପାତ୍ର, ଦୀପକ ମଙ୍ଗରାଜ, ବସନ୍ତ ମହାନ୍ତି, ଧୀରଜ ସିଂ, ବିପ୍ଳବ ସାମନ୍ତରାୟ, ନଟରାଜ ବେହେରା, ଦୀପକ ବେହେରା, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କୁ ପୂର୍ବରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ କେତେକ କ୍ରିକେଟର ଏହି ପୁରସ୍କାର ଏକାଧିକ ଥର ହାସଲ କରିଛନ୍ତି। ସେହିପରି ୨୦୧୩-୧୪ରେ ପ୍ରଥମ କରି ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବା ଧାରା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ମାଧୁରୀ ମେହେଟ୍ଟା, ସ୍ୱାଗତିକା ରଥ, ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ଼ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଏହି ପୁରସ୍କାର ପାଇ ସାରିଛନ୍ତି। କ୍ରୀଡ଼ା ଖବରଦାତା ସନାତନ ପାଣି, ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସମ୍ମିତ ମହାପାତ୍ର, ସମୀକ୍ଷା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର ଓ ସମୀର ରାଉତ୍, ପ୍ରାୟୋଜକ ଜିତେନ୍ଦ୍ର ପ୍ରସାଦ ସିଂ ଓ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଜୁରି କମିଟି ପୁରସ୍କାର ପାଇଁ ରାଜେଶ ଓ ପ୍ରିୟଙ୍କାଙ୍କ ନାମ ଚୟନ କରିଥିଲା।



କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ବିଜେତାଙ୍କ ସହ ଅତିଥିମାନେ ।

## ‘କ୍ରମାଗତ ଭଲ ପ୍ରଦର୍ଶନର ଫଳ’

“ଏହି ପୁରସ୍କାର ପାଇଁ ଚୟନ କରାଯାଇଥିବାରୁ ମୁଁ ବହୁତ ଖୁସି। ମୁଁ ସିନିୟର ସ୍ତରରେ ଖେଳିବା ଆରମ୍ଭ କରିବା ଦିନଠାରୁ ବିଶେଷ କରି ଗତ ୩-୪ ବର୍ଷ ଧରି ଲଗାତର ଭଲ ପ୍ରଦର୍ଶନ କରି ଆସୁଥିବାରୁ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇପାରିବି ବୋଲି ଆଶାବାଦୀ ଥିଲି। ଏ ବର୍ଷ ଏହି ପୁରସ୍କାର ପାଇଥିବାରୁ ମୁଁ ଆୟୋଜକଙ୍କୁ ଧନ୍ୟବାଦ ଜଣାଉଛି। ୨୦୧୮-୧୯ ସିଜନରେ ମୁଁ ଟି୨୦ ଫର୍ମାଟରେ ସର୍ବଭାରତୀୟ ସ୍ତରରେ ସର୍ବାଧିକ ଉଇକେଟ ହାସଲ କରିଥିଲି। ଏକଦିବସୀୟରେ ଓଡ଼ିଶା ବୋଲରଙ୍କ ମଧ୍ୟରୁ ମୁଁ ସର୍ବାଧିକ ଉଇକେଟ ନେଇଥିଲି। ଏହିସବୁ ପ୍ରଦର୍ଶନ ଯୋଗୁ ମୋତେ ଜୁରି କମିଟି ଚୟନ କରିଥିବା ଅନୁଭବ କରୁଛି” ବୋଲି ସହିଦ ସ୍ପୋର୍ଟିଂ- ମାରୁତି ଇଷ୍ଟେଟ ଇଣ୍ଡିଆ ମହିଳା କ୍ରିକେଟର ଅଫ ଦି ଇୟର ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରକାଶ କରିଛନ୍ତି ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ। ।ମୁଁ ଜାଗୃତି କ୍ରିକେଟ ଏକାଡେମୀରେ କୋଚ୍ କ୍ଷୀରୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛି। ଆଗାମୀ ଅକ୍ଟୋବରରୁ କ୍ରିକେଟ ସିଜନ ଆରମ୍ଭ ହୋଇଯିବ। ତେଣୁ ତା ପୂର୍ବରୁ ଆମେ ନିଜକୁ ଫିଟ୍ ରଖିବା ସହିତ ନିଜ କୋଚ୍‌ଙ୍କ ଅଧୀନରେ ଅଭ୍ୟାସ ଆରମ୍ଭ କରି ଦେଇଛୁ। ବର୍ଷା ଯୋଗୁ ଯଦିଓ ଏହା ସାମାନ୍ୟ ବାଧାପ୍ରାପ୍ତ ହେଉଛି, ତେବେ ଯଥାସମ୍ଭବ ଆମେ ଅଭ୍ୟାସ ଜାରି ରଖିଛୁ ବୋଲି ୨୦୦୮ ଓଡ଼ିଶା ପାଇଁ ସିନିୟର ସ୍ତରରେ ଖେଳି ଆସିଥିବା ପ୍ରିୟଙ୍କା ପ୍ରକାଶ କରିଛନ୍ତି। ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ବାସିନ୍ଦା ପ୍ରିୟଙ୍କା କୋଚ୍ କ୍ଷୀରୋଦ ବେହେରା ଏବଂ ମା’ ଗୌରୀ ସାହୁ ଓ ପିତା କିଶୋର ଚନ୍ଦ୍ର ସାହୁଙ୍କୁ ନିଜ ସଫଳତାର ଶ୍ରେୟ ଦେଇଛନ୍ତି।

■ ବୁଲ୍‌ଗେରିଆନ ଓପନ୍ ବ୍ୟାଡ୍‌ମିଣ୍ଟନ

# ଭାରତକୁ ୩ ସ୍ୱର୍ଣ୍ଣ ସହ ୬ ପଦକ

**ପାଜାର୍ଡଝିକ୍ (ବୁଲ୍‌ଗେରିଆ ), ୧୧।୮ (ପି.ଟି.)**

ବୁଲ୍‌ଗେରିଆନ ଜୁନିୟର ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ ସହ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୨ ବ୍ରୋଞ୍ଜ ସହ ମୋଟ ୬ଟି ପଦକ ଜିତିଛନ୍ତି। ମହିଳା ସିଙ୍ଗଲ୍ସ କାଟେଗୋରିରେ ସାମିୟା ଇମାଦ୍ ଫାରୁକି ରୁଷିଆର ଆନାସ୍ତାସିଆ ଶାପୋଭାଲୋଭାଙ୍କୁ ୯-୨୧, ୨୧-୧୨, ୨୨-୨୦ରେ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ଏଡ୍‌ଭିନ ଜୟ ଓ ଶ୍ରୁତି ମିଶ୍ର ଯୋଡ଼ି ଦ୍ୱିତୀୟ ସିଡ୍ ବ୍ରିଟିଶ ଯୋଡ଼ି ବ୍ରାଣ୍ଡନ ଝି ହାଓ ଓ ଆବିଗେଲ୍ ହାରିସଙ୍କୁ ୨୧-୧୪, ୨୧-୧୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ତନିଶା କ୍ରାଷ୍ଟୋ ଏବଂ ଅଦିତି ଭଟ୍ଟ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଯୋଡ଼ି ଫାଇନାଲରେ ଟପ୍ ସିଡ୍ ବେଲ୍‌ଜିୟମ୍ ଏର୍ସେଟିନ୍ ଓ ଜେହରା ଏର୍ଡଫିମ୍‌ଙ୍କୁ ୨୧-୧୫, ୧୮-୨୧ ୨୧-୧୮ରେ ହରାଇ ଦେଇଛନ୍ତି। ପୁରୁଷ ଡବଲ୍ସ ଯୋଡ଼ି ଈଶାନ୍ତ ଭଟ୍ଟନାଗର ଏବଂ ବିଷ୍ଣୁବର୍ଦ୍ଧନ ଫାଇନାଲରେ ବ୍ରିଟିଶ ଯୋଡ଼ି ୱିଲିୟମ ଜୋନ୍ସ ଏବଂ ବ୍ରାଣ୍ଡନ ଝି ହାଓଙ୍କଠାରୁ ୧୯-୨୧, ୧୮-୨୧ରେ ପରାସ୍ତ ହେବା ଦ୍ୱାରା ରୌପ୍ୟ ପାଇଥିଲେ। ଅନ୍ୟ ସିଙ୍ଗଲ୍ସ ଇଭେଣ୍ଟଗୁଡ଼ିକରେ ମାଳବିକା ବନ୍‌ସୋଡ୍ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଆନାସ୍ତାସିଆ ଶାପୋଭାଲୋଭାଙ୍କଠାରୁ ୧୩-୨୧, ୧୫-୨୧ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମିରାବା ଲୁୱାଙ୍ଗ ରୁଷିଆର ଗେଓର୍ଗି କାପରୋଭଙ୍କଠାରୁ ୧୯-୨୧, ୨୧-୧୨, ୧୮-୨୧ରେ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି।



ପ୍ରୋ-କବାଡ଼ି ଲିଗ୍‌ରେ ରବିବାର ହରିୟାଣା ଷ୍ଟିଲର୍ସ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

# ଭେନ୍ୟୁ ସ୍ଥାନାନ୍ତର ପାଇଁ ରାଜି ହେଉନି ପାକିସ୍ତାନ

**ଡେଭିସ କପ୍**

**କରାଚୀ, ୧୧।୮ (ପି.ଟି.)**

ପାକିସ୍ତାନ ବିପକ୍ଷରେ ଖେଳାଯିବାକୁଥିବା ଡେଭିସ୍ କପ୍ ଏସିଆ/ଓସେନିଆ ଗ୍ରୁପ୍-୧ ମ୍ୟାଚ୍ ଏକ ନିରପେକ୍ଷ ଭେନ୍ୟୁରେ କରିବା ଲାଗି ଭାରତ କରିଥିବା ଅନୁରୋଧକୁ ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ପ୍ରତ୍ୟାଖ୍ୟାନ କରିଛି। ଏହି ମ୍ୟାଚ ସେପ୍ଟେମ୍ବର ୧୪ ଓ ୧୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପିଟିଏଫ୍ ମୁଖ୍ୟ ସଲିମ ସଇଫୁଲ୍ଲା କହିଛନ୍ତି, ମ୍ୟାଚ ଖେଳାଯିବା ଲାଗି ଇସ୍‌ଲାମାବାଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସମସ୍ତ ପ୍ରକାର ଆୟୋଜନ ହୋଇଛି। ଭାରତୀୟ ଖେଳାଳିମାନେ ଅସୁରକ୍ଷିତ ଅନୁଭବ କରିବେ ବୋଲି ମୋର ଆଦୌ ମନେ ହେଉନାହିଁ। ଭାରତ ସରକାର ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିଛନ୍ତି, ଯଦ୍ୱାରା ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ମାନ୍ୟତା ହରାଇଛି। ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଫଳରେ ଏହି ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଡେଭିସ କପ୍‌କୁ ଏକ ନିରପେକ୍ଷ ଭେନ୍ୟୁରେ କରାଇବା ଲାଗି, ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଏଟିଏଫ୍)କୁ ଅନୁରୋଧ କରିବ ବୋଲି ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) କହିଛି। କିନ୍ତୁ ସଇଫୁଲ୍ଲା କହିଛନ୍ତି, ଇସ୍‌ଲାମାବାଦ ଏକ ସୁରକ୍ଷିତ ସହର। ତେଣୁ ଭାରତୀୟ ଟେନିସ ଖେଳାଳି ଲାଗି କୌଣସି ଅସୁବିଧା ରହିବ ନାହିଁ। ଟିମ୍ ରହିବାକୁ ଥିବା ହୋଟେଲଠାରୁ ଆରମ୍ଭ କରି ଭେନ୍ୟୁ ପର୍ଯ୍ୟନ୍ତ ଉଚ୍ଚସ୍ତରୀୟ ନିରାପତ୍ତା ବ୍ୟବସ୍ଥା କରାଯାଇଛି। ସେମାନେ ଯଦି ଚାହିଁବେ ତେବେ ମ୍ୟାଚ ବେଳେ ଦର୍ଶକମାନଙ୍କୁ ମଧ ଅନୁମତି ଦିଆଯିବ ନାହିଁ। ସଇଫୁଲ୍ଲା ପୁଣି ଦର୍ଶାଇଛନ୍ତି, ଆମେ ବହୁ ବର୍ଷ ବ୍ୟବଧାନରେ ଡେଭିସ୍ କପ୍ ଆୟୋଜନ କରିବାକୁ ଯାଉଛୁ। ଦେଶରେ ଟେନିସ୍ ଖେଳର ପ୍ରସାର ଏବଂ ରାଜସ୍ୱ ଆୟ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଅପରପକ୍ଷରେ ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ଏକ ନିରପେକ୍ଷ ଭେନ୍ୟୁରେ କରାଇବା ବ୍ୟବସ୍ଥା ପାଇଁ ଭାରତୀୟ ଟେନିସ ଫେଡେରେଶନ ଖେଳର ବିଶ୍ୱ ପରିଚାଳନା ପରିଷଦକୁ ଅନୁରୋଧ କରିବ ବୋଲି ଶନିବାର ସ୍ପଷ୍ଟ କରିଛି। ଦୁଇ ପଡୋଶୀ ଦେଶ ମଧ୍ୟରେ ବର୍ତ୍ତମାନ ଯେଉଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି, ମ୍ୟାଚକୁ ନିରପେକ୍ଷ ଭେନ୍ୟୁରେ ଖେଳାଯିବା ଯଥାର୍ଥ ବୋଲି ଭାରତ କହିଛି। ପାକିସ୍ତାନରେ ମ୍ୟାଚ ଖେଳାଯିବା ଲାଗି ଅନୁକୂଳ ପରିବେଶ ନାହିଁ ବୋଲି ଆମର ହୃଦ୍‌ବୋଧ ହୋଇଛି। ଆମ ପାଇଁ ଏକ ନିରପେକ୍ଷ ଭେନ୍ୟୁର ବ୍ୟବସ୍ଥା ପାଇଁ ଆମେ ସୋମବାର ଆଇଟିଏଫ୍‌କୁ ଏକ ଚିଠି ଲେଖିବୁ ବୋଲି ଏଆଇଟିଏ ସାଧାରଣ ସମ୍ପାଦକ ହିରଣମୟ ଚାଟ୍ଟାର୍ଜୀ ସୂଚନା ଦେଇଛନ୍ତି।

# ଆଥ୍‌ଲେଟ୍‌ଙ୍କ ପାଇଁ ନ୍ୟୁଟ୍ରିଷ୍ଟ, ସେଫ୍ ନିଯୁକ୍ତ କରିବ ସାଇ

**ନୂଆଦିଲ୍ଲୀ, ୧୧।୮ (ପି.ଟି.)**

ପ୍ରଥମଥର ପାଇଁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ଟପ୍ ଆଥ୍‌ଲେଟ୍‌ଙ୍କ ପାଇଁ ପୋଷଣ ବିଶେଷଜ୍ଞ, ସେଫ୍ (ମୁଖ୍ୟ ପାଚକ) ଓ ମ୍ୟାନେଜର ନିଯୁକ୍ତ କରିବାକୁ ଯାଉଛି। ଆଥ୍‌ଲେଟ୍‌ଙ୍କ ପାଇଁ ବ୍ୟକ୍ତିଗତ ଆହାର ପ୍ରଦାନ ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଦିଲ୍ଲୀ, ପଟିଆଲା, ବେଙ୍ଗାଲୁରୁ, ଥିରୁଭାନନ୍ତପୁରମ, କୋଲକାତା, ଭୋପାଳ, ଗାନ୍ଧୀନଗର, ଲକ୍ଷ୍ନୌ, ଇମ୍ଫାଲ, ଗୁଆହାଟୀ, ମୁମ୍ବାଇ, ସୋନେପତ୍, ଔରଙ୍ଗାବାଦ, ରୋହତକ୍ ଓ ଆଲେପ୍ପୀଠାରେ ରହିଥିବା ସାଇର ସେଣ୍ଟର ଗୁଡ଼ିକରେ ଏହି ବ୍ୟକ୍ତିଗତ ଆହାର ସୁବିଧା ପ୍ରଦାନ କରାଯିବ। ପୋଷଣ ବିଶେଷଜ୍ଞ, ସହାୟକ ପୋଷଣ ବିଶେଷଜ୍ଞ, ସେଫ୍, ଆସିଷ୍ଟାଣ୍ଟ ସେଫ୍, ମେସ୍ ମ୍ୟାନେଜର ପଦବୀ ପାଇଁ ସାଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ସେପ୍ଟେମ୍ବର ୧୫ ସୁଦ୍ଧା ନିଯୁକ୍ତି ପ୍ରଦାନ ନେଇ ସମୟ ନିର୍ଦ୍ଧାରିତ କରାଯାଇଛି। ଦରମା ବାବଦକୁ ସେଫ୍ ଓ ପୋଷକ ବିଶେଷଜ୍ଞଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିବ। ନୂତନ ପ୍ରଣାଳୀ ଅନୁଯାୟୀ ଟ୍ରେନିଂ ଦେଉଥିବା କୋଚ୍ ଓ ସ୍ପୋର୍ଟ୍ସ ସାଇନ୍ସ ଏକ୍ସପର୍ଟଙ୍କ ପରାମର୍ଶ ଅନୁଯାୟୀ ପୋଷଣ ବିଶେଷଜ୍ଞ ପ୍ରତ୍ୟେକ ଆଥ୍‌ଲେଟ୍‌ଙ୍କୁ ବୟସ ଓ ବର୍ଗ ଅନୁଯାୟୀ ଆହାର ପ୍ରଦାନ କରିବେ। ଆଥ୍‌ଲେଟ୍‌ଙ୍କୁ ସବୁଠାରୁ ଅଧିକ ଗୁଣବତ୍ତାର ଖାଦ୍ୟ ପ୍ରଦାନ ନେଇ ପୋଷଣ ବିଶେଷଜ୍ଞଙ୍କ ଦ୍ୱାରା ଅନେକଥର ଯାଞ୍ଚ କରାଯାଇଥିଲା।

# ପ୍ରମୋଦଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର



ପୁରସ୍କୃତ କ୍ରୀଡ଼ାବିତ୍‌ମାନେ ଅତିଥିଙ୍କ ସହ ।

**ଭୁବନେଶ୍ୱର, ୧୧।୮(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଚାମ୍ପିୟନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଚଳିତ ବର୍ଷର ସ୍ପୋର୍ଟ୍ସ ଲଗ୍‌ଅନ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ରବିବାର ସୂଚନା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରମୋଦଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରମୋଦ ଅନୁପସ୍ଥିତ ଥିବାରୁ ତାଙ୍କ ପାଇଁ ଅନ୍ୟତମ ପାରାବ୍ୟାଡ୍‌ମିଣ୍ଟନ ଖେଳାଳି ଦିଲେଶ୍ୱର ରାଓ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଶ୍ରେଷ୍ଠ କୋଚ୍, ଭାରୋତ୍ତୋଳନ ଓ ଶକ୍ତିଉତ୍ତୋଳନକାରୀ ସୌଭାଗିନୀ ପ୍ରଧାନ (ରାଉତରାୟ) ପ୍ଲେୟର ଅଫ୍ ଦି ବାଏଗନ୍ ଏରା ପୁରସ୍କାର ଲାଭ କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଏବଂ କରାଟେକା ଜସ୍ମିନ ପାର୍ଥ ସାରଥି ମିଶ୍ରଙ୍କୁ କୁମୁଦିନୀ ମିଶ୍ର କ୍ରୀଡ଼ା ପ୍ରତିଭା ପୁରସ୍କାରରେ ସମ୍ମାନିତ କରାଯାଇଛି।। ପୁରସ୍କାର ଆକାରରେ ଏହି ୫ ବିଜେତାଙ୍କୁ ଟ୍ରଫି, ଉତ୍ତରୀୟ ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ କୁମୁଦିନୀ ମିଶ୍ର, ଅନୁଗୋଳ ସୁକିନ୍ଦା ରେଲୱେ ପ୍ରକଳ୍ପର ସିଏମ୍‌ଡି ଦିଲୀପ ସାମନ୍ତରାୟ, ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଡେପୁଟି ରେସିଡେଣ୍ଟ ଏଡିଟର ଶିବ ମହାନ୍ତି, ଏସଏନଏମ ଗ୍ରୁପ୍ ଅଫ୍ କମ୍ପାନୀର ସିଏମଡି ପ୍ରବୋଧ ମହାନ୍ତି, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକଙ୍କ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁଡ୍ ସାମାରିଟାନ ଟ୍ରଷ୍ଟର ସମ୍ପାଦକ ତନ୍ମୟ ଦାସ ଓ ଟ୍ରଷ୍ଟି ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୨/୨୦୧୯ Bhubaneswar, Monday, August 12/2019

ନିଜ ତ୍ୱଚା ଉପରେ ପ୍ରୟୋଗ କରିବା ବନ୍ଦ କରନ୍ତୁ, ଆପଣାନ୍ତୁ ଭରସାଯୋଗ୍ୟ

Roop Mantra



ଆପଣଙ୍କ ପସନ୍ଦ କ'ଣ ? ପ୍ରୟୋଗ ତନ୍ତ୍ର କିମ୍ବା ଆୟୁର୍ବେଦିକ ରୂପ ମନ୍ତ୍ରା

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ କ୍ରିମ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେୟାରନେସ୍ କ୍ରିମ୍‌ର ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ରୂପେ କାମ କରିଥାଏ । ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି–ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ । ଏଲୋଭେରାରେ ରହିଥିବା Auxin ଓ Gibberellins ଚେହେରାର ମୃତ କୋଷିକାଗୁଡ଼ିକୁ ହଟାଇ ସ୍ୱାଭାବିକ ତ୍ୱଚା ଗଠନ କରିବାରେ ସହାୟକ ହୋଇଥାଏ । ଏହା ତ୍ୱଚାର ଶ୍ୟାମଳପଣ, ବଢ଼ୁଥିବା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ପ୍ରସାରଣ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ହୋଇଥାଏ ।

**ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲ**

ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲର ରହିଥିବା ବ୍ରାହ୍ମୀ, ପୁଷ୍କର ମୂଳ, ନାରଙ୍ଗୀ, ପିପ୍ପଳି, ଦ୍ରାକ୍ଷା ଏବଂ ସବୁଜ ଚା ଇତ୍ୟାଦିର ସମଯୋଗ ତ୍ୱଚାର ଲୋମଛିଦ୍ରରେ ଭରି ରହିଥିବା ବ୍ୟାକ୍ଟେରିଆ ଓ ମଇଳାକୁ ଦୂରକରି କାଠବ୍ରଣ ଉପରେ ନିୟନ୍ତ୍ରଣ କରିଥାଏ । ଏହି ଔଷଧିଗୁଡ଼ିକ ରକ୍ତର ଶୁଦ୍ଧୀକରଣ ପାଇଁ ପ୍ରସିଦ୍ଧ ଏବଂ ବର୍ଣ୍ଣିତ । ଶରୀରର ଆଭ୍ୟନ୍ତରୀଣ ସଫେଇ ଓ ସ୍ୱାସ୍ଥ୍ୟର ଉଚିତ ଧ୍ୟାନ ଦିଆଯାଇଥିଲେ ହିଁ ତ୍ୱଚାର ସୁଧାର ସମ୍ବନ୍ଧୀୟ ଯେକୌଣସି ଔଷଧି ଯଥୋଚିତ କାର୍ଯ୍ୟ କରିଥାଏ । ଏହି କ୍ରମରେ ରୂପ ମନ୍ତ୍ରା କ୍ୟାପ୍‌ସୁଲ୍ ତ୍ୱଚାର ଅନ୍ୟ bacterial, fungal infectionsରୁ ସୁରକ୍ଷା ଦେଇ ତ୍ୱଚା ତଳେ blood ଏବଂ lymphର ପରିସଞ୍ଚାଳନ ଏବଂ ପ୍ରବନ୍ଧନରେ ସହାୟତା କରିଥାଏ । ଏହାଦ୍ୱାରା ତ୍ୱଚା ଯୁବା ଏବଂ ଜୀବନ୍ତ ରହିଥାଏ ।

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍‌ରେ ରହିଥିବା କାକୁଡ଼ି ତ୍ୱଚାକୁ ଶୀତଳତା ଏବଂ ସତେଜତା ଦେଇଥାଏ । କାକୁଡ଼ିରେ ରହିଥିବା ଏସ୍କୋରବିକ ଏସିଡ୍ ଓ କୈଫିକ୍ ଏସିଡ୍ ତ୍ୱଚାର ଆର୍ଦ୍ରତା ବଜାୟ ରଖିବାରେ ସହାୟକ । ଧ୍ୟାନ ଦେବା ଯୋଗ୍ୟ କଥା ହେଉଛି ଆଜିକାଲି କସ୍‌ମେଟିକ୍ସ ସାବୁନ ଏବଂ ପ୍ରସାଧନରେ ଅଧିକ ଫେଣ ପାଇଁ କେତେକ କେମିକାଲ୍ ମିଶ୍ରଣ କରାଯାଏ, ଯାହାର ଦୂରଗାମୀ କୁପ୍ରଭାବ ରହିଥାଏ । ରୂପ ମନ୍ତ୍ରା ଫେସ୍ ୱାଶ୍‌କୁ ଏହା ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ଯେ ଏହାର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାକୁ ଉଚିତ ଲାଭ ମିଳିବ । ଏହା ଡାର୍କ ସର୍କଲ ଏବଂ ଚେହେରାର ଦାଗକୁ କମ୍ କରି ରଙ୍ଗକୁ ସଫା କରିବାରେ ସହାୟକ ଏବଂ ଚେହେରାରେ କାଠବ୍ରଣକୁ ପ୍ରତିରୋଧ କରିବା/ପୁନର୍ବାର ଆସିବାରୁ ନିୟନ୍ତ୍ରିତ କରିଥାଏ ।

New Dr. Juneja's Roop Mantra ®
Ayurvedic Cream, Capsules, Soap & Face Wash
24x7 Helpline : 0171-3055111 • www.roopmantra.com

## ନାବାଳକଙ୍କୁ ସାବାଳକ ଦର୍ଶାଇ କୋର୍ଟଚାଲାଣ ଘଟଣା

# ତଦନ୍ତ ଅଧିକାରୀଙ୍କୁ ରିପୋର୍ଟ ମାଗିଲେ ସିପି

- କ୍ୟାପିଟାଲ ଥାନା ପୋଲିସର ଅଜବ ଯୁକ୍ତି
- ଓଏଚ୍‌ଆର୍‌ସିରେ ଅଭିଯୋଗ କରିବେ ପରିବାର ଲୋକେ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

କ୍ୟାପିଟାଲ ଥାନା ପୋଲିସର ଖାମଖିଆଲ ତଦନ୍ତ ପାଇଁ ଜଣେ ନାବାଳକ ଛାତ୍ରଙ୍କୁ ଜେଲ୍ ଯିବାକୁ ପଡ଼ିଛି। ସମ୍ପୃକ୍ତ ଛାତ୍ରଙ୍କ ବୟସ ୧୭ବର୍ଷ ୪ମାସ ୧୭ ଦିନ ହୋଇଥିବାବେଳେ ପୋଲିସ ଏକ ମାମଲାରେ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିବା ସହ ୧୯ବର୍ଷ ବୋଲି ଦର୍ଶାଇ ଭୁଲ୍ ରିପୋର୍ଟ ଦାଖଲ କରିଥିଲା। ଫଳରେ କୋର୍ଟ ତାଙ୍କୁ ବିଚାରବିଭାଗୀୟ ଜେଲ୍ ହାଜତକୁ ପଠାଇ ଦେଇଥିଲେ। ଏନେଇ ରବିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଘଟଣାର ଖୋଳତାଡ଼ ଆରମ୍ଭ କରିଛନ୍ତି। ଏଥିସହ ତଦନ୍ତ ଅଧିକାରୀଙ୍କୁ ରିପୋର୍ଟ ମାଗିଛନ୍ତି। କେଉଁ ପରିସ୍ଥିତିରେ ସେ ନାବାଳକଙ୍କୁ ସାବାଳକ ଦର୍ଶାଇ କୋର୍ଟ ଚାଲାଣ କଲେ ସେସଂକ୍ରାନ୍ତ କାଗଜପତ୍ର ପ୍ରଦାନ କରିବାକୁ କୁହାଯାଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, କୌଣସି ଏକ ମାମଲାରେ ତଦନ୍ତବେଳେ ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କ ବୟସ, ପରିଚୟ ଆଦି ସଂକ୍ରାନ୍ତରେ ଠିକ୍‌ଣିଖି ଯାଞ୍ଚ କରିଥାନ୍ତି। ଏମିତି ଭୁଲ୍ ହେବା କଥା ନୁହେଁ। ଯଦି ଜେଲ ଯାଇଥିବା ନାବାଳକଙ୍କ ପରିବାର ଲୋକେ ମୋ ନିକଟରେ ଅଭିଯୋଗ କରନ୍ତି, ଅଭିଯୋଗ ସତ୍ୟ ବୋଲି ଜଣାପଡ଼ିବ, ତେବେ ତଦନ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭୁଲ୍ କରି ଦୋଷକୁ ସ୍ୱୀକାର ନ କରି ସିଆଣିଆ ହେଉଛି କ୍ୟାପିଟାଲ ଥାନା ପୋଲିସ। ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଏସଂକ୍ରାନ୍ତରେ କହିଛନ୍ତି, ସେହି ପିଲା ତା'ର ବୟସ ଯାହା କହିଲା, ଆମେ ସେହି ଅନୁଯାୟୀ କେସ୍ କରି ଗିରଫ କଲୁ। ଆମର କ'ଣ ଭୁଲ ରହିଲା ବୋଲି ସେ ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସର ଏଭଳି ଭୁଲ୍ ପାଇଁ ପରିବାର ଲୋକେ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ନାବାଳକଙ୍କ ମା' ମଧ୍ୟ ସମାନ ଅଭିଯୋଗକୁ ଦୋହରାଇଛନ୍ତି, ଗତ ୩ ତାରିଖରେ ୩୦ରୁ ଊର୍ଦ୍ଧ୍ୱ ଯୁବକ ଓ ମହିଳା ତାଙ୍କ ସହ ନାବାଳକ ପୁଅକୁ ଆକ୍ରମଣ କଲେ। ପୁଅକୁ ଚିକିତ୍ସା କରାଇ ପରଦିନ କ୍ୟାପିଟାଲ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲି। ପୋଲିସ ଅଭିଯୋଗପତ୍ରକୁ ଛଡ଼ାଇ ନେଇ ଥାନାରେ ବସାଇଥିଲା। ତାଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ମହିଳାଙ୍କ ମିଥ୍ୟା ଅଭିଯୋଗ ଆଧାରରେ ତାଙ୍କ ପୁଅକୁ ଗିରଫ କଲା। ପୁଣି ବାଳସୁଧାର ଗୃହକୁ ପଠାଇବା ବଦଳରେ କୋର୍ଟ ଚାଲାଣ କରିଥିଲା। ଏପରିକି ଏ ସଂକ୍ରାନ୍ତରେ ତାଙ୍କୁ ଜଣାଇ ନ ଥିଲା ବୋଲି ନାବାଳକଙ୍କ ମା' କହିବା ସହ ଏ କି ଆଇନ ଚାଲିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

କେବଳ ଏହି ଗୋଟିଏ ଘଟଣା ନୁହେଁ, କ୍ୟାପିଟାଲ ଥାନା ପୋଲିସ ପୂର୍ବରୁ ମଧ୍ୟ ତଦନ୍ତରେ ଅନେକ ଭୁଲ୍ କରିଥିବା ନଜିର ରହିଛି। ଗତବର୍ଷ କ୍ୟାପିଟାଲ ଥାନା ପୋଲିସ ଏକ ଚେନ୍ ଲୁଟ ମାମଲାରେ ଜଣେ ଜେଲ୍ ଫେରନ୍ତା ଯୁବକଙ୍କୁ ଗିରଫ କରିଥିଲା। ହେଲେ ଯେଉଁ ସମୟରେ ଲୁଟ୍ ହୋଇଥିଲା ସେହି ସମୟରେ ଉକ୍ତ ଯୁବକ ଜଣକ ଜେଲ୍‌ରେ ଥିଲେ। ଏନେଇ ଅଭିଯୋଗ ଉଠିବା ପରେ କ୍ୟାପିଟାଲ ଥାନା ପୋଲିସର ଅସଲ ଚେହେରା ପଦାରେ ପଡ଼ିଥିଲା। କେତେଜଣ ପୋଲିସ ଅଧିକାରୀଙ୍କ ଏଭଳି କାର୍ଯ୍ୟଧାରା ପାଇଁ କେବଳ କମିଶନରେଟ ପୋଲିସ ନୁହେଁ, ପୂରା ରାଜ୍ୟ ପୋଲିସ ବଦନାମ ହେଉଛି।

## ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର

# ସମୟର ସଦ୍‌ବ୍ୟବହାର କରୁଥିବା ଶିକ୍ଷାର୍ଥୀ ସ୍ୱୟଂ ସମ୍ପୂର୍ଣ୍ଣ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ଯୁବ ରେଡ଼କ୍ରସ୍ ବିଭାଗର ୪ ଦିନ ଧରି ଚାଲିବାକୁ ଥିବା ରାଜ୍ୟସ୍ତରୀୟ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ନୀଳାଚଳ ପଲିଟେକ୍‌ନିକଠାରେ ଆୟୋଜିତ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ରେଡ଼କ୍ରସ୍ ମାର୍ଗ ଦର୍ଶନରେ ସ୍ୱେଚ୍ଛାସେବୀମାନେ ଶିକ୍ଷା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ସ୍ୱାର୍ଥ ସର୍ବସ୍ୱ ଜୀବନର ସଙ୍କୀର୍ଣ୍ଣ ପରିଧିରୁ ବାହାରି ରେଡକ୍ରସ ଛାତ୍ରଙ୍କୁ ଜନକଲ୍ୟାଣରେ ସାମିଲ କରେ। ସମୟର ସଦ୍‌ବ୍ୟବହାର କରୁଥିବା ଶିକ୍ଷାର୍ଥୀ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଥାଏ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଉପନିର୍ଦ୍ଦେଶକ ଡ. ତିଲୋତ୍ତମା ସେନାପତି ଯୋଗ ଦେଇଥିବା ବେଳେ ସେ ସରକାରଙ୍କ ପାଞ୍ଚ 'ଟି' ସମୟ, ମିଳିତ ଉଦ୍ୟମ, ସ୍ୱଚ୍ଛତା, କୌଶଳ, ସଂୟ ସମ୍ପୂର୍ଣ୍ଣତା ଉଦ୍ୟମ ରେଡକ୍ରସ ମାଧ୍ୟମରେ ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ। ଓଡ଼ିଶା ରେଡକ୍ରସ୍ ରାଜ୍ୟ ଶାଖାର ଅବୈତନିକ ସଚିବ ମେଜର ଡ. କଳ୍ପନା ଦାସ, ଓଡ଼ିଶା ରେଡକ୍ରସ୍ ରାଜ୍ୟ ଶାଖାର ଯୁଗ୍ମ ସଚିବ ଡ. ଦୁର୍ଗା ଶଙ୍କର ଷଡଙ୍ଗୀ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ଅଶୋକ କୁମାର ରଥ, ନୀଳାଚଳ ପଲିଟେକ୍‌ନିକ ପରିଚାଳନା ସଂଘର ସମ୍ପାଦକ ସରୋଜ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ପ୍ରଥମ ଥର ପାଇଁ ରାଜ୍ୟର ୩୦ ଜିଲାରୁ ତିନି ଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କାଉନ୍‌ସେଲର ଅଂଶଗ୍ରହଣ କରିଛନ୍ତି। ଆୟୋଜିତ ତାଲିମ ଶିବିରରେ ରେଡକ୍ରସର ଇତିହାସ, ହେନେରୀ ଡୁନାଁଣ୍ଟଙ୍କ ଆତ୍ମଜୀବନୀ, ରେଡକ୍ରସ୍‌ର ମୌଳିକ ନୀତି, ବିପର୍ଯ୍ୟୟ ପରିଚାଳନା, ଏଡସ୍ ସଚେତନତା, ସଡକ ସୁରକ୍ଷା, ଟ୍ରାଫିକ ନିୟମ, ବନ ମହୋତ୍ସବ, ବ୍ୟବହାର ପରିବର୍ତ୍ତନ, ଯୋଗ ଓ ପ୍ରାଥମିକ ଚିକିତ୍ସା ବିଷୟରେ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିବେ। ତା'ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ^As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଳମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୁଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. କେନ୍ଦ୍ରାପଡ଼ା: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 8448389695. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍‌ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍‌ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍‌ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଦୁର୍ଗା ମୋଟର୍ସ - 221711, 9337375571.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନୁଷ୍ୟତ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ନରସିଂହପୁର,୧୧।୮(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନିମସାହି ଭାଗବତ ଜୀଉ ଯୁବକ ସଂଘ ପକ୍ଷରୁ ସଭାପତି ମନୋଜ ତ୍ରିପାଠୀଙ୍କ ଅଧକ୍ଷତାରେ ବୈଠକ କରାଯାଇ ପଞ୍ଚାୟତସ୍ତରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଛି। ସ୍ୱାଧୀନତା ଦିବସରେ ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଯୋଗଦେଇ ପତାକା ଉତ୍ତୋଳନ କରିବାକୁ ସ୍ଥିର କରାଯାଇଛି। ସେହିପରି ନରସିଂହପୁର ବିକାଶ ପରିଷଦ କାର୍ଯ୍ୟାଳୟରେ ସଭାପତି ତ୍ରିଲୋଚନ ମହାପାତ୍ରଙ୍କ ଅଧକ୍ଷତାରେ ବୈଠକ ଅନଷ୍ଠିତ ହୋଇଛି। ସଦର ମହକୁମାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସମ୍ପାଦକ ଅଯୋଧା ମାଝୀଙ୍କ ଦ୍ୱାରା ଆୟୋଜିତ ବୈଠକରେ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୁକ୍ତି ସଙ୍ଗଠନର ସଭାପତି ସୁକାନ୍ତି ମହାନ୍ତି ଓ ଡ. ଆମ୍ବେଦକର ସେବା ସଂସ୍ଥାର ସମ୍ପାଦକ ଶିରିଶ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ

**ବାଙ୍କୀ,୧୧।୮(ବି.ପ୍ର.)-** ବାଙ୍କୀ ବ୍ଲକ କଳାପଥରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଭଉଣୀ ଯାଜ୍ଞସେନୀଙ୍କ ସଞ୍ଚାଳନରେ ମୁଖ୍ୟଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା କଣ୍ଟିଲୋ କଲେଜ୍ ଅଧକ୍ଷ ପବିତ୍ର ସୁବୁଦ୍ଧି, ସମ୍ମାନିତ ଅତିଥି ପ୍ରବକ୍ତା ଡ. ଗଣେଶ୍ୱର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ ଓ ବୈଦେଶ୍ୱର ଥାନା ଅଧିକାରୀ ମାନସ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଖ୍ୟଅତିଥି ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମଞ୍ଚରେ ବଳଭଦ୍ରପୁର ସରପଞ୍ଚ ବିଜନ ସାହୁ, ସାମାଜିକ କର୍ମୀ ଅନନ୍ତ ଦାସ, ମିର୍ଜା ସର୍ଦ୍ଦାର ଅଲ୍ଲୀବେଗ୍ ଓ ଡାକ୍ତରୀ ଛାତ୍ର ଆର୍ଯ୍ୟ କୁମାର ଆଶିଷ ଆଶୁତୋଷ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାପଥର ଶାଖା ଓମ୍ ଶାନ୍ତି ପରିବାରର ଭଉଣୀଭାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବି ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ଆଧାତ୍ମିକ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା।

### ନଣ୍ଡା ପାହାଡ଼ରେ କାଜୁଚାରା ରୋପଣ

**ଖୁଣ୍ଟୁଣୀ,୧୧।୮(ଡି.ଏନ୍.ଏ.):** ଆଠଗଡ ବ୍ଲକ ଅଧୀନ କୁସପଙ୍ଗୀ ଗ୍ରାମବାସୀ ରବିବାର ସ୍ଥାନୀୟ ନଣ୍ଡା ପାହାଡରେ କାଜୁଚାରା ରୋପଣ କରିଛନ୍ତି। ଗ୍ରାମ କମିଟି ସଭାପତି ମାଗୁଣୀ ଚରଣ ରାଉତ, କୋଷାଧକ୍ଷ ପ୍ରତାପସେନ୍ ରାଉତ, ଭାଗବତ ପ୍ରଧାନ, ନବଘନ ରାଉତ, ପବିତ୍ର ରାଉତ, ଶରତ ଚନ୍ଦ୍ର ଦାସ ଓ ଚନ୍ଦ୍ରଶେଖର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ୩୦୦ରୁ ଊର୍ଦ୍ଧ୍ୱ କାଜୁଚାରା ଲଗାଇଛନ୍ତି। ଏହି ୧୬ ଏକର ଜମିରେ ପ୍ରାୟ ୧୦ ହଜାର ଚାରାରୋପଣ ପାଇଁ ଲକ୍ଷ୍ୟ ରଖାଯାଇଥିବା କୋଷାଧକ୍ଷ ରାଉତ କହିଛନ୍ତି।

### ଶ୍ରୀଅରବିନ୍ଦ ପାଠଚକ୍ର

**କଟକ ଅଫିସ, ୧୧।୮ -** ସିଡିଏ ସେକ୍ଟର-୮ସ୍ଥିତ ଜନ ଶିକ୍ଷଣ ସଂସ୍ଥା ପରିସରରେ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନବ ଜୀବନ ସଂସଦ ରାଜ୍ୟ ସମ୍ପାଦକ ପ୍ରସାଦ ତ୍ରିପାଠୀ କର୍ମଶାଳାରେ ପୌରୋହିତ୍ୟ କରିଥିଲେ। ଅତିଥି ସମରେନ୍ଦ୍ର ରାଉତ କହିଥିଲେ, ରୂପାନ୍ତର ଯୋଗ ପଥରେ ଅଗ୍ରସର ହେବାକୁ ହେଲେ ଦିବ୍ୟ ଜନନୀ ଶ୍ରୀମା'ଙ୍କ ନିକଟରେ ଅକୁଣ୍ଠିତ ଭାବେ ସମର୍ପଣ କରିବାକୁ ହୁଏ। ଗଦାଧର ମିଶ୍ର କହିଥିଲେ, ଦିବ୍ୟଜୀବନ ଲାଗି ଆମେ ଆସ୍ପୃହା କରିବା ଅର୍ଥ ହେଉଛି ଆମ ପ୍ରତି ମା'ଙ୍କର ଅଶେଷ କରୁଣା ରହିଛି। ଏଣୁ ମା'ଙ୍କ ନିକଟତର ହେବା ଲାଗି ବ୍ୟାକୁଳତା ବା ବ୍ୟଗ୍ରତାକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଅରୁଣ ପରିଡା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବିରଞ୍ଚି ଦାସ କର୍ମଶାଳାର ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଜୟ ବାରିକ, ପ୍ରଫୁଲ ସାହୁ, ବିଜୟିନୀ ମହାରଣା ମାତୃ ସଙ୍ଗୀତ ଗାନ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ଯାଜ୍ଞେଶ୍ୱର ସିଂହ, ନୃସିଂହ ଚରଣ ସେଠୀ ଓ ସାରଦା ପ୍ରସାଦ ଦାସ କର୍ମଶାଳା ପରିଚାଳନା କରିଥିବାବେଳେ ବସନ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

■ ଟିଗିରିଆ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବ୍ୟବସ୍ଥା

# ନାହାନ୍ତି କର୍ମଚାରୀ, ମିଳୁନି ତଥ୍ୟ

**ଟିଗିରିଆ,୧୧।୮(ଡି.ଏନ.ଏ.)**

■ଶିକ୍ଷକ ମହଲରେ ବଢୁଛି ଅସନ୍ତୋଷ
■ଡେପୁଟେଶନରେ ୨ କର୍ମଚାରୀ

ବିଦ୍ୟାଳୟଗୁଡ଼ିକୁ ଠିକ୍‌ରେ ପରିଚାଳନା କରିବା ପାଇଁ ସରକାର ୨୦୧୫ରେ ଜିଲା ଶିକ୍ଷା ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଭାଙ୍ଗି ବ୍ଲକସ୍ତରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସେହିପରି ଶିକ୍ଷାକ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆଣିବା ନିମନ୍ତେ ବିଦ୍ୟାଳୟସ୍ତରୀୟ ୟୁଡାଇସି ନମ୍ବର ବ୍ୟବସ୍ଥା ହୋଇଛି। ଯାହାଫଳରେ ବିଦ୍ୟାଳୟମାନଙ୍କର ସମସ୍ତ ତଥ୍ୟ ଉପଲବ୍ଧ ରହିବ। ଯାହାକି ସାର୍ବଜନୀନ କରାଯାଇଛି। ଏହାର ଉଦ୍ଦେଶ୍ୟ ଜଣେ ବ୍ୟକ୍ତି ଯେ କୌଣସି ବିଦ୍ୟାଳୟର ବାର୍ଷିକ ତଥ୍ୟ ଇଣ୍ଟରନେଟ ଜରିଆରେ ସହଜରେ ପାଇପାରିବେ। ଏ ସମସ୍ତ ତଥ୍ୟର ପରିଚାଳନା ନିମନ୍ତେ ସରକାର ଏମ୍‌ଆଇ଼ଏସ୍ ପରିଚାଳକ ଏବଂ ଇଣ୍ଟରନେଟ୍‌ରେ ତଥ୍ୟଦେବାକୁ ଡାଟା ଏଣ୍ଟି ଅପରେଟର ନିଯୁକ୍ତ କରିଛନ୍ତି। ହେଲେ ଏ ସବୁ ସତ୍ତ୍ୱେ ଟିଗିରିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନାନା ଅବ୍ୟବସ୍ଥା ଦେଖାଯାଇଛି। ଏଠାରେ ବିଦ୍ୟାଳୟକୁ ନେଇ କୌଣସି ତଥ୍ୟ ଇଣ୍ଟରନେଟ ମାଧମରେ ମିଳୁନାହିଁ। ତଥ୍ୟ ପାଇବା ନିମନ୍ତେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗଯୋଗ କରାଗଲେ ମଧ ଆବଶ୍ୟକ କର୍ମଚାରୀ ନ ଥିବାରୁ ତଥ୍ୟ ମିଳିପାରୁନାହିଁ। କାରଣ ଏହି କାର୍ଯ୍ୟାଳୟରେ ତଥ୍ୟ ସଞ୍ଚାଳନ ନିମନ୍ତେ ନିଯୁକ୍ତ ଏମ୍‌ଆଇଏସ ସଂଯୋଜକ ସରୋଜ ଦାସ ଏବଂ ବରିଷ୍ଠ କିରାଣି ସମୀର ମହାନ୍ତିଙ୍କୁ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଡେପୁଟେଶନରେ ପଠାଇ ଦିଆଯାଇଛି। ଫଳରେ ଏହିସବୁ ସମସ୍ୟା ସୃଷ୍ଟି ହୋଇଛି। ସେହିପରି କିରାଣିଙ୍କ ଅଭାବରୁ ଶିକ୍ଷକମାନେ ଠିକ ସମୟରେ ବେତନ ଓ ଅନ୍ୟ ସୁବିଧା ଏପରି କି ସେବା ପୁସ୍ତିକା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଶିକ୍ଷକ ସଙ୍ଗଠନ ପକ୍ଷରୁ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବାରୁ ସଙ୍ଗଠନ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ ପାଇଁ କର୍ମଚାରୀ ଆବଶ୍ୟକ ଥିବା ବେଳେ କାହା ସ୍ୱାର୍ଥରେ ୨ କର୍ମଚାରୀଙ୍କୁ ଜିଲା କାର୍ଯ୍ୟାଳୟକୁ ପଠାଯାଇଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶୀଘ୍ର ବ୍ଲକ ବାହାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଫେରାଇ ଆଣିବା ନିମନ୍ତେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବିଭାଗର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଡ. ଦୁର୍ଗାଚରଣ ନାୟକଙ୍କୁ ପଚାରିବାରେ ୨ କର୍ମଚାରୀଙ୍କୁ ଡେପୁଟେଶନରେ ପଠାଯାଇଥିବାରୁ ଏହି ସବୁ ସମସ୍ୟା ହେଉଛି। କର୍ମଚାରୀ ସଙ୍କଟ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସେମାନେ ଯାହା ନିଷ୍ପତ୍ତି ନେବେ ତାହା କାର୍ଯ୍ୟକାରୀ ହେବ ବୋଲି କହିଥିଲେ।

■ ପଚ୍ଚାମୁଣ୍ଡାଇ କେନାଲ ବନ୍ଧରେ ଘଳିଆ

## ଘାଇ ହେବା ପୂର୍ବରୁ ମରାମତି ହେଲା



ଘଳିଆ ସ୍ଥାନକୁ ଜେସିବି ଦ୍ୱାରା ମରାମତି କରାଯାଉଛି।

**ମାହାଙ୍ଗା,୧୧।୮(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ନୁର୍ତ୍ତାଙ୍ଗ ଜଳସମ୍ପଦ ବିଭାଗ ଅଧୀନ ମଉଦା ପଞ୍ଚାୟତ ତ୍ରିବେଣୀଶ୍ୱର ସାଇଫନ ନିକଟରେ ରବିବାର ପଚ୍ଚାମୁଣ୍ଡାଇ କେନାଲ ବନ୍ଧରେ ଏକ ଘଳିଆ ସୃଷ୍ଟି ହୋଇଥିଲା। ଏହି ଘଳିଆବାଟେ ପଚ୍ଚାମୁଣ୍ଡାଇ କେନାଲ ଜଳ ନିକଟ ଶୁକ ନଦୀକୁ ପ୍ରବେଶ କରିଥିଲା। ଏହା ଘାଇ ସୃଷ୍ଟି ହୋଇ ସ୍ଥାନୀୟ ଅଞ୍ଚଳ ପ୍ରତି ବିପଦ ଦେଖା ଦେବା ପୂର୍ବରୁ ବିଭାଗ ପକ୍ଷରୁ ତୁରନ୍ତ ମରାମତି କରାଯାଇଛି। ଯାହାକି ଏହି ଅଞ୍ଚଳ ପ୍ରତି ବଡ଼ ବିପଦ ଟଳିଯାଇଛି। ମହାନଦୀ ଉତ୍ତର ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ଓଝା, ନୁର୍ତ୍ତାଙ୍ଗ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ବୈକୁଣ୍ଠନାଥ ଭୋଇ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ମରାମତି ବ୍ୟବସ୍ଥା କରାଇଥିଲେ। ସୂଚନାଯୋଗ୍ୟ, କିଛି ବର୍ଷ ତଳେ ଘଳିଆ ସୃଷ୍ଟି ହୋଇଥିବା ସ୍ଥାନର କିଛି ଦୂରରେ ଏକ ବଡଘାଇ ହୋଇଥିଲା। ଏହାକୁ ପରବର୍ତ୍ତୀ ଅବସ୍ଥାରେ ମରାମତି କରାଯିବା ସହ ସେଠାରେ କଂକ୍ରିଟ ପ୍ରାଚୀର ନିର୍ମାଣ ହୋଇଛି। ଏଣୁ ଏହି ବନ୍ଧର ଅନେକ ସ୍ଥାନରେ ଦୁର୍ବଳ ଥିବାରୁ କଂକ୍ରିଟ ପ୍ରାଚୀର ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି।

## ବୋଲବମ୍ ଭକ୍ତଙ୍କ ସେବା କଲେ ମୁସଲମାନ ଭାଇ

**କଟକ ଅଫିସ,୧୧।୮**



ମୁସଲମାନ ଭାଇ ଜଣେ ବୋଲବମ୍ ଭକ୍ତଙ୍କ ସେବା କରୁଛନ୍ତି।

ଭାଇଚାରାର ସହର କଟକରେ ରବିବାର ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଶ୍ରାବଣ ମାସର ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତମାନେ ଜଳଲାଗି କରିବେ। ଫଳରେ ଗଡ଼ଗଡ଼ିଆ ଘାଟ ମହାନଦୀ ତଟରୁ ରବିବାର ପାଣି ନେଇ ଯାଉଥିବା ବୋଲବମ୍ ଭକ୍ତଙ୍କ ସେବା କରିଛନ୍ତି ମୁସଲମାନ ଭାଇମାନେ। ଏହି ଅବସରରେ ଭକ୍ତମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଓଡ଼ିଶା ମୁସ୍‌ଲିମ ଫୋରମ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିନା ମୂଲ୍ୟରେ ଭକ୍ତମାନଙ୍କୁ ବିଭିନ୍ନ ଔଷଧ ପ୍ରଦାନ କରାଯାଇଥିଲା। ଫୋରମର ଚେୟାରମ୍ୟାନ ଅବ୍‌ଦୁର ରହମାନଙ୍କ ନେତୃତ୍ୱରେ ସେହେନାଜ ଫାତମା, ଶେଖ୍ ବାବାଜାନୀ, ଫାର୍ମାସିଷ୍ଟ ଶେଖ୍ ସୁଭାନ, ଅବ୍‌ଦୁଲ କଲିମ, ମୋଲାନା କାସିମ, ଅବ୍‌ଦୁଲ ରିୟାଜ ଓ ସାମାଜିକ କର୍ମୀ ସନ୍ଦୀପ ରଥ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ବଡ଼ମ୍ବା,୧୧।୮(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ପଞ୍ଚାୟତକୁ ବିଧାୟକ ଦେବୀପ୍ରସାଦ ମିଶ୍ର ଦିନିକିଆ ଗସ୍ତ କରିଛନ୍ତି। ଏହି ସମୟରେ ସେ କନ୍ତପଡ଼ା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର, ଶଙ୍ଖାମେରୀ ଅଙ୍ଗନୱାଡ଼ି କେନ୍ଦ୍ର, ଶଙ୍ଖାମେରୀ ଗ୍ରାମ ଖେଳ ପଡ଼ିଆରେ ନିର୍ମିତ ବାସଗୃହ ଓ ଦର୍ଶକ ଗ୍ୟାଲେରୀକୁ ଉଦ୍‌ଘାଟନ କରିଥିବାବେଳେ ଶଙ୍ଖାମେରୀ ଗ୍ରାମ ଶନିଶ୍ଚରଛକରେ ଏକ କୃଷକ ଭବନର ଶିଳାନ୍ୟାସ କରିଥିଲେ। ପରେ ଖେଳପଡିଆରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମିଶ୍ର ଯୋଗଦେଇ ସରକାରଙ୍କ ତରଫରୁ ମିଳିଥିବା ଅନୁଦାନ ଠିକଭାବେ ଖର୍ଚ୍ଚ କରାଯାଇଛି କି ନାହିଁ ପଚାରି ବୁଝିଥିଲେ। ସେହିପରି ଶଙ୍ଖାମେରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତର ୨୧ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଅନସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ଶଙ୍ଖାମେରୀ ସମିତିସଭ୍ୟା ନିରୁପମା ମଲ୍ଲିକ, ସରପଞ୍ଚ ଫକୀର ସେଠୀ, ବ୍ଲକ ସଭାପତି ରବୀନ୍ଦ୍ର ସାହୁ ଓ ବିଡିଓ ସଦାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରୀ କମିଟି ବୈଠକ

**କଟକ ଅଫିସ, ୧୧।୮**

ଝାଞ୍ଜିରୀମଙ୍ଗଳା କୁବେରସାହିସ୍ଥିତ ଶ୍ରୀଗଣେଶଜୀଉ ମନ୍ଦିର ପ୍ରାଙ୍ଗଣରେ କଟକ ମହାନଗର ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଯୋଗଦେଇଥିଲେ। ସରୋଜ ସାହୁ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ତୈଳିକ ମହିଳା ସମ୍ମିଳନୀ ଶହୀଦ ଭବନଠାରେ ଅନୁଷ୍ଠିତ ହେବ। ସମ୍ମିଳନୀ ପୂର୍ବରୁ ମହିଳାମାନଙ୍କ ମଧରେ କ୍ରୀଡ଼ା ପ୍ରତିଯୋଗିତା, ସମ୍ମିଳନୀ ଦିନ ଖାଦ୍ୟପେୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଜଣେ ମହିୟସୀ ମହିଳାଙ୍କୁ ଚଳିତବର୍ଷ କରମାବାଇ ସମ୍ମାନ ପ୍ରଦାନ କରାଯିବ। ମଧୁସ୍ମିତା ମହାପାତ୍ର, ବିଦ୍ୟୁଲତା ସାହୁ, ସୁଲୋଚନା ସାହୁ, ପ୍ରଶାନ୍ତ କୁମାର ସାହୁ, ଦିଲ୍ଲୀପ ସାହୁ, ଅଭିମନ୍ୟୁ ସାହୁ, ସେବତୀ ସାହୁ, ସବିତା ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ବ୍ରଜକିଶୋର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରୀନା ସାହୁ ଧନ୍ୟବାଦ ଦେଇଥିଲେ।

## ହୋପଏଜ ପକ୍ଷରୁ ଜୀବନଶୈଳୀ ପରିଚାଳନା ଶିବିର

**ନରାଜ,୧୧।୮(ଡି.ଏନ୍.ଏ.)**

ବରିଷ୍ଠ ନାଗରିକମାନେ ଯୋଗାସନ ଓ ପ୍ରାକୃତିକ ଚିକିତ୍ସା ମାଧମରେ ନିଜ ଜୀବନକୁ ସଦୁପଯୋଗ କରିବାକୁ ଜଗଦଗୁରୁ କୃପାଳୁ ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଶ୍ୱବିଦ୍ୟାଳୟର କୁଳପତି ଡ. ଏସ୍ ରାମରତନମ୍ ପରାମର୍ଶ ଦେଇଛନ୍ତି। ବାଆଁରାସ୍ଥିତ ପ୍ରାକୃତିକ ଚିକିତ୍ସାଳୟ ପରିସରରେ ରବିବାର 'ହୋପଏଜ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ କର୍ମଶାଳାକୁ ଡ. ରାମରତନମ ଉଦ୍‌ଘାଟନ କରି ଏହା କହିଥିଲେ। ବିଶିଷ୍ଟ ପ୍ରାକୃତିକ ଚିକିତ୍ସକ ଡା. ସୁରେନ୍ଦ୍ର କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସୁଷମ ଖାଦ୍ୟ ଆବଶ୍ୟକ ଥିବାବେଳେ ସାମୟିକ ଉପବାସ ରହିବା ଜରୁରୀ ବୋଲି କହିଥିଲେ। ଅନୁଷ୍ଠାନର ପ୍ରାକୃତିକ ଚିକିତ୍ସକ ଡା. ମିଲିନ୍ଦ ପରସାର ପ୍ରାକୃତିକ ଚିକିତ୍ସା ଓ ଯୋଗାସନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହୋପଏଜର ମ୍ୟାନେଜିଂ ଟ୍ରଷ୍ଟି ଡ.ସତ୍ୟ ରାୟ ସ୍ୱାଗତ ଭାଷଣ ଦେବାସହ ପ୍ରତ୍ୟେକ ବରିଷ୍ଠ ନାଗରିକ ଦିନକୁ ଏକ ଘଣ୍ଟା ଶାରୀରିକ ମାନସିକ ଓ ଆଧାତ୍ମିକ ବିକାଶ ପାଇଁ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ହୋପଏଜର ସଭାପତି କିଶୋର କୁମାର ଶତପଥୀ ଏଥିରେ ଅଧକ୍ଷତା କରିଥିବାବେଳେ ଉପସଭାପତି ବିଜୟ ପୃଷ୍ଟି ଶିବିରର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ରଣଜିତ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରକାଶ ପ୍ରାକୃତିକ ଚିକିତ୍ସକ ଡ. ମୁକୁନ୍ଦାନନ୍ଦ ମିଶ୍ରଙ୍କ ସ୍ମୃତିରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।



ଜୀବନଶୈଳୀ ପରିଚାଳନା ଶିବିରରେ ଯୋଗ ଦେଇଥିବା ହୋପଏଜ୍‌ର କର୍ମକର୍ତ୍ତା ଓ ଅନ୍ୟମାନେ।

### କମେଣ୍ଟ ମାରି ଯୁବକ ଗିରଫ

**ବାଙ୍କୀ,୧୧।୮(ବି.ପ୍ର.)**

ନାବାଳିକା ଛାତ୍ରୀଙ୍କୁ କମେଣ୍ଟ ମାରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବାଙ୍କୀ ଥାନା ଘୋଳପୁର ଗ୍ରାମର ପ୍ରେମାନନ୍ଦ ବେହେରା। ପ୍ରେମାନନ୍ଦ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ବିଭିନ୍ନ ସମୟରେ କମେଣ୍ଟ ମାରୁଥିଲେ। ଏନେଇ ଛାତ୍ରୀଜଣଙ୍କ ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଫଳରେ ଛାତ୍ରୀଙ୍କ ବାପା ସୁବର୍ଣ୍ଣପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ବାଙ୍କୀ ଥାନାରେ ମାମଲା ରୁଜୁ ହୋଇଥିଲା। ଶନିବାର ବାଙ୍କୀ ପୋଲିସ ପ୍ରେମାନନ୍ଦଙ୍କୁ ଗିରଫ କରିଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରିଛି।

## ବିଦ୍ୟାର୍ଥୀ ସମ୍ମାନ ସମାରୋହ




**କଟକ ସଦର,୧୧।୮(ଡି.ଏନ୍.ଏ.)**

କିଶନ ନଗର ବିକାଶ ମଞ୍ଚ ଆନୁକୂଲ୍ୟରେ ରବିବାର କିଶୋର ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାର୍ଥୀ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସୟଦ ସାଜିଦ ଅଲ୍ଲୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡା. ନାରାୟଣ ମହାନ୍ତି ମୁଖ୍ୟଅତିଥି, ଡା. କିଶୋର ଚନ୍ଦ୍ର ଦାସ, ଅନିରୁଦ୍ଧ ପରିଡା, ବ୍ୟାଙ୍କ ଅଧିକାରୀ ଶ୍ରୀନିବାସ ସେଠୀ, ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ, ଶିବକୃପା ବୋଷ, ମହେନ୍ଦ୍ର ଓଝା, ସରପଞ୍ଚ ରଞ୍ଜିତା ମହାନ୍ତି ଓ ସମିତିସଭ୍ୟା ଇଲାବତୀ ବିଶୋୟୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ତହସିଲ ଅଞ୍ଚଳରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ ନମ୍ବର ରଖିଥିବା ୨୨ ଜଣ ଛାତ୍ରୀଛାତ୍ର ଓ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚର ସମ୍ପାଦକ ସୀତାରାମ ପଣ୍ଡା ବିବରଣୀ ପାଠ ଓ କବି ପ୍ରତାପ ବେହେରା ଧନ୍ୟବାଦ ଦେଇଥିଲେ। ଅଧାପକ ଧରଣୀଧର ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଅଶୋକ ସାମଲ, ସତ୍ୟରଞ୍ଜନ ବାରିକ, ଦୀପକ ମଣ୍ଡଳ ଓ ସଞ୍ଜୟ ମଲ୍ଲିକ ସହଯୋଗ କରିଥିଲେ।

## କାଉଡ଼ିଆ ସାଜିଲେ ବିଧାୟକ ଚନ୍ଦ୍ରସାରଥି

**ନେମାଳ,୧୧।୮(ଡି.ଏନ.ଏ.)**

ଶ୍ରାବଣ ମାସର ଶେଷ ସୋମବାରରେ ଜଳଲାଗି କରିବା ନିମନ୍ତେ ବିଭିନ୍ନ ସ୍ଥାନରୁ ଜଳଭାର ନେଇ ଶ୍ରଦ୍ଧାଳୁ ଶୈବପୀଠ ଉପଲକ୍ଷେ ଯାତ୍ରା କରିଛନ୍ତି। ଏହିକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଚିତ୍ରୋତ୍ପଳା ନଦୀର ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଗଡ଼ା ନିକଟରୁ ଜଳଭାର ନେଇ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇସ୍ଥିତ ବାଣୀନଗର ଶକ୍ତିଶ୍ୱର ପୀଠକୁ ରବିବାର ସନ୍ଧ୍ୟାରେ ଯାତ୍ରା କରିଛନ୍ତି। ସୋମବାର ପ୍ରଭାତରୁ ସେ ଶକ୍ତିଶ୍ୱରଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଜଳଲାଗି କରିବେ। ବିଧାୟକ ବେହେରାଙ୍କ ସହ ଅଚ୍ୟୁତାନନ୍ଦ ଦାସ, ରାଜନ୍ଦ୍ରେ ବାରିକ, ଅଜିତ୍ ମହାନ୍ତି, ରୀତିକାନ୍ତ ମହାନ୍ତି, ଭୈରବ କାସ୍ତ, ଶିଶିର ଦାସ ଓ ପ୍ରଶାନ୍ତ ପଣ୍ଡା ପ୍ରମୁଖ ପାଣିଭାର ନେଇ ଯାତ୍ରା କରିଛନ୍ତି।




ବିଧାୟକ ଚନ୍ଦ୍ରସାରଥି ବେହେରା ଓ ଅନ୍ୟମାନେ ପାଣିଭାର ନେଇ ଯାଉଛନ୍ତି।

## ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା

**ନିଶ୍ଚିନ୍ତକୋଇଲି,୧୧।୮(ସ୍ୱ.ପ୍ର.)**




କର୍ମଶାଳାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଶିକ୍ଷା ବିକାଶ ସମିତି ଓଡ଼ିଶା ଆନୁକୂଲ୍ୟରେ ରବିବାର ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସାଲେପୁର ସଂକୁଳ ପ୍ରମୁଖ ସଞ୍ଜୟ ଦଳାଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ ଯୋଗଦେଇ ଶିକ୍ଷାର ଗୁଣାତ୍ମକମାନ ଓ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ସୁନୀଲ ମିଶ୍ର, ସମ୍ମାନିତ ଅତିଥି ଉପସଭାପତି ଅଧାପକ ପଦ୍ମଲୋଚନ ରାଉତ, ସମ୍ପାଦକ ଅଶୋକ ମହାପାତ୍ର, ସହସମ୍ପାଦକ ସୁଷମା ବେହେରା, କୋଷାଧକ୍ଷ ମୀନତି ରାଉତ, ବ୍ରହ୍ମାନନ୍ଦ ଜେନା ପ୍ରମୁଖ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ କହିଥିଲେ। ସଂକୁଳ ସଂଯୋଜକ ଶଙ୍କର୍ଷଣ ପାଣିଗ୍ରାହୀ କର୍ମଶାଳାର ଆଭିମୁଖ୍ୟ କାଳାଂଶ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ପ୍ରଧାନଚାର୍ଯ୍ୟ ସୁଶୀଲ ବିଶୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରିୟଦର୍ଶିନୀ ପ୍ରହରାଜ, ପିଙ୍କୁ ମହାରଣା, ପୁଷ୍ପଲତା ପଲେଇ, ମମତା ଦଳେଇ, କିଶୋର ବାରିକ, ସତ୍ୟାନନ୍ଦ ସାହୁ, ଶ୍ରଦ୍ଧାଞ୍ଜଳି ମହାପାତ୍ର, ବିପିନ ବିହାରୀ ଦାଶ, ରବୀନ୍ଦ୍ରନାଥ ସାଥୁଆ, ଗାୟତ୍ରୀ ଜେନା ଓ ଏଲିନା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସଂକୁଳର ୯ ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟା, ଆଚାର୍ଯ୍ୟ ସମେତ ୧୦୦ ବିଭାଗୀୟ ବିଷୟ ପ୍ରମୁଖ ଗୁରୁଜୀଗୁରୁମା ଉପସ୍ଥି ଥିଲେ। ଶେଷରେ ଆଚାର୍ଯ୍ୟା ବିଜୟଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଆବାସ, ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ

**ବଡ଼ମ୍ବା,୧୧।୮(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ୬୧୪ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ସଦାନନ୍ଦ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୧ ସପ୍ତାହ ପୂର୍ବରୁ ୯ ପଞ୍ଚାୟତର ଶତାଧିକ ହିତାଧିକାରୀଙ୍କୁ ବିଧାୟକ ମିଶ୍ର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅନ୍ୟ ପଞ୍ଚାୟତର ହିତାଧିକାରୀଙ୍କୁ ତୁରନ୍ତ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ବିଡିଓ ସେଠୀ ସୂଚନା ଦେଇଥିଲେ।



ମନୁଷ୍ୟଙ୍କ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଖୋର୍ଦ୍ଧା ଅଫିସ,୧୧।୮:** ବାଇଗଣ ବିଲକୁ ପାଣି ମଡାଇ ଘରକୁ ଫେରୁଥିବାବେଳେ ଶନିବାର ଅପରାହ୍ନରେ ହାତୀ ଆକ୍ରମଣରେ ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ମାଳପିଆମା ଗ୍ରାମର ନାରାୟଣ ପ୍ରଧାନ(୪୦) ଗୁରୁତର ଆହତ ହୋଇଛନ୍ତି। ନାରାୟଣଙ୍କ ଚିତ୍କାର ଶୁଣି କେତେଜଣ ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡାଇ ତାଙ୍କୁ ଉଦ୍ଧାର କରିଥିଲେ। ନାରାୟଣଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ନାରାୟଣ ଆଦିବାସୀ ଶ୍ରେଣୀର ହୋଇଥିବାରୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ଗ୍ରାମବାସୀ ପକ୍ଷରୁ ଦାବି ହେଉଛି।

### ଆବୁଧାବୀରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ,୧୧।୮:** ବିଦେଶରେ କାମ କରି ପ୍ରାଣ ହରାଇଥିବା ବାଣପୁର ଥାନା ଡୁମୁରାପୁଟ ପଞ୍ଚାୟତ ମାଣିକପୁର ଗ୍ରାମର ଓଡ଼ିଆ ଶ୍ରମିକ କରୁଣା ବେହେରାଙ୍କ ମୃତଦେହ ମୃତ୍ୟୁର ୯ମ ଦିବସରେ ଗାଁରେ ପହଞ୍ଚିଛି। ରବିବାର କରୁଣାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାନରେ କରାଯାଇଛି। କରୁଣାଙ୍କ ବକେୟା ଦରମା, ବୋନସ୍ ଓ ବୀମା ପ୍ରାପ୍ୟ ପାଇବାକୁ ତାଙ୍କ ସ୍ତ୍ରୀ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। କରୁଣା ୧୬ ମାସ ପୂର୍ବେ ଆରବ ଦେଶର ଆବୁଧାବୀସ୍ଥିତ ଅଲ୍ ଜବିର ଟ୍ରାନ୍ସପୋର୍ଟିଂ କନଟ୍ରାକ୍ଟିଂ କମ୍ପାନୀରେ ସହାୟକ ଭାବେ କାମ କରୁଥିଲେ। ଗତ ୩ ତାରିଖ ଦିନ କରୁଣା କାମ କରୁଥିବା ବେଳେ ହଠାତ୍ ତଳେ ପଡି ପ୍ରାଣ ହରାଇଥିଲେ। କମ୍ପାନୀ କର୍ମଚାରୀଙ୍କର ସହାୟତାରେ ଅନ୍ୟ ଶ୍ରମିକମାନେ କରୁଣାଙ୍କୁ ସେଠାର ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କରୁଣାଙ୍କ ମୃତଦେହ ଗ୍ରାମକୁ ପଠାଇବା ପାଇଁ ପରିବାର ପକ୍ଷରୁ ଅନୁରୋଧ ପରେ କମ୍ପାନୀ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରି ସହଯୋଗ କରି ନ ଥିଲେ। ଭାରତୀୟ ଜୀବନ ବୀମା ନିଗମରେ କାର୍ଯ୍ୟରତ ସ୍ଥାନୀୟ ଚମ୍ପାଦେଇପୁର ଗ୍ରାମର ବାବୁଲି ସାହୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ, ଆବୁଧାବୀରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ଅଧିକାରୀ ଗୀତା ଯୋଶୀ ଓ କମ୍ପାନୀର କାର୍ମିକ ଅଧିକାରୀ ମହମ୍ମଦ ଆଲାମଙ୍କ ସହ ଯୋଗାଯୋଗ କରି କରୁଣାଙ୍କ ମୃତଦେହ ଗ୍ରାମକୁ ଆଣିବାକୁ ଉଦ୍ୟମ କରିଥିଲେ। ସାହୁଙ୍କ ଉଦ୍ୟମକ୍ରମେ ଶନିବାର କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ଅଞ୍ଚଳର ଅନ୍ୟଜଣେ ଓଡ଼ିଆ ଶ୍ରମିକ ରିଲୁ ବେହେରାଙ୍କ ସହ କରୁଣାଙ୍କ ମୃତଦେହ ଆବୁଧାବୀରୁ ବମ୍ବେ ଦେଇ ଭୁବନେଶ୍ୱର ପଠାଇଥିଲେ। ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମରେ ପହଞ୍ଚିଥିଲା।

### ଗଡ଼ତରାରେ ଯୁବକଙ୍କୁ ଗ୍ରାମବାସୀଙ୍କ କାବୁ ଘଟଣା
### ପୋଲିସର ତଦନ୍ତ ଆରମ୍ଭ

**ବେଗୁନିଆ, ୧୧।୮ (ଡି.ଏନ.ଏ.):** ବେଗୁନିଆ ଥାନା ଗଡତରା ଗାଁରେ ଚୋରି ଉଦ୍ୟମ ଆଶଙ୍କା କରି ଜଣେ ଯୁବକଙ୍କୁ ଶନିବାର ବିଳମ୍ବିତ ରାତିରେ ଗ୍ରାମବାସୀ କାବୁ କରିଥିଲେ। ଏହି ଘଟଣାରେ ଯୁବକଙ୍କ ସହ ଥିବା ଅନ୍ୟ ୨ ଜଣ ସହଯୋଗୀ ଖସିଯିବାରେ ସକ୍ଷମ ହୋଇଥିଲେ। ଗ୍ରାମବାସୀ ଅଟକ ରଖିଥିବା ଯୁବକଙ୍କୁ ପୋଲିସ ଜିମା ଦେଇଥିଲେ। ରବିବାର ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅଟକ ଦୁର୍ବୃତ୍ତ ଜଣଙ୍କ ହେଲେ ନୟାଗଡ ଜିଲା ଇଟାମାଟି ଥାନା ଅଞ୍ଚଳର ବୋଲି ଜଣାପଡିଛି। ଘରେ ପାରିବାରିକ କଳହ ଘଟାଇ ବିଳମ୍ବିତ ରାତିରେ ଘରୁ ବାହାରି ପଳେଇ ଆସିଛନ୍ତି ବୋଲି ପୋଲିସର ଜେରା ସମୟରେ କହିଛନ୍ତି। ହେଲେ ଅନ୍ୟ ଦୁଇ ସହଯୋଗୀ କୁଆଡେ ଗଲେ ଗ୍ରାମବାସୀ ପଚାରିବାରୁ ସେ କିଛି କହି ପାରୁନାହାନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ଶନିବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ଆସି ଗଡତରା ସ୍କୁଲ ନିକଟରେ ବିଭିନ୍ନ ଭାଷାରେ କଥା ହେଉଥିଲେ। ସେମାନେ ଚୋରି ଉଦ୍ୟମ ପାଇଁ ଯୋଜନା କରୁ ଥାଇପାରନ୍ତି ବୋଲି ଭାବି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିବାବେଳେ ଜଣେ ଯୁବକ ଧରାପଡିଥିଲା ବେଳେ ଅନ୍ୟ ଦୁଇଜଣ ଖସି ପଳାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କୁ ପଚାରିବାରେ ଅଟକ ଯୁବକ ଜଣକ ଦେଇଥିବା ବୟାନ ଆଧାରରେ ତଦନ୍ତ ଚାଲିଛି। ତାଙ୍କ ବାସସ୍ଥାନକୁ ଆମର ଜଣେ କର୍ମଚାରୀଙ୍କୁ ପଠାଯାଇଛି। ସେ ଫେରିଲା ପରେ ସମସ୍ତ ସତ୍ୟାସତ୍ୟ ଜଣାପଡିବ।

■ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ

# ପ୍ରସୂତିଙ୍କୁ ମିଳୁନି ଠିକ୍ ସେବା

## ନର୍ସିଂହୋମ ଯିବାକୁ ମିଳିଛି ପରାମର୍ଶ

**ଖୋର୍ଦ୍ଧା ଅଫିସ,୧୧।୮**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କୁ ଠିକ୍ ଭାବେ ସେବା ମିଳୁନି। ହାତଗୁଞ୍ଜା ନ ଦେଲେ ଗୁରୁତର ଦର୍ଶାଇ ରେଫର କରାଯାଉଛି। ପ୍ରସୂତି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପରେ ଚିକିତ୍ସା ଦାୟିତ୍ୱରେ ଥିବା କେତେଜଣ ଡାକ୍ତର ବିଭିନ୍ନ ଉପାୟରେ ରୋଗୀ ଅଥବା ସମ୍ପର୍କୀୟଙ୍କୁ ନର୍ସିଂହୋମରେ ଯାଇ ଚିକିତ୍ସା କରାଇବାକୁ ପରାମର୍ଶ ଦେଉଛନ୍ତି। ସରକାରୀ ଡାକ୍ତରଖାନା ଥାଉ ଥାଉ ସେମାନେ ନର୍ସିଂହୋମକୁ କାହିଁକି ଯିବେ ବୋଲି କହିଲେ ସେମାନଙ୍କୁ ଠିକ୍ କାରଣ କୁହା ନ ଯାଇ ଭଲ ପାଇଁ ପରାମର୍ଶ ଥିଲା ଉତ୍ତର ମିଳୁଛି। ନର୍ସିଂହୋମ ଗଲେ ସେହି ଡାକ୍ତର ଆସି ଉତ୍ତମ ସେବା ଯୋଗାଉଛନ୍ତି। ତେବେ ସରକାରୀ ଡାକ୍ତରଖାନାରେ ମୁହଁ ମୋଡୁଥିବା ଡାକ୍ତର କିପରି ନର୍ସିଂହୋମରେ ଭଲ ସେବା ଦେଉଛନ୍ତି ତା'ର କାରଣ ଅନୁଧ୍ୟାନ କଲେ ଟଙ୍କା ମୁହଁକୁ ବଙ୍କା କରୁଛି। ଅନ୍ୟପକ୍ଷେ କାହା ସହ ସମ୍ପର୍କ ନ ରଖି ଦାୟିତ୍ୱରେ ଥିବା ଆଉ କେତେଜଣ ଡାକ୍ତର ପ୍ରସୂତିଙ୍କୁ ସେବା ଯୋଗାଇବାକୁ ପ୍ରୟାସ ଆରମ୍ଭ କରୁଥିବାବେଳେ ତାଙ୍କୁ ବିଭିନ୍ନ ପ୍ରକାରର ବାହାନା ଦେଖାଇ ଖରାପ ବ୍ୟବହାର ଦେଖାଯାଉଛି। ଏପରିକି ମିଛ ସତ କହି ତାଙ୍କୁ ଚିକିତ୍ସାଳୟରୁ ବିଦା କରିବାକୁ ଚେଷ୍ଟା କରାଯାଉଛି। ଏଭଳି ପରିସ୍ଥିତିକୁ ଦଲାଲମାନେ ହାତଛଡା ନ କରି ନର୍ସିଂହୋମ, ଡାକ୍ତରଙ୍କୁ ହାତବାରିସି କରି ରୋଗୀଙ୍କୁ ଲୁଟିବାରେ ଲାଗି ପଡିଛନ୍ତି। ଏହି ର୍ୟାକେଟରେ ଦଲାଲ, ନର୍ସିଂହୋମ, କେତେଜଣ ଡାକ୍ତର ଓ ଖବରଦାତା ସମ୍ପୃକ୍ତି ଥିବାବେଳେ ଜଣେ ରାଜନେତାଙ୍କ ପ୍ରଚ୍ଛନ୍ନ ଆଶୀର୍ବାଦ ରହିଥିବା ଚର୍ଚ୍ଚା ହେଉଛି। ଅଭିଯୋଗ କଲେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ୟାର ସମାଧାନ ହେଉନାହିଁ। ଫଳରେ ଗର୍ଭ ଯନ୍ତ୍ରଣାରେ ପାଉଥିବା ପ୍ରସୂତି ଛଟପଟ ହେବା ପରେ ବାଧ୍ୟ ହୋଇ ନର୍ସିଂହୋମ, କଟକ କିମ୍ବା ଭୁବନେଶ୍ୱର ଡାକ୍ତରଖାନାକୁ ଯାଉଛନ୍ତି।

ପ୍ରସୂତିଙ୍କୁ ଉତ୍ସାହିତ କରିବା, ଗର୍ଭବତୀ ମା', ନବଜାତ ଶିଶୁଙ୍କ ମୃତ୍ୟୁକୁ ହ୍ରାସ କରିବା ଲକ୍ଷ୍ୟ ନେଇ ଜନନୀ ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ରାଜ୍ୟ ସମେତ ଖୋର୍ଦ୍ଧା ଜିଲାରେ ଚାଲିଛି। ପ୍ରସୂତିଙ୍କୁ ସାଧାରଣ ପ୍ରସବ ପାଇଁ ୩ ଦିନ, ଅପରେଶନ ଜନିତ ପ୍ରସବ ନିମନ୍ତେ ୭ ଦିନ ପର୍ଯ୍ୟନ୍ତ ସମସ୍ତ ସୁବିଧା ପ୍ରଦାନ କରାଯିବାର ସରକାରୀ ନିୟମ ରହିଛି। ଜନ୍ମ ପରେ ଆବଶ୍ୟକସ୍ଥଳେ ପ୍ରସବକାଳୀନ ସେବା ଓ ନବଜାତ ଶିଶୁର ଚିକିତ୍ସା ୩୦ ଦିନ ପର୍ଯ୍ୟନ୍ତ ମାଗଣାରେ ଉପଲବ୍ଧ ହେବ। ଗର୍ଭବତୀଙ୍କୁ ବିନା ମୂଲ୍ୟରେ ଯାତାୟାତ ପାଇଁ ସୁବିଧା, ସେବା, ଔଷଧ ଓ ସାମଗ୍ରୀ ପ୍ରଦାନ, ଆବଶ୍ୟକ ପରୀକ୍ଷା, ମା' ପାଇଁ ଖାଦ୍ୟ ବ୍ୟବସ୍ଥା, ଏପରିକି ଆବଶ୍ୟକସ୍ଥଳେ ମାଗଣା ରକ୍ତ ପ୍ରଦାନର ସୁବିଧା ମଧ୍ୟ ରହିଛି। ହେଲେ ଦିନକୁ ଦିନ ଗର୍ଭବତୀ ମା', ନବଜାତ ଶିଶୁ ଅଧିକ ପରିମାଣର ଉପେକ୍ଷିତ ହେଉଛନ୍ତି। କେତେକ ଘଟଣା ଲୋକଲୋଚନକୁ ଆସୁଥିବାବେଳେ ଅଧିକାଂଶ ଲୁଚି ଯାଉଛି। ଆଉ କେତେକ ଘଟଣା ପ୍ରମାଣିତ ହେଲେ ବି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବାଣପୁରର ସନ୍ଧ୍ୟା ନାୟକ କୁହନ୍ତି, ପ୍ରସୂତି ନିମନ୍ତେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ତାଙ୍କୁ ନର୍ସିଂହୋମ ଯିବାକୁ ପରାମର୍ଶ ଦିଆଯାଇଥିଲା। ଅର୍ଥ ଅଭାବ ଦର୍ଶାଇ ମେଡିକାଲରେ ଚିକିତ୍ସିତ ହେବାକୁ କହିବାରୁ ତାଙ୍କୁ ୧୦ ଘଣ୍ଟା ଚିକିତ୍ସା କରାଗଲାନାହିଁ। ବାଧ୍ୟ ହୋଇ ନର୍ସିଂହୋମକୁ ଗଲେ। ଚିଲିକାର ରାମଚନ୍ଦ୍ର ପ୍ରଧାନ କୁହନ୍ତି, ବୋହୂଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇ ବହୁ ହଇରାଣର ସମ୍ମୁଖୀନ ହେଲି। ହାତଗୁଞ୍ଜା ନ ଦେବାରୁ କେହି ସେବା ଦେଲେନି। ଟଙ୍କା ଦେବାରୁ ଭଲ ସେବା ମିଳିଲା। ବେଗୁନିଆର ଉଦ୍ଧବ ସାହୁ କୁହନ୍ତି, ବିନା ଟଙ୍କାରେ କୌଣସି କାମ ଖୋର୍ଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରରେ ହୁଏ ନାହିଁ। ଟଙ୍କା ନାହିଁ ତ ସେବା ନାହିଁ। ମାଗଣା ସେବାକୁ ଅନେଇଲେ କେବଳ ଗର୍ଭବତୀ ମହିଳା କଷ୍ଟ ପାଇବା ବ୍ୟତୀତ ଅନ୍ୟ ଉପାୟ ନାହିଁ।

## ଖୋର୍ଦ୍ଧାରୋଡ଼ ଷ୍ଟେସନ ସମ୍ମୁଖରେ ଠିକା ସଫେଇ କର୍ମଚାରୀଙ୍କ ଧାରଣା



ବେତନ ଓ ସୁରକ୍ଷା ସରଞ୍ଜାମ ଦାବିରେ ଠିକା ସଫେଇ କର୍ମଚାରୀଙ୍କ ଧାରଣା।

**ଜଟଣୀ,୧୧।୮(ଡି.ଏନ.ଏ.)**

ଦୁଇମାସ ହେବ ବେତନ ନ ପାଇବା, ସୁରକ୍ଷା ସରଞ୍ଜାମ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରା ନ ଯିବା ପ୍ରତିବାଦରେ ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରେ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀ କାର୍ଯ୍ୟବନ୍ଦ କରି ରବିବାର ସକାଳୁ ଧାରଣା ଦେଇଛନ୍ତି। ଏକ ଘରୋଇ ସଂସ୍ଥା ଅଧୀନରେ ଏହି ସଫେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଇଷ୍ଟକୋଷ୍ଟ ରେଲୱେ ଠିକା ମଜଦୁର ସଂଘର ସଭାନେତ୍ରୀ ଶାନ୍ତିଲତା ସେଠୀଙ୍କ ନେତୃତ୍ୱରେ ଖୋର୍ଦ୍ଧାରୋଡ଼ ଷ୍ଟେଶନ ସମ୍ମୁଖରେ ଏହି ସଫେଇ କର୍ମଚାରୀ ଧାରଣା ଦେଇଛନ୍ତି। ଏ ନେଇ ଘରୋଇ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ସେଖ୍ ଅମିର କୁହନ୍ତି, କାର୍ଯ୍ୟ କରୁଥିବା ୧୪୦ ସଫେଇ କର୍ମଚାରୀଙ୍କ ମଧ୍ୟରୁ ୧୫ ଜଣଙ୍କ ରେକର୍ଡ ଠିକ୍ ନ ଥିବାରୁ ଏପରି ପରିସ୍ଥିତି ଦେଖାଦେଇଛି। ତେବେ ଶୀଘ୍ର ସେମାନଙ୍କ ରେକର୍ଡ ଠିକ୍ କରାଯାଇ ବେତନ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ହେଲେ ଖବର ଲେଖା ହେବା ଯାଏ ଆନ୍ଦୋଳନକାରୀ ସଫେଇ କର୍ମଚାରୀ ଓ ଘରୋଇ ସଂସ୍ଥା ଅଧିକାରୀଙ୍କ ମଧ୍ୟରେ କୌଣସି ସମାଧାନର ବାଟ ବାହାରି ପାରି ନ ଥିଲା। ଫଳରେ ସଫେଇ କର୍ମଚାରୀ ସେମାନଙ୍କ ଦାବି ନେଇ ଧାରଣା ଚାଲୁ ରଖିଛନ୍ତି।

## ବୈଜ୍ଞାନିକ ଚିନ୍ତାଧାରା ଯୁକ୍ତ ସମାଜ ଶୀର୍ଷକ ଆଲୋଚନାଚକ୍ର



ଅତିଥିମାନେ ପୁସ୍ତକ 'ମାର୍ଗ ଦର୍ଶକ'କୁ ଉନ୍ମୋଚନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ, ୧୧।୮:** ମୁକୁନ୍ଦପ୍ରସାଦସ୍ଥିତ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ଅନ୍ଧ ବିଶ୍ୱାସ, କୁସଂସ୍କାରମୁକ୍ତ ଏବଂ ବୈଜ୍ଞାନିକ ଚିନ୍ତାଧାରାଯୁକ୍ତ ସମାଜ ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସଦ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଆୟୋଜକ ତଥା ଜିଲା ନିଶା ନିବାରଣ ସମିତିର ସଭାପତି ରାମଶଙ୍କର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ରାଉରକେଲା ନିଟ୍ ଇଞ୍ଜିନିୟରିଂ କଲେଜର ଅବସରପ୍ରାପ୍ତ ପ୍ରଫେସର ଡ. ଶଶୀକାନ୍ତ ଆଚାର୍ଯ୍ୟ ସମାଜରେ ଘଟୁଥିବା କୁସଂସ୍କାର, ଅନ୍ଧବିଶ୍ୱାସ ଉପରେ ଆଲୋକପାତ କରିବା ସହ ଜର୍ମାନ ବର୍ଲିନ୍‌ରେ ପିଏଚ୍‌ଡି କରିବା ବେଳର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ୯୪ଜଣ ବୈଜ୍ଞାନିକଙ୍କ ଉପରେ ରଚିତ ପୁସ୍ତକ ମାର୍ଗଦର୍ଶକ ଉନ୍ମୋଚିତ ହୋଇଛି। ଅନ୍ୟତମ ଅତିଥି ନିଶା ନିବାରଣ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ଚରଣ ସାମନ୍ତରାୟ କହିଥିଲେ, ବିଜ୍ଞାନର ପ୍ରତି ଆବିଷ୍କାର ଓ ଉଦ୍ଭାବନ ପଛରେ କେବଳ ଲକ୍ଷ୍ୟ ହେଉଛି ମନୁଷ୍ୟର ପ୍ରଗତି। ଇଂରେଜମାନେ ବିଜ୍ଞାନର ଉପଯୋଗ କରି ଗୁଳି ବନ୍ଧୁକ ବ୍ୟବହାର କରୁଥିବାବେଳେ ଆମେ ଖଣ୍ଡା ବର୍ଚ୍ଛାରେ ଯୁଦ୍ଧ କରି ପରାଜୟବରଣ କଲେ। ଡାରୱିନ୍, ଗାଲିଲିଓ, ନିଉଟନ୍, ଆଇନ୍‌ଷ୍ଟାଇନ୍‌ଙ୍କ ଭଳି ବୈଜ୍ଞାନିକମାନଙ୍କ କୃତିତ୍ୱ ଉପରେ ଆଲୋକପାତ କରି ବିଶ୍ୱର ୯୨୮ ଜଣ ନୋବେଲ ପ୍ରାଇଜ୍ ପାଇଥିବାବେଳେ ବିଜ୍ଞାନ କ୍ଷେତ୍ରରେ ଭାରତରୁ ମାତ୍ର ୪ ଜଣ ପାଇବା ଲଜ୍ଜାଜନକ ଘଟଣା। ଏହି କାର୍ଯ୍ୟକ୍ରମରେ ପୁରୀର ସାମାଜିକ କର୍ମୀ ଜ୍ୟୋତ୍ସ୍ନାମୟୀ ମିଶ୍ର ମ୍ୟାଜିକ୍ ଶୋରେ ଭଣ୍ଡବାବାମାନେ ସରଳ ଲୋକମାନଙ୍କୁ କିପରି ବିଭ୍ରାନ୍ତ କରୁଛନ୍ତି ତାହା ଦେଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଯାଁଳାର ସୋମନାଥ, ସଂଗ୍ରାମ କେଶରୀ ଭ୍ରମରବର ରାୟ, ଅଶୋକ କୁମାର ସାହୁ ଓ ନାରାୟଣ ଦାସ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## କଂଗ୍ରେସ କର୍ମୀ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ,୧୧।୮:** ଖୋର୍ଦ୍ଧା ସହରରେ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ କଂଗ୍ରେସ ନେତା ସଞ୍ଜୟ ପଟ୍ଟନାୟକ, ଶିଶିର ପରିଡା, ଅରବିନ୍ଦ ଶତପଥୀ, ଜୟନ୍ତୀ ରାୟ, ସୁଜିତ୍ ଦାସ, ଶରତ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ। କର୍ମୀମାନେ ଅଭିଯୋଗ କରିଥିଲେ ଡ୍ରେନ ଥାଇ ପାଣି ରାସ୍ତାରେ ଯାଉଛି। ଡ୍ରେନ ସଫେଇ ହୋଇନି। ବର୍ଷାଜଳ କୃତ୍ରିମ ବନ୍ୟା ସୃଷ୍ଟି କରୁଛି ବୋଲି ଯୋଗ ଦେଇଥିବା ନେତାମାନେ କହିଥିଲେ।

■ ବେଗୁନିଆରେ ବ୍ୟାପକ ନିଶା କାରବାର

## ଆନ୍ଦୋଳନ କରିବ ଜନ କଲ୍ୟାଣ ପ୍ରତିଷ୍ଠାନ

**ବେଗୁନିଆ, ୧୧।୮ (ଡି.ଏନ.ଏ.)**

ବେଗୁନିଆ ଥାନା ଅଞ୍ଚଳରେ ଦିନକୁଦିନ ବ୍ୟାପକ ହେଉଛି ଚୋରା ନିଶା କାରବାର। ବିଶେଷକରି ବେପାରୀମାନେ ଯେଉଁଭଳି ଭାବେ ଦିନରାତି ଏକ କରି ଖୁଲମ ଖୁଲା ନିଶା ଦ୍ରବ୍ୟ ବିକ୍ରି କରି ଚାଲିଛନ୍ତି ସେମାନଙ୍କୁ ରୋକ ଲାଗାଇବାରେ ଅବକାରୀ ବିଭାଗ ବିଫଳ ହୋଇଛି। ଏଥିଯୋଗୁ ବିଷାକ୍ତ ମଦ ପିଇ ଅସାମାଜିକ ଯୁବକମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ପାରିବାରିକ ବିଶୃଙ୍ଖଳା ଦେଖାଦେବା ସହ ଧର୍ମ, ନ୍ୟାୟ ଓ ଶାନ୍ତିକୁ ଲୋକେ ଭୁଲି ଗଲେଣି। ରାସ୍ତା ଘାଟରେ ଝିଅ, ବୋହୂମାନଙ୍କୁ ଅସାମାଜିକ ଯୁବକମାନେ କମେଣ୍ଟ ମାରୁଛନ୍ତି। ଫଳରେ ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ହେଲେ ସରକାର ମଦ ବେପାରୀଙ୍କୁ ପ୍ରୋତ୍ସାହନ ଘୋଷଣା ଆମକୁ ନିରୁତ୍ସାହିତ କରିଛି। ସରକାରଙ୍କର ଏଭଳି ତ୍ରୁଟି ପୂର୍ଣ୍ଣ ଆଭିମୁଖ୍ୟକୁ ପ୍ରତିବାଦ ଜଣାଇ ସ୍ୱାଧୀନତା ଦିବସରେ ଆନ୍ଦୋଳନକୁ ଓହ୍ଲାଇବ ବେଗୁନିଆ ଜନ କଲ୍ୟାଣ ପ୍ରତିଷ୍ଠାନ। ଗ୍ରାମାଞ୍ଚଳରେ ବହୁ ଆଦିବାସୀ ଓ ଗରିବ ମହିଳା, ବୁଦ୍ଧିଜୀବୀ ଏବଂ ଯୁବପିଢିମାନଙ୍କୁ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହେବାକୁ ପ୍ରତିଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ୩ ଘଣ୍ଟା ଧରି ବେଗୁନିଆ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ରବିବାର ଏସ୍‌ପି ଖୋର୍ଦ୍ଧା, ବେଗୁନିଆ ତହସିଲଦାର ଏବଂ ଥାନାରେ ପତ୍ର ମାଧ୍ୟମରେ ଜଣାଇଛନ୍ତି।

# ଶିକ୍ଷକ ନିୟୋଜିତ ନ କରି ପାଠପଢ଼ା

## ଆଦର୍ଶ ବିଦ୍ୟାଳୟର ଅଭିଭାବକ ବୈଠକ

■ ୩ ମାସ ପରେ ବି ନାହିଁ ସମାଧାନ

**ଖୋର୍ଦ୍ଧା ଅଫିସ,୧୧।୮**



ବୈଠକରେ ଯୋଗଦେବାକୁ ଆସିଥିବା ଅଭିଭାବକମାନେ।

ଜିଲା ସଦର ମହକୁମାର ବିଜେବି ହାଇସ୍କୁଲ ପରିସରରେ ଚାଲୁ ରହିଥିବା ଖୋର୍ଦ୍ଧା ବ୍ଲକ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ନିୟୋଜିତ ନକରି ପାଠ ପଢ଼ା ଚାଲୁ ରହିଛି। ସ୍କୁଲ ଚାଲିବାର ୩ ମାସ ବିତିଯାଇଥିଲେ ହେଁ ଏହାର ସମାଧାନ ନାହିଁ। ଏଭଳିସ୍ଥଳେ ଗୀତା ଭବନ ପରିସରରେ ରବିବାର ଅଭିଭାବକମାନଙ୍କର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷକ ନିଯୁକ୍ତି ସହ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ଏକ ୧୦ଜଣିଆ କମିଟି ଗଠନ ହୋଇଛି। ସଭାପତି ଭାବେ ମନୋଜ ଉଦୟ ସିଂ, ଉପସଭାପତି ବିଭୂତି ଭୂଷଣ ଦାସ, ସମ୍ପାଦକ ନିହାର ରଞ୍ଜନ ରାୟ, ସୁଶାନ୍ତ କୁମାର ନାୟକ ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କମିଟି ସଭ୍ୟଭାବେ କୃଷ୍ଣଚନ୍ଦ୍ର ପ୍ରଧାନ, ସସ୍ମିତା ରଣସିଂହ, ପ୍ରେମଲତା ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହି କମିଟି ଶିକ୍ଷା ବିଭାଗ ସହ ଆଲୋଚନା କରି ଛାତ୍ରୀଛାତ୍ରଙ୍କର ପାଠପଢ଼ା, ଶିକ୍ଷକ ନିଯୁକ୍ତି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ଜୁନ ୨୪ରୁ ବିଜେବି ହାଇସ୍କୁଲ ପରିସରରେ ଆଦର୍ଶ ସ୍କୁଲ ଶୁଭାରମ୍ଭ ହୋଇଛି। ଷଷ୍ଠ ଶ୍ରେଣୀର ଦୁଇ ସେକ୍ସନରେ ୮୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ରଖାଯାଇଛି। କିଛି ଶିକ୍ଷକଙ୍କୁ ଡେପୁଟେସନରେ ନିଯୁକ୍ତି କରାଯାଇଛି। ଏହାଦ୍ୱାରା ପାଠପଢ଼ା ସମେତ ଅନ୍ୟାନ୍ୟ ଅସୁବିଧା ହୋଇ ଆସୁଥିବାର ଅଭିଯୋଗ ହୋଇ ଆସୁଛି।

■ ଆଗକୁ ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା

# ବିପର୍ଯ୍ୟସ୍ତ ସହର ରାସ୍ତା, ଡ୍ରେନ୍

**ଜଟଣୀ,୧୧।୮(ଡି.ଏନ.ଏ.)**





ରାସ୍ତାରେ ହୋଇଥିବା ଖାଲରେ ପାଣି ଜମିରହିଛି। ଡ୍ରେନ୍‌ରେ ପଡ଼ିଥିବା ସ୍ଲାବ୍ ଭାଙ୍ଗିଯାଇଛି।

ଲୋକେ ଖୋଜିଲେ ବି ଜଟଣୀ ପୌରାଞ୍ଚଳ ମଧ୍ୟରେ ଗୋଟିଏ ବି ଭଲ ରାସ୍ତା ଓ ଡ୍ରେନ୍ ଦେଖିବାକୁ ପାଉନାହାନ୍ତି। ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ରାସ୍ତା ଓ ଡ୍ରେନ୍। ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଖାଲଖମାରେ ଭର୍ତ୍ତି। ଡ୍ରେନ୍‌ର ଅବସ୍ଥା ଆହୁରି ସାଂଘାତିକ। ଅଳ୍ପଦିନ ପରେ ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା। ୧୨ଦିନ ଧରି ଏଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ପୂଜାରେ ପୂର୍ବ ବର୍ଷଗୁଡିକ ପରି ଚଳିତବର୍ଷ ମଧ୍ୟ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଜନସମାଗମ ହେବ। ହେଲେ ତା' ପୂର୍ବରୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଏଯାବତ୍ ନିଆଯାଇନାହିଁ। ଜଟଣୀର ଗଳିକନ୍ଦି ରାସ୍ତା ଛାଡ଼ି ଏଠାରେ ଥିବା କେବଳ ପ୍ରମୁଖ ସଡ଼କପଥ କଥା ଯଦି କୁହାଯାଏ ତେବେ ବ୍ଲକ ଛକରୁ କୁଦିଆରୀ, ଗୋପବନ୍ଧୁ ଛକରୁ ରାଜାବଜାର ଓ ହରିଭାଇନା ଛକରୁ ଜଟଣୀ କଲେଜ ରାସ୍ତାର ଚାରିଆଡ଼େ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଦୈନିକ ଛୋଟ ବଡ ଦୁର୍ଘଟଣା ଘଟୁଛି। ସେହିପରି ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ କେଉଁଠି ଭାଙ୍ଗିରୁଜି ଯାଇଛି ତ ଆଉ କେଉଁଠାରେ ପୋତି ହୋଇରହିଛି। ଡ୍ରେନ୍ ଉପରେ ଅନେକ ସ୍ଥାନରେ ସ୍ଲାବ ପଡ଼ିନାହିଁ। ଯେଉଁଠି ପଡ଼ିଛି ତାହା ଭାଙ୍ଗି ବଡ଼ ହୋଲ ସୃଷ୍ଟି ହୋଇ ବିପଦକୁ ଆମନ୍ତ୍ରଣ କରୁଛି। ସ୍ଲାବ ଭାଙ୍ଗି ହୋଲ ହୋଇଥିବା ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ବାଇକ୍ ଆରୋହୀ ଏଠାରେ ପଡ଼ି ଆହତ ହେବା ଅନେକ ନଜିର ରହିଛି। ବର୍ତ୍ତମାନ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୂଜା ୧୨ ଦିନରେ ହେବାକୁ ଥିବା ବିପୁଳ ଜନସମାଗମ ସମୟରେ ପରିସ୍ଥିତି କ'ଣ ହେବ ସାଧାରଣରେ ନାନା ଆଶଙ୍କା ସୃଷ୍ଟି କଲାଣି। ଏହାଛଡ଼ା ସହରର ବିଭିନ୍ନ ସ୍ଥାନରେ ଅନାବନା ଗଛ ଯୋଗୁ ଜଙ୍ଗଲିଆ ପରିବେଶ ହେବା ସହ ଅସୁନ୍ଦର ଦେଖାଗଲାଣି। ଏହାକୁ ମଧ୍ୟ କଟାଯାଉନାହିଁ। ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ସକ୍ରିୟ ସଦସ୍ୟ ସୀତାକାନ୍ତ ଶତପଥୀ କୁହନ୍ତି, ଗଣେଶ ପୂଜା ପୂର୍ବରୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ଏହି ସମସ୍ୟା ଦୂର କରନ୍ତୁ। ଏ ନେଇ ସ୍ଥାନୀୟ ବିଧାୟକଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଛନ୍ତି।

## ସରକାରଙ୍କୁ କ୍ରଶର ମାଲିକ ସଂଘର ଚେତାବନୀ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ):** ଖୋର୍ଦ୍ଧା ଖଣି-ଖାଦାନ ବେପାରରେ ଅପରାଧୀଙ୍କ ସମ୍ପୃକ୍ତିକୁ ନେଇ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ (ସ୍ପେଶାଲ ଟାସ୍କ ଫୋର୍ସ) ଟିମ ଖୋଳତାଡ ଚଳାଇଛି। ବେଆଇନ ଖନନକାରୀ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ ଗିରଫ କରୁଛି। କ୍ରଶର ମାଲିକମାନଙ୍କୁ ସରକାର 'ୱାଇ' ଫର୍ମ ଯୋଗାଇ ଦେଉନାହାନ୍ତି। ଫଳରେ ଅନେକ ପଥର ଖାଦାନ ନିଲାମଧାରୀ ଗୋଟିଏ ଏକର ଖୋଳିବାକୁ ୱାଇ ଫର୍ମ ଜରିଆରେ ଅନୁମତିଆଣି ବେଆଇନ ଭାବେ ୫ ଏକରରୁ ଉର୍ଦ୍ଧ୍ୱ ଖୋଳୁଛନ୍ତି। ଉଚିତ ଟଙ୍କା ଦେଇ ଖାଦାନରୁ କଞ୍ଚାମାଲ ଉଠାଉଥିଲେ ମଧ୍ୟ ୱାଇ ଫର୍ମ ଅଭାବରୁ ଅନେକ କ୍ରଶରକୁ ବେଆଇନ ଘୋଷଣା କରାଯାଉଛି। ଗଞ୍ଜାମରେ ଏଭଳି ୧୫ରୁ ଉର୍ଦ୍ଧ୍ୱ କ୍ରଶର ମାଲିକ ଗିରଫ ହୋଇଛନ୍ତି। ଏଣୁ ବିପଦ ଆଶଙ୍କାରେ ଭୟଭୀତ ହୋଇ ଜୁଲାଇ ୨୭ରୁ ଖୋର୍ଦ୍ଧାର ଅନେକ କ୍ରଶର ବନ୍ଦ ହୋଇଯାଇଛି ବୋଲି ନିଖିଳ ଓଡ଼ିଶା ପଥର ମାଲିକ ଫେଡେରେଶନ କହିଛି। ସରକାର କଞ୍ଚାମାଲ ଯୋଗାଇବାରେ ଅବହେଳା କଲେ ୧୯୯୯ ପରି ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ସଂଘର ସଭାପତି ରାମଜାନ ଖାନ ଚେତାବନୀ ଦେଇଛନ୍ତି। ଏ ନେଇ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଖାନ କହିଛନ୍ତି, ପଥରର ଖନନ କାର୍ଯ୍ୟରେ ଅପରାଧୀଙ୍କ ସମ୍ପୃକ୍ତି ଘଟଣାରେ ଏସ୍‌ଟିଏଫର ତଦନ୍ତକୁ ସଂଘ ସ୍ୱାଗତ କରୁଛି। ସାଧାରଣ ଲୋକର ଘରକାମ ଠାରୁ ଆରମ୍ଭ କରି ସରକାରଙ୍କର ବିଭିନ୍ନ ଯୋଜନା ଘର, ରୋଡ, ବିଲ୍ଡିଂ, ବ୍ରିଜ କାର୍ଯ୍ୟ ପାଇଁ ପଥର ଓ ଚିପ୍‌ସ ଆବଶ୍ୟକ। ଏଥିପାଇଁ କ୍ରଶର ଶିଳ୍ପ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ସରକାର ଏହି ବ୍ୟବସାୟକୁ ଚଳାଇବା ନେଇ ସୁବନ୍ଦୋବସ୍ତ ଆଇନ ଆଣୁନାହାନ୍ତି। ଆଇନ ଆସିଲେ ରାଜ୍ୟର ହଜାର ହଜାର ବେକାର ଯୁବକ, ଶ୍ରମିକ କ୍ରଶର ଶିଳ୍ପରେ କାମ କରି ଜୀବିକା ନିର୍ବାହ କରିପାରିବେ। ରାଜ୍ୟରେ ୨୨୦୦ କ୍ରଶର ଥିବା ବେଳେ କେବଳ ଖୋର୍ଦ୍ଧାରେ ୪ ଶହ ରହିଛି। ଖୋର୍ଦ୍ଧା ଜିଲାରେ ୪୦ ପ୍ରତିଶତ କ୍ରଶର ଶିଳ୍ପ ଜଗନ୍ନାଥଙ୍କ ଜମି ଉପରେ ଗଢି ଉଠିଛି। ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଏହି ଜମିର ଭଡାକୁ ବଢାଇବା ପରେ ବ୍ୟବସାୟୀ ଭଡା ଦେଇ ପାରୁ ନ ଥିବାରୁ କ୍ରଶର ଚଳାଇବା ଅସମ୍ଭବ ହେଉଛି। ଭଡାକୁ କମ କରାଗଲେ କ୍ରଶର ଶିଳ୍ପ ସୁଚାରୁ ରୂପେ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ମନୁଷ୍ୟତ୍ୱ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ। -ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### କମ୍ପ୍ୟୁଟର ସିପିୟୁରେ ଫସିଲା ନାଗ

ଭୁବନେଶ୍ୱର,୧୧।୮(ବ୍ୟୁରୋ)- ପୁରୀ ଜିଲା ନିମାପଡ଼ା ନିକଟସ୍ଥ ଖେଲାରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ରବିବାର ଏକ ନାଗ ସାପ ଉଦ୍ଧାର ହୋଇଛି। ସାପଟି ସ୍କୁଲର ଷ୍ଟୋର ରୁମରେ ଥିବା ଏକ ପୁରୁଣା ସିପିୟୁରେ ଫସିଯାଇଥିଲା। ରବିବାର ପାଇଁ ସ୍କୁଲ ଛୁଟି ଥିଲେ ମଧ ଏକ ମିଟିଂରେ ଯୋଗ ଦେବା ପାଇଁ ସ୍କୁଲର ଶିକ୍ଷକମାନେ ଆସିଥିଲେ। ଏହି ସମୟରେ ଷ୍ଟୋର ରୁମକୁ କୌଣସି କାମ ପାଇଁ ଯିବାବେଳେ ଜଣେ ଶିକ୍ଷକ ଏକ ବଡ଼ ନାଗ ସାପଟିଏ ସିପିୟୁରେ ଫସି ଫଣା ଟେକି ଗର୍ଜନ କରୁଥିବା ଦେଖି ଭୟଭୀତ ହୋଇଯାଇଥିଲେ। ସ୍ନେକ ହେଲ୍ପଲାଇନ ସଦସ୍ୟ ବିରଞ୍ଚି ନାରାୟଣ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ନାଗ ସାପଟିକୁ ଉଦ୍ଧାର କରି ଗ୍ରାମଠାରୁ ଦୂରରେ ଏକ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦେଇଛନ୍ତି। ସିପିୟୁଟି ପୁରୁଣା ହୋଇ ଅବ୍ୟବହୃତ ଅବସ୍ଥାରେ ଥିବାରୁ ତା' ଭିତରେ ମୂଷା ବା ବେଙ୍ଗଟିଏ ପଶିଥିଲା। ଯାହାକୁ ଖାଇବା ପରେ ସାପଟିର ପେଟ ଫୁଲିଯିବାରୁ ସିଏ ଆଉ ବାହାରି ପାରି ନ ଥିଲା ବୋଲି ବିରଞ୍ଚି କହିଛନ୍ତି।

### ପକ୍ଷୀ ସୁରକ୍ଷା ପାଇଁ ଶପଥ ନେଲେ ଗ୍ରାମବାସୀ

ବ୍ରହ୍ମଗିରି,୧୧।୮(ଡି.ଏନ.ଏ): ଆଗକୁ ଚିଲିକାକୁ ବହୁ ବିଦେଶ ପକ୍ଷୀ ଆସିବାର ଅଛି। ଏହି ପକ୍ଷୀମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଚିଲିକା କୂଳବର୍ତ୍ତି ଏକ ଗ୍ରାମବାସୀ ଶପଥ ନେଇଛନ୍ତି। ଶୀତ ଋତୁ ଆସିଲେ ଚିଲିକାକୁ ବିଦେଶାଗତ ପକ୍ଷୀମାନଙ୍କ ଆଗମନ ହୋଇଥାଏ । ଏ ନେଇ ଚିଲିକା ଉପକୂଳୀୟ ଗ୍ରାମବାସୀ ଅବାଧରେ ଏହି ପକ୍ଷୀ ଶିକାର କରିଥାନ୍ତି। ଏହି ବିଦେଶାଗତ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ୱାଇଲ୍ଡ ଲାଇଫ ଅଧକ୍ଷ ନନ୍ଦ କିଶୋର ଭୂଜବଳଙ୍କ ନେତୃତ୍ୱରେ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ହରିଦାସ ଗ୍ରାମବାସୀ ମିଳିତ ହୋଇ ରବିବାର ଏକ ଶପଥ କରିଛନ୍ତି। ଏମାନେ ପକ୍ଷୀମାନଙ୍କୁ ସୁରକ୍ଷା ଦେବେ। ଏହା ସହ ନିଜ ଗ୍ରାମରେ ଚିଲିକା ବନ୍ୟଜନ୍ତୁ ଓ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବାଲୁକେଶ୍ୱର ପକ୍ଷୀ ବନ୍ୟଜନ୍ତୁ ସୁରକ୍ଷା ଓ ଗବେଷଣା ସମିତି ଗଠନ କରାଯାଇଛି । ଏହାର ସଭାପତି ଭାବେ ଜଗବନ୍ଧୁ ସାହୁ, ସମ୍ପାଦକ ଭାବେ ରାଧାକାନ୍ତ ସାହୁ ମନୋନୀତ ହୋଇଛନ୍ତି ।

### ସାଂସ୍କୃତିକ କାର୍ନିଭାଲରେ ଶିଶୁ ଦେଖାଇଲେ ଚମକ

ପୁରୀ ଅଫିସ, ୧୧।୮ : ୱିନିଂ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ରବିବାର ପୌର ସଦନ ଠାରେ ସାଂସ୍କୃତିକ କାର୍ଣ୍ଣିଭାଲ ଅନୁଷ୍ଠିତ ହୋଇଥିଲା। ପିଲାଙ୍କ ମଧରେ ଅନ୍ତର୍ନିହିତ ପ୍ରତିଭା ବିକାଶ ଏହି କାର୍ଣ୍ଣିଭାଲ ଆୟୋଜନର ମୂଳ ଲକ୍ଷ୍ୟ। ଅନେକ ଶିଶୁଙ୍କ ବହୁ ପ୍ରତିଭା ରହିଛି। ଉପଯୁକ୍ତ ପ୍ଲାଟଫର୍ମ ଅଭାବରୁ ବଣମଲ୍ଲୀ ବଣରେ ଫୁଟି ମଉଳିଗଲା ପରି ଅନେକ ପ୍ରତିଭା ଫୁଟିବା ପୂର୍ବରୁ ସମାଜ ଆଢୁଆଳରେ ରହିଯାଉଛନ୍ତି। ଏଭଳି ପ୍ରତିଭାଙ୍କୁ ଆଗକୁ ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅନୁଷ୍ଠାନ ସଭାପତି ନବ କିଶୋର ପ୍ରଧାନ କହିଛନ୍ତି। ପୂର୍ବାହ୍ନରେ ପିଲାଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଶିଳ୍ପପତି ତିରୁପତି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କେନିଆର ମିସ୍ ସିଲା, ସାମାଜିକ କର୍ମୀ ଦିଲୀପ ମହାନ୍ତି, ସ୍ମୃତିରଞ୍ଜନ ପତି, ଅନିରୁଦ୍ଧ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବ ଖବରଦାତା ସୁନୀଲ ମହାନ୍ତି, ସେବାୟତ ମଧୁସୂଦନ ସିଂହାରୀଙ୍କ ସମେତ ବହୁ ଶିଶୁ ପ୍ରତିଭା ସମ୍ମାନିତ ହୋଇଥିଲେ। ସଞ୍ଜୀବ ରଥ ଶର୍ମା ମଞ୍ଚ ପରିଚାଳନା କରିଥିଲେ।

### ପୁରୀ ନଗର ବିଜେଡିର ସାଧାରଣ ବୈଠକ

ପୁରୀ ଅଫିସ, ୧୧।୮ : ବିଜୁ ଜନତା ଦଳ ପୁରୀ ନଗରର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ରବିବାର ନରେନ୍ଦ୍ରକୋଣସ୍ଥିତ ଜିଲା କାର୍ଯ୍ୟାଳୟରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନଗର ସଭାପତି ଭକ୍ତ ଚରଣ ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାର ପୁରୀର ବିକାଶ ଲାଗି ୨୬୫କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ ନଗର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଆଗାମୀ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତୃଣମୂଳ ସ୍ତରରେ ଦଳକୁ ସଙ୍ଗଠିତ, ସରକାରୀ ଯୋଜନା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ, ସେନେଇ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରାଯିବ। ଅନ୍ୟମାନଙ୍କ ମଧରେ ଉପସଭାପତି ଘନଶ୍ୟାମ ମର୍ଦ୍ଦରାଜ, ଏନ୍.ବଳରାମ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

■ ବକୁଳ ବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ

# ପରମ୍ପରା, ଐତିହ୍ୟ ବଜାୟ ରଖିବାକୁ ଦାବି

ସାକ୍ଷୀଗୋପାଳ,୧୧।୮(ଡି.ଏନ.ଏ)

**ବନ ବିଦ୍ୟାଳୟର ସନ୍ତକ ବଜାୟ ରଖ**



ଓଡ଼ିଆ ଭାଷା ସାହିତ୍ୟର ଉତ୍ତରୋତ୍ତର ଗବେଷଣା ଲକ୍ଷ୍ୟନେଇ ପୁରୀ ଜିଲା ସତ୍ୟବାଦୀ ଐତିହାସିକ ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ରାଜ୍ୟ ସରକାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରତିଟି ଓଡ଼ିଆର ଶ୍ରଦ୍ଧା ଓ ସମ୍ମାନକୁ ସ୍ୱୀକୃତି ଦେଇ ରାଜ୍ୟ କ୍ୟାବିନେଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଗତବର୍ଷ ଅକ୍ଟୋବର ୯ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମତିଥିରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ କରିଥିଲେ। ବିଶ୍ୱବିଦ୍ୟାଳୟ ପାଇଁ ସତ୍ୟବାଦୀ ଗୋପୀନାଥଙ୍କ ମାଲିକାନାରେ ରହିଥିବା ସତ୍ୟବାଦୀ ତହସିଲ ଅଧୀନ ଫୁଲଅଳସା ମୌଜା ଖାତା ନଂ ୧୦୦ ରୁ ୨୮ ଏକର ୭୪ ଡିସିମିଲ ଜମି ଏଥିପାଇଁ ଚିହ୍ନଟ କରାଯାଇଥିଲା। ରାଜ୍ୟ ଦେବୋତ୍ତର କମିଶନର ଏହି ଜମିକୁ ପ୍ରଚଳିତ ବଜାର ଦରରେ ବିକ୍ରୟ କରିବାକୁ ଓଏ କେସ୍ ନଂ ୨୬୨/ ୧୮ ରେ ଅନୁମତି ପ୍ରଦାନ କରିଥିଲେ। ମାତ୍ର ସାକ୍ଷୀଗୋପାଳଙ୍କ ଗୁପ୍ତ ବୃନ୍ଦାବନ ଲୀଳାକ୍ଷେତ୍ର ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନୀତି ସହିତ ଜଡିତ ବକୁଳବନରୁ ପ୍ରତିବର୍ଷ ସେନାପଟା ଓ ବାହୁଟ ସେବାପାଇଁ ବଉଳକାଠ ସଂଗ୍ରହ କରାଯାଇଥାଏ। ଏହି ଶାନ୍ତ ସବୁଜିମା ପରିବେଶରେ ଶିକ୍ଷାର ବିକାଶ ପାଇଁ ଗୋପବନ୍ଧୁଙ୍କ ହାତଗଢ଼ା ମଣିଷ ତିଆରି କାରଖାନା, ବନ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହି ଆଧ୍ୟାତ୍ମିକ ଓ ଐତିହାସିକ ପୀଠରେ ବିଶ୍ୱବିଦ୍ୟାଳୟ ସ୍ଥାପନ ଅଞ୍ଚଳବାସୀଙ୍କ ମନରେ ଆନନ୍ଦ ଭରିଦେଇଥିଲେ ମଧ ପରମ୍ପରା ବଜାୟ ରଖିବା ସଙ୍ଗେସଙ୍ଗେ ଐତିହାସିକ ସ୍ମୃତି ସନ୍ତକକୁ ଅଣଦେଖା କରା ନ ଯିବାକୁ ଶତାଧିକ ସ୍ଥାନୀୟ ଲୋକ ପୁରୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତଦନୁଯାୟୀ ବିଶ୍ୱବିଦ୍ୟାଳୟ ମୁଖ୍ୟ ପରାମର୍ଶଦାତା କମିଟି ବୈଠକରେ ପରମ୍ପରା ଓ ଐତିହ୍ୟ ଅକ୍ଷୁଣ୍ଣ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉପରୋକ୍ତ ମୌଜାର ୧୧ଟି ପ୍ଲଟର ୯ ଏକର ୬୦ ଡିସିମିଲ ଜମି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ଆଦେଶ ଦେଇଥିଲେ। ଦେବୋତ୍ତର କମିଶନର ଗତ ୬. ୧୦. ୧୮ ତାରିଖରେ ଦେଇଥିବା ଆଦେଶର ପୁନର୍ବିଚାର କରି ଜମି ବିକ୍ରୟ ଅନୁମତି ତାରିଖ ଆଗମୀ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବା ସଙ୍ଗେସଙ୍ଗେ ୯ ଏକର ୬୦ ଡିସିମିଲ ଠାକୁରଙ୍କ ଜମି ଓଡିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବିକ୍ରି କରିବାକୁ ଅନୁମତି ପ୍ରଦାନ କରିବାକୁ ଏକ ମିସ୍ ପିଟିସନ ୧୩ / ୧୯ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ଦାଖଲ କରିଥିବା ଜଣାପଡିଛି।

## ଗାଁ ପାଇଁ ଗୌରବ ଆଣିଲେ ତରୁଣ

ଗୋପ, ୧୧।୮(ଡି.ଏନ୍.ଏ.)



କୁମାର ତରୁଣ

ଗୋପ ବ୍ଲକ୍ ବେଦପୁର ପଞ୍ଚାୟତସ୍ଥିତ ଖଣ୍ଡିଆକୁଦ ଗ୍ରାମର ସାମାଜିକ କର୍ମୀ ଧର୍ମେନ୍ଦ୍ର ସାହୁଙ୍କ ଏକମାତ୍ର ପୁତ୍ର କୁମାର ତରୁଣ ସାଇବର ବାୟୋଟେକ୍ନୋଲୋଜି ଓ.ଇ.ଏଚ୍.ଏସ୍ ଅଲିମ୍ପିଆଡ୍‌ରେ ପ୍ରଥମ ସ୍ଥାନ ହାସଲ କରିବା ସହ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପଢ଼ା ପ୍ରତି ରୁଚି ରଖିଥିବା ତରୁଣ ବିଭିନ୍ନ ସମୟରେ କୃତିତ୍ୱ ହାସଲ ଚର୍ଚ୍ଚାରେ ରହି ଆସୁଥିବାବେଳେ ନିକଟ ଗ୍ରାମରୁ ପାଠପଢ଼ା ଆରମ୍ଭ କରି ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଯାହା ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି। ଆଗାମୀ ଦିନରେ ଅଧିକ ପାଠ ପଢ଼ି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ବୋଲି ତରୁଣ କହିଛନ୍ତି। ଏହି ଖବର ପାଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତାଙ୍କୁ ଟେଲିଫୋନ୍ ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରିବା ସହ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

■ ବଡଗୋଠରେ କଣାସ ବିକାଶ ପରିଷଦର ବୈଠକ

## ଓଡିଆ ବିଶ୍ୱବିଦ୍ୟାଳୟକୁ ଗୋପବନ୍ଧୁଙ୍କ ନାଁରେ ନାମିତ କରିବାକୁ ପ୍ରସ୍ତାବ

କଣାସ,୧୧।୮(ଡି.ଏନ୍.ଏ.)

ଶ୍ରାବଣ ଶେଷ ସୋମବାର ପାଇଁ ବଡଗୋଠ ତ୍ରିବେଣୀ ଘାଟସ୍ଥିତ ଅନନ୍ତ ନାରାୟଣ ପୀଠରେ କଣାସ ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବୈକୁଣ୍ଠନାଥ ନରେନ୍ଦ୍ରଙ୍କ ସଭାପତିତ୍ୱରେ ବୈଠକରେ ବଡଗୋଠ ତ୍ରିବେଣୀ ଘାଟରେ କାଉଡିଆଙ୍କ ପାଇଁ ଏକ ତୁଠ ନିର୍ମାଣ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ପାଇଁ ପ୍ରଶାସନ ତରଫରୁ କିପରି ବ୍ୟବସ୍ଥା କରାଯିବ ସେନେଇ ଆଲୋଚନା ହୋଇଥିଲା। କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅର୍ଥବ୍ୟୟବରାଦ ହୋଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିବାରୁ ବିଡିଓ ପ୍ରତିଭା ସାହୁଙ୍କ ସହ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ସତ୍ୟବାଦୀରେ ପ୍ରତିଷ୍ଠା ହେବାକୁ ଥିବା ଓଡିଆ ବିଶ୍ୱବିଦ୍ୟାଳୟକୁ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ନାମିତ କରିବା ପାଇଁ ବିକାଶ ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିଭଳି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶା ପ୍ରଥମ ବିଧାନ ସଭାର ସଦସ୍ୟ ଶିରେଇ ଗ୍ରାମର ସ୍ୱର୍ଗତ ବିଶ୍ୱନାଥ ପରିଡାଙ୍କ ୧୨୫ତମ ଜୟନ୍ତୀ ୧୭ ତାରିଖରେ ପାଳନ କରିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିଲା । ଏହି ଜୟନ୍ତୀ ବ୍ଲକ ସମ୍ମୁଖରେ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା । ବୈଠକରେ କଣାସ ବିକାଶ ପରିଷଦର ସମ୍ପାଦକ ସମାଜ ସେବୀ ଲିଙ୍ଗରାଜ ପରିଡା, ହେମନ୍ତ ପ୍ରଧାନ, ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟ, ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ଉତ୍ତରକବାଟ, ସୁବାସଚନ୍ଦ୍ର ଦାସ, ବିଦ୍ୟାଧର ବିଶ୍ୱାଳ ଯୁବ ସଂଗଠକ ବସନ୍ତ ଜେନା, ଉପେନ୍ଦ୍ର ପ୍ରଧାନ, ପ୍ରତାପ ସାହୁ, କାଶିନାଥ ପ୍ରଧାନ, ପୂଜକ କେଶବ ଚନ୍ଦ୍ର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଆଜିଠୁ ଅଟୋ ଚାଳକ ସଂଘର ଧାରଣା

ପୁରୀ ଅଫିସ, ୧୧।୮:

ପୁରୀ ସହରର ବହୁ ଅଟୋ ଚାଳକ ପର୍ଯ୍ୟଟକଙ୍କୁ ବୁଲାଇବା ସହ ଗନ୍ତବ୍ୟସ୍ଥଳରେ ପହଞ୍ଚାଇଥାନ୍ତି। ଏଭଳି ଭାବେ ଶହ ଶହ ଅଟୋଚାଳକ କିଛି ଅର୍ଥ ଉପାର୍ଜନ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଗତ କିଛିଦିନ ହେଲା ଆଞ୍ଚଳିକ ପରିବହନ ବିଭାଗ ବିଭିନ୍ନ ଆଳ ଦେଖାଇ ଅଟୋ ଚାଳକମାନଙ୍କ ଉପରେ ଜୁଲମ କରୁଛି। କେତେକ କ୍ଷେତ୍ରରେ ଆବଶ୍ୟକ କାଗଜପତ୍ର ଥିବା ସତ୍ତ୍ୱେ ବେଆଇନ ଭାବେ ଜରିମାନା ଆଦାୟ କରାଯାଉଛି। ଏପରି କି ଯାତ୍ରୀ ଲାଗି କୌଣସି ସ୍ଥାନରେ ଏକମିନିଟ୍ ବି ଅଟୋ ଠିଆ କଲେ ଜରିମାନା ଆଦାୟ ହେଉଛି। ଏହାକୁ ପୁରୀ ଧାମ ଅଟୋଚାଳକ ମହାସଂଘ ତୀବ୍ର ବିରୋଧ କରିଛି। ସଂଘର ସଭାପତି ଶ୍ରୀକାନ୍ତ ପରିଜା ଏକ ପ୍ରେସ ବିବୃତିରେ କହିଛନ୍ତି, ବାରମ୍ବାର ପେଟ୍ରୋଲ, ଡିଜେଲ, ଟ୍ୟାକ୍ସ, ଇନ୍‌ସ୍ୟୁରାନ୍ସ ଆଦି ବୃଦ୍ଧି ପାଉଛି। ଫଳରେ ଅଟୋ ଚାଳକମାନେ କ୍ଷତି ସହୁଛନ୍ତି। ଅଟୋ ଚାଳକ ମହାସଂଘ ସହ ପରିବହନ ବିଭାଗ କୌଣସି ଆଲୋଚନା ନ କରି ରେଟ ଚାର୍ଟ ପ୍ରସ୍ତୁତ କରିଛି। ଏ ସମ୍ପର୍କରେ ପଦକ୍ଷେପ ନ ନେବାରୁ ମହାସଂଘ ଅନୁବନ୍ଧିତ ୩ ହଜାରରୁ ଉର୍ଦ୍ଧ୍ୱ ଅଟୋଚାଳକ ଧାରଣା ଦେବାକୁ ବାଧ ହୋଇଛନ୍ତି।

## ଧାନ ବିକ୍ରି ଟଙ୍କା ମିଳୁନି ସମବାୟ ସମିତି ସମୂହ ନିବନ୍ଧକଙ୍କୁ ଜଣାଇଲେ ଚାଷୀ

ପୁରୀ ଅଫିସ, ୧୧।୮:

ମଣ୍ଡିରେ ଧାନ ଦେଇ ଟଙ୍କା ପାଇ ନ ଥିବା ଜଣେ ଚାଷୀ ସମସ୍ତଙ୍କୁ ଗୁହାରି ଜଣାଇ ନିରାଶ ହେବା ପରେ ଶେଷରେ ସମବାୟ ସମିତି ସମୂହ ନିବନ୍ଧକଙ୍କୁ ଭରସା କରିଛନ୍ତି। ସମ୍ପୃକ୍ତ ଚାଷୀ ପିପିଲି ବ୍ଲକ କମାକନ୍ତିଆର ଧୂମସେନ ବରାଳ ଶୁକ୍ରବାର ନିବନ୍ଧକଙ୍କ ନିକଟକୁ ଚିଠି ଲେଖି ଗୁହାରି ଜଣାଇଛନ୍ତି। ଧୂମସେନ ଦର୍ଶାଇଛନ୍ତି ଯେ, ଗତ ଫେବୃୟାରୀ ୧ତାରିଖରେ ସେ ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଇପୁର ସେବା ସମବାୟ ସମିତି ମଣ୍ଡିରେ ୫୩ ବସ୍ତା ଧାନ ବିକିଥିଲେ। ଧାନ ପରିମାଣ ୪୬ କୁଇଣ୍ଟାଲ ୨୯ କେଜି ହୋଇଥିଲା। ମିଲର ତାଙ୍କର ସବୁ ପୁରୁଣା ବସ୍ତା ନେଇଥିଲେ। କିନ୍ତୁ ପ୍ରତି ବଦଳରେ ନୂଆ ବସ୍ତା ଦେଇ ନ ଥିଲେ କିମ୍ବା ତାହାର ମୂଲ୍ୟ ମଧ ଦେଇ ନ ଥିଲେ। ଏଥିସହ ଧାନର ରସିଦ୍ ମଧ ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। ରସିଦ୍ ମାଗିବାରୁ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ୍ ଧାନ କାଟି ଦେବାକୁ କୁହାଯାଇଥିଲା। ତାଙ୍କ ଧାନର ମାନ ମେଶିନରେ ପରୀକ୍ଷା କରାଯାଇ ନ ଥିଲା। ଏଥିରେ ସେ ରାଜି ନ ହେବାରୁ ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ ତାଙ୍କୁ ଧାନ ବିକ୍ରିର ରସିଦ୍ ମିଳିନାହିଁ କିମ୍ବା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ। ତେଣୁ ସେ ସବୁଠୁ ନିରାଶ ହେବା ପରେ ନିବନ୍ଧକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ବ୍ଲକସ୍ତରୀୟ ୭ମ ଆର୍ଥିକ ଗଣନା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଭିଏଲ୍‌ଡବ୍ଲ୍ୟୁ ଏବଂ ଅନ୍ୟମାନେ ।

କୋଣାର୍କ, ୧୧।୮(ଡି.ଏନ୍.ଏ.)

କୋଣାର୍କସ୍ଥିତ ଅର୍ବାନ ହାଟ ପରିସରରେ ଭାରତ ସରକାରଙ୍କ ପରିସଂଖ୍ୟାନ ବିଭାଗ ଓ ପୁରୀ ଜିଲା କମନ ସର୍ଭିସ ଇ-ଗଭର୍ନାନ୍ସ ମିଳିତ ଆନୁକୂଲ୍ୟରେ ୭ମ ଆର୍ଥିକ ଗଣନା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ ଓ କୋଣାର୍କ ଏନ୍‌ଏସି ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସମସ୍ତ ଭିଏଲ୍‌ଡବ୍ଲ୍ୟୁ ଏଥିରେ ଯୋଗଦେଇଥିଲେ। କମନ ସର୍ଭିସ ସେଣ୍ଟରର ପୁରୀ ଜିଲା ପରିଚାଳକ ସୁନୀଲ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଏନ୍.ଏସ୍.ଧର, ବରିଷ୍ଠ ସାଂଖ୍ୟିକ ଅଧିକାରୀ ସୌମେନ୍ଦ୍ର କୁମାର ନାୟକ ଓ ପୁରୀ ଜିଲା ଯୋଜନା ସମନ୍ୱୟ କ୍ଷେତ୍ର ପରିଦର୍ଶକ ସରୋଜ କୁମାର ସେଠ୍ ଯୋଗଦେଇଥିଲେ। ଅଧିକାରୀମାନେ ଆର୍ଥିକ ଗଣନା ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଜନସାଧାରଣଙ୍କ ଆର୍ଥିକ ଅଭିବୃଦ୍ଧି ଓ ବ୍ୟବସାୟିକ ପ୍ରତିଷ୍ଠାନଙ୍କ ଆର୍ଥିକ ସ୍ଥିତି ପରଖିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏହି ଗଣନା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଅଧିକାରୀମାନେ କହିଛନ୍ତି। ଏଥିନିମନ୍ତେ ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନେ ସର୍ଭେ କରିବାକୁ ଯାଉଥିବା ଅଧିକାରୀମାନଙ୍କୁ ସହଯୋଗ କରିବାକୁ ଗଣମାଧ୍ୟମ ଜରିଆରେ ନିବେଦନ କରିଥିଲେ। ଏହି ଶିବିରରେ ପ୍ରାୟ ୧୬୦ଜଣ ସୁପରଭାଇଜର ଓ ଏନୁମିରେଟର ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

## ଗଣଶିକ୍ଷା ମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ



ଜନଶୁଣାଣି ଶିବିରରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ଦାଶ ଓ ଜନସାଧାରଣ ।

ଗୋପ, ୧୧।୮(ଡି.ଏନ୍.ଏ.)

ନିମାପଡ଼ା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳାଠାରେ ରବିବାର ଜନଶୁଣାଣି କରିଛନ୍ତି। ଏଥିରେ ବିଭିନ୍ନ ଯୋଜନାରୁ ବାଦ୍ ପଡ଼ିଥିବା ଗ୍ରାମାଞ୍ଚଳର ଲୋକମାନେ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ମନ୍ତ୍ରୀ ବିଭିନ୍ନ ବିଭାଗକୁ ଏ ସମ୍ପର୍କରେ ଜଣାଇବା ସହ ସାଧାରଣ ଲୋକମାନଙ୍କର କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେପରି ସାଧାରଣ ଲୋକମାନେ କୌଣସି ସରକାରୀ ଯୋଜନାରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ମନ୍ତ୍ରୀ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ବିଶେଷ କରି ଫନୀରେ ଘରଭଙ୍ଗା ତାଲିକାରେ ବ୍ୟାପକ ଅନିୟମିତତା, ବ୍ଲକ୍ ପକ୍ଷରୁ ଇନ୍ଦିରା ଆବାସ ଓ ବିଜୁ ପକ୍କା ଗୃହ ଯୋଜନାରେ ତଦନ୍ତରେ ଅନିୟମିତତା ଅଭିଯୋଗମାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ନିରଞ୍ଜନ ଶଗଡ଼ିଆ, ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ, ଶଶିଭୂଷଣ ମହାପାତ୍ର, ବିଭୂତି କୁମାର ସାହୁ, ସୁମନ୍ତ ନାୟକ, କରୁଣାକର ସାହୁ, ଧର୍ମେନ୍ଦ୍ର ସାହୁ, ତ୍ରୈଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତକଙ୍କୁ ଜୀବିତ, ଜୀବିତଙ୍କୁ ମୃତ ଦର୍ଶାଇଛନ୍ତି ଆର୍ଆଇ

ପୁରୀ ଅଫିସ, ୧୧।୮ :

ପୁରୀ ତହସିଲ ଅନ୍ତର୍ଗତ ବୀରହରେକୃଷ୍ଣପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପୂର୍ବତନ ଆର୍ଆଇ ଏକ ପରିବାରର ମ୍ୟୁଟେସନ କେସ୍‌ର ସରଜମିନ ତଦନ୍ତ ବେଳେ ମୃତକଙ୍କୁ ଜୀବିତ ଦର୍ଶାଇଥିବା ବେଳେ ଜୀବିତଙ୍କୁ ମୃତ ଦର୍ଶାଇଥିବା ନେଇ ରବିବାର ପୁରୀ ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଗୋପୀନାଥପୁର ଖଣ୍ଡିଆବନ୍ଧର ବଟକୃଷ୍ଣ ପ୍ରଧାନ ଦର୍ଶାଇଛନ୍ତି ଯେ, ପରିବାରର ଅଂଶୀଦାର ମାନେ ମ୍ୟୁଟେସନ କେସ୍ ଆବେଦନ କରିଥିଲେ। ସଂପୃକ୍ତ ଆରଆଇ କେସ୍ ନମ୍ବର୨୬୩୧/୧୩ରେ ଏହାର ସରଜମିନ ତଦନ୍ତ କରି ହାରାମଣି ପ୍ରଧାନଙ୍କୁ ଜୀବିତ ଦର୍ଶାଇଛନ୍ତି। କିନ୍ତୁ ହାରାମଣି ଗତ ୨୮।୧୧।୧୨ରୁ ମୃତ୍ୟୁବରଣ କରିଛନ୍ତି। ସେହି କେସ୍‌ରେ ସାଧୁ ପ୍ରଧାନଙ୍କ ସ୍ତ୍ରୀ ମାଳତୀଙ୍କୁ ମୃତ ଦର୍ଶାଇଛନ୍ତି। ଅଥଚ ମାଳତୀ ଜୀବିତ ଅଛନ୍ତି। ଅନ୍ୟପଟେ କେସ ନମ୍ବର ୩୬୭୩/୧୩ରେ ମାଧବ ପ୍ରଧାନଙ୍କ ସ୍ତ୍ରୀ ଶଶି ମୃତ ଏବଂ ତାଙ୍କ କେହି କନ୍ୟା ସନ୍ତାନ ନାହିଁ ବୋଲି ଦର୍ଶାଇଛନ୍ତି। କେଶ ନମ୍ବର ୨୦୦/୧୫ରେ ମାଧବଙ୍କ ସ୍ତ୍ରୀ ସନ୍ତାନ ଅଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ସେହିପରି କେସ୍ ନମ୍ବର୧୧୧/୧୪ରେ ମାଧବ ନିଜ ନାମରେ ଜମି ରେକର୍ଡଭୁକ୍ତ କରିବା ଲାଗି ଆବେଦନ କରିଛନ୍ତି ବୋଲି ଦର୍ଶାଇଛନ୍ତି। କିନ୍ତୁ ମାଧବ ଗତ ୮।୮।୨୦୦୩ରୁ ମୃତ୍ୟୁବରଣ କରିଛନ୍ତି। ସଂପୃକ୍ତ ଆର୍ଆଇଙ୍କ ଭୁଲ୍ ରିପୋର୍ଟ ଯୋଗୁ ଆମ ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଂପୃକ୍ତ ଆର୍ଆଇଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେଠାରୁ ଧକ୍କା ମାରି ବାହାର କରିଦେଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ପରେଡ ଅଭ୍ୟାସ ବେଳେ ମିଳିଲାନି ପାଣି

**ପ୍ରଶାସନିକ ଅବ୍ୟବସ୍ଥା ନେଇ ଅଭିଯୋଗ**

ପୁରୀ ଅଫିସ, ୧୧।୮:



ଛାତ୍ରୀମାନେ ପରେଡ ଅଭ୍ୟାସ କରୁଛନ୍ତି ।

ସ୍ୱାଧୀନତା ଦିବସ ପାଇଁ ଛାତ୍ରୀଛାତ୍ର ଏବଂ ଏନ୍‌ସିସି କ୍ୟାଡେଟ ଅଭ୍ୟାସ ଆରମ୍ଭ କରିଛନ୍ତି। ପୁରୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଲାଗି ମଧ ପରେଡ ଅଭ୍ୟାସ ଚାଲିଛି। ତିନିଦିନ ଧରି ଏହି ଅଭ୍ୟାସ ଚାଲିବ। ତେବେ ରବିବାର ପ୍ରଥମ ଦିବସରେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଅଭିଯୋଗ କରିଛନ୍ତି ଜଣେ ଛାତ୍ରୀ। ଖରା ଏବଂ ଗୁଳୁଗୁଳିରେ ଅଭ୍ୟାସ ଚାଲିଥିଲେ ମଧ ପାଣି ନ ମିଳିବାରୁ କେତେଜଣ ଛାତ୍ରୀ ତଳେ ପଡିଯାଇଥିଲେ ବୋଲି ସମ୍ପୃକ୍ତ ଛାତ୍ରୀ କହିଛନ୍ତି।

ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଏଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ରୂପରେଖ ପ୍ରସ୍ତୁତ ସରିଛି। ତେବେ ୧୧, ୧୨ ଓ ୧୩ ତିନିଦିନ ଧରି ପରେଡ ଅଭ୍ୟାସ କରାଯିବା ଲାଗି ସ୍ଥିର ହୋଇଛି। ୧୧ ଓ ୧୨ ତାରିଖ ସାଢେ ୩ଟାରୁ ଅଭ୍ୟାସ କରାଯିବାକୁ ଥିବା ବେଳେ ୧୩ ତାରିଖ ସକାଳ ୮ଟାରେ ଅଭ୍ୟାସ କରାଯିବ। ତେବେ ରବିବାର ଅପରାହ୍ନ ସାଢେ ୩ଟାରେ ପରେଡ ଅଭ୍ୟାସ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। ତେବେ ଅଭ୍ୟାସ ସ୍ଥଳରେ କୌଣସି ପ୍ରକାର ପାନୀୟ ଜଳର ବ୍ୟବସ୍ଥା ହୋଇ ନ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଏନ୍‌ସିସି ଛାତ୍ରୀ କହିଛନ୍ତି। ତାଙ୍କ କହିବା ମୁତାବକ, ଅଭ୍ୟାସ ପାଇଁ ଅପରାହ୍ନ ସାଢେ ୩ଟାରେ ଶରଧାବାଲିରେ ପହଞ୍ଚିଥିଲୁ। ପ୍ରବଳ ଖରା ଏବଂ ଗୁଳୁଗୁଳି ହେଉଥିଲା। ପରେଡ୍ ଅଭ୍ୟାସ ସମୟରେ ପ୍ରବଳ ଶୋଷ ଲାଗିଥିଲା। କିନ୍ତୁ ପାଣିର ବ୍ୟବସ୍ଥା ନ ଥିବାରୁ କେତେଜଣ ଛାତ୍ରୀ ତଳେ ପଡି ଯାଇଥିଲେ। ଆମ ଭିତରୁ ଅଳ୍ପ କେତେଜଣ ବୋତଲରେ ପାଣି ଆଣିଥିଲେ ମଧ ତାହା ପର୍ଯ୍ୟପ୍ତ ହୋଇ ନ ଥିଲା। ଦୋକାନରୁ ପାଣି କିଣି ପିଇଥିଲି ବୋଲି କହିଥିଲେ।

ଏହି ଅଭିଯୋଗ ସଂକ୍ରାନ୍ତରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ କହିଛନ୍ତି, ପାଣିର ବ୍ୟବସ୍ଥା ଥିଲା। କିନ୍ତୁ ପାଣି ପାଇଁ କେହି ଛାତ୍ରୀ ତଳେ ପଡିଯିବା ଆମ ନଜରକୁ ଆସିନାହିଁ। ଯଦି ବି କାହାର ପାଣି ଦରକାର ଥିଲା ତେବେ ସେ ଆନାଉନ୍ସ ହେଉଥିବା ସ୍ଥାନରେ ଜଣାଇଥିଲେ ଆମେ ତୁରନ୍ତ ଯୋଗାଇ ଦେଇଥାନ୍ତୁ। ତେବେ ସୋମବାର ଅଭ୍ୟାସ ବେଳେ ଛାତ୍ରୀଛାତ୍ରମାନେ ଯେପରି ପାଣିର ଅଭାବ ଅନୁଭବ ନ କରିବେ ସେଥିଲାଗି ବ୍ୟବସ୍ଥା କରାଯିବ। ଏଥିସହ ଫାଷ୍ଟଏଡ୍ ବ୍ୟବସ୍ଥା ମଧ ରହିଥିବା ସିଂ କହିଛନ୍ତି।